# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଜାନୁୟାରୀ ୪/୨୦୨୧ (୧୬ ପୃଷ୍ଠା) | Sambalpur, Monday, January 4/2021 | ★★

୧୬ଶ ଭାଗ ୩୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଶିମ୍ଲାରେ ଛୁଟି କାଟୁଛନ୍ତି କାଜଲ**

ଅଭିନେତ୍ରୀ କାଜଲ ଅଗ୍ରୱାଲ ତାଙ୍କ ସ୍ୱାମୀ ଗୌତମଙ୍କ ସହ ନୂଆବର୍ଷ ଶିମ୍ଲାରେ କାଟିଛନ୍ତି। ତେବେ ଦୁହିଁଙ୍କ କ୍ୟୁଟ୍ ଫଟୋ ଏବେ ଇନ୍ଷ୍ଟାରେ ଭାଇରାଲ। **୧୪**

**୧୬** **ଜେମିସନଙ୍କୁ ୫ ଉଇକେଟ ସଫଳତା**

ପାକିସ୍ତାନ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଇନିଂସରେ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର କାଇଲ ଜେମିସନ ୫ ଉଇକେଟ ଅକ୍ତିଆର କରିଛନ୍ତି।



# ଶ୍ମଶାନ ଛାତ ଭୁଶୁଡ଼ି ୨୧ ମୃତ

**ଗାଜିଆବାଦ, ୩।୧**

ଉତ୍ତରପ୍ରଦେଶର ମୁରାଦନଗରଠାରେ ଥିବା ଏକ ଶ୍ମଶାନରେ ରବିବାର ଶବଦାହବେଳେ ଦୁର୍ଘଟଣା ଘଟିଛି। ହଠାତ୍ ଶ୍ମଶାନ ଛାତ ଭୁଶୁଡ଼ି ପଡିବାରୁ ଏହା ତଳେ ଥିବା ୨୧ ଜଣଙ୍କ ମୃତ୍ୟୁ ହୋଇଛି। ବର୍ଷା ଯୋଗୁ ସତ୍କାର କାର୍ଯ୍ୟରେ ଯୋଗ ଦେଇଥିବା ମୃତକଙ୍କ ସମ୍ପର୍କୀୟଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଲୋକ ଉକ୍ତ ଛାତ ତଳେ ଆଶ୍ରୟ ନେଇଥିଲେ। ସେହି ସମୟରେ ହଠାତ୍ ଛାତ ଭୁଶୁଡ଼ି ପଡ଼ିବାରୁ ଲୋକେ ତଳେ ଚାପି ହୋଇଯାଇଥିଲେ। ଗାଜିଆବାଦ ପୋଲିସ୍, ଏନ୍‌ଡିଆର୍‌ଏଫ୍ ଟିମ୍ ସହ ଉଦ୍ଧାରକାରୀ ଦଳ ସେଠାରେ ପହଞ୍ଚି ଫସିଥିବା ଲୋକଙ୍କୁ ଉଦ୍ଧାର କରିଥିଲେ। ଆହୁରି କେତେଜଣ ଏହା ତଳେ ଚାପି ହୋଇ ରହିଥିବା ଅନୁମାନ କରାଯାଉଥିବାରୁ ମୃତ୍ୟୁ ସଂଖ୍ୟା ବଢ଼ିବା ଆଶଙ୍କା ରହିଛି। ☞ପୃଷ୍ଠା-୪

**୩ହଜାର କୋଟି ଟଙ୍କାର ବ୍ୟାଙ୍କ ଠକେଇ**

........୩........

**ଆଜିର ସମ୍ପାଦକୀୟ**

**ଖଣ୍ଡିକିଆ ସିଗାରେଟ୍**

# ୧୧ରୁ କଲେଜ ପାଠପଢ଼ା

## ୟୁଜି, ପିଜି ଶେଷ ସେମିଷ୍ଟର ପରୀକ୍ଷା ଜୁନ୍ ୧୬ରୁ

- ଜୁଲାଇ ୧୫ ସୁଦ୍ଧା ରେଜଲ୍ଟ
- ଜାନୁୟାରୀ ୧୦ରୁ ଖୋଲିବ ହଷ୍ଟେଲ
- ରବିବାର ହେବ ନାହିଁ କ୍ଲାସ

**ଭୁବନେଶ୍ୱର,୩।୧(ବ୍ୟୁରୋ)**

ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଆସନ୍ତା ୧୧ତାରିଖରୁ ଖୋଲିବ। ଏନେଇ ରବିବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ୨୦୨୦-୨୧ ଶିକ୍ଷାବର୍ଷର ୟୁଜି ଓ ପିଜିର ଶେଷବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲିବ। ରାଜ୍ୟରେ କୋଭିଡ୍-୧୯ ସ୍ଥିତିରେ ଉନ୍ନତି ଓ ପାଠପଢ଼ାରେ କ୍ଷତିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ୟୁଜିସିର ନିର୍ଦ୍ଦେଶାବଳୀକୁ ଆଧାର କରି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଖୋଲିବ ବୋଲି ସୂଚନା ଦିଆଯାଇଛି।

ସେହିପରି ୟୁଜିର ୫ମ ଓ ପିଜିର ୩ୟ ସେମିଷ୍ଟର ପାଇଁ ତାରିଖ ଘୋଷଣା କରାଯାଇଛି। ଉଭୟ ଶ୍ରେଣୀ ପାଇଁ ଜାନୁୟାରୀ ୧୧ରୁ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ କ୍ଲାସ ଚାଲିବ। ମାର୍ଚ୍ଚ ୧୬ରୁ ୩୧ତାରିଖ ପର୍ଯ୍ୟନ୍ତ ଉଭୟ ଶ୍ରେଣୀର ସେମିଷ୍ଟର ପରୀକ୍ଷା ଅନୁଷ୍ଠିତ ହେବ। ଉଭୟ ସେମିଷ୍ଟରର ରେଜଲ୍ଟ ଏପ୍ରିଲ ୩୦ ସୁଦ୍ଧା ପ୍ରକାଶ ପାଇବ। ସେହିପରି ଏପ୍ରିଲ ୨ରୁ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ୟୁଜି ଓ ପିଜିର ଶେଷ ସେମିଷ୍ଟର କ୍ଲାସ ହେବ। ଜୁନ ୧୬ରୁ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ୟୁଜି ଓ ପିଜିର ଶେଷ ସେମିଷ୍ଟର ପରୀକ୍ଷା ଅନୁଷ୍ଠିତ ହେବ। ୟୁଜି ଓ ପିଜିର ଶେଷ ସେମିଷ୍ଟରର ରେଜଲ୍ଟ ଜୁଲାଇ ୧୫ ତାରିଖ ସୁଦ୍ଧା ପ୍ରକାଶ କରିବାକୁ ଉଚ୍ଚ ଶିକ୍ଷା ବିଭାଗ ଯୋଜନା କରିଛି। ସେପଟେ ଯେଉଁଠି ସେମିଷ୍ଟରର ବ୍ୟବସ୍ଥା ନାହିଁ ☞ପୃଷ୍ଠା-୪

# ମାଟ୍ରିକ୍‌ରେ ୮୦ ମାର୍କର ପରୀକ୍ଷା

**ଭୁବନେଶ୍ୱର, ୩।୧(ବ୍ୟୁରୋ)**

ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଆସନ୍ତା ୮ ତାରିଖରୁ ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ଘରୋଇ ସ୍କୁଲ ଖୋଲିବ ବୋଲି ଶୁକ୍ରବାର ସରକାର ଘୋଷଣା କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ଏସ୍‌ଓପିରେ ହଷ୍ଟେଲ ଖୋଲିବ ନାହିଁ ସ୍ପଷ୍ଟ କରାଯାଇଥିଲା। କିନ୍ତୁ ଶନିବାର ସ୍କୁଲ ହଷ୍ଟେଲ ଖୋଲିବା ☞ପୃଷ୍ଠା-୪

# '୨ ଭାକ୍ସିନ୍ ୧୧୦% ନିରାପଦ'

## କୋଭାକ୍ସିନ, କୋଭିଶିଲ୍ଡକୁ ଡିସିଜିଆଇ ମଞ୍ଜୁରୀ

**ନୂଆଦିଲ୍ଲୀ, ୩।୧**

କରୋନା ମହାମାରୀରୁ ବର୍ତ୍ତିବା ଲାଗି ଟିକାକୁ ସାରା ଦେଶ ଦୀର୍ଘଦିନ ହେଲା ପ୍ରତୀକ୍ଷା କରିଥିବାବେଳେ ଏବେ ତାହାର ଅନ୍ତ ହୋଇଛି। କରୋନା ଟିକା କୋଭିଶିଲ୍ଡ ଏବଂ କୋଭାକ୍ସିନ୍‌କୁ ଜରୁରୀ ବ୍ୟବହାର ନିମନ୍ତେ ଭାରତର ଔଷଧ ମହାନିୟନ୍ତ୍ରକ ବା ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ରବିବାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଫଳରେ ମହାମାରୀ ଦ୍ୱାରା ଦ୍ୱିତୀୟ ସର୍ବାଧିକ ସଂକ୍ରମିତ ଭାରତରେ ଟିକାକରଣ ଲାଗି ପଥ ପରିଷ୍କାର ହୋଇଯାଇଛି। ଏହି ଟିକା ୧୧୦ ପ୍ରତିଶତ ସୁରକ୍ଷିତ ବୋଲି ଡିସିଜିଆଇ ଭି.ଜି. ସୋମାନି କହିଛନ୍ତି। ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୈଜ୍ଞାନିକ ଓ ଟିକା ସହ ସମ୍ପୃକ୍ତ ଅନ୍ୟ କର୍ମଚାରୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଭାରତର ନିଷ୍ପତ୍ତିକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ସ୍ୱାଗତ କରିଛି।

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଏବଂ ଅଷ୍ଟ୍ରାଜେନିକା ଦ୍ୱାରା ବିକଶିତ ତଥା ଭାରତର ସେରମ୍ ଇନ୍‌ଷ୍ଟିଚ୍ୟୁଟ ପ୍ରସ୍ତୁତ କୋଭିଶିଲ୍ଡ ଏବଂ ଭାରତ ବାୟୋଟେକ୍ ପ୍ରସ୍ତୁତ କୋଭାକ୍ସିନ ଟିକାକୁ ଅନୁମୋଦନ କରାଯାଇଥିବା ଡିସିଜିଆଇ ସୋମାନି ଗଣମାଧ୍ୟମକୁ କହିଛନ୍ତି। ଟିକାର ନିରାପତ୍ତାକୁ ନେଇ ଚିନ୍ତା କରିବାର କୌଣସି କାରଣ ନାହିଁ। ସୁରକ୍ଷାକୁ ନେଇ ସାମାନ୍ୟତମ ତ୍ରୁଟି ଥିଲେ କଦାପି ଅନୁମୋଦନ କରାଯାଇ ନ ଥାନ୍ତା। ତେବେ ସାମାନ୍ୟ ଜ୍ୱର, ଯନ୍ତ୍ରଣା, ଆଲର୍ଜି ଭଳି ପାର୍ଶ୍ୱ ପ୍ରତିକ୍ରିୟା ସାଧାରଣ ଭାବେ ପ୍ରତ୍ୟେକ ଟିକାରେ ଦେଖାଯାଇଥାଏ ବୋଲି ସେ କହିଛନ୍ତି। ☞ପୃଷ୍ଠା-୪




### ଡବ୍ଲ୍ୟୁଏଚ୍‌ଓର ସ୍ୱାଗତ

**ନୂଆଦିଲ୍ଲୀ, ୩।୧**

ଭାରତରେ କୋଭିଡ୍ ଟିକାକୁ ମଞ୍ଜୁରୀ ମିଳିଥିବାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଏହାକୁ ସ୍ୱାଗତ କରିଛି। ଡବ୍ଲ୍ୟୁଏଚ୍‌ଓ ଦକ୍ଷିଣ-ପୂର୍ବ ଏସିଆ ଅଞ୍ଚଳରେ କୋଭିଡ୍ ଟିକାକୁ ଏହା ପ୍ରଥମ ଅନୁମୋଦନ। ଉକ୍ତ ଅଞ୍ଚଳରେ ମହାମାରୀ ବିରୋଧରେ ଚାଲିଥିବା ଲଢ଼େଇକୁ ବଢ଼ାଇବା ଓ ଶକ୍ତିଶାଳୀ କରିବାରେ ଏହା ସହାୟକ ହେବ ବୋଲି ଡବ୍ଲ୍ୟୁଏଚ୍‌ଓର ଆଞ୍ଚଳିକ ନିର୍ଦ୍ଦେଶକ ଡ. ପୁନମ୍ କ୍ଷେତ୍ରପାଳ ସିଂ କହିଛନ୍ତି। ମହାମାରୀ ରୋକିବାରେ ଟିକାକରଣ ସାଙ୍ଗକୁ ଅନ୍ୟାନ୍ୟ ପ୍ରତିକାର ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।

### କୋଭାକ୍ସିନର ନିରାପତ୍ତା ଉପରେ ପ୍ରଶ୍ନ ଉଠାଇଲା କଂଗ୍ରେସ

**ଲୋକଙ୍କ ମନରେ ଭୟ ସୃଷ୍ଟି କରୁଛନ୍ତି ବିରୋଧୀ: ନଡ୍ଡା**

**ନୂଆଦିଲ୍ଲୀ, ୩।୧(ପି.ଟି.)**

ଭାରତ ବାୟୋଟେକ୍ ପ୍ରସ୍ତୁତ କୋଭାକ୍ସିନ୍ ଟିକାକୁ ଜରୁରୀ ବ୍ୟବହାର ଲାଗି ଅନୁମତି ମିଳିଥିବାରୁ କେତେଜଣ କଂଗ୍ରେସ ନେତା ଏହା ଉପରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ପୂର୍ବରୁ ଟିକାକୁ ଅନୁମୋଦନ କରିବା ଅପରିପକ୍ୱତା ଏବଂ ବିପଜ୍ଜନକ ପ୍ରମାଣିତ ହୋଇପାରେ ବୋଲି ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁର କହିଛନ୍ତି। ପରୀକ୍ଷା ସମ୍ପୂର୍ଣ୍ଣ ☞ପୃଷ୍ଠା-୪




# ଆରମ୍ଭ ହେଲା ପକ୍ଷୀଗଣନା

## ବ୍ରହ୍ମଗିରି, ଶିମିଳିପାଳ, କୁଲଡିହାରେ ୫୭ ଟିମ୍ ନିୟୋଜିତ

**ବ୍ରହ୍ମଗିରି/ ବାରିପଦା ଅଫିସ/ସଜନାଗଡ଼/ପାଟଣା, ୩୧(ଡି.ଏନ.ଏ./ସ୍ୱ.ପ୍ର.)**

ମୟୂରଭଞ୍ଜ ଜିଲା ଶିମିଳିପାଳ, ବାଲେଶ୍ୱରର କୁଲଡ଼ିହା ଅଭୟାରଣ୍ୟ ଓ ପୁରୀ ବ୍ରହ୍ମଗିରି ରେଞ୍ଜରେ ରବିବାର ପକ୍ଷୀଗଣନା ଆରମ୍ଭ ହୋଇଛି। ଏହି ୩ ଜିଲାର ବିଭିନ୍ନ ସ୍ଥାନ ସମେତ କେନ୍ଦୁଝରରେ ମଧ୍ୟ ଗଣନା ଆରମ୍ଭ ହୋଇଛି। ଏଥିରେ ମୋଟ ୫୭ଟିମ୍ ନିୟୋଜିତ ହୋଇଛନ୍ତି।

ବ୍ରହ୍ମଗିରି ରେଞ୍ଜ ଅଧୀନ ଚିଲିକା କୂଳବର୍ତ୍ତୀ ଗ୍ରାମର ବିଭିନ୍ନ ଜଳାଶୟ ଓ ଚିଲିକା କୂଳ ତଳି ଅଞ୍ଚଳରେ ଗଣନାରେ ୪ ଟିମ୍ ନିୟୋଜିତ ହୋଇଥିଲେ। ଏହି ସମୟରେ ୩ ନୂଆ ପ୍ରଜାତିର ପକ୍ଷୀଙ୍କୁ ଦେଖିବାକୁ ମିଳିଥିଲା। ପାଏଡ୍ ହାରିୟର ଓ ପେରିଗ୍ରୀନ୍ ଫାଲକନ୍ ପ୍ରଜାତିର ଦୁଇଟି ଶିକାରୀ ପକ୍ଷୀ ଦେଖିବାକୁ ମିଳିଥିଲା। ପକ୍ଷୀ ବିଶାରଦ ପ୍ରତୀକ ସ୍ୱାଇଁ କୁହନ୍ତି, ଏହି ପକ୍ଷୀ ଆର୍ଦ୍ରଭୂମି ଅଞ୍ଚଳରେ ଦେଖାଯାଆନ୍ତି। ଏମାନେ ତାଙ୍କଠାରୁ ଛୋଟ ପକ୍ଷୀମାନଙ୍କୁ ଖାଇଥାନ୍ତି। ଗୁଡିସେଲ ଡଗ୍, ସାଇବ୍ରନ ୱାକଟେଲ, ପେରିଗ୍ରୀନ୍ ଫାଲକନ୍ ଭଳି ପକ୍ଷୀମାନଙ୍କୁ ଦେଖିବାକୁ ମିଳିଛି। ଏସିଏଫ୍ ଉତ୍ତମ ଗଡନାୟକ, ବ୍ରହ୍ମଗିରି ରେଞ୍ଜ ଅଧିକାରୀ ରଜତ୍ ମହାପାତ୍ର ଓ ଶଶୀକାନ୍ତ ସେଠୀ, ରମେଶ ବେହେରା, ରାଜକିଶୋର ସ୍ୱାଇଁ, ପ୍ରତୀକ କୁମାର ସ୍ୱାଇଁ, ବିଶ୍ୱଜିତ ପରିଡା ଓ ରମାଶଙ୍କର ପାତ୍ର ପ୍ରମୁଖ ଏହି ଦଳକୁ ପରିଚାଳନା କରିଥିଲେ। ଏହି ରେଞ୍ଜରେ ଗଣନା ସରିଥିଲେ ମଧ୍ୟ ମୋଟ ପକ୍ଷୀ ସଂଖ୍ୟା ଜଣାପଡ଼ି ନାହିଁ। ୧୦ ତାରିଖରେ ଘୋଷଣା କରାଯିବ ବୋଲି ରେଞ୍ଜ ଅଧିକାରୀ ମହାପାତ୍ର କହିଛନ୍ତି।

ଶିମିଳିପାଳ ଅଭୟାରଣ୍ୟ, ବାରିପଦା, ରାଇରଙ୍ଗପୁର, କରଞ୍ଜିଆ ଆଦି ବନଖଣ୍ଡର ୧୦୦ରୁ ଊର୍ଦ୍ଧ୍ୱ ଆର୍ଦ୍ରଭୂମିରେ ଏହି ଗଣନା କରାଯାଉଛି। ବାରିପଦା ବନଖଣ୍ଡ ଅନ୍ତର୍ଗତ ୭ ରେଞ୍ଜ ଅଧୀନରେ ଥିବା ୪୬ ସ୍ଥାନରେ ୪୬ ଟିମ୍ ଗଣନା କରୁଥିବା ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀ କହିଛନ୍ତି। ଘରୋଇ ପକ୍ଷୀ ପାଖାପାଖି ୫ହଜାରରୁ ଊର୍ଦ୍ଧ୍ୱ ଆସିଥିବା ବେଳେ ଗଡୱାଇ, ଲିଟିଲ କାର୍ବୋରେଣ୍ଟ, ଲଫାଙ୍ଗ ଭଳି ବିଭିନ୍ନ ପ୍ରଜାତିର ପକ୍ଷୀ ଆସିଥିବା ସୂଚନା ମିଳିଛି। ଚଳିତବର୍ଷ ମୟୂରଭଞ୍ଜକୁ ନୂତନ କରି ନେପାଳରୁ ଗ୍ରୀଭ ଓ ପଚାର ପ୍ରଜାତିର ପକ୍ଷୀ ଆସିଛନ୍ତି। ଜିଲାର ତିନୋଟି ବନଖଣ୍ଡ ଅଧୀନ ପାଉଁଶିଆ, ହଳଦିଆ, କାଳ, ନେସା, ବଡ଼ଯୋଡ, ଶୁଲେଇପଡା, ବାଙ୍କବଳ ସମେତ ୧୦୦ରୁ ଊର୍ଦ୍ଧ୍ୱ ଜଳାଶୟ ସମେତ କରଞ୍ଜିଆ ବନଖଣ୍ଡ ଅଧୀନ ସାତକୋଶିଆ ରେଞ୍ଜ, ତରଡ଼ିଆ ବନ୍ଧ ଓ ଶାଳନ୍ଦୀ ନଦୀର ସାତବେଢ଼ିଠାରେ ଗଣନା କରାଯାଉଛି।





ବ୍ରହ୍ମଗିରିରେ ଗଣନାକାରୀ ଟିମ୍।

କୁଲଡ଼ିହା ଅଭୟାରଣ୍ୟରେ ପକ୍ଷୀଗଣନା କରାଯାଉଛି।

ସେହିପରି କୁଲଡ଼ିହା ରେଞ୍ଜର ବିଜୟ ମହାପାତ୍ରଙ୍କ ନେତୃତ୍ୱରେ ୪ଗୋଟି ଟିମ୍ ଗଠନ କରାଯାଇ କୁଲଡ଼ିହା ଅଭୟାରଣ୍ୟ ଓ ପଦ୍ମତୋଳା ହ୍ରଦରେ ରିଷିଆ, ଖୁମ୍‌କୁଟ୍, ତେଣ୍ଡାର ସାତଘାଟି ଓ ବଗାଳିବନ୍ଧ ଅଞ୍ଚଳରେ ପକ୍ଷୀଗଣନା କରାଯାଉଛି। ଅଭୟାରଣ୍ୟରେ ଗୋଲ୍‌ଡେନ୍ ଓରିଅଲ୍, ରୋଜି ଷ୍ଟାର୍‌ଲିଙ୍ଗ, ବ୍ଲାକ୍ ନେଉ଼ଡ୍ ମୋନାର୍କ, ବ୍ଲୁ ଥୋଟେଡ୍ ବ୍ଲୁ ଫ୍ଲାଏ କେଚର, କମନ ସେଣ୍ଡ ପାଇପର୍‌ସ, ଲିଟିଲ୍ ଗ୍ରୀବ୍, ଲେସର ହୁସ୍‌ଲିଙ୍ଗ ଡକ୍, କୋଚିଳାଖାଇ, ଟିଆ, ଶୁଆ, ଗେଣ୍ଡାଳିଆ, ହରଡ଼ଖାଇ, ମାଛରଙ୍କା, କଜଳପାତି, ବୁଲବୁଲ, ଭଦଭଦଳିଆ ଆଦି ଅନେକ ଦେଶୀବିଦେଶୀ ପକ୍ଷୀ ରହିଥିବା ସୂଚନା ରହିଛି। ଏହି ପକ୍ଷୀଗଣନା କାର୍ଯ୍ୟରେ ଫରେଷ୍ଟର ଉମକାନ୍ତ ଜେନା, ଭାଗ୍ୟଶ୍ରୀ ଦ୍ୱିବେଦୀ, ଗାର୍ଡ଼ ରାମେଶ୍ୱର ମୁର୍ମୁ ସବୁଜବାହିନୀ ନିୟୋଜିତ ହୋଇଛନ୍ତି। ପକ୍ଷୀ ବିଶେଷଜ୍ଞ ବାଲେଶ୍ୱର ଏସିଏଫ୍ ସମୀର କୁମାର ସାହୁ, ସତ୍ୟବ୍ରତ ମିଶ୍ର, ଉମାକାନ୍ତ ଜେନା, ମନୋରଞ୍ଜନ ଦାସ, ଶିବାଶିଷ ଜେନା ଓ ତାଙ୍କ ସହଯୋଗୀ ପକ୍ଷୀ ଗଣନାରେ ସାହାଯ୍ୟ କରିଥିଲେ। ଅନୁରୂପ ଭାବେ ପଦ୍ମତୋଳାରେ ମଧ୍ୟ ନୀଳଗିରି ରେଞ୍ଜ ଅଧିକାରୀ ମନୱାର ଖାନ୍‌ଙ୍କ ନେତୃତ୍ୱରେ ପକ୍ଷୀଗଣନା କରାଯାଉଛି।

କେନ୍ଦୁଝର ଜିଲା ପାଟଣା ରେଞ୍ଜର ପାଟଣା, ଖିରେଇଟାଙ୍ଗିରି ଓ ସାହାରପଡା ସେକ୍ସନରେ ୩ଟି ଟିମ ପକ୍ଷୀଗଣନା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଏହି ୩ଟି ସେକ୍ସନ ମଧ୍ୟରୁ କେବଳ ଖୀରେଇଟାଙ୍ଗିରୀ ସେକ୍ସନ ଖିରେଇଟାଙ୍ଗିରି ବଡ଼ବନ୍ଧକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଛି। ଏହି ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ୩୯୧ ବୋଲି ରେଞ୍ଜର ପବିତ୍ର ମୋହନ ନାୟକ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ରେଞ୍ଜରଙ୍କ ସହ ବନପାଳ ଅମୂଲ୍ୟ କୁମାର ଜେନା, ଫରେଷ୍ଟଗାର୍ଡ ଅକ୍ଷୟ କୁମାର ମହାନ୍ତି ଓ ନରେନ୍ଦ୍ର ଜେନାଙ୍କ ସହ ବନ କର୍ମଚାରୀ ଓ ପରିବେଶବିତ୍ ସାମିଲ ହୋଇଛନ୍ତି।

# ଜମି ବିବାଦରୁ ହତ୍ୟା: ମହିଳା ଗିରଫ

**ତିହିଡ଼ି, ୩୧(ସ୍ୱ.ପ୍ର.):** ଜମି ବିବାଦ ନେଇ ମାର୍‌ପିଟରୁ ହତ୍ୟା। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲା ତିହିଡ଼ି ଥାନା ଦୋଳସାହି ଗ୍ରାମରେ। ଶନିବାର ରାତିରେ ରବୀନ୍ଦ୍ର ଖୁଣ୍ଟିଆ ନାମକ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ହତ୍ୟାକାଣ୍ଡରେ ପଡ଼ୋଶୀ ମହିଳା ଓ ତାଙ୍କ ନାବାଳକ ପୁଅ ସମ୍ପୃକ୍ତ ଥିବା ମୃତ ରବୀନ୍ଦ୍ରଙ୍କ ଭଉଣୀ କୁନ୍‌ମୁନ୍ ରବିବାର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା(ନଂ. ୫/୨୧) ରୁଜୁ କରି ବିଜୟଲକ୍ଷ୍ମୀ ମହାପାତ୍ର ନାମ୍ନୀ ମହିଳାଙ୍କୁ ଗିରଫ କରିଛି। ତାଙ୍କ ନାବାଳକ ପୁଅ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏତଲାରେ ଦର୍ଶାଯାଇଛି ଯେ, ବହୁଦିନରୁ ରବୀନ୍ଦ୍ର ଓ ତାଙ୍କ ପଡ଼ୋଶୀ ବିଜୟଲକ୍ଷ୍ମୀଙ୍କ ପରିବାର ମଧ୍ୟରେ ଜମି ବିବାଦ ଲାଗି ରହିଥିଲା। ଗ୍ରାମରେ ଭଦ୍ରଲୋକଙ୍କ ମାଧ୍ୟମରେ ସମାଧାନ ଲାଗି ବହୁଥର ଚେଷ୍ଟା କରାଯାଇଥିଲେ ମଧ୍ୟ ବିଫଳ ହୋଇଥିଲା। ଉଭୟ ପରିବାର ମଧ୍ୟରେ ଏହାକୁ ନେଇ ଥିବା ଆକ୍ରୋଶ ଶନିବାର ଉଗ୍ରରୂପ ଧାରଣ କରିଥିଲା। ରାତି ପ୍ରାୟ ୮ଟା ବେଳେ ବିଜୟଲକ୍ଷ୍ମୀ ଓ ତାଙ୍କ ନାବାଳକ ପୁଅ ମିଶି ରବୀନ୍ଦ୍ରଙ୍କୁ ବାଡ଼ି, ଇଟା ଓ ଶିଳପୁଆରେ ଆକ୍ରମଣ କରିଥିଲେ। ଗଣ୍ଡଗୋଳ ସମୟରେ ଗ୍ରାମର ଅନ୍ୟ ଦୁଇଜଣ ଯୁବକ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଗାଁ ଲୋକେ ରବୀନ୍ଦ୍ରଙ୍କୁ ଉଦ୍ଧାର କରି ଅଚେତ ଅବସ୍ଥାରେ ତୁରନ୍ତ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।


୨୦୨୧ ନୂତନବର୍ଷର ଅଭିନନ୍ଦନ। ଲୋଇସିଂହା ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ, ଈଶ୍ୱରଙ୍କଠାରେ ପ୍ରାର୍ଥନା।
ଅଶୋକ କୁମାର ବରିହା
ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ

୨୦୨୧ ନବବର୍ଷର ଶୁଭେଚ୍ଛା। ନୂତନ ବର୍ଷ ଲୋଇସିଂହାବାସୀଙ୍କ ପାଇଁ ଶୁଭଙ୍କର ହେଉ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ନକୁଳ ମିଶ୍ର
ସାମାଜିକ କର୍ମୀ, ଯୋଗୀସର୍ଡା

ଝାରମୁଣ୍ଡା ପଞ୍ଚାୟତର ଜନସାଧାରଣଙ୍କୁ ୨୦୨୧ ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ । ଶ୍ରୀଜଗନ୍ନାଥ ଆପଣମାନଙ୍କୁ ଭଲରେ ରଖନ୍ତୁ।
ସୁନୀଲ ଅଗ୍ରୱାଲ
ସରପଞ୍ଚ, ଝାରମୁଣ୍ଡା

ଲୋଇସିଂହା ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷ ୨୦୨୧ର ଅଭିନନ୍ଦନ ଓ ଶୁଭେଚ୍ଛା।
ସୁନୀଲ ଅଗ୍ରୱାଲ
ସରପଞ୍ଚ, ଲୋଇସିଂହା

ନୂଆପାଟଣା ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃର ସମସ୍ତ ଚାଷୀ ଓ ଋଣୀଙ୍କୁ ନୂତନବର୍ଷ ୨୦୨୧ର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ନୂତନ ବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ, ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଚନ୍ଦନ ଜେନା
ସମ୍ପାଦକ, ନୂଆପାଟଣା ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃ
ମୋ-୯୪୩୯୮୬୨୦୮୫

ନୂତନ ବର୍ଷର ୨୦୨୧
୨୦୨୧ ନୂଆ ବର୍ଷ ସମସ୍ତଙ୍କ ଜୀବନରେ ନୂଆ ଆଶା, ନୂଆ ସୁଯୋଗ, ନୂଆ ସଂକଳ୍ପ ଓ ଅନେକ ଖୁସିନେଇ ଆସୁ। ଏହାହିଁ ମୋର ପ୍ରଭୁ ଜଗନ୍ନାଥ, ମା ବାୟାଣୀ ଓ ମା ରାମଚଣ୍ଡୀଙ୍କ ପାଖରେ ପ୍ରାର୍ଥନା।
ଶ୍ରୀମତୀ ବାସନ୍ତୀ କିଷାନ
ଅଧ୍ୟକ୍ଷା ଜିଲ୍ଲା ପରିଷଦ, ଅନୁଗୋଳ

ଛେଣ୍ଡିପଦା ତହସିଲର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷ ୨୦୨୧ର ଅଭିନନ୍ଦନ ଓ ଶୁଭେଚ୍ଛା।
ପ୍ରଦୀପ କୁମାର ଭୂତିଆ
ସବ୍ ରେଜିଷ୍ଟ୍ରାର, ଛେଣ୍ଡିପଦା

ନୂତନ ବର୍ଷ ୨୦୨୧ର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ଏହି ବର୍ଷ ଆପଣଙ୍କର ସୁଖ ଓ ସମୃଦ୍ଧିର ବର୍ଷ ହେଉ, ଏହା ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶ୍ରୀଯୁକ୍ତ ମହାଦେବ ବାରିକ
ଉପଦେଷ୍ଟା, କଟକ ଜିଲ୍ଲା ମେଡିକାଲ କର୍ମଚାରୀ ସଂଘ ତଥା ସଂଯୋଜକ, ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ, ମୋ- ୯୩୪୮୨୬୨୦୯୬

ବ୍ରାହ୍ମଣବିଲ ଗ୍ରାମପଞ୍ଚାୟତ ତଥା ଛେଣ୍ଡିପଦା ବ୍ଲକର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ଆପଣଙ୍କ ଜୀବନ ମଙ୍ଗଳମୟ ହେଉ, ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ସୁଧାକର ବେହେରା
ସରପଞ୍ଚ, ବ୍ରାହ୍ମଣବିଲ

ନବବର୍ଷ-୨୦୨୧ ଅବସରରେ ବାଲୁଗାଁ ଅଞ୍ଚଳର ସମସ୍ତ ନାଗରିକ ଏବଂ ବ୍ୟବସାୟୀ ବନ୍ଧୁଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା। ପ୍ରତ୍ୟେକ ପରିବାରରେ ସୁଖ, ଶାନ୍ତି ଭରିଯାଉ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ରବିନାରାୟଣ ନାୟକ
ସଭାପତି
ଉମାମହେଶ୍ୱର ବଣିକ ସଂଘ
ବାଲୁଗାଁ

ନୂତନ ବର୍ଷରେ ସମଗ୍ର ବିଶ୍ୱ କରୋନା ମୁକ୍ତ ହେଉ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଡ. ଲକ୍ଷ୍ମୀଧର ସୁବୁଦ୍ଧି
ଅଧ୍ୟାପକ
ବାଲୁଗାଁ ମହାବିଦ୍ୟାଳୟ

ନବବର୍ଷ-୨୦୨୧ ଅବସରରେ ବାଲୁଗାଁ ଏବଂ ବାଣପୁର ଅଞ୍ଚଳର ସମସ୍ତ ଭାଇଭଉଣୀଙ୍କୁ ମହାମାୟୀ ଇ-ବାଇକ୍ ଶୋ-ରୁମ୍ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା ।
OKINAWA Power the Change
ଅଶୋକ କୁମାର ପାତ୍ର
ମହାମାୟୀ ଓକିନୱା ଇ-ବାଇକ୍, ବାଲୁଗାଁ, ଖୋର୍ଦ୍ଧା

ବିଜୁ ଜନତା ଦଳ
ଅଭିନନ୍ଦନ ୨୦୨୧
ନବବର୍ଷର ନୂତନ ସୂର୍ଯ୍ୟାଲୋକ ଆପଣମାନଙ୍କର ଆଶା, ଭରସା, ବିଶ୍ୱାସ, ଚିନ୍ତା ଓ ଚେତନାକୁ ମଧୁମୟ କରୁ। ଏହାହିଁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା।
ଆଶିଷ କୁମାର ପ୍ରଧାନ (ଲିପୁ)
ବିଜୁ ଯୁବ ଜନତା ଦଳ, ଛେଣ୍ଡିପଦା ବ୍ଲକ୍, ସଭାପତି, ଅନୁଗୋଳ

ବିଜୁ ଜନତା ଦଳ
wish you A HAPPY NEW YEAR-2021
ଅଭିନନ୍ଦନ
ନବବର୍ଷ ୨୦୨୧ ସମସ୍ତ ଗୁରୁଜନ, ଭାଇ ଓ ଭଉଣୀ ମାନଙ୍କ ପାଇଁ ସୁଖ ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ ।
ନିହାର ରଞ୍ଜନ ବେହେରା
ରାଜ୍ୟ ପରିଷଦ ସଭ୍ୟ, ବିଜୁ ଜନତା ଦଳ

ନୂତନବର୍ଷ ୨୦୨୧ ସବୁ ବର୍ଗର ଲୋକଙ୍କ ପାଇଁ ମଙ୍ଗଳମୟ ହେଉ । ମହାମାରୀ କରୋନାରୁ ସମସ୍ତେ ମୁକୁଳିଯାଇ ସ୍ୱାଭାବିକ ଜୀବନଯାତ୍ରା କରନ୍ତୁ ଏତିକି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା ।
TVS
ସତ୍ୟନାରାୟଣ ଟିଭିଏସ୍ ମୋଟର୍ସ
ମେନ୍‌ରୋଡ୍, ବାଲୁଗାଁ

ନୂତନ ବର୍ଷ ଉପଲକ୍ଷେ ବାଲୁଗାଁ ଅଞ୍ଚଳର ସମସ୍ତ ଗ୍ରାହକବନ୍ଧୁଙ୍କୁ ହୋଟେଲ ରୁଚି ତରଫରୁ ଶୁଭେଚ୍ଛା ଓ ଶୁଭକାମନା । ପ୍ରତ୍ୟେକ ପରିବାରରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରିଯାଉ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ସନ୍ତୋଷ କୁମାର ରଣା
ହୋଟେଲ ରୁଚି, ବାଲୁଗାଁ, ଖୋର୍ଦ୍ଧା

ବାଲୁଗାଁ ଅଞ୍ଚଳର ସମସ୍ତ ଭାଇଭଉଣୀ ଓ ମତ୍ସ୍ୟ ବ୍ୟବସାୟୀ ବନ୍ଧୁଙ୍କୁ ଶୁଭେଚ୍ଛା ଓ ଶୁଭକାମନା। ନୂତନ ବର୍ଷ ସମସ୍ତଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ, ଏହା ପ୍ରଭୁଙ୍କ ନିକଟରେ ପ୍ରାର୍ଥନା ।
ସଭାପତି ଜୟନ୍ତ କୁମାର ସ୍ୱାଇଁ
ସମ୍ପାଦକ ବିଜୟ କୁମାର ପାଢ଼ୀ
କାଳିଜାଇ ମତ୍ସ୍ୟ ବ୍ୟବସାୟୀ ସଂଘ, ବାଲୁଗାଁ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୮,୫୨,୦୬,୧୧୧ | ୧୮,୪୭,୦୮୯ | ୬,୦୨,୬୮,୪୮୫ |
| ଭାରତ | ୧,୦୩,୩୯,୫୭୩ | ୧,୪୯,୬୫୬ | ୯୯,୪୩,୩୩୨ |
| ଓଡ଼ିଶା | ୩,୩୦,୩୦୯ | ୧୮୮୩(+୫୩) | ୩,୨୬,୨୦୯ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ସଂଗ୍ରାମ ପୁଣି ଜଗତ୍‌ସିଂହପୁର ଜିଲାପାଳ

**ଜଗତସିଂହପୁର ଅଫିସ, ୩।୧:** ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଏସ୍‌ଡି ଭାବେ କାର୍ଯ୍ୟ କରୁଥିବା ସଂଗ୍ରାମ କେଶରୀ ମହାପାତ୍ର ପୁଣି ଜଗତ୍‌ସିଂହପୁର ଜିଲାପାଳ ଭାବେ ନିଯୁକ୍ତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ଜାରି କରାଯାଇଛି। ଗତ ନଭେମ୍ବର ୩ ତିର୍ତ୍ତୋଲ ଉପନିର୍ବାଚନ ପୂର୍ବରୁ ମହାପାତ୍ରଙ୍କୁ ବଦଳି କରାଯାଇଥିଲା। ଜଟଣୀ ବିଧାୟକ ତଥା କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ଚିଠି ଲେଖି ମହାପାତ୍ରଙ୍କ ତୁରନ୍ତ ବଦଳି ଦାବି କରିଥିଲେ। ସେ ଦର୍ଶାଇଥିଲେ ଜିଲାପାଳ ମହାପାତ୍ର ତିର୍ତ୍ତୋଲ ବ୍ଲକ ଶଙ୍ଖେଶ୍ୱର ଗ୍ରାମ ପଞ୍ଚାୟତର ଶରତ ଚନ୍ଦ୍ର ମହାପାତ୍ରଙ୍କ ପୁଅ। ଶରତ ଜନତା ଦଳର ଜଣେ ଆଞ୍ଚଳିକସ୍ତରର ନେତା ଥିଲେ। ତେଣୁ ସେ ଜିଲାପାଳ ରହିଲେ ନିର୍ବାଚନର ସ୍ୱଚ୍ଛତା ଓ ନିରପେକ୍ଷତା ଉପରେ ସନ୍ଦେହ ରହିଛି। ଏହି ଅଭିଯୋଗକୁ ଆଧାର କରି ନିର୍ବାଚନ କମିଶନ ମହାପାତ୍ରଙ୍କୁ ବଦଳି ସୁପାରିସ କରିଥିଲେ। ତଦନୁଯାୟୀ ରାଜ୍ୟ ସରକାର ମହାପାତ୍ରଙ୍କୁ ବଦଳି ସହ ତାଙ୍କ ସ୍ଥାନରେ ସରୋଜ କୁମାର ମିଶ୍ରଙ୍କୁ ନୂତନ ଜିଲାପାଳ ଭାବେ ଅବସ୍ଥାପିତ କରିଥିଲେ।

### ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗ: ୪ ଗିରଫ

**ଆନନ୍ଦପୁର,୩। ୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଘସିପୁରା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମେଦ ନାଇକ, ଚଗୁଲୁ ନାଇକ, ବଳିଆ ନାଇକ, କୁନା ନାଇକ। ସୂଚନା ଅନୁଯାୟୀ, ଡିସେମ୍ବର ୨୯ ତାରିଖ ସନ୍ଧ୍ୟାରେ ପୀଡ଼ିତା ଗାଁ ପାଖ ନାଳରୁ ଶୌଚ ହୋଇ ଫେରିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ନିକଟସ୍ଥ ଜଙ୍ଗଲକୁ ନେଇ ଗଣବଳାତ୍କାର କରିଥିଲେ। ପୋଲିସ ଏକ ମାମଲା (ନଂ.୧/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତଙ୍କୁ ଡାକ୍ତରୀମାଇନା ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଭାରପ୍ରାପ୍ତ ଅଧିକାରୀ ମନୋରଞ୍ଜନ ବିଶି ସୂଚନା ଦେଇଛନ୍ତି।



ରବିବାର ଭକ୍ତମାନେ ଶ୍ରୀଜୀଉଙ୍କ ଦର୍ଶନ ଲାଗି ଶ୍ରୀମନ୍ଦିର ଭିତରକୁ ଯାଉଛନ୍ତି।

# ଭକ୍ତଙ୍କ ଲାଗି ଖୋଲିଲା ମନ୍ଦିର

**ଭୁବନେଶ୍ୱର, ୩।୧(ବ୍ୟୁରୋ)**

ଦୀର୍ଘମାସର ପ୍ରତୀକ୍ଷା ପରେ ରବିବାର ରାଜ୍ୟର ସମସ୍ତ ମନ୍ଦିର ଖୋଲିଛି। ଭାବ ଓ ଭକ୍ତିମୟ ପରିବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ଭଗବାନ। ଭୁବନେଶ୍ୱରର ପ୍ରସିଦ୍ଧ ଶୈବପୀଠ ଲିଙ୍ଗରାଜ ମନ୍ଦିର, କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର, ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ମନ୍ଦିର, ଗଞ୍ଜାମର ଆରାଧ୍ୟା ଦେବୀ ମା' ତାରାତାରିଣୀ ମନ୍ଦିର, ଭଦ୍ରକର ଆଖଣ୍ଡଳମଣି ଓ ଭଦ୍ରକାଳୀ ମନ୍ଦିର ସମେତ ବହୁ ମନ୍ଦିର ଖୋଲିଛି। ସବୁଠି କରୋନା କଟକଣାକୁ କଡ଼ାକଡ଼ି ପାଳନ କରାଯାଇ ପୂଜାନୀତି ସହ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଛି। ଏଥିପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

୯ ମାସରୁ ଊର୍ଦ୍ଧ୍ୱ ହେବ ମନ୍ଦିର ବନ୍ଦ ରହିଥିବାରୁ ଠାକୁରଙ୍କୁ ଦର୍ଶନ କରିପାରି ନ ଥିଲେ ଭକ୍ତ। ପ୍ରଥମେ ଶ୍ରୀମନ୍ଦିର ଖୋଲିବା ପରେ ଭକ୍ତଙ୍କ ଉତ୍କଣ୍ଠା ବଢ଼ି ଯାଇଥିଲା। ଏହାପରେ ରାଜ୍ୟର ଅନ୍ୟ ପ୍ରମୁଖ ମନ୍ଦିର ସବୁ ଖୋଲିଛି। ୨୭ ତାରିଖରୁ ଲିଙ୍ଗରାଜ ମନ୍ଦିର ଖୋଲିଥିବାବେଳେ ରବିବାରଠାରୁ କେବଳ ଭୁବନେଶ୍ୱରବାସୀଙ୍କ ପାଇଁ ଦର୍ଶନ ଆରମ୍ଭ ହୋଇଛି। ଗର୍ଭଗୃହ ଦର୍ଶନ ବାରଣ ହେତୁ କେବଳ ଆଡକାଠ ଦର୍ଶନ ଓ ବେଢ଼ା ପରିକ୍ରମା କରି ସନ୍ତୁଷ୍ଟ ହୋଇଛନ୍ତି ଶ୍ରଦ୍ଧାଳୁ। ଭକ୍ତି ଓ ଭାବାବେଗରେ ମନ୍ଦିର ପରିବେଶ ପୁଣି ଉଚ୍ଛୁଳି ଉଠିଛି। ଭଗବାନଙ୍କୁ ପାଖରେ ପାଇ ବହୁ ଶ୍ରଦ୍ଧାଳୁ ନିଜ କୋହକୁ ସମ୍ଭାଳି ପାରି ନ ଥିବା ଦେଖିବାକୁ ମିଳିଛି। ସେପଟେ କେନ୍ଦ୍ରାପଡ଼ାର ବଳଦେବଜୀଉଙ୍କ ମନ୍ଦିରରେ ମଧ୍ୟ ଦେଖିବାକୁ ମିଳିଥିଲା ସମାନ ଦୃଶ୍ୟ। ବଳଦେବଜୀଉ ଟ୍ରଷ୍ଟ ଓ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ସେବାୟତଙ୍କୁ ଛାଡ଼ି ଦେଲେ ଭକ୍ତମାନେ ଅରୁଣସ୍ତମ୍ଭ ନିକଟରୁ ପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଶ୍ରୀଜୀଉଙ୍କୁ ଦର୍ଶନ କରିସାରିବା ପରେ ସେମାନେ ଉତ୍ତର ଓ ଦକ୍ଷିଣ ଦ୍ୱାର ବାଟେ ବେଢ଼ା ଦେଇ ପ୍ରସ୍ଥାନ କରିଛନ୍ତି। ସେହିପରି ସମ୍ବଲପୁରର ମା' ସମଲେଶ୍ୱରୀ ମନ୍ଦିର ମଧ୍ୟ କୋଭିଡ୍ କଟକଣା ଭିତରେ ଖୋଲିଛି। ସକାଳ ୬ଟାରୁ ଦର୍ଶନ ଆରମ୍ଭ ହୋଇଥିଲା। ଦୀର୍ଘମାସ ପରେ ଭକ୍ତମାନେ ମା' ସମଲେଇଙ୍କ ଦର୍ଶନ ପାଇବାର ସୌଭାଗ୍ୟ ଅର୍ଜନ କରିଥିଲେ। ମା' ତାରାତାରିଣୀଙ୍କ ମନ୍ଦିର ମଧ୍ୟ ରବିବାର ସକାଳୁ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ଖୋଲାଯାଇଥିଲା। ଏହା ପୂର୍ବରୁ ଅର୍ଥାତ୍ ଭୋର ୪ଟା ୩୦ରେ ମନ୍ଦିରର ଦ୍ୱାରଫିଟା ନୀତି ଅନୁଷ୍ଠିତ ହେବା ପରେ ମଙ୍ଗଳ ଆଳତି, ମାର୍ଜନା, ସିଂହାର ଓ ପହିଲି ଭୋଗ ଆଦି ନୀତି ସମ୍ପନ୍ନ ହୋଇଥିଲା।

## ଚକାଆଖିରେ ମିଶିଲା ଆଖି

**ପୁରୀ ଅଫିସ,୩।୧**

### ସର୍ବସାଧାରଣ ଦର୍ଶନ ଆରମ୍ଭ

ଦୀର୍ଘ ୯ମାସ ପ୍ରତୀକ୍ଷାର ଅନ୍ତ ଘଟିଛି। ମହାପ୍ରଭୁଙ୍କ ଚକାଆଖିରେ ମିଶିଛି ଭକ୍ତର ଆଖି। ରବିବାରଠାରୁ ସର୍ବସାଧାରଣଙ୍କୁ ଦାରୁଦିଅଁଙ୍କ ଦର୍ଶନ ସୁଯୋଗ ମିଳିଛି। ଏଥିଲାଗି ଦେଶର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଶ୍ରଦ୍ଧାଳୁ ଶ୍ରୀକ୍ଷେତ୍ରକୁ ଛୁଟିଆସିଛନ୍ତି। ପ୍ରଥମ ଦିବସରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ରଙ୍କ ସମେତ ବହୁ ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିଥିବାବେଳେ କୋଭିଡ୍ ନେଗେଟିଭ ରିପୋର୍ଟ ନ ଥିବାରୁ ଅନେକଙ୍କୁ ନିରାଶରେ ଫେରିବାକୁ ପଡ଼ିଛି।

ଭୋର୍ ୪ଟା ୨୦ ମିନିଟ୍‌ରେ ଦ୍ୱାର ଫିଟା ନୀତି ପରେ ଶ୍ରୀମନ୍ଦିର ସାମ୍ନାରେ ଗହଳି ଜୋର ଧରିଥିଲା। ପ୍ରଥମେ ପତିତପାବନ ଦର୍ଶନ ପାଇଁ ଗହଳି ଲାଗିଥିଲା। ତେବେ ସକାଳ ୭ଟା ୩୦ରେ ଶ୍ରୀମନ୍ଦିର ଖୋଲିବା ପରେ ପ୍ରବେଶ ପାଇଁ ଜୋର ଧରିଥିଲା। ଶ୍ରଦ୍ଧାଳୁମାନେ ଜଗନ୍ନାଥବଲ୍ଲଭ ନିକଟ ପାର୍କିଂସ୍ଥଳରେ ଗାଡ଼ି ରଖିବା ପରେ କୋଭିଡ୍ ନେଗେଟିଭ୍ ରିପୋର୍ଟ ସାଙ୍ଗରେ ଧରି ଶ୍ରୀମନ୍ଦିର ଅଭିମୁଖେ କରିଡର ଦେଇ ଆସିଥିଲେ। ଶ୍ରୀମନ୍ଦିର ମୁଖ୍ୟ ବ୍ୟାରିକେଡ୍ ପୂର୍ବରୁ ଥର୍ମାଲ ସ୍କ୍ରିନିଂ କରାଯାଇଥିବାବେଳେ କିଓସ୍କୋରେ ପରିଚୟପତ୍ର ଓ କୋଭିଡ୍ ନେଗେଟିଭ୍ ରିପୋର୍ଟ ଯାଞ୍ଚ କରାଯାଇଥିଲା। ଏହାପରେ ଶ୍ରୀମନ୍ଦିର ମୁଖ୍ୟ ବ୍ୟାରିକେଡ୍ ଦେଇ ଶ୍ରଦ୍ଧାଳୁମାନେ ଭିତରକୁ ଯାଇ ଜଗନ୍ନାଥ ଦର୍ଶନ କରିଥିଲେ। ଏହି ସମୟରେ ସେମାନେ ଭାବବିହ୍ୱଳ ହୋଇପଡ଼ିଥିଲେ। କେବଳ ଦ୍ୱିପ୍ରହରର କିଛି ସମୟକୁ ବାଦ୍ ଦେଇ ଦିନତମାମ ଗହଳି ଲାଗିରହିଥିଲା। ଦର୍ଶନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏସ୍‌ପି କନଓ୍ୱର ବିଶାଲ ସିଂ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିଥିଲେ। ସହରରେ ୧୮ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। କେବଳ ସିଂହଦ୍ୱାର ଓ ବଡ଼ଦାଣ୍ଡରେ ୧୫ ପ୍ଲାଟୁନ୍ ଫୋର୍ସ ମୁତୟନ ଥିବାବେଳେ ୨ ଜଣ ଅତିରିକ୍ତ ଏସ୍‌ପି, ୬ ଜଣ ଡିଏସ୍‌ପି, ୯ ଜଣ ଇନ୍ସପେକ୍ଟର, ୩୫ ଜଣ ଏସ୍‌ଆଇ ଏବଂ ଏଏସ୍‌ଆଇ, ୪୦ ଜଣ କନଷ୍ଟେବଳ, ୪୦ ଜଣ ହୋମଗାର୍ଡ ମଧ୍ୟ ଦାୟିତ୍ୱରେ ରହିଛନ୍ତି।

## ପତିତପାବନ ଦର୍ଶନ କଲେ ରାଜ୍ୟପାଳ

**ପୁରୀ ଅଫିସ,୩।୧**

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ରବିବାର ପୁରୀ ଗସ୍ତରେ ଆସି ପତିତପାବନଙ୍କୁ ଦର୍ଶନ କରିଛନ୍ତି। ଏହି ଅବସରରେ ରାଜ୍ୟପାଳଙ୍କୁ ସେବାୟତମାନଙ୍କ ପକ୍ଷରୁ ମହାପ୍ରଭୁଙ୍କଠାରେ ଲାଗିହୋଇଥିବା ଖଣ୍ଡୁଆ ପ୍ରଦାନ କରାଯାଇଥିଲା। ଶ୍ରୀମନ୍ଦିର ସମ୍ମୁଖରେ ପତିତପାବନ ଦର୍ଶନ ପରେ ରାଜ୍ୟପାଳ କହିଥିଲେ ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଧାମ ପୁରୀ ମାଟିରେ ପୁଣ୍ୟ ଅର୍ଜନର ସୌଭାଗ୍ୟ ମିଳିବା ମୋ ପାଇଁ ଗର୍ବର ବିଷୟ। ମହାପ୍ରଭୁଙ୍କ କୃପା ସମସ୍ତଙ୍କ ଉପରେ ରହିଥାଉ। ଏହି ମାଟିକୁ ସବୁବେଳେ ମହାପ୍ରଭୁଙ୍କ ଆଶୀର୍ବାଦ ରହିଛି ଓ ରହିଥିବ। ଜଗତର ମଙ୍ଗଳ ହେଉ, ଏହି ଉଦ୍ଦେଶ୍ୟରେ ମହାପ୍ରଭୁଙ୍କ ଶ୍ରୀଚରଣରେ ପହଞ୍ଚିଛି ବୋଲି ସେ ପ୍ରକାଶ କରିଥିଲେ। ପରେ ରାଜ୍ୟପାଳ ପୁରୁଷୋତ୍ତମ ବାଟିକାଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେଠାରେ ମଧ୍ୟାହ୍ନଭୋଜନ ସାରି ପୁରୀ ରାଜଭବନ ପରିଦର୍ଶନ କରି ଭୁବନେଶ୍ୱର ଫେରି ଯାଇଥିଲେ।

# ୩,୨୬୯ କୋଟି ଟଙ୍କାର ବ୍ୟାଙ୍କ ଠକେଇ

**ନୂଆଦିଲ୍ଲୀ,୩।୧**

### ଶକ୍ତି ଭୋଗ ଫୁଡ୍‌ସ ବିରୋଧରେ ସିବିଆଇ ମାମଲା

ଦିଲ୍ଲୀ ଭିତ୍ତିକ କମ୍ପାନୀ ଶକ୍ତି ଭୋଗ ଫୁଡସ୍ ବିରୋଧରେ ୩୨୬୯ କୋଟି ଟଙ୍କାର ବ୍ୟାଙ୍କ ଠକେଇ ଅଭିଯୋଗ ଆସିଛି। ଏହି କମ୍ପାନୀ ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଏକ ମାମଲା ରୁଜୁ କରିଛି। ଏସ୍‌ବିଆଇ ସହ ମୋଟ ୧୦ ବ୍ୟାଙ୍କ ଏହି କମ୍ପାନୀକୁ ଋଣ ଦେଇଥିଲେ। ଏସ୍‌ବିଆଇର ଅଭିଯୋଗ ଆଧାରରେ କମ୍ପାନୀର ଏମ୍‌ଡି କେଓ୍ୱାଲ କୃଷ୍ଣ କୁମାର ଏବଂ ଅନ୍ୟ ୨ ନିର୍ଦ୍ଦେଶକ ସିଦ୍ଧାର୍ଥ କୁମାର ଏବଂ ସୁନନ୍ଦ କୁମାରଙ୍କୁ ମାମଲାର ପକ୍ଷଭୁକ୍ତ କରାଯାଇଛି। ଜାଲ ପ୍ରମାଣ ଦ୍ୱାରା ଲୋକଙ୍କ ଅର୍ଥକୁ ଋଣ ନେଇ ଅନ୍ୟତ୍ର ବ୍ୟବହାର କରାଯାଇଥିବା ସିବିଆଇ ପକ୍ଷରୁ ସୂଚନା ରହିଛି। ୨୪ ବର୍ଷୀୟ ଏହି କମ୍ପାନୀ ଅଟା, ଚାଉଳ, ବିସ୍କୁଟ ଏବଂ କୁକିଜ ଭଳି ପ୍ରଡକ୍ଟ ପ୍ରସ୍ତୁତ କରୁଥିଲା। ୨୦୦୮ରେ ଏହାର କାରବାର ୧୪୧୧ କୋଟି ଟଙ୍କା ରହିଥିଲା। ୨୦୧୪ ବେଳକୁ ଏହା ୬ ହଜାର କୋଟି ଟଙ୍କାରେ ପହଞ୍ଚିଥିଲା। ମାତ୍ର ୨୦୧୫ରେ କମ୍ପାନୀର ଋଣ ଅନାଦାୟ(ଏନ୍‌ପିଏ) ହୋଇଥିବାବେଳେ ୨୦୧୯ରେ ଠକେଇ ଭଳି ଘଟଣା ଲୋକ ଲୋଚନକୁ ଆସିଥିଲା। ବଜାର ସ୍ଥିତି ଖରାପ ହେବା ପରେ କମ୍ପାନୀ କ୍ଷତି ସହିଥିଲା। ଏହା ପରେ ଏନ୍‌ପିଏ ଘଟଣା ଦେଖାଯାଇଥିଲା ବୋଲି ବ୍ୟାଙ୍କ ଏହାର ରିପୋର୍ଟରେ କହିଛି। ବ୍ୟାଙ୍କ ପକ୍ଷରୁ ହୋଇଥିବା ଫରେନସିକ ଅଡିଟ ମୁତାବକ ପ୍ରାୟ ୩ ହଜାର କୋଟି ଟଙ୍କାର ସଂରକ୍ଷିତ ପ୍ରଡକ୍ଟ ପୋକ ଲାଗିବା ଯୋଗୁ କମ୍ପାନୀ ପ୍ରଭାବିତ ହୋଇଥିଲା। ଫଳରେ ପ୍ରଡକ୍ଟକୁ କମ୍ ଦାମରେ ବିକ୍ରି କରିବାକୁ ପଡିଥିଲା। କମ୍ପାନୀ ଦେଇଥିବା ଷ୍ଟକ ରିପୋର୍ଟ ଅଡିଟ ରିପୋର୍ଟ ସହ ମେଳ ନ ଖାଉ ନ ଥିବା ବ୍ୟାଙ୍କଗୁଡିକ ପକ୍ଷରୁ ଅଭିଯୋଗରେ କୁହାଯାଇଛି। କମ୍ପାନୀ ନିକଟରେ ବୀମା ରହିଥିଲେ ମଧ୍ୟ କାହିଁକି ଏହା କ୍ଲେମ କରାଗଲା ନାହିଁ ବୋଲି ସନ୍ଦେହ ଉପୁଜିଛି।



# ସୁରକ୍ଷା ଖୋଜୁଛି ବାଘମାମୁ

### ସଂଖ୍ୟା ବୃଦ୍ଧି ଉତ୍ସାହ ଭିତରେ ନୈରାଶ୍ୟ ଆଣିଛି ମୃତ୍ୟୁ

**ଅସମାପିକା ସାହୁ**
**ଭୁବନେଶ୍ୱର, ୩।୧(ବ୍ୟୁରୋ)**

| ମସିହା | ଛାଲ ଜବତ | ମୃତଦେହ ଜବତ |
|---|---|---|
| ୨୦୧୬ | ୧୮ | ତଥ୍ୟ ନାହିଁ |
| ୨୦୧୭ | ୭ | ୧ |
| ୨୦୧୮ | ୨ | ତଥ୍ୟ ନାହିଁ |
| ୨୦୧୯ | ୧୦ | ୬ |
| ୨୦୨୦ | ୧୮ | ୩ |

ଆଇମା' କାହାଣୀ ଶୁଣିବାବେଳେ ପିଲେ ଦୁଷ୍ଟ ହେଲେ ବାଘମାମୁ ଆସିବ କହି ଡରାଯାଏ। ଏବେ ସମୟ ବଦଳି ଯାଇଛି। ବାଘ ଛୁଆଟି କଥା ନ ମାନିଲେ ମଣିଷ ଆସିବ କହି କୋଳେଇ ନେଉଛି ବାଘ ମା'। ବାଘର ସବୁଜ ଘର ଉପରେ ଶିକାର, ରୋଗ, ପ୍ରଦୂଷଣ ସହ ମଣିଷ ପ୍ରତାରଣାର କଳାବାଦଲ ସତେ ଯେମିତି ବଡ଼ ବିପଦ ସାଜିଛି। ନିକଟରେ ଦେଶ ଓ ରାଜ୍ୟରେ କଲରାପତରିଆ ବାଘ ସଂଖ୍ୟା ବୃଦ୍ଧି ରିପୋର୍ଟ ଉତ୍ସାହ ଆଣିଛି ସତ, ମୃତ୍ୟୁ କିନ୍ତୁ ନୈରାଶ୍ୟ ଭରିଦେଇଛି। ସତେ ଯେମିତି ମଣିଷ ବିପଦରୁ ରକ୍ଷା ପାଇବାକୁ ନୂଆ ରାଇଜ ଖୋଜୁଛି ବାଘମାମୁ।

ଗତ ସପ୍ତାହରେ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭ୍‌ଡେକର ବାଘ ସଂଖ୍ୟାକୁ ନେଇ ରିପୋର୍ଟ ପ୍ରକାଶ କରିବା ପରେ ଏମିତି ଚର୍ଚ୍ଚା ହେଉଛି। ନ୍ୟାଶନାଲ ଟାଇଗର କଞ୍ଜରଭେଶନ ଅଥରିଟି(ଏନ୍‌ଟିସିଏ) ଏବଂ ୱାଇଲ୍ଡଲାଇଫ୍ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ(ଡବ୍ଲ୍ୟୁଆଇଆଇ) ପକ୍ଷରୁ ପ୍ରସ୍ତୁତ ଉକ୍ତ ରିପୋର୍ଟରେ ୨୦୧୬-୨୦୧୮ର ବାଘ ଗଣନା ସ୍ଥାନ ପାଇଥିଲା। ସାରା ଦେଶରେ ୧୨,୮୫୨ କଲରାପତରିଆ ବାଘ ଥିବା ଦର୍ଶାଯାଇଥିଲାବେଳେ ଓଡ଼ିଶାର ସଂଖ୍ୟା ୭୬୦ ଥିବା ଉଲ୍ଲେଖ ରହିଛି। ଏହା ପୂର୍ବରୁ ଅର୍ଥାତ୍ ୨୦୧୪-୨୦୧୬ ଗଣନାରେ ଭାରତରେ ଏହି ସଂଖ୍ୟା ୭,୯୧୦ ଥିବାବେଳେ ଓଡ଼ିଶାରେ ଥିଲା ୩୧୮। ଓଡ଼ିଶା ଭଳି ରାଜ୍ୟରେ କଲରାପତରିଆ ବାଘଙ୍କ ସଂଖ୍ୟାରେ ୧୦୦ ଗୁଣ ଅଧିକ ବୃଦ୍ଧି ଘଟିବା ଯଦିଓ ବନ ବିଭାଗକୁ ଉତ୍ସାହିତ କରିଛି, ଶିକାରଜନିତ ମୃତ୍ୟୁ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କୁ ଅଧିକ ବ୍ୟଥିତ କରିଛି। ଗତ କିଛିବର୍ଷ ଭିତରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍ ଭୁବନେଶ୍ୱର ସମେତ ସାରା ରାଜ୍ୟରେ ଚଢ଼ାଉ କରି ବହୁ ବାଘ ଛାଲ ସହ ନଖ, ଦାନ୍ତ ଆଦି ଜବତ କରିଛି। ସେହିଭଳି ବନ ବିଭାଗ ଓ ସ୍ଥାନୀୟ ପୋଲିସ ମଧ୍ୟ କେତେକ କ୍ଷେତ୍ରରେ ଏଗୁଡ଼ିକୁ ଜବତ କରିଥିବା ଦେଖାଯାଇଛି। ଏସବୁ ଘଟଣାରେ ରାଜ୍ୟରେ ବାଘ ମୃତ୍ୟୁର ବାସ୍ତବ ସ୍ଥିତି ଜଣାପଡୁଛି। ୱାଇଲ୍ଡଲାଇଫ୍ ସୋସାଇଟି ଅଫ୍ ଓଡ଼ିଶା(ଡବ୍ଲ୍ୟୁଏସ୍‌ଓ)ର ରିପୋର୍ଟ ଅନୁସାରେ, ୨୦୧୬ ଜାନୁୟାରୀରୁ ୨୦୨୦ ଡିସେମ୍ବର ୨୮ ମଧ୍ୟରେ ୫୫ଟି କଲରାପତରିଆ ବାଘଛାଲ ଜବତ ହୋଇଥିବାବେଳେ ୧୦ ବାଘର ମୃତଦେହ ମିଳିଛି। ୨୦୧୬ରେ ୧୮ଟି ବାଘଛାଲ ଜବତ ହୋଇଥିବାବେଳେ ୨୦୧୭ରେ ୭, ୨୦୧୮ରେ ୨, ୨୦୧୯ରେ ୧୦ ଓ ୨୦୨୦ରେ ୧୮ ବାଘଛାଲ ମିଳିଛି। ସେହିପରି ୨୦୧୭ରେ ୧, ୨୦୧୯ରେ ୬ ଏବଂ ୨୦୨୦ରେ ୩ କଲରା ପତରିଆ ବାଘର ମୃତ୍ୟୁ ରିପୋର୍ଟ ହୋଇଥିବା ଡବ୍ଲ୍ୟୁଏସ୍‌ଓର ସମ୍ପାଦକ ବିଶ୍ୱଜିତ୍ ମହାନ୍ତି ପ୍ରକାଶ କରିଛନ୍ତି। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବା, ସେପ୍ଟିସେମିଆ ରୋଗ, ଶିକାର ଯୋଗୁ ବାଘର ମୃତ୍ୟୁ ଘଟିଥିବା ବନ ବିଭାଗ ତରଫରୁ ରିପୋର୍ଟ ଦିଆଯାଇଥିବାବେଳେ ଆଉ କିଛି ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ଦର୍ଶାଯାଇଛି।

ବାଘ ମୃତ୍ୟୁକୁ ନେଇ ଆଉଏକ ଚାଞ୍ଚଲ୍ୟକର ତଥ୍ୟ ବି ପଦାକୁ ଆସୁଛି। ସୁରକ୍ଷା ଦାୟିତ୍ୱରେ ରହୁଥିବା କେତେଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କ ର୍ୟାକେଟ୍‌ରେ ଫସି ଏସବୁ ବାଘ ଆଖି ବୁଜିଥିବା କୁହାଯାଉଛି। ଏହି ସମୟ ମଧ୍ୟରେ ବନ ବିଭାଗର କେତେଜଣ ଡିଏଫ୍‌ଓ, ରେଞ୍ଜର, ଫରେଷ୍ଟର, ଗାର୍ଡ, ଅତିରିକ୍ତ ପିସିସିଏଫ୍ ଶ୍ରେଣୀର ଅଧିକାରୀ ଦୁର୍ନୀତି ଅଭିଯୋଗରେ ଧରାପଡି ଜେଲ ଦଣ୍ଡ ଭୋଗୁଛନ୍ତି। ବନ୍ୟପ୍ରାଣୀଙ୍କୁ ବନ ବିଭାଗ ଠିକ୍ ସୁରକ୍ଷା ଦେଇପାରି ନ ଥିବା ଏଥିରୁ ସ୍ପଷ୍ଟ ହେଉଛି। ସାତକୋଶିଆରେ ବଡ଼ ଅଧିକାରୀଙ୍କ ଅପାରଗତା ଯୋଗୁ କୋଟି କୋଟି ଟଙ୍କାର ପ୍ରକଳ୍ପ ବନ୍ଦ ହେବା ସହ ମଧ୍ୟପ୍ରଦେଶରୁ ଆସିଥିବା 'ମହାବୀର' ମହାବଳ ବାଘର ଶିକାର ଓ ବାଘୁଣୀ 'ସୁନ୍ଦରୀ' ବନ୍ଦୀ ହୋଇରହିଛି। ସେହିପରି ଦେବ୍ରିଗଡ଼ରେ ମହାବଳ ବାଘ ଶିକାର ପରେ ତତ୍କାଳୀନ ବରଗଡ଼ ଡିଏଫ୍‌ଓ ଓ ସମ୍ବଲପୁର ଆର୍‌ସିସିଏଫ୍ ମହାବଳ ବାଘକୁ କଲରାପତରିଆ ବୋଲି ଦେଖେଇବାକୁ ବୃଥା ଚେଷ୍ଟା କରିବା ମଧ୍ୟ ୨୦୧୮ରେ ସାରା ଦେଶରେ ଚହଳ ସୃଷ୍ଟି କରିଥିଲା। ଏସବୁ ଘଟଣା ବାଘ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏ ସମ୍ପର୍କରେ ବନ ବିଭାଗର ପୂର୍ବତନ ବରିଷ୍ଠ ରିସର୍ଚ୍ଚ ଅଫିସର ତଥା ବନ୍ୟପ୍ରାଣୀ ବିଶେଷଜ୍ଞ ଡ. ଲାଲା ଏ. କେ. ସିଂ କୁହନ୍ତି, ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବାରେ ବନ ବିଭାଗ ଢିଲା କରୁଛି। ପୂର୍ବଭଳି ଷ୍ଟାଫ୍‌ମାନେ ଫିଲ୍ଡକୁ ଯାଉ ନାହାନ୍ତି। ଜଙ୍ଗଲରେ କ'ଣ ହେଉଛି ତାହା ଭଲରେ ଜାଣି ପାରୁନାହାନ୍ତି। ତେଣୁ ସ୍ଥାନୀୟ ବନ ଅଧିକାରୀ ସବୁବେଳେ ଷ୍ଟାଫ୍‌ଙ୍କୁ ଏପରି ଭାବେ ଜଙ୍ଗଲ କାମରେ ନିୟୋଜିତ କରାଇବା ଉଚିତ, ଯେପରି କି ସେମାନେ ଜଙ୍ଗଲରୁ ସବୁ ପ୍ରକାର ଖବର ନେଇ ଆସିବେ। ଏଥିପାଇଁ ପ୍ରତିଦିନ ଏକ ଡାଏରି ମେଣ୍ଟେନ ହେବା ଉଚିତ।


**ODISHA JOINT ENTRANCE EXAMINATION - 2020**
**( OJEE - 2020 )**

**NOTICE FOR BAMS/BHMS COUNSELLING & ADMISSION**

**Ref. No. OJEE /002** **Date: 03.01.2021**

**SCHEDULE**

| Activity | Date |
|---|---|
| On-line Registration, Choice Filling and Choice Locking | 05-01-2021 to 15-01-2021 |
| Medical Board for Physically Challenged Candidates | *06-01-2021 and 07-01-2021 |
| Ex-Service Man Board for ES Candidates | 07-01-2021 and 08-01-2021 |
| Provisional Allotment | 17-01-2021 |
| Payment (online) of Part Admission Fee and Uploading of Documents for Online Verification (only for Candidates who have got provisional allotment as above). | 18-01-2021 and 20-01-2021 |
| Last Date for Candidates to Settle any Query, if raised by the Verifying Officer during Online Verification | 21-01-2021 by 5:00PM |
| Last Date for Withdrawal by Candidates (who wish to withdraw from the Admission Process) | 21-01-2021, 5 PM (by Online Processusing personal Id) |
| Final Allotment | 23-01-2021 |
| Payment (online) of Part Admission Fee and Uploading of Documents for Online Verification (For Newly Allotted Candidates Only) | 24-01-2021 to 25-01-2021 |
| Last Date for Candidates to Settle any Query, if raised by the Verifying Officer during Online Verification | 26-01-2021, 5PM |
| Last Date for Withdrawal by Candidates (who wish to withdraw from the Admission Process) | 26-01-2021, 5PM |
| Downloading of Final Allotment Letter by the Candidates | 27-01-2021 |
| Reporting to Allotted Institution for Final Admission | 27-01- 2021 to 31-01-2021 |
| Spot Admission (if vacancy arises due to any reason) | To be notified later |

***Dates for PC Board are tentative and will be confirmed soon. All the PC candidates are advised to visit our website before proceeding to attend the Medical Board at SCB Medical College, Cuttack.**

**ELIGIBILITY**

1. Candidates interested to participate in the BAMS/BHMS counselling must have qualified, with valid rank, in NEET (UG)-2020.
2. The candidates must be of at least **17 years** of age as on **31.12.2020.**
3. The parents of the candidates must be permanent natives of Odisha. Every candidate has to upload **Resident/ Nativity certificate** during certificate verification.
4. The candidates must have passed +2 Sc. and in the subjects of **Physics, Chemistry, Biology and English** individually and must have secured minimum of 50% marks taken together in **Physics, Chemistry & Biology** at +2 Sc. level for General Candidate (GE). This minimum mark is 40% for SC/ST candidates.
   - **Only the Candidates who have duly registered and filled their choices will be considered for Selection/Admission.**

**PAYMENT OF FEES**

1. During registration, candidates have to pay registration fee of **Rs.1000/- online.**
2. Allotted candidates have to deposit a part admission fee of **Rs.5000/- online** in the web portal.

**N.B. For more information, please go through "Information & Instructions for Counselling & Admission to BAMS / BHMS Courses, 2020-21" given in the website (www.ojee.nic.in)**

Sd/-
CHAIRMAN, OJEE, ODISHA

**ଆଜିର ମନ୍ତବ୍ୟ**
"ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ଏକ ଅହଂକାରୀ ସରକାର କେନ୍ଦ୍ରରେ କ୍ଷମତାକୁ ଆସିଛି, ଯିଏ ଅନ୍ନଦାତାଙ୍କ ଦୁର୍ଦ୍ଦଶା ଦେଖିପାରୁ ନାହିଁ। –ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷା


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଅବ୍‌ଦୁଲ୍ ପରିବାରବର୍ଗ


ଅମ୍ରିତା ପରିବାରବର୍ଗ


କାହ୍ନା ପରିବାରବର୍ଗ


ଶ୍ରଦ୍ଧା ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ଶ୍ମଶାନ ଛାତ ଭୁଶୁଡ଼ି ...




ଶ୍ମଶାନ ଛାତ ଭୁଶୁଡ଼ି ପଡ଼ିବା ପରେ ଉଦ୍ଧାର କାର୍ଯ୍ୟ ଚାଲିଛି।

ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘଟଣାରେ ଶୋକ ବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆହତ ହୋଇଥିବା ପ୍ରାୟ ୨୦ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ୩ ମାସ ପୂର୍ବରୁ ଏହି ଶବଦାହ ଗୃହ ନିର୍ମାଣ କରାଯାଇଥିଲା। ବର୍ଷା ଯୋଗୁ ଛାତ ଭୁଶୁଡ଼ି ପଡିଥିବା ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ଘଟଣାରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକବ୍ୟକ୍ତ କରିଛନ୍ତି।

## '୨ ଭାକ୍ସିନ୍ ୧୧୦%...

ସେରମ୍ ଇନ୍‌ଷ୍ଟିଚ୍ୟୁଟ ପ୍ରସ୍ତୁତ କୋଭିଡ୍ ଟିକା ୭୦.୪୨ ପ୍ରତିଶତ ଫଳପ୍ରଦ ବୋଲି ଜଣାପଡିଛି। କୋଭାକ୍ସିନ୍ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଭାରତର ପ୍ରଥମ ଟିକା। ଭାରତ ବାୟୋଟେକ୍ ଏବଂ ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ(ଆଇସିଏମ୍ଆର୍) ମିଳିତ ଭାବେ ଏହି ଟିକା ପ୍ରସ୍ତୁତ କରିଛନ୍ତି। ପ୍ରଥମେ ଏହି ଟିକାର ନିରାପତ୍ତା ଓ ରୋଗ ପ୍ରତିରୋଧକ ଶକ୍ତିର ପରୀକ୍ଷା ମୂଷା, ଠେକୁଆ ଆଦି ଉପରେ କରାଯିବା ପରେ ମାନବ ଶରୀରରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ହୋଇଥିଲା। ୮୦୦ ଲୋକଙ୍କ ଉପରେ ପରୀକ୍ଷା ପରେ ଟିକା ନିରାପଦ ଓ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରୁଥିବା ପ୍ରମାଣିତ ହୋଇଥିଲା ବୋଲି ଡିସିଜିଆଇ କହିଛନ୍ତି। ଶନିବାର ବିଶେଷଜ୍ଞ କମିଟି ସମସ୍ତ ତଥ୍ୟ ଅନୁଧ୍ୟାନ କରିବା ପରେ ମଞ୍ଜୁରୀ ଲାଗି ସୁପାରିସ କରିଥିଲା। ସେହିପରି ଶୁକ୍ରବାର ବିଶେଷଜ୍ଞ କମିଟି ସେରମ୍ ଇନ୍‌ଷ୍ଟିଚ୍ୟୁଟର କୋଭିଶିଲ୍ଡକୁ ଅନୁମୋଦନ ଲାଗି ଡିସିଜିଆଇଙ୍କୁ ସୁପାରିସ କରିଥିଲା। ପ୍ରଥମ ପର୍ଯ୍ୟାୟରେ ୩୦ କୋଟି ଜନସାଧାରଣଙ୍କୁ ଟିକା ଦେବା ଲାଗି ସରକାର ଯୋଜନା କରିଛନ୍ତି। ପ୍ରଥମେ ସ୍ୱାସ୍ଥ୍ୟସେବା କର୍ମଚାରୀ, ପୋଲିସ ଓ ଅନ୍ୟ ଆଗଧାଡ଼ିର କର୍ମଚାରୀଙ୍କୁ ଏହି ଟିକା ଦିଆଯିବ।

## ନିର୍ଣ୍ଣାୟକ ମୋଡ଼: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୩।୧: କୋଭାକ୍ସିନ ଓ କୋଭିଶିଲ୍ଡ ଟିକାକୁ ଜରୁରୀ ବ୍ୟବହାର ଲାଗି ଡିସିଜିଆଇ ମଞ୍ଜୁରୀ ମିଳିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୈଜ୍ଞାନିକ, ସ୍ୱାସ୍ଥ୍ୟସେବା କର୍ମଚାରୀମାନଙ୍କୁ ଧନ୍ୟବାଦ ଦେବା ସହ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କୋଭିଡ୍-୧୯ ମହାମାରୀ ବିରୋଧରେ ଭାରତ ଲଢ଼େଇ ଜାରି ରଖିଥିବାବେଳେ ଟିକାକୁ ମଞ୍ଜୁରୀ ପ୍ରଦାନ ଏକ ନିର୍ଣ୍ଣାୟକ ମୋଡ଼ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଦେଶକୁ କୋଭିଡ୍ ମୁକ୍ତ କରିବା ପ୍ରକ୍ରିୟାକୁ ଏହା ଦ୍ୱରାନ୍ୱିତ କରିବ। ଉଭୟ କରୋନା ଟିକା ଭାରତରେ ପ୍ରସ୍ତୁତ ହୋଇଥିବାରୁ ଏହା ପ୍ରତ୍ୟେକ ଦେଶବାସୀଙ୍କ ପାଇଁ ଗର୍ବର ବିଷୟ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି।

## କୋଭାକ୍ସିନର ନିରାପତ୍ତା ...

ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ସେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନଙ୍କୁ ଅନୁରୋଧ କରିଛନ୍ତି। ସେହିପରି କଂଗ୍ରେସ ନେତା ଆନନ୍ଦ ଶର୍ମା ଓ ଜୟରାମ ରମେଶ ମଧ୍ୟ କୋଭାକ୍ସିନ୍‌କୁ ମଞ୍ଜୁରୀ ଉପରେ ପ୍ରଶ୍ନ ଉଠାଇଛନ୍ତି। ଅପରିହାର୍ଯ୍ୟ ବିଧି ବ୍ୟବସ୍ଥା ଏବଂ ତଥ୍ୟ ଯାଞ୍ଚକୁ କ'ଣ ପାଇଁ ବାଦ୍ ଦିଆଗଲା, ସ୍ୱାସ୍ଥ୍ୟମନ୍ତ୍ରୀ ଏହାର ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ସେମାନେ କହିଛନ୍ତି।

ଏହାର ଜବାବ ଦେବାକୁ ଯାଇ କେନ୍ଦ୍ରମନ୍ତ୍ରୀ ହର୍‌ଦୀପ ସିଂ ପୁରୀ କହିଛନ୍ତି, ବିରୋଧୀ ଦଳ ନେତାମାନେ ଟିକାକୁ ସ୍ଥାୟୀ ରାଜନୈତିକ ପ୍ରଭାବହୀନ କରିବା ସନ୍ଧାନରେ ଅଛନ୍ତି। କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳ ନେତାମାନେ ଟିକାକୁ ନେଇ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି କରିବାକୁ ଚାହୁଁଥିବା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି। ଭାରତ ଯେତେବେଳେ କୌଣସି ପ୍ରଶଂସନୀୟ କାର୍ଯ୍ୟ କରେ ସେତେବେଳେ ବିରୋଧୀ ଦଳ ବିଚିତ୍ର ସୂତ୍ରର ଅବତାରଣା କରି ଏହାର ପରିହାସ କରିଥାଏ ବୋଲି ଭାଜପା ଅଧ୍ୟକ୍ଷ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ୧୧ରୁ କଲେଜ ...

ସେଠାରେ ଜାନୁୟାରୀ ୧୧ରୁ ଜୁନ୍ ୧୦ତାରିଖ ପର୍ଯ୍ୟନ୍ତ କ୍ଲାସ୍ ହେବ ଏବଂ ଏପ୍ରିଲ ୧୧ରୁ ୩୦ତାରିଖ ମଧ୍ୟରେ ବାର୍ଷିକ ପରୀକ୍ଷା ହେବ। ଜୁଲାଇ ୧୫ତାରିଖ ସୁଦ୍ଧା ପରୀକ୍ଷାଫଳ ପ୍ରକାଶ ପାଇବ ବୋଲି କୁହାଯାଇଛି।

ଅପରପକ୍ଷରେ କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲିଲେ କିପରି କ୍ଲାସ୍ ହେବ, ସେଥିପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ନିର୍ଦ୍ଦେଶନାମା ଅନୁସାରେ, ପୂର୍ବଭଳି କ୍ଲାସ୍‌ରେ ସମସ୍ତ ଅଧ୍ୟାୟ ପଢ଼ାଯିବ। ସମ୍ଭବ ହେଲେ କ୍ଲାସ୍‌ର ଭିଡିଓ ରେକର୍ଡିଂ କରାଯିବ। ଏହି ରେକର୍ଡିଂକୁ ଅନୁପସ୍ଥିତ ଛାତ୍ରୀଛାତ୍ରଙ୍କୁ ଯୋଗାଇ ଦିଆଯିବ। କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ରହୁଥିବା ଛାତ୍ରୀଛାତ୍ର, ଶିକ୍ଷକ ଓ କର୍ମଚାରୀମାନେ କଲେଜ କିମ୍ବା ବିଶ୍ୱବିଦ୍ୟାଳୟ ଆସିବେ ନାହିଁ। ଫେସ୍ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। କ୍ଲାସ୍‌ରେ ସାନିଟାଇଜେଶନ ବ୍ୟବସ୍ଥା କରାଯିବା ସହିତ ସାମାଜିକ ଦୂରତାକୁ ଗୁରୁତ୍ୱ ଦିଆଯିବ। ଅଧିକ ଛାତ୍ରୀଛାତ୍ର ଥିବା କ୍ଲାସ୍‌କୁ ବିଭାଜନ କରାଯିବ। ୟୁଜି, ପିଜି, ପିଏଚ୍‌ଡି, ଏମ୍‌ଫିଲ୍ ଛାତ୍ରୀଛାତ୍ର ଓ ରିସର୍ଚ୍ଚ ସ୍କଲାରଙ୍କ ପାଇଁ ଜାନୁୟାରୀ ୧୦ତାରିଖରୁ ହଷ୍ଟେଲ ଖୋଲିବାକୁ ମଧ୍ୟ ଉଚ୍ଚ ଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। କୋଭିଡ୍ ଗାଇଡ୍‌ଲାଇନ ଅନୁପାଳନ କରି ହଷ୍ଟେଲ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ରବିବାର, ସାଧାରଣତନ୍ତ୍ର ଦିବସ, ସରସ୍ୱତୀ ପୂଜା ଓ ଉତ୍କଳ ଦିବସରେ କ୍ଲାସ୍ ହେବ ନାହିଁ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି।

ସୂଚନାଯୋଗ୍ୟ, ଆସନ୍ତା ୮ତାରିଖରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ସ୍କୁଲ ଖୋଲିବ ବୋଲି ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଘୋଷଣା କରିଥିଲେ। ସ୍କୁଲ ଖୋଲିବାକୁ ନେଇ ଏସ୍‌ଓପି ମଧ୍ୟ ଜାରି କରିଛନ୍ତି। ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା ତାରିଖ ମଧ୍ୟ ଘୋଷଣା କରିଛନ୍ତି। ସ୍କୁଲ ଖୋଲିବା ସମ୍ପର୍କରେ ସରକାର ଘୋଷଣା କରିବା ପରେ ରବିବାର କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାରଙ୍କ କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲିବା ନିଷ୍ପତ୍ତିକୁ ସବୁ ମହଲରେ ସ୍ୱାଗତ କରାଯାଇଛି।

## ମାଟ୍ରିକ୍‌ରେ ୮୦ ମାର୍କର ...

ନେଇ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଘୋଷଣା କରିଛନ୍ତି। ସେ କହିଛନ୍ତି, ସ୍କୁଲ ଖୋଲିବା ପରେ ହଷ୍ଟେଲ ନ ଖୋଲିଲେ ସେଥିରେ ରହୁଥିବା ଛାତ୍ରୀଛାତ୍ରମାନେ ହଇରାଣ ହେବେ। ତେଣୁ ଯେଉଁସବୁ ସ୍କୁଲରେ ହଷ୍ଟେଲ ରହିଛି, ସେଗୁଡ଼ିକୁ ଖୋଲିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। କେବଳ ଗଣଶିକ୍ଷା ବିଭାଗ ନୁହେଁ ବରଂ ଯେଉଁ ଟିଆର୍‌ଡବ୍ଲ୍ୟୁ ସ୍କୁଲରେ ହଷ୍ଟେଲ ରହିଛି, ସେଗୁଡ଼ିକ ମଧ୍ୟ ଖୋଲିବ। ହଷ୍ଟେଲରେ କିପରି କୋଭିଡ ନିୟମ ପାଳନ କରାଯିବ, ସେଥିପ୍ରତି ଧ୍ୟାନ ଦିଆଯିବ ଏବଂ ଏନେଇ ଖୁବ୍‌ଶୀଘ୍ର ନୂଆ ଏସ୍‌ଓପି ଜାରି କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଅପରପକ୍ଷେ ଚଳିତବର୍ଷ ପ୍ରତି ବିଷୟରେ ୮୦ ମାର୍କରେ ମାଟ୍ରିକ ପରୀକ୍ଷା ହେବ। ଏଥିମଧ୍ୟରୁ ୫୦ ମାର୍କ ଅବ୍‌ଜେକ୍ଟିଭ ଓ ୩୦ ମାର୍କ ସବ୍‌ଜେକ୍ଟିଭ ପ୍ରଶ୍ନ ପଡ଼ିବ। କିନ୍ତୁ ପରୀକ୍ଷାଫଳ ପ୍ରକାଶବେଳେ ୧୦୦ ମାର୍କରୁ ମୂଲ୍ୟାୟନ କରାଯିବ। ଅର୍ଥାତ୍ ୮୦ରୁ ରଖିଥିବା ମାର୍କକୁ ଭିତ୍ତି କରି ଅବଶିଷ୍ଟ ୨୦ ମାର୍କର ମୂଲ୍ୟାୟନ କରାଯାଇ ସେଥିରେ ମିଶାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

କୋଭିଡ୍ କଟକଣା ଯୋଗୁ ଶିକ୍ଷାନୁଷ୍ଠାନଗୁଡ଼ିକ ମାର୍ଚ୍ଚ ୧୭ରୁ ବନ୍ଦ ଥିବାବେଳେ କେବଳ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଇଁ ସ୍କୁଲ ଖୋଲୁଛି। ୧୦୦ଦିନ ପାଠପଢ଼ା ପରେ ବୋର୍ଡ ପରୀକ୍ଷା ହେବ। ଆସନ୍ତା ମେ' ୩ରୁ ଦଶମ ଓ ୧୫ରୁ ଦ୍ୱାଦଶ ପରୀକ୍ଷା ହେବ। ୧୦୦ଦିନ ଭିତରେ ରବିବାର ସ୍କୁଲ ଚାଲିବ ବୋଲି କୁହାଯାଇଛି। କିନ୍ତୁ ରବିବାର କ୍ଲାସ୍‌କୁ ବିରୋଧ କରି ଏହି ନିଷ୍ପତ୍ତିର ପୁନର୍ବିଚାର କରାଯାଉ ବୋଲି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତମଞ୍ଚ ସରକାରଙ୍କୁ ଅନୁରୋଧ କରିଛି। ଏ ନେଇ ମିଳିତମଞ୍ଚ ଆବାହକ ଗୋଲକ ମହାନ୍ତି କହିଛନ୍ତି, ସ୍କୁଲ ଖୋଲିବା ନିଷ୍ପତ୍ତିକୁ ଆମେ ସ୍ୱାଗତ କରୁଛୁ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସ୍କୁଲ ଖୋଲିବା ନେଇ ଯେଉଁସବୁ ନିୟମ କରିଛନ୍ତି ଆମେ ସବୁ ପାଳନ କରିବୁ। କିନ୍ତୁ ସବୁଦିନ ପାଠ ପଢ଼ିବା ବା ପଢ଼ାଇବା ସମ୍ଭବ ନୁହେଁ। ଉଭୟ ଶିକ୍ଷକ ଓ ପିଲାଙ୍କ ମାଇଣ୍ଡ୍‌କୁ ଫ୍ରି ପାଇଁ ଗୋଟିଏ ଦିନ ଛୁଟି ନିହାତି ଦରକାର। ତେଣୁ ରବିବାର କ୍ଲାସ୍ ନିଷ୍ପତ୍ତିକୁ ସରକାର ପୁନର୍ବିଚାର କରନ୍ତୁ ବୋଲି ମହାନ୍ତି କହିଛନ୍ତି।

## ଦିଲ୍ଲୀ ଯାତ୍ରା କଲେ କଳାହାଣ୍ଡିର ବାଜାସାଲ୍ ନୃତ୍ୟଦଳ

**ଭବାନୀପାଟଣା, ୩।୧ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲାର ଘୁମୁରା ପରେ ୨୧ବର୍ଷ ବ୍ୟବଧାନରେ ବାଜାସାଲ୍ ନୃତ୍ୟଦଳ ଜାତୀୟ ପରେଡ୍‌ରେ ନିଜର କମାଲ ଦେଖାଇବେ। ରବିବାର ଏହି ଟିମ୍ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। ରବିବାର ସକାଳ ୧୦ଟାରେ ଭବାନୀପାଟଣା ସହରସ୍ଥିତ ବିଜୁ କଲ୍ୟାଣ ମଣ୍ଡପରୁ ଏକ ବସ ଯୋଗେ କେସିଙ୍ଗା ଅଭିମୁଖେ ଯାତ୍ରା କରିଛନ୍ତି। କେସିଙ୍ଗାରୁ ସମତା ଏକ୍ସପ୍ରେସ୍ ଟ୍ରେନ୍ ଯୋଗେ ନୂଆଦିଲ୍ଲୀ ଅଭିମୁଖେ ଗସ୍ତ କରିବେ ବୋଲି ପ୍ରତିଭା ଅନୁଷ୍ଠାନର ସଭାପତି ଧ୍ୟାନାନନ୍ଦ ପଣ୍ଡା ସୂଚନା ଦେଇଛନ୍ତି। ଶନିବାର ୮୦ଜଣିଆ ଟିମ୍‌ର କୋଭିଡ୍ ପରୀକ୍ଷା କରାଯାଇଥିଲା। ସମସ୍ତଙ୍କ ରିପୋର୍ଟ ନମୁନା ନେଗେଟିଭ୍ ଥିଲା। ପ୍ରକାଶ ଯେ, ୧୯୯୯ରେ ଭବାନୀପାଟଣା ସହରସ୍ଥିତ ମହାବୀର ସାଂସ୍କୃତିକ ଅନୁଷ୍ଠାନ ତରଫରୁ ୧୮୫ ଜଣିଆ ଘୁମୁରା ଟିମ୍ ଜାତୀୟ ପରେଡ୍‌ରେ ଘୁମୁରା ନୃତ୍ୟ ପ୍ରଦର୍ଶନ କରିଥିଲେ। ୨୧ବର୍ଷ ପରେ କଳାହାଣ୍ଡି ଜିଲା ଭବାନୀପାଟଣା ସହରର ପ୍ରତିଭା ଅନୁଷ୍ଠାନର ୮୦ ଜଣିଆ ଟିମ୍ ଆସନ୍ତା ସାଧାରଣତନ୍ତ୍ର ଦିବସ ଜାତୀୟ ପରେଡ୍‌ରେ ବାଜାସାଲ ନୃତ୍ୟ ପରିବେଷଣ କରିବେ। ଏଥିପାଇଁ ଟିମ୍ ପକ୍ଷରୁ ଭବାନୀପାଟଣା ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍‌ରେ ନୃତ୍ୟ ଅଭ୍ୟାସ ଚାଲିଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଡ଼ ବଡ଼ ଗଲେ ଫସର ଫାଟି**
**ସାନ ଆଇଲେ ବେସର ବାଟି**

ବେଳେବେଳେ ଉଚ୍ଚ ପଦପଦବୀ ବ୍ୟକ୍ତି କୌଣସି ଏକ କାର୍ଯ୍ୟକୁ କରିବାପାଇଁ ଚେଷ୍ଟା କରି ସେଥିରେ ସଫଳ ହୋଇପାରୁ ନଥିବା ବେଳେ ଏହା ସେମାନଙ୍କ ନିକଟରେ ଅସାଧ୍ୟ ହୋଇପଡୁଥିବାର ଜଣାଯାଇଥାଏ। ସେହିପରି କାର୍ଯ୍ୟକୁ ଜଣେ ସୀମିତ ଶକ୍ତି ଥିବା ସାଧାରଣ କ୍ଷମତାଧାରୀ ବ୍ୟକ୍ତି ବାହାଦୁରୀ ନେବା ଉଦ୍ଦେଶ୍ୟରେ କରିବାକୁ ଆଗଭର ହେଉଥିବା ଦେଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ବର ତିରିଶା,**
**କନିଆ ଦଶା।**

ବରକୁ ତିରିଶ ବର୍ଷ ଓ କନ୍ୟାକୁ ଦଶ ବର୍ଷ ହୋଇଥିବା ଯୋଡି ଠିକ୍ ବୋଲି ପ୍ରାଚୀନ କାଳରେ ଲୋକଙ୍କର ବିଶ୍ୱାସ ରହିଥିଲା। ଏହା ଫଳରେ କନ୍ୟାର ସତୀତ୍ୱ ପ୍ରତି କୌଣସି ସନ୍ଦେହ ରହୁ ନ ଥିଲା। ଅବଶ୍ୟ ସମୟ ବା ଯୁଗ ବଦଳ ରୀତିରେ ଆଜି ଏହାର ତାତ୍ପର୍ଯ୍ୟ କିଛି ନାହିଁ।

**ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଚନ୍ଦ୍ର ସିଂହରାଶିରେ ରହି ଲାଭ ସ୍ଥାନକୁ ଦେଖୁଥିବାରୁ ପଦସ୍ଥବ୍ୟକ୍ତିଙ୍କ ଦ୍ୱାରା କାର୍ଯ୍ୟସିଦ୍ଧି ଘଟିବ। କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ସକାଶେ ଘରକୁ ବନ୍ଧୁ ଆଗମନ ଘଟିବ। ସଭାସମିତିରେ ସୀମା ଭିତରେ ନ ରହିଲେ ସାଧାରଣ କଥାରେ ସମସ୍ୟା ଆସିବ। ପାରିବାରିକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଅନୁଭବ କରିବେ ।

**ବୃଷ**
କର୍ମାଧିପ ଭାଗ୍ୟାଧିପତିଙ୍କ ସହ ଥିବାରୁ ବିଭିନ୍ନ କ୍ଷେତ୍ରରୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ପ୍ରଶାସନିକ ସ୍ତରରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ମଧ୍ୟାହ୍ନରେ ଟେନସନ୍ ଦୂର ହେବ। ବ୍ୟବସାୟ, କଳା, ସାମ୍ବାଦିକତା, ଚୁକ୍ତିପତ୍ର କ୍ଷେତ୍ରରୁ ସୁଫଳ ମିଳିବ। ବନ୍ଧୁଙ୍କ ସାହାଯ୍ୟରେ କାମ ତ୍ୱରାନ୍ୱିତ କରିବେ।

**ମିଥୁନ**
ବ୍ୟୟାଧିପ ନକ୍ଷତ୍ରସ୍ଥ ଚନ୍ଦ୍ରଙ୍କ ପ୍ରଭାବରେ ମାନସିକ ସ୍ଥିତି ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। ମନକଥା ଗୋପନ ନ ରଖିପାରି ବନ୍ଧୁଙ୍କ ନିକଟରେ ପ୍ରକାଶ କରିବାକୁ ବାଧ୍ୟ ହେବେ । ପାରିବାରିକ କ୍ଷେତ୍ରରେ କେତେକ ସମସ୍ୟା ଦୂର କରିବାକୁ ସକ୍ଷମ ହେବେ।

**କର୍କଟ**
ରାଶ୍ୟାଧିପ ଧନସ୍ଥାନରେ ଅବସ୍ଥାନ କରି ଆର୍ଥିକ ଦୂରବସ୍ଥାକୁ ସୁଧାରି ନେଇପାରନ୍ତି। କଳହ ଲାଗିଥିବା ବନ୍ଧୁ ପ୍ରତି ସତର୍କ ନ ରହିଲେ ସମସ୍ୟା ଭିତରକୁ ଟାଣି ହୋଇଯିବେ। ନିର୍ମାଣ, ଯୋଗାଯୋଗ, ପ୍ରେସ୍, ପବ୍ଲିକେଶନ, ଆଲୋଚନା ଓ ସଭାସମିତିରେ କାମଗୁଡିକ ସୁରୁଖୁରୁରେ ସମ୍ପନ୍ନ ହେବ। ପ୍ରତୀକ୍ଷିତ ଖବରଟି ଆଜି ପାଇ ଖୁସି ହେବେ।

**ସିଂହ**
ତିନୋଟି ଗ୍ରହ କୋଣସ୍ଥାନରେ ରହିଥିବାରୁ ଆଜି ହଠାତ୍ ନୂତନ ଯୋଜନା ଆରମ୍ଭ କରିବେ। ମୌଖିକ ଆଲୋଚନା ନ କଲେ ସହଯୋଗ ଅଭାବରୁ ତାହା ମଉଳି ଯାଇପାରେ। ପରିସ୍ଥିତିବଶତଃ ଆପଣ କେତେକ କ୍ଷେତ୍ରରେ ନୀରବ ରହିବାକୁ ବାଧ୍ୟ ହେବେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧାରେ ପଡ଼ିପାରନ୍ତି ।

**କନ୍ୟା**
ଶନି ସହ ବୃହସ୍ପତିଙ୍କ ସ୍ଥିତି ପ୍ରଭାବରେ ସନ୍ଦେହୀ ମନୋଭାବ ହେତୁ କେତେକ ସମସ୍ୟା ଦେଖାଦେବ। ଆପଣ ଅନ୍ୟମନସ୍କ ରହି ନୀରବତା ଅବଲମ୍ବନ କରିବା ଆପଣଙ୍କ ସକାଶେ ଦୁଶ୍ଚିନ୍ତାର କାରଣ ହୋଇପାରେ । ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**ତୁଳା**
ଚନ୍ଦ୍ରଙ୍କ ସହ ଶନିଙ୍କ ଷଡାଷ୍ଟକ ସ୍ଥିତି ହେତୁ କେତେକ ଅପୂରଣୀୟ ଆଶା ମନରେ ଆଲୋଡନ ସୃଷ୍ଟି କରିବ। ଆଜି ପରିବହନ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ। ପରିସ୍ଥିତିର ତାଡନାରେ ଅଫିସରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ। ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ସହକର୍ମୀ ଅବଶ୍ୟ ସାହାଯ୍ୟ କରିବେ।

**ବିଛା**
ନିଜର ମଣୁଥିବା ବ୍ୟକ୍ତି ଆପଣଙ୍କ ପଛରେ ବିଭିନ୍ନ କଥା କହିବେ। ଆପୋଷ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସରଳ ସମାଧାନ ହୋଇଯିବ। ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରେ ଭାବୁଥିବା କାମଟିକୁ ଠିକ୍ ସମୟରେ ଶେଷ କରି ଖୁସି ହେବେ। କଳା, ସାହିତ୍ୟ, ଗବେଷଣା, ଅନୁସନ୍ଧାନ କ୍ଷେତ୍ରରେ ସମସ୍ୟା ସମାଧାନ ଆଶା ରହିଛି।

**ଧନୁ**
ଯେତେ ସମସ୍ୟା ଆସିଲେ ମଧ୍ୟ ତାହାର ସାମ୍ନା କରିବା ସଫଳ ହେବେ। ବ୍ୟବସାୟ, ପରିବହନ, ପ୍ରକାଶ, ନିର୍ମାଣ, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଉତ୍ତରାଷାଢା ନକ୍ଷତ୍ର ସହକର୍ମୀ କିମ୍ବା ପ୍ରେମିକାଙ୍କ ସହ ସମ୍ପର୍କ ହାନି ଯୋଗୁଁ ଚିନ୍ତା ପ୍ରକଟ କରିବେ। ଯୁକ୍ତିତର୍କ କାରଣରୁ ପରିବାରରେ ସ୍ତ୍ରୀଙ୍କ ସହ ମନାନ୍ତର ସୃଷ୍ଟି ହେବ।

**ମକର**
ସ୍ୱଗୃହୀ ଶନି ନିଜ ରାଶିରେ ବଳବାନ ହେତୁ ଅସୁସ୍ଥତା ଦୂରେଇଯିବ। ଆକସ୍ମିକ ଭାବେ ବନ୍ଧୁଙ୍କ ବ୍ୟବହାର ବଦଳି ଯିବ, ଯାହା କି ଆପଣଙ୍କ ପାଇଁ ଚିନ୍ତାର କାରଣ ହୋଇପାରେ। ଆଶାନୁଯାୟୀ ଅର୍ଥ ସାହାଯ୍ୟ ଆଶାରେ ପଡ଼ୋଶୀ ବିନୟପୂର୍ଣ୍ଣ କଥା କହିପାରନ୍ତି। ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିକୂଳ ପରିସ୍ଥିତିର ଚାପ ବଢିପାରେ।

**କୁମ୍ଭ**
ସ୍ୱଗୃହୀ ମଙ୍ଗଳଜନିତ କାମ ହାସଲ ସକାଶେ ଆଗନ୍ତୁକଟି ମୁହଁ ସାମନାରେ ପ୍ରଶଂସା ଓ ପଶ୍ଚାତେ ସମାଲୋଚନା କରିପାରନ୍ତି। ବନ୍ଧୁମିଳନ, ସଂଗଠନ, ସଭାସମିତି କିମ୍ବା ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ପରିବାରର ଭିତର ସମସ୍ୟା ସମ୍ପର୍କୀୟଙ୍କ ଚେଷ୍ଟାରେ ସମାଧାନ ହୋଇଯିବ। ଜଣେ ପଡୋଶୀ ସାହାଯ୍ୟର ପ୍ରତିଶ୍ରୁତି ଦେଇ ଆଶା ପୂରଣ କରିବେ ।

**ମୀନ**
ଆଜିର କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଶୁଣାକଥାକୁ ବିଶ୍ୱାସ କରି କୌଣସି କାମ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବୁଧଙ୍କ କୁପ୍ରଭାବରେ ବନ୍ଧୁଙ୍କ ଖାପଛଡା କଥା ଓ ବେଖାତିର ମନୋଭାବ ଯୋଗୁ ଚିନ୍ତାପ୍ରକଟ କରିବେ। ଅବଶ୍ୟ ନିଜର କାର୍ଯ୍ୟ ଦକ୍ଷତା ହେତୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ।

ଆଜି ପୌଷ କୃଷ୍ଣ ଷଷ୍ଠୀ ସୋମବାର, ଜାନୁୟାରୀ ୪ ତାରିଖ, ବିଶ୍ୱ ବ୍ରେଲ୍ ଦିବସ (ଲୁଇବ୍ରେଲ୍‌ଙ୍କ ଜୟନ୍ତୀ), ରାଶିନକ୍ଷତ୍ର-ପୂର୍ବାଫାଲଗୁନୀ/ସିଂହ, ମିଥୁନ ରାଶିର ଘାତବାର, ସକାଳ ଘ.୦୬.୨୬ମି. ଗତେ ଘ.୦୭.୫୨ମି. ମଧ୍ୟେ, ଘ.୦୯.୧୯ମି. ଗତେ ଘ.୧୧.୨୯ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୦୭.୪୭ମି. ଗତେ ଘ.୦୯.୦୮ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

ପୁରୀ ଶ୍ରୀମନ୍ଦିର ପାଖରୁ ମାତ୍ର 6 କିଲୋମିଟର ଦୂରରେ 1000sqft. ଜାଗାସହ 2Bed Room, 2Bathroom, Drawing cum Dining, Kitchen and Garage ମାତ୍ର 24ଲକ୍ଷ। installment ସୁବିଧା ଅଛି। Call: 9438109040, 8144658008. D-19459

ଭୁବନେଶ୍ୱର ପାଖାପାଖି ବାଲିଅନ୍ତା କୁରୁଣ୍ଟିରେ ଘରବାରି ପ୍ଲଟ୍ ମିଳୁଅଛି। (Bank finance available) 9439902721, 9090432721. D-70143

Bhubaneswar. Khordha NH side Pitapalli Chhaka ନିକଟରେ plot ମିଳୁଛି। 9090963952. D-70141

Bhubaneswar ସୁନ୍ଦରପଦାରେ ଆଜି ଘର କରିବା ପ୍ଲଟ୍ sqft.-950/- investment plot near Xavier University-299/-, Deras (Kateni) 650/- Lipsa- 9938016295. D-70139

ଭୁବନେଶ୍ୱର ଗୋଠପାଟଣା IIIT, Birla Global University ପାଖରେ ଘରବାରି yellowzone, 30' road, ଇଲେକ୍ଟ୍ରିସିଟି ଥାଇ plot ମିଳୁଛି। 1st possession/ registration. 9937819395. D-70125

ଭୁବନେଶ୍ୱର ସୁନ୍ଦରପଦା Xavier University back sideରେ ଘରବାରି ପ୍ଲଟ୍ ମିଳୁଅଛି। 7848882166. D-70142

6000 Plus Sqft. (49*130) Residential Plot for sale in Sishu Vihar, Patia. Ideal for Three storied Bunaglow for a Single Buyer. No Brokers. 9007467665. D-19442

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70133

Hanspal Canalroadରେ Gharabari, Electricity, Boundary ଥାଇ Plot ବିକ୍ରି ହେଉଛି। ଯେଉଁମାନେ Immediate ଘର କରିବେ ସେମାନେ Call କରନ୍ତୁ। Sq.ft. 750/-. 9437005434 D-70136

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com




2&3 BHK residential room for rent at Sailashree Vihar, Bhubaneswar. Contact: 7735035840. D-19462




Revitalize your self with our ayurvedic massage and refreshment, Call: 7381239385. D-70075


ଡା. ଅଞ୍ଜନ ଷଡ଼ଙ୍ଗୀ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଓମ୍ ସେବା ପଲିକ୍ଲିନିକ୍, ସାତ ମହଲା ହସ୍ପିଟାଲ ରୋଡ୍, ବାରିପଦା। Mob: 9861133366, 8917663804. D-19432

Swarna SPA newly open positively health benefits with expert therapist. 9556978408. D-70080

Rejuvenate and Ayurvedic full body massage by smart therapist. 9348123330. D-70081

Experience full body massage with expert therapists. Call: 7377048581. D-70076

**ଜନ୍ମଦିନର ଶୁଭ କାମନା**

**ଅମ୍ରିତା କସ୍ତୁରୀ**
ମା' ବିରଜା ତୋତେ ଘଣ୍ଟ ଘୋଡ଼େଇ ରଖନ୍ତୁ। ତୋ ଚଲାପଥ କୁସୁମିତ ହେଉ ଏହାହିଁ କାମନା।
**-:ଶୁଭେଚ୍ଛା ସହ:-**
ଜେଜେମା', ଜେଜେବାପା, ବଡ଼ବାପା, ବଡ଼ମା', ପାପୁ ନାନା, ସୁନା ନାନୀ, ମିଟି ନାନୀ, ଶିଙ୍କୁ ନାନା, ପୂଜା ନାନୀ, ମାମା ନାନୀ, ବୁବୁ ନାନା, ପୁଅ ବାପା, ପାପା ଓ ମମି ।
ଧ-୫୩୨୮


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**୨ ଭ୍ୟାକ୍ସିନକୁ ଅନୁମତି ପରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା**

ଭୁବନେଶ୍ୱର,୩।୧(ବ୍ୟୁରୋ): ଦେଶର ଦୁଇଟି ଭ୍ୟାକ୍ସିନ ଟିକାକୁ ଏକ୍ସପର୍ଟ ପ୍ୟାନେଲମାନଙ୍କ ଦ୍ୱାରା ସ୍ୱୀକୃତି ମିଳିବା ବଡ଼ ଗର୍ବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଏହି ବୈଜ୍ଞାନିକମାନଙ୍କ ରିସର୍ଚ୍ଚ ଯୋଗୁ ସାରା ଦେଶ ଆଜି ଗୌରବାନ୍ୱିତ। ସେମାନଙ୍କ କଠିନ ପରିଶ୍ରମ ଏବଂ ଦେଶବାସୀଙ୍କ ପାଇଁ ରହିଥିବା ପ୍ରତିବଦ୍ଧତାକୁ ସମସ୍ତେ ସମ୍ମାନ ଜଣାଇବା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ ମାଧ୍ୟମରେ ଉଲ୍ଲେଖ କରିଛନ୍ତି।

# ‘ଦୁର୍ନୀତି କଥା ଉଠାଇବାରୁ ହତ୍ୟା’

**ଭୁବନେଶ୍ୱର (ବ୍ୟୁରୋ)/ନିଶ୍ଚିନ୍ତକୋଇଲି/ମାହାଙ୍ଗା, ୩।୧(ସ୍ୱ.ପ୍ର.)**

କଟକ ଜିଲା ମାହାଙ୍ଗା ଥାନା ନୃତାଙ୍ଗସ୍ଥିତ ଝୁଁକୁଟି ନିକଟରେ ଭାଜପା ନେତା କୁଳମଣି ବରାଳ(୬୨) ଓ ଦିବ୍ୟସିଂହ ବରାଳ(୭୦)ଙ୍କୁ ଶନିବାର ହତ୍ୟା କରାଯାଇଥିଲା। ରବିବାର ଏହି ଡବଲ ମର୍ଡର ଘଟଣାର ତନାଘନା ଆରମ୍ଭ ହୋଇଛି। କୁଳମଣିଙ୍କ ପୁଅ ରମାକାନ୍ତ ବରାଳ ଥାନାରେ ୧୨ ଜଣଙ୍କ ନାମରେ ଅଭିଯୋଗ କରିବା ପରେ ମାମଲା (ନଂ.୫/୨୧) ରୁଜୁ ହୋଇଛି। ତାଙ୍କ ଅଭିଯୋଗ ଅନୁଯାୟୀ, କୁଳମଣି କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେବା ପରେ ସାଲେପୁର ନିର୍ବାଚନମଣ୍ଡଳୀର ପ୍ରଭାରୀଭାବେ କାର୍ଯ୍ୟ କରୁଥିଲେ। କେନ୍ଦ୍ର ସରକାରଙ୍କ ଆବାସ ଯୋଜନାକୁ ରାଜ୍ୟ ସରକାର ହାଇଜାକ କରୁଥିବା ଦର୍ଶାଇ ସେ ବିପ୍ଳବ ଆରମ୍ଭ କରିଥିଲେ। ଏଥିସହ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଦୁର୍ନୀତି ସମ୍ପର୍କରେ ଲୋକଲୋଚନକୁ ଆଣିଥିଲେ। ଏନେଇ ସେ ରାଜନୈତିକ ଆକ୍ରୋଶର ଶିକାର ହୋଇଛନ୍ତି। ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ ଇଙ୍ଗିତରେ କେତେଜଣ ବିଜେଡି ସମର୍ଥିତ ବ୍ୟକ୍ତି ଏହି ଡବଲ ମର୍ଡର କରିଛନ୍ତି ବୋଲି ରମାକାନ୍ତ ଅଭିଯୋଗ କରିଛନ୍ତି। ପୂର୍ବରୁ ବାପାଙ୍କ ଜୀବନ ପ୍ରତି ବିପଦ ଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ମାତ୍ର ପୋଲିସ ପକ୍ଷରୁ କୌଣସି ସୁରକ୍ଷା ଯୋଗାଇ ଦିଆଯାଇ ନ ଥିଲା ବୋଲି ରମାକାନ୍ତ କହିଛନ୍ତି। ଦିବ୍ୟସିଂହ ବରାଳଙ୍କ ପୁଅ ଜିତେନ୍ଦ୍ର ମଧ୍ୟ ଏଥିରେ ବିଜେଡିର ହାତ ରହିଥିବା ଅଭିଯୋଗ କରିଛନ୍ତି। ରମାକାନ୍ତ ଓ ଜିତେନ୍ଦ୍ରଙ୍କ ଅଭିଯୋଗକୁ ମନ୍ତ୍ରୀ ଜେନା ଖଣ୍ଡନ କରଛନ୍ତି। ସେ କୁଳମଣିଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି। ଆଇନ ଅନୁଯାୟୀ ସମସ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

ଅନ୍ୟପକ୍ଷରେ ଗାଁରେ ଶୋକାକୁଳ ପରିବେଶ ମଧ୍ୟରେ କୁଳମଣି ଓ ଦିବ୍ୟସିଂହଙ୍କ ମୃତଦେହ ସତ୍କାର କରାଯାଇଛି। ଏହି ସମୟରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, କଟକ ଭାଜପା ସଭାପତି ପ୍ରକାଶ ବେହେରା, ମାହାଙ୍ଗା ଯୁବନେତା ଶାରଦା ପ୍ରଧାନ, ଭୃଗୁ ବକ୍ସିପାତ୍ର, ଲେଖାଶ୍ରୀ ସାମନ୍ତସିଂହାର, ପିଙ୍କି ପ୍ରଧାନଙ୍କ ସମେତ ବହୁ ଭାଜପା ନେତା ଓ ରାଜ୍ୟ କଂଗ୍ରେସ ପ୍ରଭାରୀ ଚେଲ୍ଲା କୁମାର ଏବଂ କଂଗ୍ରେସ ନେତା ପ୍ରଦୀପ୍ତ ଦାସ, ଦେବେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କଟକ ଭାଜପା ସଭାପତି ପ୍ରକାଶ ବେହେରା କହିଛନ୍ତି, କୁଳମଣିଙ୍କ ହତ୍ୟାକାଣ୍ଡ ଏକ ରାଜନୈତିକ ଷଡ଼ଯନ୍ତ୍ର। ଦେଢ଼ବର୍ଷ ତଳେ ଘଟିଥିବା ବିକାଶ ଜେନା ହତ୍ୟାକାଣ୍ଡର ପୋଲିସ ନିଷ୍କ୍ରିୟତା ପାଇଁ ଅପରାଧୀମାନେ ଏହି କାଣ୍ଡ କରିବାକୁ ସାହସ କରିଛନ୍ତି। ପୋଲିସ ପାଇଁ ମାହାଙ୍ଗାରେ ରାଜନୈତିକ ଅରାଜକତା ବଢ଼ୁଛି। ଏହି ହତ୍ୟାକାଣ୍ଡରେ ଆଇନ ମନ୍ତ୍ରୀଙ୍କ ସମ୍ପୃକ୍ତି ଥିବା ନେଇ କୁଳମଣିଙ୍କ ପରିବାର ଅଭିଯୋଗ କରିଛନ୍ତି। ତେଣୁ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବା ଆବଶ୍ୟକ। ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ମଧ୍ୟ ଘଟଣାକୁ ନିନ୍ଦା କରିବା ସହିତ ରାଜନୀତିରେ ଏଭଳି ହିଂସା ଗ୍ରହଣୀୟ ନୁହେଁ, ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଛନ୍ତି।


ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

## ମାହାଙ୍ଗା ଡବଲ ମର୍ଡର

- ଆଇନ ମନ୍ତ୍ରୀଙ୍କ ଇଙ୍ଗିତରେ ହତ୍ୟାକାଣ୍ଡ ହୋଇଥିବା ଅଭିଯୋଗ
- ୧୨ ଜଣଙ୍କ ନାଁରେ ମାମଲା ରୁଜୁ

## ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

- ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ
- ଡିଆଇଜି, ଗ୍ରାମାଞ୍ଚଳ ଏସ୍‌ପିଙ୍କ ଘଟଣାସ୍ଥଳ ପରିଦର୍ଶନ

ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ପୋଲିସ ଡିଆଇଜି ଆଶିଷ କୁମାର ସିଂ, ଗ୍ରାମାଞ୍ଚଳ ଏସ୍‌ପି ବି.ଯୁଗଳ କିଶୋର ଓ ଅତିରିକ୍ତ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ଜେନା ସେଠାରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ଗ୍ରାମାଞ୍ଚଳ ଏସ୍‌ପି ଯୁଗଳ କିଶୋର କହିଛନ୍ତି, ଅପରାଧୀଙ୍କୁ ଧରିବା ପାଇଁ ୫ ଜଣ ଆଇଆଇସିଙ୍କ ନେତୃତ୍ୱରେ ୫ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ବିଭିନ୍ନ ଜାଗାରେ ଚଢ଼ାଉ କରାଯାଉଛି। ଜଣେ ବ୍ୟକ୍ତିଙ୍କୁ ଅଟକରଖି ପଚରାଉଚୁରା କରାଯାଉଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଉତ୍ତେଜନାକୁ ଦୃଷ୍ଟିରେ ରଖି ନୃତାଙ୍ଗ ଗ୍ରାମରେ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

# ବିଜେଡିକୁ ଭାଜପାର ଅଙ୍ଗୁଳି

**ଭୁବନେଶ୍ୱର,୩।୧(ବ୍ୟୁରୋ)**

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି, ପଶ୍ଚିମବଙ୍ଗ ପରି ଓଡ଼ିଶାରେ ରାଜନୈତିକ ହିଂସା ଦେଖାଦେଇଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୋଧରେ ସ୍ୱର ଉତ୍ତୋଳନ କଲେ ଯେପରି ଭାଜପା ନେତାଙ୍କୁ ହତ୍ୟା କରାଯାଉଛି, ଠିକ୍ ସେହିପରି ରାଜ୍ୟରେ ବିଜେଡି ନେତାଙ୍କ ନିର୍ଦ୍ଦେଶରେ ବିରୋଧୀଙ୍କୁ ହତ୍ୟା କରାଯାଉଛି। ଶାସକ ବିଜେଡି ଏବେ ରକ୍ତମୁଖା ସାଜିଛି। କୁଳମଣି ଓ ଦିବ୍ୟସିଂହଙ୍କୁ ହତ୍ୟା ଏହାର ଜ୍ୱଳନ୍ତ ଉଦାହରଣ। ଏହି ହତ୍ୟାକାଣ୍ଡ ପଛରେ ଶାସକ ଦଳ ମନ୍ତ୍ରୀଙ୍କ ହାତ ରହିଛି ବୋଲି ଗୋଲକ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଘଟଣାକୁ ନିନ୍ଦା କରି କହିଛନ୍ତି, ସାମାଜିକ ଜୀବନରେ ମତ ପାର୍ଥକ୍ୟ ରହିପାରେ ହେଲେ ହତ୍ୟା ଦୁଃଖର ଘଟଣା। ଘଟଣାରେ ପ୍ରଶାସନଠାରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆଶା କରୁଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଭାଜପା ଅଭିଯୋଗକୁ ଆଇନମନ୍ତ୍ରୀ ପ୍ରତାପ ଜେନା ଖଣ୍ଡନ କରି କହିଛନ୍ତି ଯେ, ଜଗନ୍ନାଥଙ୍କ ରାଜ୍ୟରେ ରାଜନୈତିକ ହିଂସାର ସ୍ଥାନ ନାହିଁ।

# ଗାଁ ଜମି ନ ଫେରାଇଲେ ଆନ୍ଦୋଳନ: ସୁର


ରବିବାର ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୪ତମ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ।


**ଖୋର୍ଦ୍ଧା ଅଫିସ, ୩।୧**

> ‘ନବୀନ କାମିକା ଲୋକ, ପାଖ ଲୋକଙ୍କୁ ତେଲ ମାରିବାକୁ ପଡ଼େ’

> ଇଡ୍‌କୋକୁ କମ୍ ମୂଲ୍ୟରେ ଜମି ବିକିଛନ୍ତି ସରକାର

ଗାଁ ସଂସ୍କୃତି ଓ ପରମ୍ପରା ସମାଜକୁ ଉଜ୍ଜୀବିତ କରିଥାଏ। ତେବେ ଗାଁ ଜମି, ଖେଳପଡ଼ିଆ, ଶ୍ମଶାନ ଜମି, ମେଲଣ ପଡ଼ିଆ ଉପରେ ରାଜ୍ୟ ସରକାରଙ୍କ ଦୃଷ୍ଟି ପଡ଼ିଛି। ସରକାର କମ୍ ମୂଲ୍ୟରେ ଏସବୁକୁ ଇଡ୍‌କୋ ହାତକୁ ଟେକି ଦେଇଛନ୍ତି। ୩ଲକ୍ଷ ଟଙ୍କାରେ କିଣି ଇଡ୍‌କୋ ୫କୋଟିରେ ବିକୁଛି। ଗାଁ ଜମି ଏବେ ଅଣଓଡ଼ିଆଙ୍କ କବ୍‌ଜାରେ ରହିଛି। ଖେଳପଡ଼ିଆ ନ ରହିଲେ, ପିଲାମାନେ ଖେଳିବେ କେଉଁଠି। ସେହିପରି ମେଲଣ ପଡ଼ିଆ ନ ରହିଲେ, ଗ୍ରାମ ଠାକୁର କେଉଁଠି ବସିବେ ବୋଲି କଂଗ୍ରେସ ଖୋର୍ଦ୍ଧା ଜିଲା ସଭାପତି ତଥା ଜଟଣୀ ବିଧାୟକ ସୁରେଶ ରାଉତରାୟ କହିଛନ୍ତି। ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି କମିଟି ପକ୍ଷରୁ ରବିବାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୪ତମ ଜୟନ୍ତୀ ଉତ୍ସବରେ ଅତିଥି ଭାବେ ଯୋଗଦେଇ ବିଧାୟକ ସୁର କହିଲେ ଯେ, ଖୋର୍ଦ୍ଧା ଜିଲାର ଅର୍ଦ୍ଧାଧିକ ଜମିକୁ ରାଜ୍ୟ ସରକାର ଇଡ୍‌କୋ ହାତକୁ ଟେକି ଦେଇଛନ୍ତି। ଗାଁ ଚାରିଆଡେ ଇଡ୍‌କୋ ପାଚେରି ନିର୍ମାଣ କରୁଛି। ଏଣିକି ଇଞ୍ଚେ ଜମି ଦିଆଗଲେ ଆଉ ବରଦାସ୍ତ କରାଯିବ ନାହିଁ। ମାର୍ଚ୍ଚ ୧ ସୁଦ୍ଧା ସରକାର ନେଇଥିବା ଗାଁ ଜମିକୁ ନ ଫେରାଇଲେ ଭୁବନେଶ୍ୱରରେ ଆନ୍ଦୋଳନ ହେବ। ୨୦ ହଜାରରୁ ଊର୍ଦ୍ଧ୍ୱ କର୍ମୀ ବିଧାନସଭା ଘେରାଉ କରିବେ ବୋଲି ବିଧାୟକ ରାଉତରାୟ ଚେତାବନୀ ଦେଇଛନ୍ତି।

ସେହିପରି ସେ କହିଛନ୍ତି, ବରୁଣେଇ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ଲାଗି ରାଷ୍ଟ୍ରପତି ଶୁଭ ଦେବା ପରେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇନାହିଁ। ୧୦ ଏକର ଜମି ସରକାର ଦେଇପାରିଲେ ନାହିଁ। ତେଣୁ ପ୍ରସ୍ତାବିତ ସ୍ମାରକୀ କାମ ଅଟକି ରହିଛି। ବେଲପଡ଼ାରେ ୧୦ ଏକର ଜମି ରହିଛି। ଜିଲା ପ୍ରଶାସନ ଏଦିଗରେ ତତ୍ପରତା ଦେଖାଇବା ଉଚିତ। ବରୁଣେଇ ପାହାଡ଼ର ୫୦ ଭାଗ ଜମିକୁ ସରକାର ଅଣଓଡ଼ିଆଙ୍କୁ ଟେକି ଦେଲେଣି। ସେହିପରି ସାରୁଅଠାରୁ ଆରମ୍ଭ କରି କୁମାରବସ୍ତ ଜଙ୍ଗଲ ଜମିକୁ ଇଡ୍‌କୋକୁ ଶାଗମାଛ ଦରରେ ସରକାର ଦେଇଛନ୍ତି। ଇଡ୍‌କୋ ଏହାକୁ କୋଟି କୋଟି ଟଙ୍କାରେ ଅଣଓଡ଼ିଆଙ୍କୁ ବିକ୍ରି କରୁଛି। ଆମେ ବଂଶାନୁକ୍ରମେ ଗ୍ରାମରେ ରହିଆସୁଛୁ। ଆମ ଜମି ଚାଲିଗଲେ ଆମେ କୁଆଡ଼େ ଯିବୁ ବୋଲି ବିଧାୟକ ରାଉତରାୟ ପ୍ରଶ୍ନ କରିଛନ୍ତି। ଛତାବରରେ ୬ଶହ ଏକର, ଖୁଦୁପୁର, ତରାବୋଇର ଶ୍ମଶାନ, ଖେଳପଡ଼ିଆ ଓ ମେଲଣ ପଡ଼ିଆ ଜମିକୁ ମଧ୍ୟ ସରକାର ବିକ୍ରି କରିବାକୁ ବସିଛନ୍ତି। ଏହାକୁ ଆଉ ବରଦାସ୍ତ କରାଯିବ ନାହିଁ। ଏହା ବିରୋଧରେ ଲଢେଇ ହେବ। ଅନ୍ୟପକ୍ଷରେ ସେ ଜଟଣୀ ନିର୍ବାଚନମଣ୍ଡଳୀରେ ୨୪ଘଣ୍ଟିଆ ପାନୀୟଜଳ ବ୍ୟବସ୍ଥା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାଧୁବାଦ ଜଣାଇ କହିଥିଲେ, ମୁଖ୍ୟମନ୍ତ୍ରୀ କାମିକା ଲୋକ। ତାଙ୍କ ମୁଣ୍ଡରେ ପୂରେଇବାକୁ ପଡ଼ିବ। ତାଙ୍କ ପାଖ ଲୋକଙ୍କୁ ତେଲ ମାରିବାକୁ ପଡ଼େ। ମୁଖ୍ୟମନ୍ତ୍ରୀ ମୋର ଅନୁରୋଧ ରଖି ୭ମାସ ମଧ୍ୟରେ ପାନୀୟଜଳ ବ୍ୟବସ୍ଥା କରିଦେଲେ ବୋଲି ରାଉତରାୟ କହିଛନ୍ତି। ସ୍ମୃତି କମିଟି ସମ୍ପାଦକ ସଞ୍ଜୟ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଶିକ୍ଷାବିତ୍ କ୍ଷୀରୋଦ ମହାନ୍ତି, ପୂର୍ବତନ ବିଧାୟକ ଦିଲୀପ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।














































See Career Appointment on every Wednesday & Saturday

"ସଂସାର ବା ଜଗତ ପାଖରେ ହାରିଯାଇ ତୁମେ ଭଗବାନ୍‌ଙ୍କୁ ଧରିବା ପାଇଁ ଧାଇଁଛ ? ସଂସାର ଯଦି ତୁମଠାରୁ ବେଶି ବଳବାନ୍ ହୁଏ- ତେବେ ତୁମେ କ'ଣ ଭାବୁଛ ଭଗବାନ୍ ସଂସାରଠାରୁ ଦୁର୍ବଳତର ? ବରଂ ଈଶ୍ୱରଙ୍କ ପାଖକୁ ଆସ- ତାଙ୍କ ଆଦେଶ ପାଳନ ପାଇଁ। ଏବଂ ତାଙ୍କଠାରୁ ସେହି ଆଦେଶ ପ୍ରାର୍ଥନା କର। -ଶ୍ରୀଅରବିନ୍ଦ

# ଖଣ୍ଡିକିଆ ସିଗାରେଟ୍

ଭାରତରେ ଧୂମପାନକାରୀଙ୍କ ସର୍ବନିମ୍ନ ଆଇନଗତ ବୟସ ୨୧ ବର୍ଷ କରିବା ଲାଗି କେନ୍ଦ୍ର ସରକାର ଏକ ବିଲ୍ ପ୍ରସ୍ତୁତ କରୁଛନ୍ତି। ଏବେ ଏହା ୧୮ ବର୍ଷ ରହିଛି। ସିଗାରେଟ୍ ଓ ତମାଖୁ ସାମଗ୍ରୀ (ବିଜ୍ଞାପନ ନିଷିଦ୍ଧ, ବ୍ୟବସାୟ, ବାଣିଜ୍ୟ, ଯୋଗାଣ, ବଣ୍ଟନ ନିୟନ୍ତ୍ରଣ) ସଂଶୋଧନ ଆଇନ, ୨୦୨୦ର ଚିଠା ବିଲ୍‌ରେ ବୟସସୀମା ବୃଦ୍ଧିକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଜୋର୍ ଦେଇଛି। ହେଲେ ଏହି ଆଇନ ଆସିବା ଦ୍ୱାରା କମ୍ ବୟସର ପିଲାମାନେ ଯେ ଧୂମପାନ କରିବେ ନାହିଁ ଭାବିବା ଭୁଲ୍। ଭାରତରେ ସିଗାରେଟ୍ ପ୍ୟାକେଟ ବଦଳରେ ଖଣ୍ଡିକିଆ ସିଗାରେଟ୍ ଅଧିକ ବିକ୍ରି ହୋଇଥାଏ। କମ୍ ବୟସର ପିଲା ପକେଟରେ କମ୍ ଅର୍ଥ ଥିବାରୁ ସେ ଖଣ୍ଡିକିଆ କିଣିବାକୁ ପସନ୍ଦ କରିଥାଏ। କାରଣ ପୂରା ପ୍ୟାକେଟ କିଣିବା ପାଇଁ ଅର୍ଥ ଅଭାବ ପଡ଼ିଥାଏ। ଯଦି ଏଠାରେ ଖଣ୍ଡିକିଆ ସିଗାରେଟ୍ ବିକ୍ରି ଉପରେ ରୋକ ଲଗାଯାଇପାରନ୍ତା, ତାହାହେଲେ ଅନେକାଂଶରେ କମ୍ ବୟସର ଧୂମପାନକାରୀଙ୍କ ସଂଖ୍ୟା କମିଯାଆନ୍ତା। 'ଧୂମପାନ ସ୍ୱାସ୍ଥ୍ୟ ପାଇଁ ହାନିକାରକ'। ଏଥିସହିତ ସିଗାରେଟ୍ ପ୍ୟାକେଟ ଉପରେ ଯେଉଁ ଚିତ୍ର ଥାଏ, ତାହାକୁ ଦେଖିଲେ ଅନେକ ଡରିଯାଇ ଟାଣିବାକୁ ଭୟ କରିଥାନ୍ତି। କିନ୍ତୁ ଯେତେବେଳେ ଲୁଜ୍ ବା ଖୋଲାରେ ତାହା ଉପଲବ୍ଧ ହୋଇଯାଏ, ଯୁବପିଢ଼ିକୁ ସେହି ଭୟ ଗ୍ରାସ କରେନାହିଁ। ଦେଖିବାକୁ ଗଲେ ଭାରତର ପଡ଼ୋଶୀ ଦେଶଗୁଡ଼ିକରେ କେବଳ ବନ୍ଦ ପ୍ୟାକେଟ ବିକ୍ରି ହୋଇଥାଏ। ଭାରତରେ ପ୍ରଥମ ରାଜ୍ୟ ଭାବେ ମହାରାଷ୍ଟ୍ର ସେପ୍ଟେମ୍ବର ୨୦୨୦ରେ ଲୁଜ୍ ସିଗାରେଟ୍ ବିକ୍ରି ଉପରେ ପ୍ରତିବନ୍ଧକ ଲଗାଇଥିଲା। ଯେବେ ଏଭଳି ନିଷ୍ପତ୍ତି ନିଆଗଲା, ତା' ପରଠାରୁ ସେହି ରାଜ୍ୟରେ କମ୍ ବୟସର ପିଲାଙ୍କ ଧୂମପାନ ଅଭ୍ୟାସ କମିଯାଇଥିବା ସର୍ଭେରୁ ଜଣାପଡ଼ିଛି।

ସାଧାରଣତଃ ଦେଖାଯାଏ ଯେ, ୧୬ରୁ ୧୭ ବର୍ଷ ବୟସର କିଶୋର ଧୂମପାନ ଭଳି ଖରାପ ଅଭ୍ୟାସରେ ପଡ଼ିଯାଇଥାଆନ୍ତି। ଏହା ସ୍କୁଲ ଛାଡ଼ିବା ଓ କଲେଜ ଯିବାର ସମୟ। ନିଜକୁ ବଡ଼ ହୋଇଗଲେଣି ମନେକରି କୁସଙ୍ଗରେ ପଡ଼ି ଅନେକେ ସିଗାରେଟ୍ ଟାଣିବାକୁ ଚାହିଁଥାନ୍ତି। କିନ୍ତୁ ଯଦି ସମ୍ପୂର୍ଣ୍ଣ ପ୍ୟାକେଟ କିଣିବା ଆଇନସିଦ୍ଧ ହୋଇଯାଆନ୍ତା, ତାହାହେଲେ ଅଧିକାଂଶ ପଛଘୁଞ୍ଚା ଦେଇପାରନ୍ତେ ବୋଲି ଅନ୍ୟ ଦେଶରେ ହୋଇଥିବା ବିଭିନ୍ନ ସମୟର ସର୍ଭେରୁ ଜଣାପଡ଼ିଛି। ଖଣ୍ଡିକିଆ ସିଗାରେଟ୍ କିଣିବା ବେଳେ ଜଣେ ଯୁବକ ଉକ୍ତ ସାମଗ୍ରୀ ଉପରେ କେତେ ଟିକସ ଦେଲେ ତାହାକୁ ମଧ୍ୟ ଅନୁଭବ କରିପାରି ନ ଥାଆନ୍ତି। ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ସିଗାରେଟ୍ ଉପରେ ୧୦ ପ୍ରତିଶତ ଅଧିକ ଟିକସ ବସାଯାଇଥିବାରୁ ଧୂମପାନକାରୀଙ୍କ ସଂଖ୍ୟା ପ୍ରାୟ ୮ ପ୍ରତିଶତ କମିଯାଇଛି। ଅର୍ଥାତ୍ ଅର୍ଥକଷ୍ଟ ସେମାନଙ୍କ ଆଗ୍ରହକୁ ଚାପି ଦେଇଥାଏ।

ଭାରତରେ ଯେତେବେଳେ ଆଇନ କରାଯାଏ, ତାହା ଉପରେ ଅଧିକ ତର୍ଜମା ହେଉ ନ ଥିବାରୁ ଅନେକ ସମୟରେ ଅବାସ୍ତବ ସ୍ଥିତି ଉପୁଜୁଛି। ଆଇନ ପ୍ରଣୟନକାରୀ ସର୍ବଦା ନିର୍ଦ୍ଦିଷ୍ଟ ବିଷୟ ଉପରେ କାର୍ଯ୍ୟ କରୁଥିବା ବ୍ୟକ୍ତି ଓ ଅଂଶଗ୍ରହଣକାରୀଙ୍କଠାରୁ ପର୍ଯ୍ୟାପ୍ତ ମତାମତ ଲୋଡ଼ି ନିଷ୍ପତ୍ତି ନେଲେ ପ୍ରକୃତ ସମସ୍ୟାକୁ ସମାଧାନ କରାଯାଇପାରନ୍ତା। ମାଦକଦ୍ରବ୍ୟରୁ ଅତ୍ୟଧିକ ଟିକସ ପାଉଥିବାରୁ ତାହାର ବିକ୍ରିକୁ ସରକାର ବନ୍ଦ କରୁନାହାନ୍ତି। ଯଦିବା ବନ୍ଦ କରିଦିଆଯାଏ, ତଥାପି ଲୋକେ ଚୋରାରେ ପଡ଼ୋଶୀ ଦେଶରୁ ଚଢ଼ାଦରରେ କିଣି ପିଇବେ ବା ଟାଣିବେ। ଉଦାହରଣ ସ୍ୱରୂପ ଗୁଜରାଟରେ ମଦ ବିକ୍ରି ଉପରେ ପ୍ରତିବନ୍ଧକ ଲଗାଯାଇ ଡ୍ରାଏ ଷ୍ଟେଟ୍ ଘୋଷଣା କରାଯାଇଥିଲେ ହେଁ ସେଠାରେ ଅନେକେ ସହଜରେ ମଦ ପାଇପାରୁଛନ୍ତି। ତେଣୁ ଆଇନ କରିବା ପୂର୍ବରୁ ସମାଜର ସମ୍ପୃକ୍ତ ବର୍ଗଙ୍କ ମତାମତ ଲୋଡ଼ାଯିବା ଦରକାର। କେନ୍ଦ୍ର ସରକାର ନୂତନ ଚିଠା ଆଇନରେ ପ୍ୟାକେଟ ଖୋଲା ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା ଆବଶ୍ୟକ ପଡ଼ିଲାଣି। କେବଳ ବୟସ ବଢ଼ାଇ ଦେଲେ ସମସ୍ୟାର ସମାଧାନ ଆସିପାରିବ ନାହିଁ। ଅନେକ ସମୟରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଦେଖିଲେ ସେମାନଙ୍କ ବୟସ ଜାଣିବା କଷ୍ଟକର ହୋଇଥାଏ। ଅନେକ ପୁଅପିଲାଙ୍କ ଅତିଶୀଘ୍ର ନିଶଦାଢ଼ି ହେଉଥିବାରୁ ସେମାନଙ୍କ ବୟସ ଜାଣିବାର ଏକମାତ୍ର ପ୍ରମାଣପତ୍ର ହେଉଛି ଜନ୍ମଗତ ସାର୍ଟିଫିକେଟ। ସେଥିପାଇଁ ସରକାର ଆଣିବାକୁ ଯାଉଥିବା ଆଇନକୁ ମାନି ଚଳିଲେ ଯିଏ ସିଗାରେଟ୍ କିଣିବ, ସେ ଦୋକାନୀକୁ ତା'ର ଜନ୍ମ ସାର୍ଟିଫିକେଟ ଦେଖାଇବାକୁ ପଡ଼ିବ। ଏହା ସହିତ ଦୋକାନୀ ମଧ୍ୟ ସେହି ସାର୍ଟିଫିକେଟ ପଢ଼ିବାର ଯୋଗ୍ୟତା ରଖିଥିବା ଦରକାର।

ଆଇନ କଡ଼ାକଡ଼ି କରିଦିଆଯାଇ ଜରିମାନା ସହ ଜେଲଦଣ୍ଡ କ୍ଷମତାକୁ କଠୋର କରିଦେଲେ କେବଳ ପୋଲିସ ଲାଭବାନ୍ ହେବ। ଭାରତର ଡେମୋଗ୍ରାଫି ବା ଜନସଂଖ୍ୟା ତତ୍ତ୍ୱ ଦେଖିଲେ ସବୁ ଲୋକଙ୍କ ଉପରେ ସରକାରୀ କର୍ତ୍ତୃପକ୍ଷ ନଜର ରଖିବା ସମ୍ଭବ ନୁହେଁ। ସିଗାରେଟ୍ କଥା ଦେଖିଲେ ତୃଣମୂଳ ସ୍ତରରେ ଯେଉଁ ଖୁଚୁରା ବେପାରୀ ସିଧାସଳଖ ଲୋକଙ୍କୁ ତା' ସାମଗ୍ରୀ ବିକ୍ରି କରିଥାଏ, ସେ ଯଦି ନିଜ ଚରିତ୍ରକୁ ଲୁଜ୍ କରି ଖଣ୍ଡିକିଆ ଧୂମପାନ କାଠି ବଢ଼ାଇଦିଏ, ତାହା ହେଲେ ଜଗିବ କିଏ। ଏମିତି ଦେଖାଯାଇଛି, ଗାଁରେ ଦୋକାନୀ ବଡ଼ବାପା ବୋଲି ଡାକ ଶୁଣୁଥିଲେ ମଧ୍ୟ ନିଜ ଲାଭକୁ ଦେଖି ପୁତୁରା ହାତରେ ସିଗାରେଟ୍ ଧରାଇ ଦେଇଥାଏ।

ଭାରତରେ ଏହିଭଳି ଅନେକ ଆଇନ ପ୍ରଣୟନ କରାଯାଇଛି, ଯାହାର ତୃଣମୂଳ ସ୍ତରରେ ସଫଳ କାର୍ଯ୍ୟକାରିତାକୁ କେହି ଦୃଷ୍ଟି ଦେଉନାହାନ୍ତି। ଫଳସ୍ୱରୂପ, ଖୁବ୍‌ଶୀଘ୍ର ଏଭଳି ଏକ ସମୟ ଆସିବ, ଯେତେବେଳେ ସାଧାରଣ ନାଗରିକର ପ୍ରତ୍ୟେକ କାମ କୌଣସି ଗୋଟିଏ ଆଇନକୁ ଭଙ୍ଗ କରୁଥିବ। ଏହାଦ୍ୱାରା ଅଜାଣତରେ ପ୍ରତ୍ୟେକ ନାଗରିକ ଆଇନ ବିରୋଧୀ ହୋଇଯାଉଛନ୍ତି। ସେଥିପାଇଁ ବ୍ୟକ୍ତିଗତ ଜୀବନରେ କିଏ କେଉଁଭଳି ବଞ୍ଚିବାକୁ ଚାହୁଁଛି, ତାହା ଉପରେ ସରକାରୀ ଅଙ୍କୁଶ ରହିବା ଉଚିତ ନୁହେଁ।

## ସାପ୍ତାହିକ ପଞ୍ଜିକା

**ଡିସେମ୍ବର ୨୮, ୨୦୨୦:** ସରକାରୀ ସ୍କୁଲରେ ପଢିଲେ ଡାକ୍ତରୀ ଓ ଇଞ୍ଜିନିୟରିଂରେ ନାମ ଲେଖାଇବାର ସଂରକ୍ଷଣ ପାଇବେ ବୋଲି ସରକାର ଘୋଷଣା କରିଛନ୍ତି।

**ଡିସେମ୍ବର ୨୯:** କରୋନାର ନୂଆ ଷ୍ଟ୍ରେନ ଭାରତରେ ୮ ବିଟ୍ରେନ ଫେରନ୍ତାଙ୍କଠାରେ ମିଳିଛି।

**ଡିସେମ୍ବର ୩୦:** ବିଶିଷ୍ଟ ଓଡ଼ିଆ ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ରଙ୍କ ପରଲୋକ।

**ଡିସେମ୍ବର ୩୧:** ସୁନୀତ ଶର୍ମା ହେଲେ ରେଳ ବୋର୍ଡ ଅଧ୍ୟକ୍ଷ।

**ଜାନୁୟାରୀ ୧, ୨୦୨୧:** ଭାରତର ସେରମ ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା ପ୍ରସ୍ତୁତ କରୋନା ଟିକା କୋଭିଶିଲ୍ଡକୁ ମଞ୍ଜୁରୀ, ଫାଇଜରକୁ ଡବ୍ଲ୍ୟୁଏଚଓର ଅନୁମତି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | D | | 2 | | | | E | | |
| | | | E | | 4 | | | A | | | | 7 | | 6 |
| | 5 | C | | | | | | | | | B | 4 | | 2 |
| 7 | | | | 3 | 2 | | | 6 | D | | 4 | | 0 | |
| | 6 | | | | | B | | | | | C | 8 | | A |
| | | | | | 7 | 1 | | | | | | | | |
| | 7 | | 9 | 5 | A | 6 | 2 | | | | | | | |
| | 0 | D | | | 6 | | | | | C | | | | B |
| | | | | | | 5 | | C | | B | | | | |
| | 9 | | | D | E | 3 | 7 | | | 6 | 0 | | 1 | C |
| 5 | 3 | | A | | | 0 | | | | 1 | D | | | |
| 6 | | | | 2 | B | | 9 | D | 4 | | E | | | 7 |
| | A | 1 | 7 | | | | 8 | 4 | | | | | 3 | |
| | | | | 4 | 5 | | C | | | 0 | | | | |
| | E | 8 | | 1 | | 2 | | | B | 9 | | | | D |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | C | E | 8 | 5 | 0 | D | 4 | 3 | 6 | 1 | 2 | 7 | B | A |
| D | 3 | 7 | 6 | A | B | 2 | 9 | 1 | 5 | 0 | E | 4 | 8 | C |
| 2 | A | 4 | 1 | E | 9 | C | 8 | B | 7 | 3 | D | 0 | 5 | 6 |
| 0 | 6 | 1 | 3 | 4 | C | 7 | 5 | E | 8 | A | B | D | 9 | 2 |
| B | 5 | 8 | 7 | 2 | D | 0 | 6 | A | C | 4 | 9 | E | 1 | 3 |
| C | 7 | A | 0 | B | 6 | E | 3 | 2 | D | 8 | 5 | 1 | 4 | 9 |
| 1 | E | 3 | D | C | A | 8 | 7 | 4 | 9 | 6 | 0 | 5 | 2 | B |
| 5 | D | B | E | 3 | 7 | A | C | 9 | 1 | 2 | 4 | 8 | 6 | 0 |
| 6 | 8 | 9 | 2 | 1 | 4 | B | 0 | 5 | 3 | 7 | C | A | D | E |
| 4 | 0 | 2 | 9 | 8 | 5 | 1 | D | 6 | B | E | A | C | 3 | 7 |
| 7 | 2 | 5 | A | D | 8 | 6 | E | 0 | 4 | 9 | 3 | B | C | 1 |
| A | 4 | 0 | C | 9 | 1 | 3 | B | 8 | 2 | D | 7 | 6 | E | 5 |
| 8 | 1 | D | B | 0 | 2 | 9 | A | C | E | 5 | 6 | 3 | 7 | 4 |
| 3 | 9 | C | 4 | 6 | E | 5 | 1 | 7 | 0 | B | 8 | 2 | A | D |
| E | B | 6 | 5 | 7 | 3 | 4 | 2 | D | A | C | 1 | 9 | 0 | 8 |

ଗତକାଲିର ଉତ୍ତର



# ଗୋଲକଧନ୍ଦାରେ ଭାଗଚାଷୀର ଭାଗ୍ୟ

ସବ୍ୟସାଚୀ ଅମିତାଭ

ଓଡ଼ିଶାରେ ଭାଗଚାଷୀଙ୍କ ପ୍ରକୃତ ସଂଖ୍ୟା କେତେ? ଏହାର ନିର୍ଦ୍ଦିଷ୍ଟ ଉତ୍ତର କାହା ପାଖରେ ନାହିଁ। ଏ ପରିସ୍ଥିତିରେ ପ୍ରଶ୍ନ ଉଠିବା ସ୍ୱାଭାବିକ କଥା, ଏଇ ଭାଗଚାଷୀଙ୍କ ସ୍ୱାର୍ଥରକ୍ଷା କରିବା ଦାୟିତ୍ୱ କାହାର? ପରିସ୍ଥିତିକୁ ଦେଖିଲେ ଲାଗୁଛି, ଚାଷୀଙ୍କ ପାଇଁ ସରକାର ନିର୍ବିକାର ହୋଇଯାଇଛନ୍ତି ଓ ବିରୋଧୀ ଉଭୟ କୁମ୍ଭୀର କାନ୍ଦଣା କରୁଛନ୍ତି। ଭାଗଚାଷୀଙ୍କୁ ଆଇନଗତ ମାନ୍ୟତା ଓ ଅଧିକାର ଦେବାକୁ ସରକାର ଅତୀତରେ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଥିଲେ। ଏକାଧିକ ବାର ଏହି କମିଟି ବୈଠକ ବସିଥିଲେ ବି ପ୍ରସ୍ତାବିତ ଆଇନର ସ୍ୱରୂପକୁ ନେଇ କୌଣସି ସହମତି ବାହାରିନି। ଫଳରେ ଭାଗଚାଷୀଙ୍କ ସୁରକ୍ଷା କେବଳ ରାଜନୈତିକ ପ୍ରସଙ୍ଗ ହୋଇ ରହିଯାଇଛି।

କୃଷିପ୍ରଧାନ ଆମ ରାଜ୍ୟରେ ଅଧିକାଂଶ ଚାଷୀ ଭୂମିହୀନ। ଯେଉଁମାନଙ୍କ ପାଖରେ ଅଳ୍ପ ପରିମାଣର ଜମି ରହିଛି ସେମାନେ ସେଥିରେ ଚାଷ କରି ପରିବାର ଚଳାଉଛନ୍ତି। ଅପେକ୍ଷାକୃତ ଅଧିକ ଜମିର ମାଲିକ ଚାଷ ପାଇଁ ଅନ୍ୟ ଚାଷୀଙ୍କ ଉପରେ ନିର୍ଭରଶୀଳ। ଥିଲାବାଲା ଲୋକ ଚାଷକୁ ଭାଗରେ ଲଗାଇ ସୁଫଳ ପାଉଥିବା ବେଳେ ଚାଷୀ ପାଇଁ ବନ୍ୟା, ବାତ୍ୟା, ମରୁଡ଼ି ପରି ଦୈବୀ ଦୁର୍ବିପାକ ବିପତ୍ତି ଆଣୁଛି। ଭାଗଚାଷୀଙ୍କୁ ସୁବିଧା ଦେବା ପାଇଁ କୌଣସି ସ୍ୱତନ୍ତ୍ର ଆଇନ ବ୍ୟବସ୍ଥା ଲାଗୁ ହୋଇ ନ ଥିବାରୁ ସେମାନେ ଲାଭବାନ ହୋଇପାରୁନାହାନ୍ତି। ବିଶେଷକରି ପ୍ରାକୃତିକ ବିପର୍ଯ୍ୟୟଜନିତ କ୍ଷତି ପାଇଁ ସରକାର ଚାଷୀମାନଙ୍କୁ ଯୋଗାଇଦେଉଥିବା ସହାୟତା ପ୍ରକୃତ ଭାଗଚାଷୀ ପାଖରେ ପହଞ୍ଚିପାରୁନି। କାରଣ ଚାଷ କରୁଥିବା ଚାଷୀ ଜମିର ପ୍ରକୃତ ମାଲିକ ନୁହନ୍ତି।

ଚାଷୀଙ୍କୁ ଅଧିକାର ଦେବାକୁ ଅତୀତରେ ଭୂସଂସ୍କାର ଆଇନ ସଂଶୋଧନ କରାଯାଇଛି। ହେଲେ ପ୍ରକୃତ ଚାଷୀ ଏଯାଏ ଏହାର ଫାଇଦା ପାଇପାରିନାହାନ୍ତି। ଭୂସଂସ୍କାର ଆଇନ ଜମିଦାରମାନଙ୍କ ପାଖରେ ଥିବା ବଳକା ଜମିର ବଣ୍ଟନ କଥା କହୁଥିଲେ ବି ଭାଗଚାଷୀଙ୍କ ଅଧିକାରକୁ ଆଇନଗତ ସୁରକ୍ଷା ଦେବାରେ ବିଫଳ ହୋଇଛି। ଆଉ ୧୯୭୬ ମସିହାର ସଂଶୋଧନ ପରେ ରାଜ୍ୟରେ ଭାଗଚାଷ ଆଉ ଆଇନସମ୍ମତ ନ ଥିବାରୁ ଏଥିରେ ନିର୍ଭରଶୀଳ ଲକ୍ଷ ଲକ୍ଷ ଭାଗଚାଷୀ ବର୍ଷ ବର୍ଷ ଧରି ଶୋଷଣ ଓ ଉପେକ୍ଷା ଭିତରେ କାଳାତିପାତ କରୁଛନ୍ତି।

ଆମ ରାଜ୍ୟରେ କେତେ ଭାଗ ଜମି ଭାଗଚାଷରେ ରହିଛି ଓ କେତେ ଭାଗଚାଷୀ ଅଛନ୍ତି ତା'ର କୌଣସି ସର୍ଭେ ବର୍ତ୍ତମାନ ଯାଏ କରାଯାଇନି। ଆପେକ୍ଷିକ ହିସାବରୁ ଜଣାପଡ଼ିଛି, ରାଜ୍ୟରେ ଥିବା ୫୫ ଲକ୍ଷ ଚାଷୀ ପରିବାର ମଧ୍ୟରୁ ୮୦ ପ୍ରତିଶତ ହେଉଛନ୍ତି ଭାଗଚାଷୀ। ଆଉ ଭାଗଚାଷ ହେଉଥିବା ଜମିର ପରିମାଣ ହେଉଛି ରାଜ୍ୟର ମୋଟ ଜମିର ୫୦ ଭାଗ। ଜମି ଉପରେ କୌଣସି ଅଧିକାର ନ ଥିବାରୁ ତଥା ଭାଗଚାଷୀ ଭାବେ ଆଇନଗତ ମାନ୍ୟତା ନ ଥିବାରୁ ରାଜ୍ୟର ଲକ୍ଷ ଲକ୍ଷ ଭାଗଚାଷୀଙ୍କ ଭବିଷ୍ୟତ ଅନ୍ଧକାରରେ। ଅଧିକାଂଶ କ୍ଷେତ୍ରରେ ଭାଗଚାଷୀ ସବୁ ଖର୍ଚ୍ଚ ବହନ କରିଥାଏ। ଚାଷ ପାଇଁ ସରକାରୀ ଭାବେ ଉପଲବ୍ଧ ବିହନ, ସାର, କୀଟନାଶକ, ଫସଲ ବୀମା ଆଦି ପାଇବାରୁ ବଞ୍ଚିତ ହୁଏ ଭାଗଚାଷୀ। ଏପରିକି ଚାଷ ପାଇଁ ବ୍ୟାଙ୍କ୍ ଓ ସମବାୟ ସମିତିଗୁଡ଼ିକଠାରୁ ଅଳ୍ପ ସୁଧରେ ମିଳୁଥିବା ଋଣ ଜମି ମାଲିକ ନେଉଥିବା ବେଳେ ଭାଗଚାଷୀ ମହାଜନ, ଏସ୍‌ଏଚ୍‌ଜି ବା ମାଇକ୍ରୋଫାଇନାନ୍ସ ସଂସ୍ଥାଙ୍କଠାରୁ ଚଢ଼ା ସୁଧରେ ଋଣ କରିବାକୁ ବାଧ୍ୟ ହୁଏ। କୌଣସି କାରଣରୁ ଚାଷ କ୍ଷତିଗ୍ରସ୍ତ ହେଲେ ସବୁଠାରୁ ଅଧିକ ମାଡ଼ ପଡ଼େ ଭାଗଚାଷୀ ଉପରେ। କ୍ଷତି ପାଇଁ ମିଳୁଥିବା ସରକାରୀ ସହାୟତା ଜମି ମାଲିକର ପକେଟ୍‌କୁ ଯାଏ।

ଓଡ଼ିଶା ସରକାର ଭାଗଚାଷୀଙ୍କୁ ଅଧିକାର ଦେବାକୁ ଓଡ଼ିଶା ଏଗ୍ରିକଲଚର ଲ୍ୟାଣ୍ଡ ଲିଜିଂ ଆକ୍ଟ-୨୦୧୭ ଘୋଷଣା କରିଥିଲେ, ହେଲେ ଏହାର କାର୍ଯ୍ୟକାରିତା ପାଇଁ ଅଭାବ ରହିଛି ଆନ୍ତରିକତାର। ଫଳରେ ଏହି ଆଇନ ବାସ୍ତବ ରୂପ ନେଇପାରୁନି। ଭାଗଚାଷୀ କିପରି ଚିହ୍ନଟ ହେବେ ଏହାର ପ୍ରକ୍ରିୟା ସ୍ଥିର କରିବାକୁ ପଡ଼ିବ। ଆଇନରେ ଦଣ୍ଡର ବ୍ୟବସ୍ଥା ନ ରହିଲେ, କୌଣସି ଜମି ମାଲିକ ନିଜ ଜମି ଭାଗଚାଷରେ ଅଛି ବୋଲି କେବେ ବି ସ୍ୱୀକାର କରିବେନି। ଏକ୍ଷେତ୍ରରେ ପଶ୍ଚିମବଙ୍ଗ ଢାଞ୍ଚାରେ 'ବର୍ଡନ ଅଫ୍ ପ୍ରୁଫ୍' ଜମି ମାଲିକଙ୍କ ଉପରେ ନ୍ୟସ୍ତ ରହିବା ଦରକାର। ଫଳରେ ଜମି ଭାଗଚାଷରେ ଅଛି ବୋଲି ଜମି ମାଲିକ ଘୋଷଣାନାମା ଦାଖଲ କରିବାକୁ ବାଧ୍ୟ ହେବେ, ଆଉ ଭୁଲ୍ ତଥ୍ୟ ଦେଲେ ଦଣ୍ଡିତ ହେବାର ବ୍ୟବସ୍ଥା ରହିବା ବି ଦରକାର।

ସେହିପରି ଫସଲର ଭାଗବଣ୍ଟା ପ୍ରସଙ୍ଗକୁ ନେଇ ମଧ୍ୟ ପ୍ରସ୍ତାବିତ ଆଇନରେ ଅଡୁଆ ରହିଛି। ପ୍ରସ୍ତାବିତ ଆଇନର ଡ୍ରାଫଟ୍ ରିଜୋଲ୍ୟୁଶନ ଅନୁସାରେ, ଭାଗଚାଷୀ ଜମିମାଲିକଙ୍କୁ ଉତ୍ପାଦିତ ଫସଲର ଅଂଶ ଅବା ନଗଦ ଅର୍ଥ ଦେବାର ବ୍ୟବସ୍ଥା ରହିଛି। ତେବେ ଭାଗଚାଷୀ ଯଦି ନଗଦ ଅର୍ଥ ଦେଉଛି ତା'ହେଲେ ଏହା ଅତୀତରେ ଉଚ୍ଛେଦ ହୋଇଥିବା ଜମିଦାରି ବ୍ୟବସ୍ଥାକୁ ପୁଣିଥରେ ଫେରାଇଆଣୁଛି। ଏପରି ସ୍ଥିତିରେ ଭାଗଚାଷୀଙ୍କୁ ଉତ୍ପାଦିତ ଫସଲର କେତେ ଅଂଶ ଜମିମାଲିକଙ୍କୁ ଦେବାକୁ ହେବ ତାକୁ ସରକାର ସ୍ଥିରୀକୃତ କରିପାରୁନାହାନ୍ତି। ଫଳରେ ଅଡୁଆ ତୁଟୁନି। ଯଦି ପଶ୍ଚିମବଙ୍ଗ ଢାଞ୍ଚାରେ ମୋଟ ଉତ୍ପାଦିତ ଫସଲକୁ ତିନି ଭାଗ କରି ଭାଗେ ଜମି ମାଲିକଙ୍କୁ, ଭାଗେ ଶ୍ରମ ପାଇଁ ଭାଗଚାଷୀକୁ ଓ ଶେଷ ଭାଗକୁ ଉତ୍ପାଦନ ଖର୍ଚ୍ଚ ତୁଲାଇବା ପାଇଁ ରଖାଯିବ ତେବେ ସମାଧାନର ବାଟ ବାହାରିପାରେ। ସେହିପରି ପ୍ରସ୍ତାବିତ ଆଇନରେ ଜମି ମାଲିକ ଓ ଭାଗଚାଷୀଙ୍କ ମଧ୍ୟରେ ବୁଝାମଣାପତ୍ର ବା ଲିଜ୍ ଚୁକ୍ତି ସ୍ଥାନୀୟ ତହସିଲଦାରଙ୍କ ପାଖେ ହେବାର ବ୍ୟବସ୍ଥା ରହିଛି, ଯାହାର ଅବଧି ରହିବ ୩ ବର୍ଷ। ତେବେ ଏହି ଅବଧିକୁ ସମୟସୀମାକୁ ଅତି କମ୍‌ରେ ୫ ବର୍ଷ କରିବାକୁ ବିଭିନ୍ନ ଚାଷୀ ସଂଗଠନ ଦାବି କରୁଛନ୍ତି। ଚୁକ୍ତି ଅବଧି ଭିତରେ ଜମି ବିକ୍ରି ହେଲେ, ନୂଆ ମାଲିକଙ୍କ ସହ ଚୁକ୍ତି ପୁନଃ ନବୀକରଣର ବ୍ୟବସ୍ଥା ହେବା ଉଚିତ। ଭାଗଚାଷ ପାଇଁ ରାଜିନାମା ଠିକ୍ ହେବା ପରେ ହିଁ ଭାଗଚାଷୀଙ୍କୁ ସରକାରଙ୍କ ତରଫରୁ ପରିଚୟପତ୍ର ପ୍ରଦାନର ବ୍ୟବସ୍ଥା ହେବା ଦରକାର। ଯାହାକୁ ଦେଖାଇ ଭାଗଚାଷୀ ଚାଷୀ ଭାବେ କୃଷିଋଣଠାରୁ ଆରମ୍ଭ କରି ମଣ୍ଡିରେ ଧାନ ବିକିବା ଯାଏ ଥିବା ସରକାରୀ ଫାଇଦା ସହଜରେ ପାଇପାରିବ। ବନ୍ୟା, ବାତ୍ୟା, ମରୁଡ଼ି ପରି ଦୈବୀ ଦୁର୍ବିପାକ ସମୟରେ ଚାଷ କରୁଥିବା ଭାଗଚାଷୀଙ୍କୁ ହିଁ କ୍ଷତିପୂରଣ ରାଶି ମିଳିବା ଦରକାର, ଏହା ସରକାରଙ୍କୁ ସୁନିଶ୍ଚିତ କରିବାକୁ ହେବ। ଯଦି କୌଣସି ବିକାଶମୂଳକ କାମ ପାଇଁ ଜମି ଅଧିଗ୍ରହଣ ହୁଏ, ତେବେ ଜମି ମାଲିକ ସହ ଭାଗ କରୁଥିବା ଚାଷୀ ବି ଯେପରି କ୍ଷତିପୂରଣ ରାଶି ସହ ଥଇଥାନ ଓ ପୁନର୍ବାସ ପ୍ୟାକେଜର ଅଂଶ ବିଶେଷ ହେବ ତାକୁ ମଧ୍ୟ ନୂଆ ଆଇନରେ ସରକାରଙ୍କୁ ବ୍ୟବସ୍ଥା କରିବାକୁ ପଡ଼ିବ।

ସେହିପରି ଅନେକ କ୍ଷେତ୍ରରେ ଦେଖାଯାଉଛି, ଭାଗଚାଷୀମାନେ ବି ଅଧିକ ଲାଭ ଆଶାରେ ଜମିରେ ପ୍ରଚୁର ପରିମାଣର ରାସାୟନିକ ସାର ଓ କୀଟନାଶକ ବ୍ୟବହାର କରୁଛନ୍ତି। ଏହାଦ୍ୱାରା ଜମି ଉର୍ବରତା ନଷ୍ଟ ହେଉଛି ଓ ଏହା କ୍ରମଶଃ ବନ୍ଧ୍ୟାଜମିରେ ପରିଣତ ହେଉଛି। ଏପରିସ୍ଥିତିରେ ଜମି ମାଲିକମାନେ କ୍ଷତି ସହୁଛନ୍ତି। ଲିଜ୍ ଜମିରୁ ଭାଗଚାଷୀଙ୍କୁ ଉଚ୍ଛେଦ କରାଯାଇପାରିବନି ବୋଲି ବ୍ୟବସ୍ଥା କରିବା ବେଳେ ଏସବୁ ଦିଗ ପ୍ରତି ବି ସରକାରଙ୍କୁ ନଜର ଦେବାକୁ ପଡ଼ିବ। ଏହାସହ ଲିଜ୍ ବ୍ୟବସ୍ଥାକୁ ଅସ୍ତ୍ର କରି ଯେପରି କୌଣସି ଭାଗଚାଷୀ ଜମିର ମାଲିକାନା ଜାହିର ନ କରନ୍ତି ସେ ବ୍ୟବସ୍ଥା ମଧ୍ୟ ରଖିବାକୁ ହେବ। ମୋଟାମୋଟି ଲିଜ୍ ବ୍ୟବସ୍ଥାକୁ ସରଳ କରାଗଲେ ଏବଂ ଜମି ଚାଲିଯିବାର ଭୟ ନ ରହିଲେ ଜମି ମାଲିକମାନେ ଭାଗଚାଷୀଙ୍କ ସହ ଚୁକ୍ତି କରିବାକୁ ଆଗେଇ ଆସିପାରନ୍ତି। ନଚେତ୍ ଜମି ପକାଇ ରଖିବେ ପଛେ କାଗଜପତ୍ରରେ ଭାଗଚାଷୀଙ୍କ ସହ କେହି ଲିଜ୍ କରିବାକୁ ରାଜି ହେବେନି। ଏପରିସ୍ଥିତିରେ ଭାଗଚାଷୀଙ୍କୁ ଅଧିକାର ମିଳିବା ଦୂରେ ଥାଉ ବରଂ ଚାଷ ଉତ୍ପାଦନ ବି କମିବ। ଭାଗଚାଷୀ ପ୍ରକରଣରେ ଚାବିକାଠି ସରକାରଙ୍କ ହାତରେ। ଦୁଇ ପକ୍ଷଙ୍କୁ ଫାଇଦା ହେବା ପରି ବାଟ ବାହାର କରାଗଲେ ସମସ୍ତଙ୍କ ପାଇଁ ମଙ୍ଗଳ।

ଭୁବନେଶ୍ୱର, ମୋ-୯୪୩୮୨୯୬୫୧୯



# ବିଶ୍ୱର ଫାର୍ମାସୀ ଭାରତ

ଡ. ନରେନ୍ଦ୍ର ସେଠୀ

ଟିକା ନେବା ରୋଗ ପାଇଁ ଏକ ପ୍ରତିଷେଧକ ବ୍ୟବସ୍ଥା। ଏହା ଆମ ଶରୀର ଭିତରେ ରୋଗ ପ୍ରତିରୋଧକ ଶକ୍ତି ବିକଶିତ କରେ। ତେ ବେ କରୋନା ମହାମାରୀ ପାଇଁ କୋଉଦିନ ପ୍ରତିଷେଧକ ଟିକା ଆସିବ ପୂରା ଦେଶ ଅନେଇ ବସିଛି। ଭାରତ ସମେତ ଅନେକ ଦେଶ ଏଥିପାଇଁ ଅଣ୍ଟା ଭିଡି ସାରିଛନ୍ତି। ବୈଶିକ ମହାମାରୀ କରୋନା ପାଇଁ କୌଣସି ଔଷଧ ନ ଥିବା ବେଳେ ସମଗ୍ର ବିଶ୍ୱ ଅତି ବ୍ୟଗ୍ରତାର ସହ ଟିକା ପାଇଁ ଅପେକ୍ଷା କରିଛି। ଆଉ କିଛିଦିନ ପରେ କରୋନା ଟିକା ପ୍ରସ୍ତୁତ ହୋଇଯିବ ବୋଲି ପ୍ରଧାନମନ୍ତ୍ରୀଙ୍କ ବୟାନ ଶୁଣିଲା ପରେ ଦେଶବାସୀ ଆଶ୍ୱସ୍ତ ଲାଭ କଲେ। ତୃତୀୟ ବା ଅନ୍ତିମ ସୋପାନରେ ଭାରତ ବାୟୋଟେକ ପକ୍ଷରୁ ବିକଶିତ ଟିକାକୁ ଦେଶର ଦଶଟି ସହରର ୧୮ ବର୍ଷରୁ ଅଧିକ ୨୮, ୫୦୦ ସ୍ୱେଚ୍ଛାକୃତ ଲୋକଙ୍କୁ ଦିଆଯିବାର ଯୋଜନା ରହିଛି। ଏହା ଭିତରେ ରୁଷ, ବ୍ରିଟେନ ପ୍ରଭୃତି ଦେଶରେ ଟିକା ବିକଶିତ ହେଇ ଲୋକମାନଙ୍କୁ ଦିଆ ଗଲାଣି। ଯଦିଓ ବିଭିନ୍ନ ଦେଶରେ ଏହିପରି ୧୭୦ଟି ପୃଥକ୍ ପୃଥକ୍ କରୋନା ଟିକା ବିକାଶ କାର୍ଯ୍ୟ ଚାଲିଥିବା ବେଳେ ଭାରତରେ ବିକଶିତ ଟିକା କୋଭାକ୍‌ସିନ ଉପରେ ପୂରା ବିଶ୍ୱର ନଜର ରହିଛି। କାରଣ ବିଶ୍ୱର ସର୍ବାଧିକ ଷାଠିଏ ପ୍ରତିଶତ ଟିକା ଭାରତରେ ଉତ୍ପାଦନ ହେଇଥାଏ। ଅର୍ଥାତ୍ ବିଶ୍ୱର ପ୍ରତି ପାଞ୍ଚ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ତିନିଜଣ ନେଉଥିବା ଟିକା ଭାରତରେ ତିଆରି ହେଇଥାଏ। ସୂଚନାଯୋଗ୍ୟ, ପୁଣେରେ ଅବସ୍ଥିତ ସେରମ ଇନ୍‌ଷ୍ଟିଚ୍ୟୁଟ ଅଫ ଇଣ୍ଡିଆ ବିଶ୍ୱର ସର୍ବାଧିକ ଟିକା ତିଆରି ଓ ରପ୍ତାନି କରୁଥିବା କମ୍ପାନୀ। ତେଣୁ ଭାରତକୁ ବିଶ୍ୱର ଫାର୍ମାସୀ ବୋଲି ମଧ୍ୟ କୁହାଯାଏ କାରଣ ଭାରତ ବିଶ୍ୱର ଅନ୍ୟତମ ଦଶଟି ସର୍ବାଧିକ ଔଷଧ ରପ୍ତାନିକାରୀ ରାଷ୍ଟ୍ର ଭିତରେ ଅଛି। ଅନେକ ରୋଗର ଔଷଧ ଏଇଠି ତିଆରି ହୋଇ ବିଶ୍ୱକୁ ରପ୍ତାନି ହେଇଥାଏ। ଖାଲି ସେତିକି ନୁହେଁ, କୋଭିଡ୍ ସମୟରେ ଭାରତ ମାସ୍କ ଓ ଅନ୍ୟ ସୁରକ୍ଷା ଉପକରଣ ତିଆରି କରିବାରେ ଆତ୍ମ ନିର୍ଭରଶୀଳ ହୋଇପାରିଥିଲା।

ନିକଟ ଅତୀତରେ କ୍ଲୋରୋକୁଇନ୍ ବଟିକାକୁ ବିଶ୍ୱର ୧୫୦ରୁ ଅଧିକ ଦେଶକୁ ଯୋଗେଇ ଭାରତ ତା'ର ଔଷଧ ତିଆରି କ୍ଷମତାକୁ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ବୈସୁଧେବ କୁଟୁମ୍ବକମ୍ ମନ୍ତ୍ରକୁ ସାକାର କରିଥିଲା। ପ୍ରାଚୀନ ଭାରତରେ ଧନ୍ୱନ୍ତରି, ଶୁଶ୍ରୁତ, ଚରକ ଇତ୍ୟାଦି ମହାନ୍ ଚିକିତ୍ସକମାନେ ଚମତ୍କାର ଚିକିତ୍ସା ପଦ୍ଧତି ବିଶ୍ୱକୁ ଦେଇଥିଲେ। ଆୟୁର୍ବେଦ ଏକମାତ୍ର ଚିକିତ୍ସା ଓ ଉପଚାର ପଦ୍ଧତି ଭାବରେ ମଣିଷ ପାଖରେ ଥିଲା। ସେଇ ଧରୋହରକୁ ଆଗେଇ ନେଇ କରୋନା ମହାମାରୀ ସମୟରେ ଭାରତ ପୁଣି ସାରା ବିଶ୍ୱର ସାହା ଭରସା ହୋଇ ଛିଡ଼ା ହୋଇଛି। ଆମ ଦେଶର ତିନୋଟି ଗବେଷଣା ସଂସ୍ଥା କରୋନା ଏକା ସାଙ୍ଗରେ ଟିକା ବିକଶିତ କରି ସାରା ବିଶ୍ୱକୁ ଚକିତ କରିଛନ୍ତି। ନିକଟରେ ଷାଠିଏଟି ଦେଶର ରାଷ୍ଟ୍ରଦୂତ ହାଇଦ୍ରାବାଦ ସ୍ଥିତ ଭାରତ ବାୟୋଟେକ, ସେରମ୍ ଇନ୍‌ଷ୍ଟିଚ୍ୟୁଟ ଓ ବାୟୋଲୋଜିକାଲ ପରିଦର୍ଶନ କରି ଭାରତର ଟିକା ଉତ୍ପାଦନ କ୍ଷମତା ଓ ଆନୁଷଙ୍ଗିକ ବ୍ୟବସ୍ଥା ବୁଲି ଦେଖିଥିଲେ। ଅର୍ଥାତ ବିଶ୍ୱର ଅନ୍ୟ ଦେଶରେ ଟିକା ବିକଶିତ ହେଇ ଉତ୍ପାଦନ ହେଲେ ମଧ୍ୟ ସାରା ବିଶ୍ୱର ନଜର ଭାରତ ତିଆରି ଶସ୍ତା ଓ କାରିଗର ଟିକା ଉପରେ ରହିଛି। ତେଣୁ ବର୍ତ୍ତମାନ ସମୟରେ ଭାରତକୁ ଟିକା ଗୁରୁ ଆଖ୍ୟା ଦିଆ ଗଲାଣି। ବର୍ତ୍ତମାନ ଭାରତ ଏକ ଅଗ୍ରଣୀ ଔଷଧ ଉତ୍ପାଦକ ରାଷ୍ଟ୍ର ଭାବରେ ମୁଣ୍ଡ ଟେକିଛି। ୧୯୬୦ ଦଶକରେ ଯେତେବେଳେ ଭାରତ ସରକାର ଔଷଧ ତିଆରି ପାଇଁ ପ୍ରୋତ୍ସାହନ ଦେବା ଆରମ୍ଭ କଲେ ସେତେବେଳେ ଭାରତ ଅଧିକାଂଶ ଔଷଧ ବାହାରୁ ଆମଦାନୀ କରୁଥିଲା। ୨୦୧୮ ମସିହାରେ ଭାରତ ସରକାରଙ୍କ ଏକ ରିପୋର୍ଟ ଅନୁଯାୟୀ ଭାରତର ଔଷଧ ବ୍ୟବସାୟ ଏକ ଲକ୍ଷ କୋଟି ଟଙ୍କାରୁ ଅଧିକ ହେଲାଣି। ବିଶ୍ୱର ଅନ୍ୟତମ ଅଗ୍ରଣୀ ଔଷଧ ପ୍ରସ୍ତୁତକାରୀ କମ୍ପାନୀଗୁଡିକ ଭାରତୀୟ। ୨୦୧୭-୧୮ ଆର୍ଥିକ ବର୍ଷରେ ଭାରତ ୧୭.୨୭ ବିଲିୟନ ଡଲାରର ଔଷଧ ରପ୍ତାନି କରିଥିଲା। ସିପ୍ଲା, ରାନବାକ୍ସି, ରେଡିଜ ଲ୍ୟାବ, ସନ ଫାର୍ମା, ସିପଲା, ଅରବିନ୍ଦ ଫର୍ମା, ଲୁପିନ, ଯାଇଦସ, ଆଲକେମ ଇତ୍ୟାଦି ଭାରତୀୟ ଔଷଧ ତିଆରି କମ୍ପାନୀ ବିଶ୍ୱରେ ନିଜକୁ ପ୍ରତିଷ୍ଠିତ କରି ପାରିଛନ୍ତି। ଏହି ପରିପ୍ରେକ୍ଷୀରେ ଭାରତକୁ ବିଶ୍ୱର ଔଷଧାଳୟ ବା ଫାର୍ମାସୀ କହିଲେ ଭୁଲ୍ ହବନି।

ତେବେ କୌଣସି ରୋଗ ପାଇଁ ଟିକା ତିଆରି କରିବା ଏତେ ସହଜ କାମ ନୁହେଁ ଓ ଏଥିପାଇଁ ବର୍ଷ ବର୍ଷ ଲାଗିପାରେ। ଏତେ ସ୍ୱଳ୍ପ ସମୟ ଭିତରେ କରୋନା ଟିକା ବିକଶିତ ହୋଇଥାଇ ପାରିଥିବାରୁ ତାହା ନିଶ୍ଚୟ ଏକ ଚମତ୍କାର କହିଲେ ଭୁଲ୍ ହେବନି। ଉଦାହରଣ ସ୍ୱରୂପ ଏଡ଼ସ ପରି ରୋଗ ପାଇଁ ପ୍ରତିଷେଧକ ତିଆରି କରିବା ପାଇଁ କୋଡିଏ ବର୍ଷ ହେଲା ଚେଷ୍ଟା ଚାଲିଛି। କହିବା ବାହୁଲ୍ୟ ଯେ SARS, MERS ଭଳି ଅନେକ ଥଣ୍ଡା କାଶ ଜର ଭଳି ରୋଗର ସମୂହ ଶ୍ରେଣୀରେ ଆସୁଥିବା କୋଭିଡ୍-୧୯ ଭାଇରସକୁ ଏପର୍ଯ୍ୟନ୍ତ ସକ୍ଷମତାର ସହ ମୁକାବିଲା କରାଯାଇ ପାରିନି। ବିଶ୍ୱରେ SARS ଓ MERS ଭଳି ରୋଗ ପାଇଁ ମଧ୍ୟ ଠିକ୍ ଭାବରେ ଟିକାଟିଏ ବାହାରି ପାରିନି। ସେହିପରି ଆମେରିକାର ବୈଜ୍ଞାନିକ ଜନ କୋମଲର ଦ୍ୱାରା ୧୯୩୫ ମସିହାରୁ ପ୍ରଥମ କରି ଆରମ୍ଭ ହୋଇଥିବା ପୋଲିଓ ରୋଗର ଟିକା ଯଦିଓ ସମ୍ପୂର୍ଣ୍ଣ ନିରାପଦ ନ ଥିଲା ତାହା ଧୀରେ ଧୀରେ ବିକଶିତ ହୋଇ ଆଜିର ସ୍ତରରେ ପହଞ୍ଚିଛି। ଏହା ପଛରେ ଅନେକ ଦେଶର ଅନେକ ଭୂତାଣୁବୀତ୍‌ମାନଙ୍କର ଚେଷ୍ଟା ରହିଛି। ସେହିପରି ଆଉ ଗୋଟେ ଭୂତାଣୁଜନିତ ରୋଗ ହେଲା ମିଳିମିଳା, ଯାହାର ସଫଳ ଟିକା ଉପଲବ୍ଧ। ଏହି ଟିକାର ବିକାଶ ପାଇଁ ୧୯୫୪ ମସିହାରୁ ୧୯୬୩ ମସିହା ପର୍ଯ୍ୟନ୍ତ ଅର୍ଥାତ ଦଶ ବର୍ଷ ଲାଗିଥିଲା। ପରେ ଏକ ଘରୋଇ କମ୍ପାନୀ ୧୯୭୧ ମସିହାରେ MMR ଟିକା ବଜାରକୁ ଆଣିଲା, ଯାହା ଏପର୍ଯ୍ୟନ୍ତ ବ୍ୟବହାର ହେଉଛି। ସେହିପରି ହେପାଟାଇଟିସ ପାଇଁ ଟିକା ୧୯୬୮ ମସିହାରୁ ଗବେଷଣା ଆରମ୍ଭ କରି ଶେଷରେ ୨୦୧୭ ବେଳକୁ ଏକ ସମ୍ପୂର୍ଣ୍ଣ ଦୁଇ ଡୋଜ ବିଶିଷ୍ଟ ଟିକା ଆମେରିକାର ଖାଦ୍ୟ ଓ ଔଷଧ ପ୍ରଶାସନ ସଂସ୍ଥା ଦ୍ୱାରା ସ୍ୱୀକୃତି ଲାଭ କରିଥିଲା। ତେଣୁ ଟିକା ବିକଶିତ କରିବା ଭଳି ଲମ୍ବା ଓ ସମୟ ସାପେକ୍ଷ ପ୍ରକ୍ରିୟାକୁ ତରବର କରି ଛୋଟ କରି ଦିଆଗଲେ ଏହାର ଗୁଣାତ୍ମକ ଦିଗ କମିଯିବାର ସମ୍ଭାବନା ଅଛି।

ବୈଜ୍ଞାନିକ, ଭାବା ପରମାଣୁ ଗବେଷଣା କେନ୍ଦ୍ର, ପରିବେଶ ନିରୀକ୍ଷଣ ପରୀକ୍ଷାଗାର, ଯାଦୁଗୁଡା, ପୂର୍ବ ସିଂଭୁମି, ଝାରଖଣ୍ଡ, ମୋ-୯୪୭୧୩୮୦୮୧୦

## ଏଇ ଭାରତରେ

ବାଇକର ଓଜନ ମାତ୍ର ୩୫ କିଲୋଗ୍ରାମ। ଏହାକୁ ପୁଣି ଚଳାଇବେ ବିନା ଡ୍ରାଇଭିଂ ଲାଇସେନ୍ସରେ। ଏମିତି କଥା ଶୁଣି ଆଶ୍ଚର୍ଯ୍ୟ ହେଉଥିବେ, ହେଲେ ଏହା ସତ। ହାଇଦ୍ରାବାଦର ଭାମ୍‌ସି ଗଡାମ ଏଭଳି ଇଲେକଟ୍ରୋନିକ ବାଇକ ନିର୍ମାଣ କରିଛନ୍ତି। ଭାମ୍‌ସିଙ୍କ ଷ୍ଟାର୍ଟ ଅପ୍ 'ଅଟୋମୋବାଇଲ' ଏହି ବାଇକ ପ୍ରସ୍ତୁତ କରିଛି। ଥରେ ଚାର୍ଜ ହେଲେ ଯାଉଛି ୧୦୦ କି.ମି.। ଏହା ଅତି ବେଶିରେ ଘଣ୍ଟାକୁ ୨୫ କି.ମି. ବେଗରେ ଯାଉଛି। ଏଥିପାଇଁ ଏହି ବାଇକ ଚଳାଇବା ଲାଗି ଚାଳକଙ୍କୁ ଡ୍ରାଇଭିଂ ଲାଇସେନ୍ସର ଆବଶ୍ୟକତା ରହୁନି। ସବୁଠୁ କମ୍ ବେଗରେ ମୋଟରସାଇକେଲ ଭାବେ ଏହାକୁ ଇଣ୍ଟରନ୍ୟାଶନାଲ ସେଣ୍ଟର ଫର ଅଟୋମୋଟିଭ ଟେକନୋଲୋଜି (ଆଇସିଏଟି) ସ୍ୱୀକୃତି ଦେଇଛି। ଏହି ବାଇକର ନାମ ରଖାଯାଇଛି ଏଟିୟୁଏମ୍ ୧୦। ହାମ୍‌ସି ଆମେରିକାର ପୁର୍‌ଡ୍ୟୁ ବିଶ୍ୱବିଦ୍ୟାଳୟରୁ ବିଜନେସ ମ୍ୟାନେଜମେଣ୍ଟରେ ଡିଗ୍ରୀ ହାସଲ କରିଛନ୍ତି। ଭାମ୍‌ସିଙ୍କ ସହ ଆଉ ୧୦ ଜଣ ଇଞ୍ଜିନିୟର ମିଶି ଏହି ବାଇକ୍ ତିଆରି କରିବା ସହ ଏହାର ପରୀକ୍ଷଣ ମଧ୍ୟ ଶେଷ କରିଛନ୍ତି। ବ୍ୟାଟେରି ଚାର୍ଜ ଜାଣିବା ଲାଗି ଡିଜିଟାଲ ଡିସପ୍ଲେ ରହିଛି। ଏବେ ସୁଦ୍ଧା ଏହି ବାଇକ ପାଇଁ ୩୦୦ ଜଣ ବୁକିଂ କରିସାରିଲେଣି। ଭାରତର ବିଭିନ୍ନ ରାଜ୍ୟରୁ ଏହି ସବୁ ବିକିଂ ହେଉଛି। ଏହାର ମୂଲ୍ୟ ରଖାଯାଇଛି ୫୦ ହଜାର ଟଙ୍କା। ତେବେ ଏହାର ଚାହିଦା ବୃଦ୍ଧି ପାଇଲେ ଦିନକୁ ୨୫୦-୩୦୦ ବାଇକ୍ ତାଙ୍କ ଷ୍ଟାର୍ଟଅପରେ ନିର୍ମାଣ କରାଯାଇପାରିବ ବୋଲି କହନ୍ତି ଭାମ୍‌ସି।

## ୨୫ ବର୍ଷ ତଳର ଧରିତ୍ରୀ

**୪ ଜାନୁୟାରୀ ୧୯୯୬**

- ଇଜିପ୍ଟ ରାଷ୍ଟ୍ରପତି ହୋସନ ମୁବାରକ ଦେଶର ନୂତନ ପ୍ରଧାନମନ୍ତ୍ରୀ ଭାବେ ମଲ ଅଲ ଗଞ୍ଜୁରିଙ୍କୁ ମନୋନୀତ କରିଛନ୍ତି।
- ଆଫଗାନିସ୍ତାନର ରାଜଧାନୀ ବାକୁଲ ଉପରେ ରକେଟ ମାଡ଼ ହେବା ଫଳରେ ୫ ଜଣ ଶିଶୁଙ୍କ ସହ ୨୦ ଜଣ ନାଗରିକ ପ୍ରାଣ ହରାଇଛନ୍ତି।
- ବହୁଚର୍ଚ୍ଚିତ ଲେଖକ ସଲମାନ ରଶ୍‌ଡି ନିଜର 'ଦି ମୁରସ୍ ଲାଷ୍ଟ ସାଏ' ପୁସ୍ତକ ପାଇଁ 'ହ୍ୱିଟବ୍ରେଡ ନଭେଲ' ପୁରସ୍କାର ପାଇବାକୁ ମନୋନୀତ।
- ଆଲ୍ଲାହାବାଦର ବିଶିଷ୍ଟ ଶିକ୍ଷାବିତ୍ ଡ. ଶମ୍ଭୁନାଥ ଉପାଧ୍ୟାୟଙ୍କ ୮୫ ବର୍ଷ ବୟସରେ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ଏଆର୍‌ସି-ଚୌଦ୍ୱାର ବସ୍ ଚାଲୁ

ମହାଶୟ,

ଦୈନିକ ଚୌଦ୍ୱାର ଏଆରସି ଚାରବାଟିଆଠାରୁ କଟକ ବସ ଚାଲୁଥିଲା। ଉକ୍ତ ବସରେ ଛାତ୍ର, କର୍ମଚାରୀ, ରୋଗୀ ପ୍ରଭୃତି କଟକ ଯିବାଆସିବା କରୁଥିଲେ। ଏପରି କି ସନ୍ଧ୍ୟା ୭ଟାରୁ ରାତି ୮ଟା ପର୍ଯ୍ୟନ୍ତ ଶେଷ ବସ କଟକରୁ ଫେରୁଥିଲା। ତେଣୁ ବହୁ ସୁବିଧା ହେଉଥିଲା। କିନ୍ତୁ ଏବେ କରୋନା ଯୋଗୁ ସେସବୁ ବନ୍ଦ ହୋଇଯାଇଛି। ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ବିଧାୟକ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ପୂର୍ବପରି ବସ ଚାଲୁ କରିବା ପାଇଁ ପଦକ୍ଷେପ ନେଇ ଅସୁବିଧା ଦୂର କରିବାକୁ ବିନମ୍ର ନିବେଦନ।

-ବିବେକାନନ୍ଦ ସୁବୁଦ୍ଧିରାୟ, ଦେବୀନଗର, ଚୌଦ୍ୱାର, କଟକ

### ଶିଖରପୁରରେ ଫ୍ଲାଇଓଭର ହେଉ

କଟକର ଶିଖରପୁରଠାରେ ପ୍ରସ୍ତାବିତ ଫ୍ଲାଇଓଭର ସେତୁ ନିର୍ମାଣ ତୁରନ୍ତ କରାଯାଉ। କେନ୍ଦ୍ରର ଅନୁମୋଦନ ହୋଇଥିଲେ ମଧ୍ୟ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ। ବର୍ଷକୁ ଶହ ଶହ ଲୋକଙ୍କର ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ବିଳମ୍ବ ଅଧିକ ହେଲେ ଅମୂଲ୍ୟ ଜୀବନ ହାନି ଘଟିଚାଲିବ। ବାଲିକୁଦା (ଗୋପାଳପୁର)ଠାରେ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲୁରହିଛି। ଏଠାରେ ବାରମ୍ବାର ଦୁର୍ଘଟମା ଘଟୁଥିଲେ ମଧ୍ୟ ଅବହେଳା କରାଯାଉଛି। ସ୍ଥାନୀୟ ପ୍ରତିନିଧିମାନେ ଦାବି ଜୋରଦାର କରନ୍ତୁ।

-ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆସ ଗୋ ମୋର ଚପଳ ତାରା
ସନ୍ଧ୍ୟାରାଣୀ ଗଳାର ହାରା,
ଚାତକ ପ୍ରାଣେ ବରଷା ଧାରା, ସୁନ୍ଦରୀ
ଆସ ଗୋ ପ୍ରିୟେ ପରାଣ-ପଥେ ଗୁଞ୍ଜରି।
-(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଦିଲ୍ଲୀ: ନୂଆ ଷ୍ଟ୍ରେନ୍‌ରେ ୪୦ ସଂକ୍ରମିତ

ଦିଲ୍ଲୀରେ ଗତ ୨୪ ଘଣ୍ଟା ମଧ୍ୟରେ ୪୯୩ କରୋନା ସଂକ୍ରମିତ ଚିହ୍ନଟ ହେବା ସହ ୧୩ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ୪୦ ଜଣଙ୍କଠାରେ ନୂଆ ଷ୍ଟ୍ରେନ୍ ଚିହ୍ନଟ ହେବା ପରେ ସେମାନଙ୍କୁ ଦିଲ୍ଲୀର ଏଲ୍‌ଏନ୍‌ଜେପି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଇଂଲଣ୍ଡ ଫେରନ୍ତା କିମ୍ବା ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡ଼ିଛି।

## ସଂକ୍ଷେପରେ

### କେନ୍ଦ୍ରମନ୍ତ୍ରୀ ସଦାନନ୍ଦ ହସ୍ପିଟାଲରେ ଭର୍ତ୍ତି



**ବେଙ୍ଗାଲୁରୁ, ୩୧ା୧:** କେନ୍ଦ୍ରମନ୍ତ୍ରୀ ସଦାନନ୍ଦ ଗୌଡା ଅସୁସ୍ଥ ହୋଇପଡିବାରୁ ତାଙ୍କୁ କର୍ଣ୍ଣାଟକର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରବିବାର ଚିତ୍ରାଦୁର୍ଗା ସହରରେ ସେ କାର୍‌ରେ ବସୁଥିବାବେଳେ ବେହୋସ ହୋଇପଡିଥିଲେ। ନିମ୍ନ ରକ୍ତଚାପ ଓ ରକ୍ତ ଶର୍କରା ମାତ୍ରା କମିଯିବାରୁ ଏପରି ହୋଇଥିବା ସୂଚନା ରହିଛି।

### ଶିବରାଜଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

**ନୂଆଦିଲ୍ଲୀ, ୩୧ା୧(ପି.ଟି.):** ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ରବିବାର ତାଙ୍କ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ କରିଛନ୍ତି। ୨୦୨୦ ମାର୍ଚ୍ଚରେ ଚତୁର୍ଥ ଥର ପାଇଁ କ୍ଷମତାକୁ ଆସିବା ପରେ ଏହା ଚୌହାନଙ୍କର ତୃତୀୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ। ଏଥିରେ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ଦୁଇ ଘନିଷ୍ଠ ସ୍ଥାନ ପାଇଛନ୍ତି। ସିନ୍ଧିଆ ସମର୍ଥକ ତୁଳସୀ ସିଲାଭଟ ଏବଂ ଗୋବିନ୍ଦ ସିଂ ରାଜପୁତ୍ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ରାଜ୍ୟପାଳ ଆନନ୍ଦୀବେନ୍ ପଟେଲ ସେମାନଙ୍କୁ ଶପଥ ପାଠ କରାଇଥିଲେ।

### ନାଇଜେରିଆରେ ଆକ୍ରମଣ: ୭୦ ମୃତ

**ଆବୁଜା, ୩୧ା୧:** ନାଇଜେରିଆର ମାଲି ସୀମାରେ ଆତଙ୍କବାଦୀମାନଙ୍କ ଗୁଳିମାଡ଼ରେ ୭୦ରୁ ଊର୍ଦ୍ଧ୍ୱ ଲୋକ ନିହତ ହୋଇଛନ୍ତି। ଶନିବାର ବିଳମ୍ବିତ ରାତିରେ ସନ୍ଦିଗ୍ଧ ଆତଙ୍କବାଦୀମାନେ ପଶ୍ଚିମ ନାଇଜରର ଦୁଇଟି ଗ୍ରାମରେ ପଶି ଗୁଳି ଚଳାଇଥିଲେ। ସେମାନଙ୍କ ଆକ୍ରମଣରେ ୭୦ ସାଧାରଣ ଲୋକ ପ୍ରାଣ ହରାଇଥିବାବେଳେ ଅନ୍ୟ ୨୦ ଜଣ ଆହତ ହୋଇଛନ୍ତି।

### ଋଣ ଆପ୍ ଦୁର୍ନୀତି: ୨ ଚାଇନା ନାଗରିକ ଗିରଫ

**ଚେନ୍ନାଇ, ୩୧ା୧(ପି.ଟି.):** ଋଣ ଆପ୍ ଦୁର୍ନୀତିରେ ସମ୍ପୃକ୍ତ ୪ ଜଣଙ୍କୁ ଚେନ୍ନାଇ ପୋଲିସ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଦୁଇଜଣ ଚାଇନା ନାଗରିକ ଅଛନ୍ତି। ସେମାନଙ୍କ ନେଟୱର୍କ ୩୬ ପ୍ରତିଶତ ସୁଧରେ ତତ୍କାଳ ଋଣ ଯୋଗାଇ ଦେଉଥିଲା। ଏଭଳି ଦୁଇ ଡଜନରୁ ଊର୍ଦ୍ଧ୍ୱ ବେଆଇନ ଆପ୍ ଜରିଆରେ ୩୦୦ କୋଟି ଟଙ୍କା ଋଣ ଯୋଗାଇ ଦିଆଯାଇଛି। ଟଙ୍କା କେଉଁଠୁ ଆସୁଛି ଏବଂ ମୂଳଧନ ଓ ସୁଧ କାହା ପାଖକୁ ଯାଉଛି ତାହା ଜଣାପଡ଼ିନାହିଁ। ଆଇସିଆଇସିଆଇ ବ୍ୟାଙ୍କ ଓ ଆର୍‌ବିଏଲ୍ ବ୍ୟାଙ୍କର ବେଙ୍ଗାଲୁରୁରେ ଥିବା ଦୁଇଟି ଶାଖାରେ ଉକ୍ତ ର୍ୟାକେଟର ଥିବା ଦୁଇଟି ଆକାଉଣ୍ଟକୁ ଅଚଳ କରିଦିଆଯାଇଛି। ସେଥିରେ ଯଥାକ୍ରମେ ୪୮ ଲକ୍ଷ ଏବଂ ୧.୯୬ ଲକ୍ଷ ଟଙ୍କା ଥିଲା।

## ପ୍ରପୋଜ୍‌ବେଳେ ପାହାଡ଼ରୁ ଖସିପଡ଼ିଲେ ପ୍ରେମିକା



**ଭିଏନା, ୩୧ା୧:** ପ୍ରେମ ନିବେଦନକୁ ସ୍ୱତନ୍ତ୍ର କରିବା ଏକ ପ୍ରେମୀଯୁଗଳଙ୍କୁ ମହଙ୍ଗା ପଡ଼ିଛି। ୬୫୦ ଫୁଟ ଉଚ୍ଚରେ ରୋମାଣ୍ଟିକ ପ୍ରପୋଜାଲ ପାଇବା ପରେ ଖୁସିରେ ଡେଉଁଥିବାବେଳେ ଯୁବତୀ ଜଣକ ପାହାଡ ତଳକୁ ଖସିପଡିବା ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଘଟଣାଟି ଅଷ୍ଟ୍ରିଆର କେରିନ୍ଥିଆରେ ଘଟିଛି। ୨୭ ବର୍ଷୀୟ ଯୁବକ ଜଣକ ତାଙ୍କ ୩୨ ବର୍ଷୀୟା ପ୍ରେମିକାଙ୍କୁ ନେଇ ପାହାଡ଼ ଉପରକୁ ଯାଇଥିଲେ। ସେଠାରେ ସେ ପ୍ରେମ ନିବେଦନ କରିବା ପରେ ଯୁବତୀ ଜଣକ ଖୁସିରେ ନାଚିବାରେ ଲାଗିଥିଲେ। ସେହି ସମୟରେ ସେ ପାହାଡ଼ ତଳକୁ ଖସି ପଡ଼ିଥିଲେ। ତାଙ୍କୁ ବଞ୍ଚାଇବାକୁ ଯୁବକ ଜଣକ ମଧ୍ୟ ଡେଇଁ ପଡିଥିଲେ। ତେବେ ତଳେ ବରଫ ଥିବାରୁ ଯୁବତୀ ଜଣକ ସୁରକ୍ଷିତ ଥିବା ଜଣାପଡିଛି। ସେହିପରି ଲମ୍ଫ ମାରିବା ପରେ ଯୁବକ ଜଣକ ୫୦ ଫୁଟ ତଳେ ଏକ ପାହାଡ଼ ସନ୍ଧିରେ ଅଟକି ଯିବାରୁ ବିଶେଷ କିଛି କ୍ଷତି ହେବାରୁ ସେ ବର୍ତ୍ତି ଯାଇଛନ୍ତି।

## ୫ କୋଟି ଫି’ ଛାଡ଼ କଲେ ଡାକ୍ତର



**ୱାଶିଂଟନ୍, ୩୧ା୧:** ଆମେରିକାର ଜଣେ କ୍ୟାନ୍ସର ରୋଗ ବିଶେଷଜ୍ଞ ତାଙ୍କ ରୋଗୀଙ୍କ ପ୍ରାୟ ୫ କୋଟି ଟଙ୍କା ଫି’ ଛାଡ଼ କରି ଉଦାହରଣ ସୃଷ୍ଟି କରିଛନ୍ତି। ପାକିସ୍ତାନ ବଂଶୋଦ୍ଭବ ଡା. ଉମର ଅତିକ୍ ନିଜ କ୍ଲିନିକରେ ୨୦୦ରୁ ଊର୍ଦ୍ଧ୍ୱ କ୍ୟାନ୍ସର ପୀଡ଼ିତଙ୍କ କେମୋଥେରାପି, ରେଡିଏଶନ ଓ ଅନ୍ୟାନ୍ୟ ଯାଞ୍ଚ କରାଇଥିଲେ। ଏହା ବାବଦରେ ସମ୍ପୃକ୍ତ ରୋଗୀ ଡା. ଅତିକ୍‌ଙ୍କୁ ପ୍ରାୟ ୫ କୋଟି ଟଙ୍କା ଦେଇଥାନ୍ତେ। କର୍ମଚାରୀ ଅଭାବରୁ ଡା. ଅତିକ୍ କ୍ଲିନିକକୁ ବନ୍ଦ କରିଦେଇଛନ୍ତି। ଏଥିସହ ବକେୟା ଥିବା ଟଙ୍କାକୁ ସେ ଆଦାୟ କରିବେନି ବୋଲି ନୂଆବର୍ଷ ଅବସରରେ ଘୋଷଣା କରିଛନ୍ତି। କରୋନାରେ ବହୁ ସଂଖ୍ୟାରେ ଲୋକଙ୍କ ଜୀବନ ଜୀବିକା ଉଜୁଡ଼ି ଯାଇଥିବାରୁ ଜନସାଧାରଣଙ୍କୁ ସହାୟତା କରିବାର ଏହା ଉପଯୁକ୍ତ ସମୟ ବୋଲି ସେ ପ୍ରକାଶ କରିଛନ୍ତି।

# ସରକାରଙ୍କ ସହ ଆଜି ଆଲୋଚନା

**ନୂଆଦିଲ୍ଲୀ, ୩୧ା୧**

- ୩୯ ଦିନରେ ଚାଷୀ ଆନ୍ଦୋଳନ
- ବର୍ଷା, ଶୀତରେ ଧାରଣା ଜାରି

କେନ୍ଦ୍ର ସରକାରଙ୍କ ସହ ଚାଷୀନେତାଙ୍କର ସୋମବାର ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ଅନୁଷ୍ଠିତ ହେବାକୁ ଯାଉଛି। ଏହାର ଫଳାଫଳକୁ ସମସ୍ତେ ଅପେକ୍ଷା କରି ରହିଛନ୍ତି। ସରକାରଙ୍କ ସହ ମୁଖ୍ୟତଃ ୩ କୃଷି ଆଇନ ପ୍ରତ୍ୟାହାର ଏବଂ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ପ୍ରସଙ୍ଗରେ ଆଲୋଚନା ହେବ।

ଦିଲ୍ଲୀରେ ଶନିବାର ରାତିସାରା ବର୍ଷା ଲାଗି ରହିଥିବାବେଳେ ସୀମାରେ ଦୀର୍ଘ ୩୯ ଦିନ ହେଲା ଆନ୍ଦୋଳନ ଚଳାଇଥିବା ଚାଷୀ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ପ୍ରବଳ ଶୀତ ସାଙ୍ଗକୁ ଅବିରତ ବର୍ଷା ସେମାନଙ୍କ ପାଇଁ ଦୁର୍ବିଷହ ହୋଇପଡ଼ିଛି। ତେବେ ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଅଟଳ ଚାଷୀ ଏହାକୁ ଭ୍ରୂକ୍ଷେପ ନ କରି ପାଣିଭର୍ତ୍ତି ଟେଣ୍ଟରେ ଆନ୍ଦୋଳନ ଜାରି ରଖିଛନ୍ତି।

କ୍ରମାଗତ ବର୍ଷା ଯୋଗୁ ଆନ୍ଦୋଳନ ସ୍ଥଳ ଜଳାର୍ଣ୍ଣବ ହୋଇଯାଇଛି। ଟେଣ୍ଟ ମଧ୍ୟ କୃଷକମାନଙ୍କୁ ଯଥେଷ୍ଟ ସୁରକ୍ଷା ଦେଇପାରି ନାହିଁ। ବର୍ଷା ଯୋଗୁ ଆନ୍ଦୋଳନ ସ୍ଥଳର ସ୍ଥିତି ବେହାଲ ହୋଇପଡ଼ିଛି। ଚାଷୀମାନଙ୍କ ଦୁର୍ଦ୍ଦଶାକୁ ସରକାର ଦେଖିପାରୁ ନାହାନ୍ତି ବୋଲି ସଂଯୁକ୍ତ କିଷାନ ମୋର୍ଚ୍ଚା ସଦସ୍ୟ ଅଭିମନ୍ୟୁ କୋହର କହିଛନ୍ତି। ବର୍ଷା ଯୋଗୁ ଆନ୍ଦୋଳନ ସ୍ଥଳ ଜଳମଗ୍ନ ହୋଇଛି ସତ, ହେଲେ ଦୀର୍ଘଦିନ ହେଲା ଆନ୍ଦୋଳନରେ ବସିଥିବା ଚାଷୀଙ୍କ ମନୋବଳକୁ ଓଦା କରିପାରିନାହିଁ ବୋଲି ସିଙ୍ଘୁ ସୀମାର ଜଣେ କୃଷକ ନେତା କହିଛନ୍ତି। ଯେତେ ଅସୁବିଧା ଆସିଲେ ମଧ୍ୟ ସେମାନେ ସ୍ଥାନ ଛାଡ଼ି ନ ଯିବାକୁ ପ୍ରତିଜ୍ଞା କରିଛନ୍ତି।

ଯଦି ଚାଷୀମାନଙ୍କ ଦାବିକୁ ସରକାର ପୂରଣ ନ କରନ୍ତି, ତେବେ ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି ପୂର୍ବରୁ କୃଷକ ନେତାମାନେ ଚେତାବନୀ ଦେଇସାରିଛନ୍ତି। ଜାନୁୟାରୀ ୫ରୁ ସାରା ଦେଶରେ ଆନ୍ଦୋଳନ ହେବ ବୋଲି ଭାରତୀୟ କିଷାନ ୟୁନିୟନ ନେତା ଗୁର୍‌ନାମ ସିଂ ଚାଦୁନି ଜମ୍ମୁରେ ଏକ ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି। ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସରେ କୃଷକମାନେ ଟ୍ରାକ୍ଟର ରାଲି ସହ ଜାତୀୟ ରାଜଧାନୀରେ ପ୍ରବେଶ କରିବେ ବୋଲି ଶନିବାର ସଂଯୁକ୍ତ କିଷାନ ମୋର୍ଚ୍ଚା ନେତା ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏହା ପୂର୍ବରୁ ରାଜ୍ୟ ଓ ଜାତୀୟ ସ୍ତରରେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ଚାଷୀନେତା କହିଥିଲେ।



ଦିଲ୍ଲୀର ଗାଜିପୁର ସୀମାରେ ପ୍ରବଳ ବର୍ଷା ସତ୍ତ୍ୱେ ଚାଷୀମାନେ ଆନ୍ଦୋଳନ ଜାରି ରଖିଛନ୍ତି।

### ନିଃସର୍ତ୍ତରେ କୃଷି ଆଇନ ପ୍ରତ୍ୟାହାର କର

**ନୂଆଦିଲ୍ଲୀ, ୩୧ା୧(ପି.ଟି.)**

ଚାଷୀ ଆନ୍ଦୋଳନକୁ ନେଇ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ରବିବାର କେନ୍ଦ୍ର ଉପରେ ବର୍ଷିଛନ୍ତି। ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ଏକ ଅହଂକାରୀ ସରକାର କେନ୍ଦ୍ରରେ କ୍ଷମତାକୁ ଆସିଛି, ଯିଏ ଅନ୍ନଦାତାମାନଙ୍କ ଦୁର୍ଦ୍ଦଶାକୁ ଦେଖିପାରୁ ନାହିଁ। ବିନା ସର୍ତ୍ତରେ ତୁରନ୍ତ ନୂଆ କୃଷି ଆଇନକୁ ପ୍ରତ୍ୟାହାର କରିନେବା ଲାଗି ସୋନିଆ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି। ରାଜଧର୍ମ ଓ ଅନ୍ଦୋଳନ ସ୍ଥଳରେ ପ୍ରାଣବଳି ଦେଇଥିବା କୃଷକମାନଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ ବୋଲି ସୋନିଆ କହିଛନ୍ତି।



### ୧୧ ଖଣି ଶ୍ରମିକଙ୍କୁ ଅପହରଣ ପରେ ହତ୍ୟା

**ଇସ୍‌ଲାମାବାଦ, ୩୧ା୧(ଆଇଏଏନ୍‌ଏସ୍)**

ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ରବିବାର ଆତଙ୍କବାଦୀମାନେ ଏକ କୋଇଲା ଖଣିର ୧୧ ଜଣ ଶ୍ରମିକଙ୍କୁ ଅପହରଣ କରିନେଇ ହତ୍ୟା କରିଛନ୍ତି। ମଚ୍ଛ ଅଞ୍ଚଳରେ ଏଭଳି ବର୍ବର କାଣ୍ଡ ଘଟିଛି। ପୋଲିସ କହିବା ଅନୁଯାୟୀ, ଆତଙ୍କବାଦୀମାନେ ଖଣି ଶ୍ରମିକମାନଙ୍କୁ ନିକଟସ୍ଥ ଏକ ପାହାଡ଼କୁ ନେଇଯାଇ ଗୁଳି କରି ହତ୍ୟା କରିଥିଲେ। ଅନ୍ୟ ୪ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣା ଅନ୍ୟ ଖଣି ଶ୍ରମିକଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଛି। ସେମାନେ ଆତଙ୍କବାଦୀଙ୍କ ପରବର୍ତ୍ତୀ ଟାର୍ଗେଟ ହୋଇପାରନ୍ତି ବୋଲି ଆଶଙ୍କା କରୁଛନ୍ତି। ଉକ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି।

### ହେଲିକପ୍ଟର ଦୁର୍ଘଟଣାରେ ୪ ମୃତ

**ଓଟାୱା, ୩୧ା୧**

କାନାଡ଼ାର ଆଲବର୍ଟାରେ ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ୪ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ଗୋଟିଏ ପରିବାରର ସଦସ୍ୟ। ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ। ତଦନ୍ତ ଜାରି ରହିଛି।




କେନ୍ଦ୍ରୀୟ ତିବ୍ବତୀୟ ପ୍ରଶାସନ ମୁଖ୍ୟ ସିକ୍ୟୋଙ୍ଗ୍ ନିର୍ବାଚନ ପାଇଁ ଧର୍ମଶାଳାରେ ଜଣେ ନିର୍ବାସିତ ତିବ୍ବତୀୟ ଭୋଟ ଦେଉଛନ୍ତି।

### ୬୦ ଆତଙ୍କବାଦୀ ନିହତ

**କାବୁଲ, ୩୧ା୧(ଆଇଏଏନ୍‌ଏସ୍)**

ଆଫଗାନିସ୍ତାନର ହେଲମଣ୍ଡ ପ୍ରଦେଶରେ ସଂଘର୍ଷ ଓ ବିମାନରୁ ବୋମାମାଡ଼ ଫଳରେ ୬୦ ଆତଙ୍କବାଦୀ ନିହତ ହେବା ସହ ଅନେକ ଆହତ ହୋଇଛନ୍ତି। ଶନିବାର ହେଲମଣ୍ଡର ତାଲିବାନ ଜିଲା ମୁଖ୍ୟ ମୁଲ୍ଲା ଶଫିଉଲ୍ଲା ଓ ତାଙ୍କର ୫ ସହଯୋଗୀ ବିମାନ ଆକ୍ରମଣରେ ପ୍ରାଣ ହରାଇଥିଲେ। ସୋରଗୋଦାର ଏବଂ ବୁଶ୍ରାନରେ ବିମାନରୁ ବୋମାମାଡ଼ ଏବଂ ସଂଘର୍ଷରେ ୫୪ ତାଲିବାନ ଆତଙ୍କବାଦୀ ନିହତ ହେବା ସହ ୮ ଜଣ ଆହତ ହୋଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମୃତକଙ୍କ ମଧ୍ୟ ତାଲିବାନ ଡିଭିଜନାଲ କମାଣ୍ଡର ଅବଦୁଲ ସଲାମ ଏବଂ ୩ ବୋମା ବିଶେଷଜ୍ଞ ଅଛନ୍ତି।

### ସିନେଟରଙ୍କ ଘର ଆଗରେ ଘୁଷୁରିମୁଣ୍ଡ

**ୱାଶିଂଟନ, ୩୧ା୧**




ଆମେରିକା ସିନେଟର ରିପବ୍ଲିକାନ ସଦସ୍ୟ ମିଚ ମ୍ୟାକକୋନେଲ ଏବଂ ଡେମୋକ୍ରାଟ ସ୍ପିକର ନାନ୍‌ସୀ ପେଲୋସିଙ୍କ ଘର ଆଗରେ ହୋୟାର ଇଜ୍ ମାଇ ମନି (ମୋ ଟଙ୍କା କେଉଁଠି ଅଛି) ବୋଲି ଲେଖିବା ସହ କେହି ଘୁଷୁରି ମୁଣ୍ଡ ଏବଂ ରକ୍ତ ଭଳି କିଛି ପଦାର୍ଥ ରଖିଥିବା ଦେଖିବାକୁ ମିଳିଛି। କରୋନା ମହାମାରୀ ପାଇଁ ରିଲିଫ ପ୍ୟାକେଜ ସମ୍ପର୍କରେ ବିତର୍କକୁ କେନ୍ଦ୍ର କରି ଏପରି କରାଯାଇଥିବା ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ଖ୍ରୀଷ୍ଟମାସ ଅବସରରେ ମହାମାରୀ ପାଇଁ ୯୦୦ ବିଲିୟନ ଡଲାର ସହାୟତା ପ୍ୟାକେଜ ଅନୁମୋଦନ କରାଯାଇଥିଲା। ଡେମୋକ୍ରାଟ୍ ନେତୃତ୍ୱାଧୀନ ହାଉସ ଅଫ୍ କଂଗ୍ରେସ ଏହି ସହାୟତା ରାଶିକୁ ୨,୦୦୦ ବିଲିୟନ ଡଲାରକୁ ବୃଦ୍ଧି ପାଇଁ ଅନୁମୋଦନ କରିଥିଲେ ହେଁ ରିପବ୍ଲିକାନ ନେତୃତ୍ୱରେ ଥିବା ଗୃହ ଏହି ବର୍ଦ୍ଧିତ ରାଶିକୁ ଅନୁମତି ଦେଇ ନ ଥିଲା। ଏହାକୁ କେନ୍ଦ୍ର କରି ବିବାଦ ଦେଖାଦେଇଛି।

## ଚାଇନା ସୈନ୍ୟବାହିନୀକୁ ଅଧିକ କ୍ଷମତା

**ବେଜିଂ, ୩୧ା୧(ପି.ଟି.)**

### ସଂଶୋଧିତ ପ୍ରତିରକ୍ଷା ଆଇନ ଲାଗୁ କଲା ବେଜିଂ

ଚାଇନାର ଜାତୀୟ ପ୍ରତିରକ୍ଷା ଆଇନରେ ସଂଶୋଧନ କରାଯାଇ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ନେତୃତ୍ୱାଧୀନ ସୈନ୍ୟବାହିନୀକୁ ଅଧିକ କ୍ଷମତା ପ୍ରଦାନ କରାଯାଇଛି। ଜାତୀୟ ସ୍ୱାର୍ଥର ସୁରକ୍ଷା ପାଇଁ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ଉଭୟ ଦେଶ ଭିତରେ ଓ ବିଦେଶକୁ ସେନା ପଠାଇପାରିବ। ଜାନୁୟାରୀ ୧ରୁ ନୂଆ ଆଇନ କାର୍ଯ୍ୟକାରୀ ହୋଇଛି। ପ୍ରତିରକ୍ଷା ନୀତି ନିର୍ଦ୍ଧାରଣରେ ପ୍ରଧାନମନ୍ତ୍ରୀ ଲି କେକିଆଙ୍ଗଙ୍କ ନେତୃତ୍ୱାଧୀନ କ୍ୟାବିନେଟର ଭୂମିକାକୁ ଉକ୍ତ ଆଇନ ଦୁର୍ବଳ କରିଦେଇଛି। ୨୦ ଲକ୍ଷ ସୈନ୍ୟ ବିଶିଷ୍ଟ ପିଏଲ୍‌ଏର ସମ୍ପୂର୍ଣ୍ଣ କମାଣ୍ଡ ଜିନ୍‌ପିଙ୍ଗଙ୍କ ହାତରେ ରହିବ। କମ୍ୟୁନିଷ୍ଟ ପାର୍ଟି ଅଫ ଚାଇନା (ସିପିସି)ର ପ୍ରତିଷ୍ଠାତା ମାଓ ଜେଡୋଙ୍ଗଙ୍କ ପରେ ରାଷ୍ଟ୍ରପତି ଜିନ୍‌ପିଙ୍ଗ ସବୁଠୁ ପ୍ରଭାବଶାଳୀ ନେତା। ସେ ସିପିସିର ସାଧାରଣ ସମ୍ପାଦକ ଓ ସେନାବାହିନୀର ମୁଖ୍ୟ ଅଛନ୍ତି।



# ବଦଳିଥିବା ଜାତୀୟ ସଙ୍ଗୀତ

**ନୂଆବର୍ଷ ପୂର୍ବ ସନ୍ଧ୍ୟାରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ ମରିସନ୍ ଏକ ବଡ଼ ଘୋଷଣା କରିଥିଲେ। ଦେଶର ଜାତୀୟ ସଙ୍ଗୀତକୁ ଆହୁରି ସ୍ୱତନ୍ତ୍ର କରିବାକୁ ଯାଇ ମରିସନ୍ ସେଥିରେ ଥିବା କିଛି ଶବ୍ଦ ବଦଳାଇ ଦେଇଛନ୍ତି। ଏହି ନ୍ୟାଶନାଲ ଆନ୍ଥେମ୍‌ରେ ଦେଶର ଏକତା ସମ୍ପୂର୍ଣ୍ଣ ରୂପେ ପ୍ରତିଫଳିତ ହେଉଥିବା ସେ ପ୍ରକାଶ କରିଛନ୍ତି। ତେବେ କେବଳ ଅଷ୍ଟ୍ରେଲିଆ ନୁହେଁ ଆହୁରି ଅନେକ ଦେଶ ସେମାନଙ୍କ ଜାତୀୟ ସଂଗୀତରେ ପରିବର୍ତ୍ତନ ଆଣିଛନ୍ତି। ଏପରିକି ଭାରତର ‘ଜନ ଗଣ ମନ’ରେ ମଧ୍ୟ କିଛି ଶବ୍ଦ ହଟାଇ ନୂଆ କରି ପ୍ରସ୍ତୁତ କରିବାକୁ ଦାବି ହେବାରେ ଲାଗିଛି। ବିଶେଷ କରି ପୁରୁଣା ଜାତୀୟ ସଙ୍ଗୀତ ପଛରେ ଥିବା ମାନସିକତା ବଦଳାଇବା ଏହାର ମୂଳ ଉଦ୍ଦେଶ୍ୟ ବୋଲି କୁହାଯାଏ।**

**ନୂଆଦିଲ୍ଲୀ, ୩୧ା୧:** ବ୍ରିଟିଶ ଅଧୀନରେ ରହି ଆସିଥିବା ଅଷ୍ଟ୍ରେଲିଆର ଜାତୀୟ ସଙ୍ଗୀତ ବଦଳାଇବାକୁ ଚାଲିଥିବା ବିତର୍କ ଦୀର୍ଘ ଦିନର। ୧୯୮୪ରୁ ‘ଆଡ୍‌ଭାନ୍ସଡ୍ ଅଷ୍ଟ୍ରେଲିଆ ଫେୟାର’ ଦେଶର ଜାତୀୟ ସଙ୍ଗୀତ ରହି ଆସିଛି। ତେବେ ମୂଳ ବାସିନ୍ଦାଙ୍କୁ ସମ୍ମାନ ଦେବା ପାଇଁ ଅଷ୍ଟ୍ରେଲିଆ ଏଥିରେ ଏକ ଶବ୍ଦ ବଦଳାଇଛି। ବାକ୍ୟ ‘ଉଇ ଆର୍ ୟଙ୍ଗ ଆଣ୍ଡ ଫ୍ରି’(ଆମେ ଯୁବ ଏବଂ ସ୍ୱାଧୀନ)ରେ ‘ୟଙ୍ଗ’ ଶବ୍ଦ ହଟାଯାଇ ‘ଉଇ ଆର୍ ୱାନ ଆଣ୍ଡ ଫ୍ରି’ (ଆମେ ଏକ ଏବଂ ସ୍ୱାଧୀନ) କରାଯାଇଛି।

**ଦକ୍ଷିଣ ଆଫ୍ରିକା:** ଦକ୍ଷିଣ ଆଫ୍ରିକାର ଜାତୀୟ ସଙ୍ଗୀତରେ ବର୍ଣ୍ଣବୈଷମ୍ୟ ଭେଦଭାବ ପ୍ରତିଫଳିତ ହେଉଥିବା ଅଭିଯୋଗ ରହିଥିଲା। ଏଥିରେ ପରିବର୍ତ୍ତନ ପାଇଁ ଦାବି ମୁଣ୍ଡ ଟେକିଥିଲା। ୧୯୯୭ରେ ଏହି ଦେଶର ନ୍ୟାଶନାଲ ଆନ୍ଥେମ ବଦଳିଥିଲା। ୫ଟି ସ୍ଥାନୀୟ ଭାଷାର ମିଶ୍ରଣରେ ପୁନଃ ଲେଖା ଯାଇଥିଲା ଜାତୀୟ ସଙ୍ଗୀତ। ଚର୍ଚ୍ଚରେ ରଙ୍ଗଭେଦ ଉପରେ ପଢ଼ାଯାଉଥିବା ଏକ ପ୍ରବାଦ ଉପରେ ଏହା ଆଧାରିତ ବୋଲି କୁହାଯାଏ।




**କାନାଡ଼ା:** ୨୦୧୮ରେ କାନାଡ଼ାର ଜାତୀୟ ସଂଗୀତରେ ପରିବର୍ତ୍ତନ ପାଇଁ ଜୋରଦାର ଦାବି ଉଠିଥିଲା। ପୂର୍ବ ସଙ୍ଗୀତ ଲିଙ୍ଗଗତ ଭେଦଭାବକୁ ଦର୍ଶାଉଥିବାରୁ ଏହାକୁ ବଳାଯିବା ନିହାତି ଆବଶ୍ୟକ ବୋଲି ଦେଶର ସବୁ ପ୍ରାନ୍ତରୁ ମତ ରହିଥିଲା। ଏଥି ପାଇଁ ସେଠାକାର ପାର୍ଲାମେଣ୍ଟରେ ଏ ସଂକ୍ରାନ୍ତ ସଂକଳ୍ପ ପାରିତ ହୋଇଥିଲା। ପରେ ନୂତନ ଜାତୀୟ ସଂଗୀତରୁ ଏହି ବୈଷମ୍ୟ ଦୂର କରାଯାଇଥିଲା।

**ନେପାଳ:** ଶହ ଶହ ବର୍ଷ ଧରି ନେପାଳରେ ଚାଲିଥିଲା ରାଜତନ୍ତ୍ର। କିନ୍ତୁ ୨୦୦୬ରେ ଏହି ଦେଶରେ ଗଣତନ୍ତ୍ର ସ୍ଥାପନା ପାଇଁ ଆନ୍ଦୋଳନ ପରେ ୨୦୦୭ରେ ଜାତୀୟ ସଂଗୀତ ପରିବର୍ତ୍ତନ ହୋଇଥିଲା। ନୂତନ ନ୍ୟାଶନାଲ ଆନ୍ଥେମ୍‌ରେ ନେପାଳକୁ ରାଜତନ୍ତ୍ର ପରିବର୍ତ୍ତେ ଏକ ରାଷ୍ଟ୍ରତନ୍ତ୍ର ଭାବରେ ବିବେଚନା କରାଗଲା।

**ଜର୍ମାନୀ:** ଊନବିଂଶ ଶତାବ୍ଦୀରେ ଜର୍ମାନୀର ଜାତୀୟ ସଂଗୀତକୁ ପ୍ରଥମେ ବଦଳାଯାଇଥିଲା। କିନ୍ତୁ ୧୯୫୧ରେ ଦେଶ ବିଭାଜନ ପରେ ତାହା ପଶ୍ଚିମ ଜର୍ମାନୀର ଜାତୀୟ ସଂଗୀତ ହୋଇଥିଲା। ପରେ ଏହି ଆନ୍ଥେମ୍ ମିଳିତ ଜର୍ମାନୀର ଜାତୀୟ ସଂଗୀତରେ ପରିଣତ ହୋଇଥିଲା।

**ରୁଷିଆ:** ସୋଭିଏତ ୟୁନିୟନ ବ୍ୟବସ୍ଥା ଶେଷ ହେବା ପରେ ରୁଷିଆ ଏକ ପୃଥକ ଦେଶ ଭାବରେ ମାନଚିତ୍ରରେ ସ୍ଥାନ ପାଇଥିଲା। ୨୦୦୦ରେ ଭ୍ଲାଦିମିର ପୁଟିନଙ୍କ ସରକାର ଏହାର ରାଷ୍ଟ୍ରଗାନ ପରିବର୍ତ୍ତନ କରିଥିଲେ। ଏହା ପୂର୍ବରୁ ୧୮୭୭ ଓ ୧୯୫୬ରେ ସୋଭିଏତ ୟୁନିୟନର ଜାତୀୟ ସଙ୍ଗୀତ ବଦଳିଥିଲା।

**ଚୋରି ବାଇକ୍ ଉଦ୍ଧାର, ନାବାଳକଙ୍କୁ ଧରିଲା ପୋଲିସ**

ରେଢ଼ାଖୋଲ(ଡି.ଏନ.ଏ): ସମ୍ବଲପୁର ଜିଲା ଚାରମାଳ ଥାନା ପୋଲିସ ଏକ ଚୋରି ବାଇକ ଉଦ୍ଧାର କରିବା ସହିତ ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ଜଣେ ନାବାଳକଙ୍କୁ ଧରିଛି। ରବିବାର ତାଙ୍କୁ ସମ୍ବଲପୁର ଜୁଭେନାଇଲ କୋର୍ଟକୁ ଚାଲାଣ କରାଯାଇଛି। ପୋଲିସ ସୂଚନାମତେ, ଗତ ୩୦ ତାରିଖ ରାତିରେ ଚାରମାଳ ଗ୍ରାମର ଶିଶିର ବିଶ୍ୱାଳଙ୍କ ଘରୁ ଏକ ହୋଣ୍ଡା ସାଇନ ବାଇକ ନଂ ଓଆର୧୫ ଏମ ୬୩୭୯ ଚୋରି ହୋଇଥିଲା। ଏ ନେଇ ଶିଶିର ୩୧ ତାରିଖ ଚାରମାଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ତେବେ ଏହି ଥାନା ଅଞ୍ଚଳର ଜଣେ ନାବାଳକ ରବିବାର ଚୋରି ବାଇକକୁ ଧରି ଚାରମାଳ ଗ୍ରାମରେ ବୁଲୁଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ବାଇକକୁ ଜବତ କରିବା ସହିତ ନାବାଳକଙ୍କୁ ଧରିଥିଲା।

## ସଂକ୍ଷେପରେ

### ବିନା ସୂଚନା ଫଳକରେ ଆରମ୍ଭ ହେଲା କାମ

**କୁଚିଣ୍ଡା, ୩।୧ (ଡି.ଏନ.ଏ.):** ସମ୍ବଲପୁର ଜିଲା କୁଚିଣ୍ଡା ଏନଏସି ଅଞ୍ଚଳରେ ବିନା ସୂଚନା ଫଳକରେ ପ୍ରକଳ୍ପ କାମ ଚାଲିଥିବା ଅଭିଯୋଗ ହୋଇଛି। ଗତ ରବିବାରଠାରୁ ଏନଏସି ଅନ୍ତର୍ଗତ ୱାର୍ଡ ନଂ. ୯ରେ ଶ୍ରଦ୍ଧାସାଗର ପୋଖରୀ ହୁଡ଼ାର ଉନ୍ନତୀକରଣ ପାଇଁ ଜେସିବିରେ ବନ୍ଧ କାଟି ଜଳ ନିଷ୍କାସନ କରାଯାଇଛି। ତେବେ ଏହି କାର୍ଯ୍ୟ ପାଇଁ କେଉଁ ଅନୁଦାନରୁ କେତେ ଟଙ୍କା ବ୍ୟୟରେ କାମ କରାଯିବ ସେ ନେଇ ଜନସାଧାରଣଙ୍କ ପାଖରେ ଖବର ନାହିଁ। ଏହି ପୋଖରୀର ପୁନରୁଦ୍ଧାର କାମ ବିଭିନ୍ନ ବର୍ଷରେ ଅର୍ଥବ୍ୟୟ କରି ଚାଲିଥିଲେ ହେଁ ଆଖିଦୃଶିଆ ଉନ୍ନତି ହୋଇନାହିଁ। ଏଣୁ ଚଳିତ ଥର ଆରମ୍ଭ ହେବାକୁ ଥିବା କାମ ପୂର୍ବରୁ ସୂଚନା ଫଳକ ମାଧମରେ ପ୍ରଥମେ କେଉଁ ଅନୁଦାନରୁ କେତେ ଟଙ୍କା ବ୍ୟୟରେ ଓ କାର୍ଯ୍ୟକୁ କାହା ଦ୍ୱାରା ସଂପାଦନ କରାଯାଉଛି ତା'ର ସବିଶେଷ ତଥ୍ୟ ପ୍ରଥମେ ସୂଚନା ଫଳକରେ ସୂଚିତ କରି କାର୍ଯ୍ୟ ଆରମ୍ଭ କରିବା ପାଇଁ ଜନସାଧାରଣ ଦାବି କରନ୍ତି।

### କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ରିଆମାଳ, ୩।୧(ଡି.ଏନ୍.ଏ.):** ଦେବଗଡ ଜିଲା ରିଆମାଳ ବ୍ଲକ ଟିଙ୍କବୀର ଗ୍ରାମରେ ନେତାଜୀ ସ୍ପୋର୍ଟ୍ସ ତରଫରୁ ଏକ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। ରିଆମାଳ ଭାଜପା ମଣ୍ଡଳ ସଭାପତି ସଞ୍ଜୀବ କୁମାର ବେହେରା ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୬ଟି ଦଳ ଭାଗ ନେଇଛନ୍ତି। ପ୍ରଥମ ମ୍ୟାଚ ଭୀମସାର ଟିଙ୍କବୀର ଓ କଣ୍ଟାବାହାଲ ମଧରେ ହୋଇଥିଲା। ଟିଙ୍କବୀର ପ୍ରଥମେ ବ୍ୟାଟିଂ କରି ୧୦୪ରନ୍ କରିଥିଲା। ଜବାବରେ କଣ୍ଟାବାହାଲ ୬୫ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ରିଆମାଳ ଓ ସମିଳିତା ମଧରେ ମ୍ୟାଚ ଖେଳାଯାଇଥିଲା। ରିଆମାଳ ପ୍ରଥମେ ବ୍ୟାଟିଂ କରି ୯୬ ରନ୍ କରିଥିବାବେଳେ ସିମିଳିତା ୧୩ ଓଭରରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା।

### ବିଶାଖାପାଟନମ୍-ନିଜାମୁଦ୍ଦିନ ସ୍ପେଶାଲ ଟ୍ରେନ ବାତିଲ

**ସମ୍ବଲପୁର, ୩।୧ (ବ୍ୟୁରୋ):** ଦକ୍ଷିଣ ପୂର୍ବ ମଧ ରେଳପଥର ଡୋଙ୍ଗରଗଡ ଷ୍ଟେଶନରେ ନିରାପତ୍ତା ଭିତ୍ତିକ ଆଧୁନିକୀକରଣ ଓ ତୃତୀୟ ରେଳ ଲାଇନ କାର୍ଯ୍ୟ ଚାଲିଛି। ଏହାକୁ ଦୃଷ୍ଟିରେ ରଖି ୦୨୮୬୭- ୦୨୮୮ ବିଶାଖାପାଟନମ୍-ନିଜାମୁଦ୍ଦିନ-ବିଶାଖାପାଟନମ୍ ଭାୟା ରାୟଗଡା ସ୍ପେଶାଲ ଟ୍ରେନକୁ ବାତିଲ କରାଯାଇଛି। ୫ରୁ ୯ ତାରିଖ ଟିଟିଲାଗଡ-ବିଶାଖାପାଟନମ୍‌ରୁ ଓ ୭ରୁ ୧୧ ତାରିଖ ଯାଏ ନିଜାମୁଦ୍ଦିନ ମଧରେ ଟ୍ରେନ ବାତିଲ ରହିବ ବୋଲି ସମ୍ବଲପୁର ରେଳ ମଣ୍ଡଳ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ୧୦୦ ବଦଳରେ ୨୭ ବେଡ୍‌ରେ ଚିକିତ୍ସା

ସମ୍ବଲପୁର,୩।୧(ବ୍ୟୁରୋ)



ସମ୍ବଲପୁର ଜିଲା ସଦର ଡାକ୍ତରଖାନା।

ବହୁ ବାଦବିବାଦ ପରେ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ କୋଭିଡ-୧୯ ମେଡିକାଲ କରାଯାଇଥିଲା। ତେବେ କୋଭିଡ ମେଡିକାଲ ଗତ ନଭେମ୍ବର ୧୯ରୁ ଭିମ୍‌ସାର ସ୍ଥାନାନ୍ତର ହେବା ପରେ ମଧ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତିରେ ସୁଧାର ଆସିନାହିଁ। ସେ ସମୟରେ ଯାହାକୁ ନେଇ ଭୟ କରାଯାଉଥିଲା ଏବେ ତାହା ସତ ହୋଇଛି। ମେଡିସିନ ବିଭାଗରେ ମହିଳା ଓ ପୁରୁଷଙ୍କ ପାଇଁ ୧୦୦ ଶଯ୍ୟା ରହିଥିଲା। ଏବେ କେବଳ ୨୭ ଶଯ୍ୟା ରହିଛି। ତେଣୁ ରୋଗୀ ଚିକିତ୍ସାରେ ବାଧା ଉପୁଜିଛି। କୋଭିଡ ସମୟରେ ପୁରଷ ମେଡିସିନ ୱାର୍ଡକୁ ଆଇସିୟୁଓ ମହିଳା ମେଡିସିନ ୱାର୍ଡକୁ ଆଇସୋଲେସନ ୱାର୍ଡ କରାଯାଇଥିଲା। ପୂର୍ବରୁ ପଡିଥିବା ବେଡ ସଂଖ୍ୟାରେ ଏବେ ହ୍ରାସ ପାଇଛି। ଏବେ ପ୍ରତିଦିନ ଆସୁଥିବା ରୋଗୀଙ୍କ ପାଇଁ ଚିକିତ୍ସାରେ ବାଧା ହେଉଛି। ପ୍ରତିଦିନ ୧୦ରୁ ୧୨ ଜଣ ରୋଗୀ ମେଡିସିନ ବିଭାଗରେ ଭର୍ତ୍ତି ହେଉଛନ୍ତି। ତାହା ତୁଳନାରେ ୩ରୁ ୪ ଜଣ ସୁସ୍ଥ ହୋଇ ଘରକୁ ଫେରୁଛନ୍ତି। ତେଣୁ ରୋଗୀ ମାନଙ୍କୁ ଚିକିତ୍ସା ସେବା ଯୋଗାଇଦେବା କଷ୍ଟକର ହୋଇ ପଡିଛି। ଏବେ ଶୀତ କାକରରେ ରୋଗୀ ଓ ସମ୍ପର୍କୀୟମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଡାକ୍ତରମାନେ ଶଯ୍ୟା ଅଭାବରୁ ଭିମ୍‌ସାରକୁ ରୋଗୀ ସ୍ଥାନାନ୍ତର କରୁଛନ୍ତି। ଫଳରେ ସେମାନେ ହଇରାଣ ଓ ଖର୍ଚ୍ଚାନ୍ତ ହେଉଛନ୍ତି। ଛୋଟ ଓ ସାଧାରଣ ରୋଗୀମାନେ ମଧ ବାଧ ହୋଇ ଘରୋଇ ମେଡିକାଲକୁ ଯାଉଛନ୍ତି। ଏ ଦିଗରେ ଜିଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ଏଡିଏମ୍‌ଓ ଅଲେଖ ମହାପାତ୍ର କହିଛନ୍ତି ଯେ, ସମସ୍ୟା ଉପରେ ଅବଗତ ରହିଛୁ। ଏ ନେଇ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି। ଖୁବ୍‌ଶୀଘ୍ର ଏହାର ସମାଧାନ ହୋଇଯିବ ବୋଲି ସେ କହିଥିଲେ।

**ଜିଲା ସଦର ଡାକ୍ତରଖାନା ସ୍ଥିତି ସଙ୍ଗୀନ**

ସୂଚନାଯୋଗ୍ୟ, ଜିଲା ସଦର ଡାକ୍ତରଖାନାକୁ ପ୍ରତିଦିନ ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରୁ ରୋଗୀମାନେ ଚିକିତ୍ସା ପାଇଁ ଆସନ୍ତି। କୋଭିଡ ମେଡିକାଲ ବନ୍ଦ ହେବା ପରେ ରୋଗୀ ସଂଖ୍ୟାରେ ବୃଦ୍ଧି ପାଇଛି। ଏବେ ଏହି ଡାକ୍ତର ଖାନାରେ ବିଭିନ୍ନ ସମସ୍ୟା ଲାଗି ରହିଛି।

# ସୋଲାର ପାନୀୟଜଳ ପ୍ରକଳ୍ପ ଅଚଳ

ବାଲିଶଙ୍କରା, ୩।୧ (ଡି.ଏନ୍.ଏ.)


ତିଲଡେଗା ଗ୍ରାମରେ ସ୍ଥାପିତ ହୋଇଥିବା ସୋଲାର ପାନୀୟଜଳ ପ୍ରକଳ୍ପ ଅଚଳ ହୋଇପଡ଼ିଛି।

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ଏକ ଆଦିବାସୀବହୁଳ ଅଞ୍ଚଳ। ଏହି ବ୍ଲକର ତିଲଡେଗା ଗ୍ରାମରେ ସ୍ଥାପିତ ହୋଇଥିବା ସୋଲାର ପାନୀୟଜଳ ପ୍ରକଳ୍ପ ଦୀର୍ଘ ୨ବର୍ଷ ହେବ ଅଚଳ ହୋଇପଡିଥିବାରୁ ଗ୍ରାମବାସୀ ପାନୀୟଜଳ କଷ୍ଟର ଶିକାର ହୋଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଆଜକୁ ୪ବର୍ଷ ହେବ ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବା ପାଇଁ ସରକାରଙ୍କ ପକ୍ଷରୁ ଗ୍ରାମର କ୍ଲବ ଗୃହ ସମ୍ମୁଖରେ ଗଭୀରକୂପ ଖନନ କରାଯାଇ ଏକ ସୋଲାର ପାଣିଟାଙ୍କି ସ୍ଥାପନ କରାଯାଇଥିଲା। ବର୍ଷେ ,ଦେଢବର୍ଷ ଠିକ୍ ଭାବେ ପାଣି ମିଳୁଥିବା ବେଳେ ୨ବର୍ଷ ହେବ ଏହି ସୋଲାର ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡିଛି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ବିଭାଗୀୟ ଅଧିକାରୀ ଓ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ଲୋକେ ପିଇବା ପାଣି ପାଇଁ ଦୂର ଜାଗାକୁ ଯିବାକୁ ବାଧ୍ୟ ହେଉଛନ୍ତି। ଏଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବିକରିଛନ୍ତି।



ସମ୍ବଲପୁର ପାଣ୍ଡ ନିବାସଠାରେ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ଶ୍ରାଦ୍ଧାବାର୍ଷିକ ସଭାରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ମାଲ୍ୟାର୍ପଣ କରୁଛନ୍ତି।

# ୪ର୍ଥ ଦିନରେ ଓପିଜିସି ପାଉଁଶ ପୋଖରୀ କ୍ଷତିଗ୍ରସ୍ତଙ୍କ ଆନ୍ଦୋଳନ

ଲଖନପୁର,୩।୧(ଡି.ଏନ୍.ଏ.)


ପାଉଁଶ ପୋଖରୀ ପରିସରରେ ଆନ୍ଦୋଳନରତ ମହିଳାମାନେ।

- ପ୍ରବଳ ଶୀତରେ ଧାରଣାସ୍ଥଳରେ ଆନ୍ଦୋଳନକାରୀ
- କମ୍ପାନୀ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ନୀରବ

ଓଡିଶା ବିଦ୍ୟୁତ ଉତ୍ପାଦନ ନିଗମ(ଓପିଜିସି)ର ତଳିଆ ପାଉଁଶ ପୋଖରୀ ଦ୍ୱାରା କ୍ଷତିଗ୍ରସ୍ତ ଓ ପ୍ରଭାବିତ ଗ୍ରାମବାସୀ ବିଭିନ୍ନ ଦାବି ନେଇ ଗତ ଗୁରୁବାରଠାରୁ ପୋଖରୀ ପରିସରରେ ଧାରଣା ଦେଇଛନ୍ତି। ଏହି ଆନ୍ଦୋଳନ ରବିବାର ୪ର୍ଥ ଦିନରେ ପହଁଞ୍ଚିଛି। ପ୍ରବଳ ଶୀତରେ ଆନ୍ଦୋଳନକାରୀ ମହିଳାମାନେ ଧାରଣାରେ ବସି ରହିଥିଲେ ହେଁ କମ୍ପାନୀ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। କେହି ଧାରଣାସ୍ଥଳରେ ପହଁଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିନାହାନ୍ତି। ଅପରପକ୍ଷେ ଆନ୍ଦୋଳନ ଫଳରେ ୪ ଦିନ ହେଲା ପାଉଁଶ ପୋଖରୀ କାମ ବନ୍ଦ ରହିଛି। ଏଭଳି ସ୍ଥିତିରେ କମ୍ପାନୀ କର୍ତ୍ତୃପକ୍ଷ ଆନ୍ଦୋଳନକାରୀଙ୍କ ସହ କୌଣସି ଆଲୋଚନା ନ କରି ପାଉଁଶ ପୋଖରୀରୁ ସେନୋସ୍ପିୟର ସଂଗ୍ରହ ପାଇଁ ଉଦ୍ୟମ କରିଥିଲେ। ଏହା ଜାଣିବା ପରେ ଆନ୍ଦୋଳନକାରୀମାନେ ସେଠାରେ ପହଞ୍ଚି ଏହାକୁ ବନ୍ଦ କରିଥିଲେ। ଏହି ଆନ୍ଦୋଳନରେ ପାଉଁଶ ପୋଖରୀ କ୍ଷତିଗ୍ରସ୍ତ ଓ ପ୍ରଭାବିତ ଗ୍ରାମ ତିଳିଆ ନୂଆପଡା, ସଂସରାଟିକ୍ରା ଓ ଭଟଲି ଆଦି ଗ୍ରାମର ୧୫ରୁ ଉର୍ଦ୍ଧ୍ୱ ମହିଳା ସଂଗଠନର ଶତାଧିକ ସଦସ୍ୟା ସାମିଲ ହୋଇଛନ୍ତି। ତୁଳସୀ ସେଠ୍, ଲିଲି ସେଠ୍, ସଞ୍ଜୁଲତା ସେଠ୍, କଲ୍ୟାସିନୀ ବାଗ୍, ସୁକାନ୍ତି ସାହୁ, ଭଗବତୀ ନାଗ୍, ସରସ୍ୱତୀ ବର୍ଗର୍ତ୍ତୀ ଓ ଗୋଲାପି ବାଗ୍ ଏହାର ନେତୃତ୍ୱ ନେଇଛନ୍ତି। ସୂଚନାଯୋଗ୍ୟ, ଆନ୍ଦୋଳନକାରୀଙ୍କ ୯ ଦଫା ଦାବି ମଧ୍ୟରେ ପାଉଁଶ ପୋଖରୀରେ ଯାଇଥିବା ଜମିର ବକେୟା ଅର୍ଥ, ଜମିରେ ଥିବା ଗଛର ଉଚିତ୍ ମୂଲ୍ୟ ପ୍ରଦାନ , ବୃଦ୍ଧା,ବୃଦ୍ଧ ଓ ବିଧବାଙ୍କୁ ଭତ୍ତା, ପାଉଁଶ ପୋଖରୀ ପରିଚାଳନା କାର୍ଯ୍ୟରେ ଯୋଗ୍ୟତା ଭିତ୍ତିକ କର୍ମ ନିଯୁକ୍ତି ,ସ୍ୱାସ୍ଥ୍ୟକାର୍ଡ ପ୍ରଦାନ ଆଦି ରହିଛି। ଦୀଘ ବର୍ଷ ହେଲା ଏସବୁ ଦାବି ପୂରଣ ହୋଇନାହିଁ। କମ୍ପାନୀ କର୍ତ୍ତୃପକ୍ଷ ଦାବିପୂରଣ ନେଇ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ମହିଳା ସଂଗଠନର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।

### ଟ୍ରକ ପଛରେ ପିଟିଲା ସ୍କୁଟି: ଜଣେ ମୃତ

ଲହୁଣୀପଡା, ୩।୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ- ବାହାଡାପୋଷ- ୧୦ (କ) ରାଜ୍ୟ ରାଜପଥର ବିଛଣାପଟି ମତୁଆଳି ନାଳ ନିକଟରେ ଛିଡା ହୋଇଥିବା ଟ୍ରକ ପଛରେ ଏକ ସ୍କୁଟି ପିଟି ହୋଇ ଜଣକର ମୃତ୍ୟୁ ଘଟିଛି। ଅନ୍ୟ ଦୁଇ ଜଣ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକମାନେ ରାସ୍ତାରୋକୋ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିବା ଓ କ୍ଷତିପୂରଣ କରିବାର ପ୍ରତିଶ୍ରୁତି ପାଇବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। କଲେଇପୋଷ ପଟରୁ ଏକ ଟ୍ରକ ଓଡି ୧୬ ବି- ୦୧୫୯ ବାହାଡାପୋଷ ପଟେ ଯାଉଥିବା ବେଳେ ବିଛଣାପଟି ମତୁଆଳି ନାଳ ନିକଟରେ ଛିଡା ହୋଇଥିଲା ଏବଂ ବିଛଣାପଟି ପଟରୁ ଏକ ସ୍କୁଟି ଓଡି ୧୪ ଭି- ୪୯୯୧ରେ ସଦାନନ୍ଦ ମୁଣ୍ଡା, ମାନସ କିସାନ ଏବଂ ବିଜୟ କିସାନ ଯାଉଥିବା ବେଳେ ଛିଡା ଥିବା ଟ୍ରକ ପଛରେ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ସଦାନନ୍ଦର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ଉକ୍ତ ଆହତ ଦୁଇ ଜଣଙ୍କୁ ଚିକିତ୍ସା ପାଇଁ ବଣାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ଏବଂ ଜଣଙ୍କର ଅବସ୍ଥା ଗୁରୁତର ଥିବା ଜଣାପଡିଛି। ପୋଲିସ ଉଭୟ ଗାଡିକୁ ଜବତ କରିବା ସହିତ ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

# ଜନ୍ମତିଥିରେ ବିଶ୍ୱନାଥ ପଣ୍ଡିତଙ୍କ ସ୍ମୃତିଚାରଣ

କୁଚିଣ୍ଡା, ୩।୧ (ଡି.ଏନ.ଏ)

ସମ୍ବଲପୁର ଜିଲା କୁଚିଣ୍ଡା ଶ୍ରମିକ ଭବନରେ ବିଶିଷ୍ଟ ଶ୍ରମିକ ନେତା ବିଶ୍ୱନାଥ ପଣ୍ଡିତଙ୍କ ୧୦୨ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତି, କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ଯୁବ ନେତା ସଞ୍ଜିତ ମହାନ୍ତି ପ୍ରମୁଖ ଯୋଗଦେଇ ଶ୍ରମିକ ଭବନ ପରିସରରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା ସଂଘ କର୍ମକର୍ତ୍ତା, ସଭ୍ୟାସଭ୍ୟଙ୍କୁ ନେଇ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ବକ୍ତାମାନେ ଶ୍ରମିକ ନେତା ବିଶ୍ୱନାଥ ପଣ୍ଡିତଙ୍କ ସଂଗ୍ରାମୀ ଜୀବନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ମୁର୍ତ୍ତୁଜା, କୀର୍ତ୍ତନ ସେନାପତି, ଭୀମରାଜ ପ୍ରସାଦ, ନବୀନ ଚନ୍ଦ୍ର ସାହୁ, ସୌଦାମିନୀ ପଟେଲ, ନାରୀନେତ୍ରୀ ପଦ୍ମାବତୀ କିସାନ, ଶିଖିଧ୍ୱଜ ବାଘଙ୍କ ସମେତ ବାମରା, କୁଚିଣ୍ଡା, ଜମନକିରା ଆଦିରୁ ଆସିଥିବା ବହୁ କର୍ମକର୍ତ୍ତା ସଭ୍ୟାସଭ୍ୟ ଯୋଗଦେଇ ସଭାକୁ ସଫଳ କରିଥିଲେ।

# ହରିହର ହାଇସ୍କୁଲ ପରିସର ସଫେଇ କଲେ ବିଜେଡି କର୍ମୀ


କୋଦାଳ ଓ ଝାଡୁ ମାରି ସଫେଇ କରିବା ପରେ ପୋଡ଼ି ଦିଆଯାଉଛି।

କୁଆଁରମୁଣ୍ଡା,୩।୧(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ନିଷ୍ପତିକ୍ରମେ ଜାନୁୟାରୀ ୮ରୁ ରାଜ୍ୟର ସମସ୍ତ ହାଇସ୍କୁଲରେ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ପାଠପଢା ଅନୁଷ୍ଠିତ ହେବ। ଏହି ଉଦ୍ଦେଶ୍ୟରେ ଦୀର୍ଘ ଦିନରୁ ବନ୍ଦ ପଡ଼ିଥିବା ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକର ସର୍ବ ପୁରାତନ ହରିହର ହାଇସ୍କୁଲ ପରିସରକୁ ରବିବାର ସ୍ଥାନୀୟ ବିଜେଡ଼ି କର୍ମୀମାନେ ସ୍ୱେଚ୍ଛାକୃତଭାବେ ସଫା କରିଛନ୍ତି। ସ୍କୁଲ ପରିସର ବିଶେଷକରି ଶ୍ରେଣୀଗୃହଗୁଡିକ ସମ୍ମୁଖରେ ଉଠିଥିବା ଅନାବନା ଘାସଗୁଡିକୁ ସଫା କରିବା, ସ୍କୁଲ ପଡିଆ ସଫା କରି ଶୁଖିଲାପତ୍ରଗୁଡିକୁ ଏକାଠି କରି ପୋଡି ଦିଆଯାଇଛି। ସେହିପରି ସ୍କୁଲ ପରିସରକୁ ବିଜେଡ଼ି କର୍ମୀମାନେ ସାମୂହିକ ଝାଡୁକରି ସଫା କରିଛନ୍ତି। ଏହି ସଫେଇ କାର୍ଯ୍ୟରେ କୁଆଁରମୁଣ୍ଡା ବ୍ଲକ ବିଜେଡ଼ି ସଭାପତି ତଥା ସ୍ଥାନୀୟ ସମିତି ସଭ୍ୟ ରାଜେଶ ହାଁସଦା, ପୂର୍ବତନ ବ୍ଲକ ବିଜେଡ଼ି ସଭାପତି ତଥା ଡୁମେରଯୋର ସମିତି ସଭ୍ୟ ରାଜେନ୍ଦ୍ର କୁଜୁର, ରାଜେଶ ଖାଲଖୋ, ଜିଲା ପରିଷଦ ସଭ୍ୟ ସୁନିତା ଅହିର, ଅର୍ଜୁନ ମିଞ୍ଜ, ଏମଡି.ଅବଦୁଲ, କୁଆଁରମୁଣ୍ଡା ବ୍ଲକ ଛାତ୍ର ବିଜେଡ଼ି ସଭାପତି ସାଗର କୁଅଁର, କାଲୋସିହିରିଆର ଛାତ୍ର ନେତା ସମୀର ଓରାମ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ସାମୂହିକ ଝାଡୁ କରିଥିଲେ।

# ନାରୀବନ୍ଦି ନିକେତନରେ ଠୁଙ୍ଗା ପ୍ରଶିକ୍ଷଣ ଶିବିର

ସମ୍ବଲପୁର, ୩।୧ (ବ୍ୟୁରୋ)

ସମ୍ବଲପୁର ନାରୀବନ୍ଦି ନିକେତନରେ କାଗଜ ଠୁଙ୍ଗା ପ୍ରଶିକ୍ଷଣ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡିଶା ଜୀବିକା ମିଶନର ଡିପିଏମ୍ ଡ. ପୁଷ୍ପଶ୍ରୀ ନାୟକ ଓ ୱାପି ଜିତେଶ ରାଠି ଅନ୍ତେବାସିନୀମାନଙ୍କୁ କିପରି କାଗଜ ଠୁଙ୍ଗା ତିଆରି କରାଯିବ ସେ ନେଇ ବୁଝାଇଥିଲେ ଏବଂ ପ୍ରଶିକ୍ଷଣ ମଧ ଦେଇଥିଲେ। ନାରୀବନ୍ଦି ନିକେତନ ଅଧିକ୍ଷିକା ରୁଣିବାଳା ଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିକେତନରୁ ଯିବା ପରେ ବନ୍ଦିନୀମାନେ କାଗଜ ଠୁଙ୍ଗା ପ୍ରଶିକ୍ଷଣ ନେଇଥିବାରୁ ସେମାନେ ସ୍ୱାବଲମ୍ବୀ ହୋଇପାରିବେ ଏବଂ କାହା ଉପରେ ବୋଝ ହେବେ ନାହିଁ ବୋଲି ସେ କହିଥିଲେ।


ରବିବାର ସମ୍ବଲପୁର ନାରୀବନ୍ଦି ନିକେତନରେ ଠୁଙ୍ଗା ପ୍ରଶିକ୍ଷଣ ଶିବିର ଚାଲିଛି।

# ମେଡିକାଲ କର୍ମଚାରୀ ସଂଘ ପ୍ରତି ପଣ୍ଡିତଜୀଙ୍କ ଅବଦାନ ଅତୁଳନୀୟ

ରାଉରକେଲା ଅଫିସ, ୩।୧



ବିଶ୍ୱନାଥ ପଣ୍ଡିତଙ୍କ ଜୟନ୍ତୀ ଅବସରରେ ଉପସ୍ଥିତ କର୍ମକର୍ତ୍ତା।

**ସ୍ୱର୍ଗତ ବିଶ୍ୱନାଥ ପଣ୍ଡିତଙ୍କ ୧୦୨ ତମ ଜୟନ୍ତୀ ପାଳିତ**

ସ୍ୱର୍ଗତ ବିଶନାଥ ପଣ୍ଡିତଙ୍କ ୧୦୨ ତମ ଜୟନ୍ତୀ ରାଉରକେଲା ମେଡିକାଲ କର୍ମଚାରୀ ସଂଘ (ଆର୍ଜିଏଚ୍) କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଥିଲା। ସଙ୍ଗଠନର ଉପଦେଷ୍ଟା ଦେବେନ୍ଦ୍ରନାଥ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ସର୍ବପ୍ରଥମେ ସଂଘର କର୍ମକର୍ତ୍ତା ଓ ସମସ୍ତ ସଦସ୍ୟ ପଣ୍ଡିତଜୀଙ୍କର ଫଟୋଚିତ୍ରରେ ମାଲ୍ୟାର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ଉପସଭାପତି ବାବୁଲା ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଓଡ଼ିଶା ହିନ୍ଦ ମଜଦୁର ସଭାର ସମ୍ପାଦକ ପ୍ରମୋଦ କୁମାର ଦାସ, ସୁନ୍ଦରଗଡ଼ ଜିଲା ଶିଳ୍ପାଞ୍ଚଳ ଶ୍ରମିକ ସଭାର ସାଧାରଣ ସମ୍ପାଦକ ଦିଗାମ୍ବର ମହାନ୍ତି, ସମାଜସେବୀ ଶ୍ୟାମସୁନ୍ଦର ସୁନ୍ଦର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସର୍ବପ୍ରଥମ ସମସ୍ତଙ୍କୁ ଇଂରାଜୀ ନବବର୍ଷ ୨୦୨୧ର ଅଭିନନ୍ଦନ ସହ ଶୁଭେଚ୍ଛା ଦିଆଯାଇଥିଲା। ସ୍ୱର୍ଗତ ବିଶନାଥ ପଣ୍ଡିତଙ୍କର ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ପ୍ରତି ତାଙ୍କର ଅତୁଳନୀୟ ଅବଦାନ ବିଷୟରେ ଆଲୋଚନା କରାଯାଇଥିଲା। ପଣ୍ଡିତ ଜୀ ସଂଘର ପ୍ରାଣ ପ୍ରତିଷ୍ଠାତା ଥିଲେ। ସେ ଜଣେ ନୈଷ୍ଟୀକ କାଶ୍ମୀର ବ୍ରାହ୍ମଣ ଥିଲେ। କାଶ୍ମୀରରୁ ଆସି ଓଡ଼ିଶାରେ ଅବସ୍ଥାନ କରି ମେଡିକାଲ କର୍ମଚାରୀମାନଙ୍କର ସଙ୍ଗଠନ କରିଥିଲେ। ଯେଉଁ ସମୟରେ ସମାଜରେ ଜାତିଭେଦ, ଛୁଆଁଅଛୁଆଁ, ଉଚ୍ଚନୀଚ ଭେଦଭାବ ରହିଥିଲା, ପଣ୍ଡିତ ଜୀ ସମାଜର ଅବହେଳିତ, ନିଷ୍ପେସିତ, ଅସହାୟ ଲୋକଙ୍କ ପାଇଁ କାମ କରିବା ପାଇଁ ସଂକଳ୍ପ ନେଇଥିଲେ। ସେହିପରି ଲୋକଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଅହରହ ସଂଗ୍ରାମ କରିଥିଲେ। ସେମାନଙ୍କ ସାମାଜିକ ସୁରକ୍ଷା,ମୌଳିକ ଅଧିକାର, ନ୍ୟାର୍ଯ୍ୟ ଦାବି ପାଇଁ ସରକାରଙ୍କ ପାଖରେ ସବୁ ସମୟରେ ଦାବି କରି ଅଧିକାର ସବୁ ହାସଲ କରିଥିଲେ। ସେହି ସମୟରେ ଅସ୍ଥାୟୀ କର୍ମଚାରୀ ମାନଙ୍କୁ ସ୍ଥାୟୀ କରିବା ପାଇଁ ଅହରହ ସଂଗ୍ରାମ କରିବା ପରେ ସ୍ଥାୟୀ ହେଉଥିଲେ। କିନ୍ତୁ ବର୍ତ୍ତମାନର ପରିସ୍ଥିତି ପୁରାପୁରି ଭିନ୍ନ ହୋଇଯାଇଛି। ସ୍ଥାୟୀ କର୍ମଚାରୀ ଅବସର ନେବା ପରେ ଆଉ ସ୍ଥାୟୀ ନିଯୁକ୍ତି ହେଉନାହିଁ। କମ ସଂଖ୍ୟାରେ ଠିକା ଶ୍ରମିକ କର୍ମଚାରୀ ନିଯୁକ୍ତି କରାଯାଉଛି। ସେମାନଙ୍କୁ ସବୁ ପ୍ରକାର ସୁବିଧା ସୁଯୋଗ, ସୁରକ୍ଷା ଠିକ ଭାବରେ ମିଳୁନାହିଁ। ତେଣୁ ସମୟ ଆସିଛି ସମସ୍ତଙ୍କୁ ଏକତ୍ରିତ ହୋଇ ସଂଗ୍ରାମ କରିବା ପାଇଁ ଅତିଥିବୃନ୍ଦ ଆହ୍ୱାନ କରିଥିଲେ। ଏହି ଅବସରରେ ସଂଘର ସଦସ୍ୟ ଏମ.ଆର, ଦିକ୍ଷୀତ, ମିନା ଦାସ, ଚିତ୍ରା ଚାଟାର୍ଜୀ, ସୁଶାନ୍ତ ମାହାଳି, ମଙ୍ଗଳ ଗଣ୍ଡ, ବିନୋଦ ଶଣ୍ଡ ସନ୍ତୋଷୀନି ବିଭାର, ପ୍ରକାଶ ସାବତ, ତ୍ରିନାଥ ଦାସ, ଦୀନେଶ ମହାନ୍ତି, ତପନ ସାହୁ, ଗୁରୁ ଚରଣ ଜେନା, ଦାମୋଦର ଗୁପ୍ତା ଉପସ୍ଥିତ ଥିଲେ। ଶେଷରେ ସଙ୍ଗଠନର ସମ୍ପାଦକ ସୁବାଷ ପାଣିଗ୍ରାହୀ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ।

## ଗର୍ଭଣାରେ ବାଲି ଚୋରାଚାଲାଣ

ଅତାବିରା(ଡି.ଏନ.ଏ): ଗୋଡଭଗା-ତୁରୁମ ୫୪ ନମ୍ବର ରାଜ୍ୟ ରାଜପଥର ଗର୍ଭଣା-ରୁଷୁଡା ଛକରେ ଏକ ବାଲି ବୋଝେଇ ହାଇୱା ଉପରେ ଚଢ଼ାଉ କରି ୩୦ ହଜାର ଟଙ୍କା ଜରିମାନା କରାଯାଇଛି। ଉକ୍ତ ହାଇୱାରେ ବାଲି ଚୋରା ଚାଲାଣ ବେଳେ ଚଢ଼ାଉ କରାଯାଇଥିଲା। ଗାଡି ମାଲିକଠାରୁ ୩୦ ହଜାର ଟଙ୍କା ଜରିମାନା ଆଦାୟ କରି ଛାଡି ଦିଆଯାଇଛି ବୋଲି ଗର୍ଭଣା ଆର୍‌ଆଇ ସୁମିତ ରେଭେଲ କହିଛନ୍ତି ।

## ସଂକ୍ଷେପରେ

### ତରଣୀଙ୍କ ଚିକିତ୍ସା ପାଇଁ ଅର୍ଥନାହିଁ

**ଲୋଇସିଂହା,୩୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବାଦିବାହାଲ ଗାଁର ତରଣୀସେନ ଭୁଏ (୪୭)। ସ୍ତ୍ରୀ ପାଞ୍ଚାଳି, ଦୁଇ ପୁଅଝିଅଙ୍କୁ ନେଇ ତାଙ୍କ ପରିବାର। ମୂଲମଜୁରି କରି ସେ ପରିବାର ଚଳାଇବା ସହ ପିଲାଙ୍କୁ ପାଠ ପଢାଉଥିଲେ। ବଡକଷ୍ଟରେ ଝିଅକୁ ବାହା ଦେଇଥିଲେ। ସବୁକିଛି ଠିକ୍‌ଠାକ୍ ଚାଲିଥିବା ବେଳେ ଯୁକ୍ତଦୁଇ ପଢୁଥିବା ପୁଅ ଶମ୍ଭୁ ୪ବର୍ଷ ତଳେ କୌଣସି କାରଣକୁ ନେଇ ଆତ୍ମହତ୍ୟା କରିଦେଲେ। ଏକମାତ୍ର ପୁଅର ମୃତ୍ୟୁରେ ଭାଙ୍ଗିପଡି ରୋଗାଗ୍ରସ୍ତ ହୋଇଗଲେ ତରଣୀ। ଗ୍ରାମର କେତେଜଣ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେବେଠାରୁ ଆଉ ସେ ସୁସ୍ଥ ହୋଇ ପାରିନାହାନ୍ତି। ବାତରୋଗରେ ଆକ୍ରାନ୍ତ ହୋଇଥିବା ଡାକ୍ତର କହିଲା ପରେ ସେ ବିଭିନ୍ନ ସ୍ଥାନରେ ଯାଇ ଚିକିତ୍ସା କରାଇଥିଲେ। ହେଲେ କୌଣସି ସୁଫଳ ମିଳିନାହିଁ। ଅର୍ଥିକ ଅନଟନ ଯୋଗୁ ହାହୁତାଶ ମଧ୍ୟରେ ଜୀବନ ଜୀଉଁଥିବା ତରଣୀ ଭଲଭାବେ ଚିକିତ୍ସା କରାଇ ପାରୁ ନାହାନ୍ତି। ଏହି ପରିସ୍ଥିତିରେ ପ୍ରଶାସନ ତାଙ୍କୁ ସହାୟତା ଯୋଗାଇ ଦେବାକୁ ଗ୍ରାମର ତପି ଭୋଇ, ହରି ଭୋଇ, ହୃଦାୟନନ୍ଦ ବେହେରା ପ୍ରମୁଖ ନିବେଦନ କରିଛନ୍ତି।

### ଅଙ୍ଗନୱାଡି କର୍ମୀଙ୍କୁ ପ୍ରଶଂସା କଲେ ମନ୍ତ୍ରୀ

**ଲାଠୋର, ୩୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ ସାନଗୁର୍ଜିଭଟା ଗ୍ରାମରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ସନ୍ଧ୍ୟାରାଣୀ ଗିରିଙ୍କ କାର୍ଯ୍ୟକୁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ଟୁକୁନି ସାହୁ ପ୍ରଶଂସା କରିଛନ୍ତି। ଏ ନେଇ ମନ୍ତ୍ରୀ ସାହୁ ତାଙ୍କ ଟୁଇଟର ହେଣ୍ଡେଲରୁ ଜଣାପଡିଛି। ଖପ୍ରାଖୋଲ ବ୍ଲକ ଖୁରିପାଣିର ଜଣେ ବୃଦ୍ଧା କିଛି ଦିନ ହେବ ଭୋକ ଉପାସରେ ସାନଗୁର୍ଜିଭଟା ଛକରେ ଶୀତକାକରରେ ପଡି ରହୁଥିଲେ। ଅଙ୍ଗନୱାଡି କର୍ମୀ ଗିରି ସମ୍ପୃକ୍ତ ବୃଦ୍ଧାଙ୍କୁ କେନ୍ଦ୍ରକୁ ଆଣି ଆଶ୍ରୟ ଦେଇଛନ୍ତି। ଏ ନେଇ ଧରିତ୍ରୀରେ ତା୧।୧।୨୧ ରିଖରେ ଖବର ପ୍ରକାଶ ପରେ ବରଗଡ ଜିଲାର ସାମାଜିକ କର୍ମୀ ଦିବସ କୁମାର ସାହୁ ସିଡିଏମଓ ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କୁ ଟୁଇଟ କରି ଜଣାଇଥିଲେ। ଖବର ଜାଣି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଓଡିଶା ନିଜ ଟୁଇଟର ହେଣ୍ଡେଲରେ ଅଙ୍ଗନୱାଡି କର୍ମୀଙ୍କୁ ପ୍ରଶଂସା କରିଛନ୍ତି।

### ୧୦ଦିନ ହେଲା ଜଳଯୋଗାଣ ବିଭ୍ରାଟ

**ଲାଠୋର, ୩୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ନିକଟରେ ଥିବା ଓଭରହେଡ ଟ୍ୟାଙ୍କ ଚାବି ଖରାପ ହୋଇଯାଇଛି। ଏଥିଯୋଗୁ ଗତ ୧୦ଦିନ ହେବ ଜଳଯୋଗାଣରେ ବ୍ୟାଘାତ ସୃଷ୍ଟି ହୋଇଛି। ମରାମତି ପାଇଁ ଲୋକେ ଦାବି କରିଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଏହି ଟ୍ୟାଙ୍କରୁ ଗ୍ରାମର ପ୍ରାୟ ୪ହଜାର ଜନସାଧାରଣଙ୍କୁ ଜଳଯୋଗାଣ ହୋଇଥାଏ। ତେବେ ଖରାପ ହୋଇଥିବା ଓଭରହେଡ ଟ୍ୟାଙ୍କ ଚାବି ମରାମତି ନ କରି ସିଧାସଳଖ ପ୍ରକଳ୍ପରୁ ମୋଟର ଯୋଗେ ଜଳଯୋଗାଣ କରାଯାଉଛି। ଯେଉଁମାନେ ପ୍ରକଳ୍ପ ପାଖରେ ରହିଛନ୍ତି ସେମାନେ ପାଣି ପାଉଥିବା ବେଳେ ଦୂରରେ ଥିବା ଗ୍ରାମବାସୀ ପାଣି ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବଡକଷ୍ଟରେ ସେମାନେ ନଳକୂପ ପାଣି ସଂଗ୍ରହ କରି ବ୍ୟବହାର କରୁଛନ୍ତି। ଏ ନେଇ ଖପ୍ରାଖୋଲ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ସରିତା କୁଜୁରଙ୍କୁ ପଚାରିବାରୁ ଦିନେ ଦୁଇଦିନ ମଧରେ ସମସ୍ୟାର ସମାଧାନ ହୋଇଯିବ ବୋଲି କହିଛନ୍ତି।

### ଦୁଗ୍ଧଚାଷୀ ସଚେତନତା ଶିବିର

**ଅତାବିରା, ୩୧(ଡି.ଏନ.ଏ.):** ଓମ୍‌ଫେଡ ପରିଚାଳିତ ଆଞ୍ଚଳିକ ଦୁଗ୍ଧ ଉତ୍ପାଦକ ସଂଘ ଲିଃ ସମ୍ବଲପୁର ଅଧୀନ ଚିପିଲିମା ୟୁନିଟ୍‌ର ଗୋଡଭଗା-ତୁରୁମ ୫୪ ନମ୍ବର ରାଜ୍ୟ ରାଜପଥ ଦୁଗ୍ଧ ମାର୍ଗ ଗୁଡିକରେ ଥିବା ଦୁଗ୍ଧ ସମିତିର ଚାଷୀଙ୍କୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦେପୁର ମାନପୁର ଦୁଗ୍ଧ ସମିତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦୁଗ୍ଧ ମାର୍ଗର କ୍ଷେତ୍ର ପରିଦର୍ଶକ ସନ୍ତୋଷ କୁମାର ଦେହୁରୀ, ସମ୍ପାଦକ ମାନଭଞ୍ଜନ ଦନ୍ତା, କୃତ୍ରିମ ପ୍ରଜନନକାରୀ ହୃଷିକେଶ ଖମାରୀ, ଦୁଗ୍ଧ ଚାଷୀ କ୍ଷୀରୋଦ୍ର ପ୍ରଧାନ, ଗିରି ଗୋବର୍ଦ୍ଧନ ଭୋଇ ଅଂଶଗ୍ରହଣ କରିଥିଲେ।

# ଧାନକିଣା ସରିନି, ମଣ୍ଡି ବନ୍ଦ

**ବରଗଡ଼ ଅଫିସ,୩୧**

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ଆଉ ସପ୍ତାହକ ପରେ ୨ମାସ ବିତିବ। ମାତ୍ର ଟୋକନ ସମସ୍ୟା ସାଙ୍ଗକୁ ମନ୍ଥର ଗତିରେ ଉଠାଣ ପ୍ରକ୍ରିୟା ଚାଲିଥିବା ଯୋଗୁ ଧାନ କିଣାବିକା ଶିଥିଳ ହୋଇପଡ଼ିଛି। ଏବେ ମଧ୍ୟ ଜିଲାର ଚାଷୀଙ୍କ ପାଖରେ ଲକ୍ଷାଧିକ ବସ୍ତା ଧାନ ରହିଛି। ଚାଷୀମାନେ ଶୀତ, କାକର ସହି ଧାନକୁ ଜଗି ରହିଛନ୍ତି। ସେହିପରି ଜିଲାରେ ଧାନକ୍ରୟ ଧାର୍ଯ୍ୟଲକ୍ଷ୍ୟ ମଧ୍ୟ ଛୁଇଁ ପାରି ନ ଥିବାବେଳେ ଧାନସଂଗ୍ରହ ପ୍ରକ୍ରିୟାରେ ପ୍ରଶାସନର କଟକଣା ଆରମ୍ଭ ହୋଇଯାଇଛି। ଅତାବିରା ଆର୍‌ଏମ୍‌ସି ଅଧୀନ ବିଭିନ୍ନ ଧାନକ୍ରୟ କେନ୍ଦ୍ରକୁ ପ୍ରଶାସନ ପକ୍ଷରୁ ଗତ ୧ତାରିଖରୁ ବନ୍ଦ କରି ଦିଆଯାଇଛି। ସମ୍ପୃକ୍ତ ମଣ୍ଡି ଉପରେ ନିର୍ଭରଶୀଳ ଚାଷୀଙ୍କୁ ନିକଟସ୍ଥ ମଣ୍ଡିକୁ ଧାନ ଆଣି ବିକ୍ରି କରିବାକୁ ପରାମର୍ଶ ଦିଆଯାଇଛି। ତେବେ ଜିଲାରେ ଧାନକ୍ରୟ ଲକ୍ଷ୍ୟ ଛୁଇଁ ନ ଥିବାବେଳେ ପ୍ରଶାସନ ପକ୍ଷରୁ ଏଭଳି କଟକଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶଙ୍କୁ ପଚାରିବାରୁ ସେ କହିଥିଲେ, ଅତାବିରା ଆରଏମସି ଅଧୀନ ୧୪ଟି ଧାନକ୍ରୟ କେନ୍ଦ୍ରକୁ ଗତ ୩୧ତାରିଖରୁ ବନ୍ଦ କରି ଦିଆଯାଇଛି। ସମ୍ପୃକ୍ତ ଧାନକ୍ରୟ କେନ୍ଦ୍ରର ଧାନକ୍ରୟ ଲକ୍ଷ୍ୟ ପୂରଣ ହୋଇଯାଇଛି । ତଥାପି କୌଣସି ଚାଷୀ ଧାନ ବିକ୍ରି କରି ପାରି ନ ଥିଲେ ସେମାନଙ୍କୁ ନିକଟସ୍ଥ ଧାନକ୍ରୟ କେନ୍ଦ୍ରରେ ବିକ୍ରିର ସୁଯୋଗ ଦିଆଯିବ ବୋଲି ସେ କହିଥିଲେ।

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଗତ ଅକ୍ଟୋବର ୨୨ତାରିଖରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ବସିଥିଲା। ବୈଠକର ନିଷ୍ପତ୍ତିକ୍ରମେ ଗତ ନଭେମ୍ବର ୯ତାରିଖରୁ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଜିଲାରେ ୧୮୫ଟି ମଣ୍ଡିରେ ଧାନ କିଣାବିକା ଚାଲିଥିଲା। ସେଥିମଧ୍ୟରୁ ପଦ୍ମପୁର ଆରଏମସି ଅଧୀନରେ ସର୍ବାଧିକ ୭୦, ବରଗଡ଼ ଆର୍‌ଏମ୍‌ସି ୬୪ ଏବଂ ଅତାବିରା ଆର୍‌ଏମ୍‌ସି ଅଧୀନରେ ୫୧ଟି ମଣ୍ଡି ଖୋଲିଥିଲା। ରବିବାର ସୁଦ୍ଧା ଉକ୍ତ ମଣ୍ଡି ଗୁଡ଼ିକରେ ୬୧ଲକ୍ଷ ୪୨ହଜାର ୯କୁଇଣ୍ଟାଲ ଧାନକ୍ରୟ ସରିଥିବା ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ଦାଶ କହିଛନ୍ତି। ଜିଲାରେ ଏଥର ୬୭ଲକ୍ଷ ୫୪ହଜାର କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ରହିଥିବା ସେ ସୂଚନା ଦେଇଛନ୍ତି। ଏହି ଲକ୍ଷ୍ୟ ଛୁଇଁବାକୁ ହେଲେ ଆହୁରି ୬ଲକ୍ଷ ୧୧ହଜାର ୯୯୧ କୁଇଣ୍ଟାଲ ଧାନ କିଣିବାକୁ ପଡ଼ିବ। ତେବେ ଧାନକ୍ରୟ ଲକ୍ଷ୍ୟ ଛୁଇଁ ନ ଥିବାବେଳେ ଧାନ ସଂଗ୍ରହ ପ୍ରକ୍ରିୟାରେ ଜିଲା ପ୍ରଶାସନ କଟକଣା ଜାରି କରିଛି। କଟକଣା ଅନୁଯାୟୀ ଦୈନିକ ଧାନ ସଂଗ୍ରହ ବଦଳରେ ପରବର୍ତ୍ତୀ ଆଦେଶ ମୁତାବକ ସପ୍ତାହର ପ୍ରଥମ ତିନିଦିନ ଧାନ ସଂଗ୍ରହ ହେବ। ଚତୁର୍ଥ ଦିବସରେ ତାହା ଯୋଗାଣ ନିରୀକ୍ଷକଙ୍କ ଦ୍ୱାରା ଯାଞ୍ଚ କରାଯିବ ଏବଂ ଯାଞ୍ଚ ପରେ ସେହି ଧାନକୁ ଉଠାଣ କରାଯିବ ବୋଲି ନିର୍ଦ୍ଦେଶନାମା ରହିଛି।



ଅତାବିରା ଆର୍‌ଏମ୍‌ସି ଅଧୀନ ଲରମ୍ବା ମଣ୍ଡିରେ ବିକ୍ରି ନ ହୋଇ ପଡ଼ିଥିବା ଧାନ ।

- ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା
- ଏଥର ୬୭ଲକ୍ଷ ୫୪ହଜାର କୁଇଣ୍ଟାଲ ଧାନକ୍ରୟ ଲକ୍ଷ୍ୟ
- ଏଯାଏ କିଣାଯାଇଛି ୬୧ଲକ୍ଷ ୪୨ହଜାର ୯ କୁଇଣ୍ଟାଲ
- ଜିଲାର ୧୪ ମଣ୍ଡିରେ କିଣାବିକା ଆପାତତଃ ବନ୍ଦ

# ମିଶନ ଶକ୍ତି ଗୃହ ଉଦ୍‌ଘାଟିତ



ମିଶନ ଶକ୍ତିକୁ ଉଦ୍‌ଘାଟନ କରାଯାଉଛି।

**ତରବୋଡ(ଡି.ଏନ.ଏ.) /ନୂଆପଡା ଅଫିସ, ୩୧**

ନୂଆପଡା ଏନଏସିସ୍ଥିତ ଗଡତୋର ଓ ସାଲେଭଟା ୱାର୍ଡରେ ସହରାଞ୍ଚଳ ବେତନ କର୍ମ ନିଯୁକ୍ତି ଯୋଜନାରେ ନିର୍ମିତ ମିଶନ ଶକ୍ତି ଗୃହ ଶନିବାର ଲୋକାର୍ପିତ ହୋଇଛି। ଗଡତୋର ୱାର୍ଡ ନଂ. ୨୦ରେ ଏନଏସି ଇଓ ରାମଚନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ନୂଆପଡା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର ଢୋଲକିଆ ମୁଖ୍ୟ ଅତିଥି, ଏଡିଏମ୍ ଅଗସ୍ତି ପ୍ରଧାନ, ଡିଆରଡିଏ ପିଡି ନବୀନ ପଟେଲ, ବରିଷ୍ଠ ଭାଜପା ନେତା ସରୋଜ ସାହୁ, ଯୁବ ବିଜେଡି ଜିଲା ସଭାପତି ହରିଶ୍ଚନ୍ଦ୍ର ପଣ୍ଡା, ବିଜେଡି ନଗର ସଭାପତି ମହେଶ ନିଆଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଏନ୍‌ଏସି ସ୍ୱଚ୍ଛ ସୁପରଭାଇଜର ଯାଜ୍ଞସେନୀ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଏନଏସି ଗୋଷ୍ଠୀ ସଂଗଠକ ଦୀପିକା ତ୍ରିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାଗୃହର ପରିଚାଳନା ଦାୟିତ୍ୱ ଜୟ ମା' ଲକ୍ଷ୍ମୀ ଏସ୍‌ଏଚ୍‌ଜିକୁ ଦିଆଯାଇଛି। ସେହିପରି ସାଲେଭଟା(ୱାର୍ଡ ନଂ.୮)ସ୍ଥିତ ମିଶନ ଶକ୍ତି ଗୃହକୁ ବିଧାୟକ ଢୋଲକିଆ ମଧ୍ୟାହ୍ନରେ ଉଦ୍‌ଘାଟନ କରିଥିଲେ। ସେଠାରେ ସଭାଗୃହ ପରିଚାଳନା ପାଇଁ ଦାୟିତ୍ୱରେ ରହିଛନ୍ତି ଦିବ୍ୟାମୟୀ ଏସ୍‌ଏଚ୍‌ଜି। ଏବେ ମିଶନ ଶକ୍ତି ସଭାଗୃହରେ ମହିଳାମାନେ ସୁବିଧାରେ ସଭା ସମିତି କରିପାରିବେ। ସ୍ୱଚ୍ଛ ସୁପରଭାଇଜର ସୁମିତ୍ରା ପାଢୀ, ଗୋଷ୍ଠୀ ପରିଚାଳକ ପ୍ୟାରୀମୋହନ ମଣ୍ଡଳ, ଏମଇ ହେମନ୍ତ କୁମାର ନାଏକ, ଜେଇ ଅଶୋକ ଭୋଇ, କୈଳାସ ଉର୍ମା, ଅଚ୍ୟୁତ ଜେନା, ଗିରିଶ ଜାଲ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱଚ୍ଛ ଟିଟିଲାଗଡ଼ ନେଇ ସଂକଳ୍ପ



କୁମୁଡ଼ା ପାହାଡ଼ ପାଦଦେଶରେ ସଫେଇ କରାଯାଉଛି।

**ଟିଟିଲାଗଡ଼, ୩୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରରେ ସ୍ୱଚ୍ଛ ଏବଂ ସୁସ୍ଥ ପରିବେଶ ପ୍ରତିଷ୍ଠା ନେଇ ରବିବାର ସ୍ଥାନୀୟ ରାଜେନ୍ଦ୍ର ପାର୍କ ପରିସରରେ ପୌର ପରିଷଦ ପକ୍ଷରୁ ନାଗରିକ ତଥା ପୌର କର୍ମଚାରୀଙ୍କୁ ନେଇ ଏକ ସଚେତନ ସଭା ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଦ୍ୱାରା ସ୍ୱଚ୍ଛ ବ୍ୟବସ୍ଥା ଲକ୍ଷ୍ୟ ଧାର୍ଯ୍ୟ ପାଇଁ ସହର ନାଗରିକ ଆଗେଇ ଆସିବାକୁ ଉପଜିଲାପାଳ ତଥା ପୌର ନିର୍ବାହୀ ଅଧିକାରୀ ସୋମେଶ ଉପାଧ୍ୟାୟ ସହଯୋଗ ଲୋଡିଛନ୍ତି। ସହରର ୧୫ଟି ୱାର୍ଡରେ ପୌର ପରିଷଦ ପକ୍ଷରୁ ୱାର୍ଡ ଅଫିସର, ସୁପରଭାଇଜର, ସ୍ୱଚ୍ଛ ସାଥିଙ୍କ ଜରିଆରେ ପରିମଳ ନେଇ ବିଶେଷ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସହରରୁ ଓଦା ବର୍ଜ୍ୟବସ୍ତୁ ଠୁଳ ସହ ଦେସିଲଠାରେ ମହିଳା ଗୋଷ୍ଠୀଙ୍କ ଜରିଆରେ ବର୍ଜବସ୍ତୁରୁ ଖତ ଉତ୍ପାଦନ କରାଯାଇ ଏକ ଆୟର ପନ୍ଥା ବାହାର କରାଯାଇଛି। ସେହିପରି ଶୁଖିଲା ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପ୍ଲାଷ୍ଟିକ ଆଦି ବିଭିନ୍ନ ସାମଗ୍ରୀ ରିସାଇକ୍ଲିଂ ପାଇଁ ପଠାଯାଉଛି। ପୌରାଞ୍ଚଳରେ ଖୋଲାରେ ମଳମୁକ୍ତ ସମ୍ପୂର୍ଣ୍ଣ ବନ୍ଦ ପାଇଁ ପବ୍ଲିକ ଟଏଲେଟ ନିର୍ମାଣ ଭଳି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ନିଜ ବର୍ଜବସ୍ତୁ ଡଷ୍ଟବିନରେ ଠୁଳ ନକରି ଇତସ୍ତତ ଫିଙ୍ଗିଲେ ଦୋକାନକୁ ସିଲ୍ କରାଯିବ ବୋଲି ଉପଜିଲାପାଳ ଚେତାବନୀ ଦେଇଛନ୍ତି। ନାଗରିକ ପରିମଳ ବ୍ୟବସ୍ଥାରେ ତ୍ରୁଟି ନେଇ ଅଭିଯୋଗ କରିବାକୁ ସ୍ୱତନ୍ତ୍ର ହେଲ୍ପ ଲାଇନ ନମ୍ବରକୁ ଜଣାଇଲେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବା ବ୍ୟବସ୍ଥା ରହିଛି। ସରକାରଙ୍କ ଦ୍ୱାରା ସ୍ୱଚ୍ଛ ପରିମଳ ବ୍ୟବସ୍ଥା ନେଇ ଜାନୁଆରି ୧ରୁ ୩୧ ମଧ୍ୟରେ ଧାର୍ଯ୍ୟ ୬ ହଜାର ମାର୍କ ହାସଲ ସହ ଦେଶରେ ସହରକୁ ୧୦ ନମ୍ବର ମଧ୍ୟରେ ସ୍ଥାନ ହାସଲ ପାଇଁ ପୌର ପରିଷଦ ପକ୍ଷରୁ ସମସ୍ତଙ୍କ ସହଯୋଗ କରାଯାଉଛି। ପୌର ପରିମଳ ଅଧିକାରୀ ଶୁଭସ୍ମିତା ଧଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଟିଟିଲାଗଡ ବିଡିଓ ନବୀନ ଚନ୍ଦ୍ର ନାୟକ, କୋଭିଡ ଟିମ ଡାକ୍ତର ଓମକାର ହୋତା, ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଅଭିରାମ ମାଝୀ, ୱାର୍ଡ ଅଫିସର ସାଧୁ ବେହେରା, ୱାର୍ଡ ସୁପରଭାଇଜର ସଙ୍ଗିତା ଷଡଙ୍ଗୀ ପ୍ରମୁଖ ସ୍ୱଚ୍ଛତା ନେଇ ବିଚାର ବ୍ୟକ୍ତ କରିଥିଲେ। ସଭା ପରେ ଉପଜିଲାପାଳଙ୍କ ସମେତ ସମସ୍ତ ଅଧିକାରୀ, ପୌର କର୍ମଚାରୀ, ସ୍ୱଚ୍ଛ ସାଥି, ସୁପରଭାଇଜର ତଥା ନାଗରିକ କୁମୁଡା ପର୍ଯ୍ୟଟନ କ୍ଷେତ୍ରରେ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ସରକାରୀ ସ୍କୁଲ ଛାତ୍ରୀଛାତ୍ରଙ୍କୁ ମେଡିକାଲ, ନିଟ୍‌ରେ ସଂରକ୍ଷଣକୁ ସ୍ୱାଗତ

**କଣ୍ଟାବାଞ୍ଜି, ୩୧(ଡି.ଏନ.ଏ.)**

ସରକାରୀ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନିଟ ଏବଂ ମେଡିକାଲ ନାମଲେଖାରେ ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥା କରିବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହାକୁ ଶିକ୍ଷା ସଂଘର୍ଷ ମହାସଂଘର ରାଜ୍ୟ ସଂଯୋଜକ ସୁରଥ ବେହେରା ସ୍ୱାଗତ କରିଛନ୍ତି। କଣ୍ଟାବାଞ୍ଜିରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ନିଷ୍ପତ୍ତି ସରକାରୀ ସ୍କୁଲ ପ୍ରତି ଅଭିଭାବକମାନଙ୍କ ଦୃଷ୍ଟିଭଙ୍ଗୀରେ ନିଶ୍ଚିତଭାବେ ଫରକ ଆଣିବ ବୋଲି କହିଛନ୍ତି। ସରକାରୀ ସ୍କୁଲରେ ସରକାରୀ କର୍ମଚାରୀ ଏବଂ ଜନପ୍ରତିନିଧିଙ୍କ ପିଲାମାନେ ପଢିବା ବାଧ୍ୟତାମୂଳକ ସ୍ୱତନ୍ତ୍ର ଆଇନ କାର୍ଯ୍ୟକାରୀ କରିବା ଦାବିରେ ସେ ୨୦୧୮ ଗାନ୍ଧୀ ଜୟନ୍ତୀରୁ ୩୧ଅକ୍ଟୋବର ଯାଏ ନୂଆପଡା ଜିଲା ସିନାପାଲିରୁ ଭୁବନେଶ୍ୱର ଯାଏ ଦୀର୍ଘ ୬ଶହ କିମି ପଦଯାତ୍ରା କରିଥିଲେ। ଏବେ ଏହା କାର୍ଯ୍ୟକାରୀ କରିବାର ସମୟ ଆସିଛି ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଗୁଣନିଧି ରାଉତରାଏ, ସମ୍ପାଦକ ରସିଆନନ୍ଦ ରାଏ, କୋଷାଧ୍ୟକ୍ଷ କୁଞ୍ଜବିହାରୀ ବେହେରା, ରାମଚନ୍ଦ୍ର ସାହୁ, ପୀତାମ୍ବର ବାଗ, ଅଧ୍ୟାପକ ଡ. ସଞ୍ଜୟ କୁମାର ମିଶ୍ର, ରତିନ୍ଦ୍ର ରାଏ, ମୁରିବାହାଲ କଲେଜ ଅଧକ୍ଷ ରମେଶ ମହାନନ୍ଦ, ଆଇନଜୀବୀ ବିଷ୍ଣୁପ୍ରସାଦ ଶର୍ମା। ପ୍ରମୁଖ ଯୋଗଦେଇଥିଲେ।

## ଅବାଧରେ ଚାଲିଛି ସଟ୍ଟା କାରବାର

**ଅତାବିରା, ୩୧ (ଡି.ଏନ.ଏ)**

ବରଗଡ ଜିଲା ଅତାବିରା ଓ ଭେଡେନ ଥାନା ଅଞ୍ଚଳରେ ଅବାଧରେ ସଟ୍ଟା କାରବାର ଚାଲିଛି। ରେଙ୍ଗାଲିକ୍ୟାମ୍ପ, ଲରମ୍ବା, ଚକୁଲିଫାର୍ମ, ଥୁଆପାଲି, ପତ୍ରାପାଲି ଆଦି ଛକରେ ଏହା ଚାଲିଛି। ଏ ଦିଗରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ଏ ନେଇ ଅତାବିରା ଥାନା ଆଇଆଇସି ପୁରୁଷୋତ୍ତମ ଭୋଇ ଓ ଭେଡେନ ଥାନାଧିକାରୀ ହେମନ୍ତ ରାଓଙ୍କୁ ପଚରାଯିବାରୁ ସଟ୍ଟା କାରବାର ଉପରେ ଚଢ଼ାଉ କରାଯିବ ବୋଲି କହିଥିଲେ।

## ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସାଂଗଠନିକ ନିର୍ବାଚନ



ନବନିର୍ବାଚିତ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା।

**କର୍ଲାମୁଣ୍ଡା, ୩୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ହରିପୁର ରୋଡ କଟକ-୧ ଅନୁବନ୍ଧିତ ପ୍ରାଥମିକ ସଂଘର ବ୍ଲକସ୍ତରୀୟ ଶିକ୍ଷକ ସାଂଗଠନିକ ନିର୍ବାଚନ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଥମିକ ଶିକ୍ଷକ ସଂଘ ଜିଲା ସଭାପତି ମନୋଜ ପାଣିଗ୍ରାହୀ ଅଧକ୍ଷତା କରିଥିଲେ। ଜିଲା ସମ୍ପାଦକ ଧୀରେନ ପଟ୍ଟନାଏକ, ଜିଲା ଯୁଗ୍ମ ସମ୍ପାଦକ ବୀରେନ୍ଦ୍ର ବାଗ, ଶିବପ୍ରସାଦ ଦାସ, ଜିଲା କୋଷାଧକ୍ଷ ଅମରେନ୍ଦ୍ର ନାଏକ, ଜିଲା କୋର କମିଟି ସଭ୍ୟ ଅନାଦି ଗିରୀ, ଶାନ୍ତନୁ ମାଝୀ, କର୍ଲାମୁଣ୍ଡା ବ୍ଲକ ସଭାପତି ଅଶୋକ କୁମାର ତ୍ରିପାଠୀ, ବ୍ଲକ ସମ୍ପାଦକ ଉଜ୍ଜ୍ୱଳ କୁମାର ସାହୁ, ପବିତ୍ର ଲେଙ୍କା ଯୋଗଦେଇ ଶିକ୍ଷକ ସଂଘର ସାଂଗଠନିକ ନିର୍ବାଚନ ସମ୍ବନ୍ଧରେ ଆଲୋଚନା କରିଥିଲେ। ପରେ ବ୍ଲକସ୍ତରୀୟ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଏଥିରେ ବସନ୍ତ କୁମାର ମିଶ୍ର ବ୍ଲକ ସଭାପତି, ବିଭୂତି ଭୂଷଣ ସେଠ୍ ଉପସଭାପତି, ଅଞ୍ଜଳି ଜାନୀ ଉପସଭାନେତ୍ରୀ, ସୁଦର୍ଶନ ସାହୁ ସମ୍ପାଦକ, ସୋମନାଥ ସାହୁ, ଐଶ୍ୱର୍ଯ୍ୟ ସାହୁ ଓ ସୀମାଞ୍ଚଳ ମାଝୀ ସହସମ୍ପାଦକ, ମନୋଜ କୁମାର ମିଶ୍ର କୋଷାଧକ୍ଷ ଓ ବ୍ଲକ ସଂଯୋଜକଭାବେ ପ୍ରସନ୍ନ କୁମାର ସାହୁ ନିର୍ବାଚିତ ହୋଇଥିଲେ। ଦୁର୍ଗାପ୍ରସାଦ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କାଶୀନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବୀମା ରାଶି ପାଇଁ ଆନ୍ଦୋଳନ ସଜବାଜ

**ଅତାବିରା, ୩୧ (ଡି.ଏନ.ଏ):** ବରଗଡ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ବୁଗବୁଗା ପଞ୍ଚାୟତର ଚାଷୀମାନେ ବୀମା ପ୍ରିମିୟମ ଦେଇଥିଲେ ମଧ କ୍ଷତି ହୋଇଥିବା ଧାନ ଫସଲର ବୀମା ରାଶି ପାଇନାହାନ୍ତି। ଫଳରେ ସେମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ସଜବାଜ ହେଲେଣି। ଏହି ପରିପ୍ରେକ୍ଷୀରେ ବୁଗବୁଗା ମାହେଶ୍ୱରୀ ମନ୍ଦିର ପରିସରରେ ରବୀନ୍ଦ୍ର ବିଶିଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବୁଗବୁଗା, ଗମ୍ଭାଟିକ୍ରା, ପାଲିବୁଗବୁଗା, ଜାମଟିକ୍ରା, ପତ୍ରାପାଲି, ପରିଆଟିକ୍ରା ଆଦି ଗ୍ରାମର ଶତାଧିକ ଚାଷୀ ଯୋଗଦେଇ ଚାଷୀଙ୍କ ବୀମା ସମସ୍ୟା ଉପରେ ଆଲୋଚନା କରିଥିଲେ। ବୀମା ରାଶି ମିଳୁ ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଜନଅସନ୍ତୋଷ ଆଗାମୀ ଦିନରେ ଆନ୍ଦୋଳନର ରୂପ ନେବ ବୋଲି ରବୀନ୍ଦ୍ର ବିଶି କହିଥିଲେ।

## ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟିର ବୈଠକ

**ଦେଓଗାଁ,୩୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟିର ବାର୍ଷିକ ବୈଠକ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ଲୁର୍ଲାକାନୀରେ ରବିବାର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଡା. ଶଶୀଭୂଷଣ ସାହୁଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ସମ୍ପାଦକ କୃଷ୍ଣପ୍ରସାଦ ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ପୂର୍ବ ପ୍ରସ୍ତାବିତ ନିଷ୍ପତ୍ତି ଉପରେ ଆଲୋଚନା କରାଯାଇଥିଲା। ଦେଓଗାଁ ଯୋଗୀସାଗର ରାସ୍ତାରେ ଥିବା ଆବର୍ଜନା କୁଣ୍ଡ ଓ କଛାରପାଲି ଗାଁ ମୁଣ୍ଡରେ କୁଢକୁଢ ଆବର୍ଜନା ଜମା ହୋଇ ରହିଛି। ଏନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇବା ସହ ଗାଁ କଲ୍ୟାଣ ସମିତିର କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠିଥିଲା। ଦେଓଗାଁକୁ ବିଜ୍ଞାପିତ ଅଞ୍ଚଳ ପାଇଁ ସ୍ଥାନୀୟ ତହସିଲକୁ ପତ୍ର ଆସିଥିବା ଉପରେ ତହସିଲଦାରଙ୍କ ସହ ଆଲୋଚନା କରିବା ପାଇଁ ମତପ୍ରକାଶ ପାଇଥିଲା। ଏଥିସହିତ ଦେଓଗାଁ ଥାନା ନିମନ୍ତେ ଆବଶ୍ୟକ ଜମିପାଇଁ ସରପଞ୍ଚ ଓ ତହସିଲଦାରଙ୍କ ସହ ଆଲୋଚନା କରି ପଦକ୍ଷେପ ନେବାପାଇଁ ବୈଠକରେ ମତପ୍ରକାଶ ପାଇଥିଲା । ଦେଓଗାଁ ରେଳ ଷ୍ଟେଶନରେ ଦ୍ରୁତଗାମୀ ଟ୍ରେନ ରହଣି, ବିଜୟାନନ୍ଦ ଚିନିକଳ କାର୍ଯ୍ୟକ୍ଷମ ଦାବି ଉପରେ ଆଲୋଚନା କରାଯାଇଥିଲା । ବୈଠକରେ ଦେଓଗାଁ ଥାନାଧିକାରୀ ରଞ୍ଜନ କୁମାର ବରିହା, କମିଟି ଉପସଭାପତି ବିଶ୍ୱଜିତ ପାତ୍ର, ସହସମ୍ପାଦକ ପ୍ରଦ୍ୟୁମ୍ନ ସାହୁ, କୋଷାଧ୍ୟକ୍ଷ ସଞ୍ଜୟ କୁମାର ହୋତା, ଶୈଳେନ୍ଦ୍ର କୁମାର ସାହୁ, ରାଜେନ୍ଦ୍ର ନନ୍ଦ, ସଞ୍ଜୟ କୁମାର ମାହାନନ୍ଦ, ବେଣୁଧର ଦଲାଇ, ରମେଶ ଚନ୍ଦ୍ର କର୍ତ୍ତ, ସୁଧାଂଶୁ ନାୟକ, ଲଳିତ ସାହୁ, ସମୀର କୁମାର ସାହୁ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ସୋନଗଡ଼ ନଦୀରେ ବ୍ୟାରେଜ୍ ନିର୍ମାଣ ଦାବି ତେଜିଲା

**ଦେଓଗାଁ, ୩୧(ଡି.ଏନ.ଏ)**


ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିକୁଆଁ ସିଦ୍ଧେଶ୍ୱର ବାବା ମନ୍ଦିର ପ୍ରାଙ୍ଗଣରେ ରବିବାର ସୋନଗଡ ନଦୀରେ ବ୍ୟାରେଜ ନିର୍ମାଣ ଦାବିକୁ ନେଇ ଆଞ୍ଚଳିକ କୃଷକ କମିଟି ତରଫରୁ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେରଙ୍କ ଆବାହକତ୍ୱରେ ଅନୁଷ୍ଠିତ ସମାବେଶରେ ଜିଲା ପରିଷଦ ସଭ୍ୟ ସୁଶୀଲ କୁମାର ଚାନ୍ଦ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନା ମେହେର, ସଦର ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ, ବ୍ଲକ ଯୁବବିଜେଡି ସଭାପତି ଶୈଳେନ୍ଦ୍ର କୁମାର ସାହୁ, ଜିଲା କୃଷକ ମହାସଂଘ ସମ୍ପାଦକ ଯତି ପଧାନ, ପୂର୍ବତନ ଜିଲା ପରିଷଦ ସଭ୍ୟ ଗୋପାଳ ଚନ୍ଦ୍ର ମିଶ୍ର, ବ୍ଲକ ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ ଯୋଗଦେଇଥିଲେ। ସୋନଗଡ ନଦୀରେ ବ୍ୟାରେଜ ନିର୍ମାଣ ହେଲେ ଦେଓଗାଁ ବ୍ଲକର ହାତିସରା, ଦେଓଗାଁ କଛାରପାଲି, ସାରସବାହାଲ, କୁଡୁର୍ଲା, ମୁରସିଂ, ଗାଇବାହାଲ, ଅର୍ଡା, ସିକୁଆଁ, ବଡବନ୍ଧ, ସିଲେଟକାନୀ, ସାରସବାହାଲ, ଅଫାମରା ଆଦି ୧୮ଟି ଗାଁ ତଥା ବଲାଙ୍ଗୀର ସଦର ବ୍ଲକର ଭୂତିଆରବାହାଲ, ନାରାୟଣପୁର, ନୁନିଆଡ଼ିପା, ଶିରିଶ, କୁଠୁର୍ଲା ଆଦି ଗ୍ରାମର ଚାଷୀ ଉପକୃତ ହେବେ। ଉଠାଜଳସେଚନ ମାଧ୍ୟମରେ ଅନ୍ତର୍ଲା, ଛତାପିପଲ, ଡଙ୍ଗରପଡା, ପିପଲପଦର, ବନ୍ଧପଡାର ଚାଷୀ ଉପକୃତ ହୋଇପାରିବେ। ସେହିପରି ଏହି ଅଞ୍ଚଳରେ ଭୂତଳ ଜଳସମ୍ପଦ ସନ୍ତୁଳିତ ହେବା ସହ ପାନୀୟ ଜଳ ସଂରକ୍ଷଣ ହୋଇପାରିବ । ହାରାହାରି ୩୨୦୦ ଏକର ଚାଷଜମି ଜଳସେଚିତ ହୋଇପାରିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଏହି ନଦୀରେ ବ୍ୟାରେଜ ନିର୍ମାଣ ପାଇଁ ବୈଷୟିକ କମିଟିରେ ଅନୁମୋଦନ ଲାଭ ସହ ରାଜ୍ୟ ସରକାରଙ୍କ ସକ୍ରୀୟ ବିଚାରାଧୀନ ରହିଛି ବୋଲି ସମାବେଶରେ ସୂଚନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାହାଜବାହାଲ ସରପଞ୍ଚ ପ୍ରଦ୍ୟୁମ୍ନ ହୋତା, ଶିବତଲା ସରପଞ୍ଚ ବାଳକୃଷ୍ଣ ବେହେରା, ଚାଷୀ ପବିତ୍ର ପଧାନ, ଚାପ ବଗର୍ତ୍ତୀ, ଅନ୍ତର୍ଯ୍ୟାମୀ ଭୋଇ ପ୍ରମୁଖ ଯୋଗଦେଇ ବ୍ୟାରେଜ ନିର୍ମାଣ ଦାବି ସପକ୍ଷରେ ମତ ରଖିଥିଲେ । ସମାବେଶରେ ଅଞ୍ଚଳର ୫ଶହରୁ ଉର୍ଦ୍ଧ୍ୱଚାଷୀ ଉପସ୍ଥିତ ଥିଲେ ।



ସମାବେଶରେ ଉପସ୍ଥିତ ଜନପ୍ରତିନିଧି ଓ ଚାଷୀ।

### ସିକୁଆଁରେ ଚାଷୀ ସମାବେଶ

# କୋଲେଷ୍ଟରଲ ସମସ୍ୟା ଦୂର କରେ ଉଷୁମ ପାଣି



ଆମ ଶରୀରରେ କୋଲେଷ୍ଟରଲ ପରିମାଣ ସନ୍ତୁଳିତ ରହିବା ନିହାତି ଜରୁରୀ। ଯଦି ଏଥିରେ ଅସନ୍ତୁଳନ ପରିଲକ୍ଷିତ ହୁଏ, ତେବେ ତାହା କେତେକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ। ଏହାଦ୍ୱାରା ରକ୍ତଚାପ (ବ୍ଲଡ ପ୍ରେସର) ଏପରି କି ହୃଦ୍‌ଘାତ ହେବାର ଆଶଙ୍କା ରହିଛି। ତେଣୁ ଏହା କିପରି ସନ୍ତୁଳିତ ରହିବ ସେ ନେଇ ଆମେ ସତର୍କ ହେବା ଦରକାର। ଏଥିପାଇଁ ଏକ ସହଜ ଉପାୟ ମଧ୍ୟ ରହିଛି। ତାହା ହେଲା ଉଷୁମ ପାଣି ପିଇବା। ଅର୍ଥାତ୍, ଜଣେ ବ୍ୟକ୍ତି ଯଦି ନିୟମିତ ଉଷୁମ ପାଣି ପିଅନ୍ତି ତେବେ ତାଙ୍କର ଶରୀରରେ କୋଲେଷ୍ଟରଲ ଅନେକାଂଶରେ ସନ୍ତୁଳିତ ରହିଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। 'କୋଲେଷ୍ଟରଲ ଏବଂ ଉଷୁମ ପାଣି' ଶୀର୍ଷକ ଏକ ବିଷୟକୁ ନେଇ ୟୁନିଭର୍ସିଟି ଅଫ ସିଡ୍‌ନୀର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମିତ ଉଷୁମ ପାଣି ପିଇବାକୁ ପରାମର୍ଶ ଦିଆଯାଇଥିଲା। ଏହାଦ୍ୱାରା ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର କୋଲେଷ୍ଟରଲ ପରିମାଣ କେତେକାଂଶରେ କମୁଥିବା ଜଣାପଡିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅପରପକ୍ଷରେ ଉଷୁମ ପାଣି ପିଇଲେ ତାହା ମଧ୍ୟ ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରେ। ଉଷୁମ ପାଣି ପିଇଲେ ତାହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ। ଉଷୁମ ପାଣି ପିଇବା ଦ୍ୱାରା ମେଦବହୁଳତା କେତେକାଂଶରେ ଦୂର ହୋଇଥାଏ।

# ଆଣ୍ଟିବାୟୋଟିକ୍ ଖାଉଥିଲେ...



କେତେକ ରୋଗ ପାଇଁ ନିର୍ଦ୍ଦିଷ୍ଟ ଔଷଧ ସହ ଆଣ୍ଟିବାୟୋଟିକ ଖାଇବାକୁ ପଡିଥାଏ। ତେବେ ଏହି ସମୟରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଆଦୌ ଭୁଲନ୍ତୁ ନାହିଁ। ଆପଣଙ୍କ ରୋଗ ବିଷୟରେ ପରାମର୍ଶ କରୁଥିବା ଡାକ୍ତରଙ୍କୁ ବିଷଦ ଭାବରେ କୁହନ୍ତୁ। କାରଣ ତାହାକୁ ଅନୁଧ୍ୟାନ କରି ଡାକ୍ତର ଔଷଧ ଏବଂ ବେଳେବେଳେ ତା'ସହ ଆଣ୍ଟିବାୟୋଟିକ ଖାଇବାକୁ କହିଥାଆନ୍ତି। ହେଲେ କେତେକେ କିଛି ଦିନ ଔଷଧ ଏବଂ ଆଣ୍ଟିବାୟୋଟିକ ଖାଇବା ପରେ ଏବଂ ରୋଗରୁ ଆରୋଗ୍ୟ ଲାଭ କରିବା ପରେ ଏହାକୁ ଖାଇବା ବନ୍ଦ କରିଦିଅନ୍ତି। ହେଲେ ଯେତେଦିନ ପର୍ଯ୍ୟନ୍ତ ଡାକ୍ତର ଏଗୁଡିକୁ ଖାଇବାକୁ ପରାମର୍ଶ ଦେଇଛନ୍ତି ସେ ପର୍ଯ୍ୟନ୍ତ ଖାଆନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଡାକ୍ତରଙ୍କ ବିନା ପରାମର୍ଶରେ ଛୋଟପିଲାଙ୍କୁ ଆଣ୍ଟିବାୟୋଟିକ୍ ଖାଇବାକୁ ଦିଅନ୍ତୁ ନାହିଁ। କେତେକ ବ୍ୟକ୍ତିଙ୍କର ଶରୀର ଅନୁସାରେ ଆଣ୍ଟିବାୟୋଟିକ୍ ସୁଟ୍ କରିଥାଏ। ଏହାକୁ ଖାଇବା ସମୟରେ ଯଦି କିଛି ସମସ୍ୟା ଦେଖାଦେଲା ତେବେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରମର୍ଶ କରନ୍ତୁ। କେତେବେଳେ କେଉଁ ଔଷଧ ଖାଇବେ ସେ ନେଇ ଡାକ୍ତରଙ୍କ ନିକଟରୁ ଭଲ ଭାବରେ ବୁଝି ନିଅନ୍ତୁ। ଏହାକୁ ନେଇ ମନରେ କୌଣସି ଦ୍ୱନ୍ଦ୍ୱ ଥିଲେ ତାହା ଡାକ୍ତରଙ୍କ ସହ ପରାମର୍ଶ କରି ଦୂର କରନ୍ତୁ।

# ଡାଇବେଟିସ୍ ରୋଗୀଙ୍କ ପାଇଁ



ଯଦି ଆପଣ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ତେବେ କେତୋଟି ବିଷୟ ପ୍ରତି ଯଥେଷ୍ଟ ଧ୍ୟାନ ଦେବାକୁ ପଡିଥାଏ। ଖାଦ୍ୟପେୟ ବ୍ୟତୀତ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଆପଣଙ୍କ ରକ୍ତରେ ସୁଗାର ପରିମାଣ କେତେ ରହୁଛି ତାହା ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ। ଏହି ରୋଗ ଦ୍ୱାରା ଆକ୍ରାନ୍ତ ହେଲେ ବ୍ଲଡପ୍ରେସର ପରି ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଡାକ୍ତରଙ୍କ ସହ ପରାମର୍ଶ କରିବା ସହିତ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ବ୍ଲଡପ୍ରେସର କେତେ ରହୁଛି ତାହା ମାପି ନିଅନ୍ତୁ। ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ହେଲେ ତାହାଦ୍ୱାରା ହାର୍ଟ, କିଡ୍‌ନୀ ଏବଂ ଆଖି ପ୍ରଭାବିତ ହେବାର ଆଶଙ୍କା ରହିଛି। ତେଣୁ ଏ ବିଷୟରେ ନିର୍ଦ୍ଦିଷ୍ଟ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ଡାଇବେଟିସ୍ ପାଇଁ ଔଷଧ ଖାଉଥିଲେ ନିୟମିତ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ଏ ନେଇ ଆଲୋଚନା କରନ୍ତୁ। ମନକୁ ମନ ଔଷଧ ଖାଇବା ବନ୍ଦ କରନ୍ତୁ ନାହିଁ। ଡାଇବେଟିସ୍ ରୋଗୀଙ୍କ ମଧ୍ୟରୁ ପ୍ରାୟ ୯୦ ପ୍ରତିଶତ ବ୍ୟକ୍ତି ମେଦବହୁଳତାର ସମସ୍ୟା ସହ ଜଡ଼ିତ ଥାଆନ୍ତି। ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ, ପାଖାପାଖି ୬୦-୭୦ ପ୍ରତିଶତ ଡାଇବେଟିସ୍ ରୋଗୀଙ୍କର ସ୍ନାୟୁଜନିତ ସମସ୍ୟା ଥାଏ।


# କୋଭିଡ୍-୧୯ ଟିକା




"ଭାକ୍‌ସିନ ତିଆରି ପାଇଁ ୪-୫ ବର୍ଷ ସମୟ ଲାଗେ। କୋଭିଡ୍-୧୯ର ଭୟାବହତା ପାଇଁ ଆମେରିକା, ଇଂଲଣ୍ଡ, ଜର୍ମାନ, ରୁଷ, ଚାଇନା ଓ ଭାରତ ପ୍ରଭୃତି ଦେଶଗୁଡ଼ିକ ଅତିଶୀଘ୍ର ଟିକା ପ୍ରସ୍ତୁତ କରିବା ପାଇଁ ଲାଗି ପଡ଼ିଲେ। ୪-୫ ମାସ ମଧ୍ୟରେ ଏହି କାର୍ଯ୍ୟ ସଂପନ୍ନ କରିବାକୁ ପଡ଼ିଲା। କିନ୍ତୁ ଗବେଷଣା ଜୀବବିଜ୍ଞାନ ସମ୍ବନ୍ଧୀୟ ହୋଇଥିବାରୁ ସମୟକୁ ସଙ୍କୁଚିତ କରାଯାଇପାରିବ ନାହିଁ।"



ଡା. ଦ୍ୱିଜେଶ କୁମାର ପଣ୍ଡା



ଦୁଃଖଦ ୨୦୨୦ ବିଦାୟ ନେଇଛି। ଏହା ଗୋଟିଏ ଦୁର୍ବିପାକ ଓ ଦୁର୍ଭାଗ୍ୟ ବର୍ଷ ଥିଲା। ବିଶ୍ୱରେ ୬୪ ନିୟୁତ ଲୋକ କୋଭିଡ୍-୧୯ରେ ଆକ୍ରାନ୍ତ ହୋଇଛନ୍ତି ଓ ୧୦୪ ନିୟୁତ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ଅନେକ ବିଶ୍ୱବାସୀ ଜୀବିକା ହରାଇଛନ୍ତି। ଅନ୍ୟପକ୍ଷରେ ବୈଜ୍ଞାନିକଙ୍କର ଉନ୍ନତ ଗବେଷଣାରୁ କୋଭିଡ୍-୧୯ ଟିକା(ଭାକ୍‌ସିନ) ଉପଲବ୍ଧ ହୋଇଛି। ଟିକା ନେବା ଫଳରେ ଶରୀରରେ ଦୁଇ ସପ୍ତାହ ମଧ୍ୟରେ ଆଣ୍ଟିବଡ଼ି(ପ୍ରତିପିଣ୍ଡ) ତିଆରି ହୁଏ। ଏହା ହେଉଛି ଆଇ.ଡି.ଜି। ଏହି ପ୍ରତିପିଣ୍ଡ ଛଅରୁ ଆଠ ମାସ ପର୍ଯ୍ୟନ୍ତ ରୋଗ ପ୍ରତିରୋଧ କରେ। ଏହି ସମୟ ମଧ୍ୟରେ ଭୂତାଣୁ ଫୁସଫୁସରେ ପ୍ରବେଶ କଲେ ପ୍ରତିପିଣ୍ଡ ଭୂତାଣୁର କଣ୍ଟାରେ ଥିବା ପ୍ରୋଟିନ ସହିତ ସଂଲଗ୍ନ ହୋଇ ଭୂତାଣୁକୁ ନଷ୍ଟ କରିଦିଏ। ଆଶା ଓ ବିଶ୍ୱାସ ଏହା ସାର୍ବଦେଶିକ ରୋଗ ସଂକ୍ରମଣରୁ ବିଶ୍ୱବାସୀଙ୍କ ଜୀବନ ରକ୍ଷା କରିବ। ନିକଟରେ ଭାରତରେ କରୋନା ମୁକାବିଲା ପାଇଁ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇଏମସିଆର)ର ମିଳିତ ପ୍ରଚେଷ୍ଟାରେ ପ୍ରଥମ ସ୍ୱଦେଶୀ କରୋନା ଟିକା 'କୋଭାକ୍ସିନ' ପ୍ରସ୍ତୁତ କରାଯାଇଛି ଏବଂ ଜରୁରୀକାଳୀନ ବ୍ୟବହାର ପାଇଁ ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ପକ୍ଷରୁ ମଞ୍ଜୁରୀ ପ୍ରଦାନ କରାଯାଇଛି।

ଏହାସହ ଭାରତରେ ସିରମ ଇନଷ୍ଟିଚ୍ୟୁଟ୍ ଦ୍ୱାରା ପ୍ରସ୍ତୁତ ଅକ୍ସଫୋର୍ଡ-ଆଷ୍ଟ୍ରେଜେନିକାର କୋଭିଡ୍ ଟିକା 'କୋଭିସିଲଡ୍'କୁ ମଧ୍ୟ ଜରୁରୀକାଳୀନ ବ୍ୟବହାର ପାଇଁ 'ଡିସିଜିଆଇ' ମଞ୍ଜୁରୀ ଦେଇଛି। ଭାକ୍‌ସିନ ତିଆରି ପାଇଁ ୪-୫ ବର୍ଷ ସମୟ ଲାଗେ। 'କୋଭିଡ୍-୧୯'ର ଭୟାବହତା ପାଇଁ ଆମେରିକା, ଇଂଲଣ୍ଡ, ଜର୍ମାନ, ରୁଷ, ଚାଇନା ଓ ଭାରତ ପ୍ରଭୃତି ଦେଶଗୁଡ଼ିକ ଅତିଶୀଘ୍ର ଟିକା ପ୍ରସ୍ତୁତ କରିବା ପାଇଁ ଲାଗି ପଡ଼ିଲେ। ୪-୫ ମାସ ମଧ୍ୟରେ ଏହି କାର୍ଯ୍ୟ ସଂପନ୍ନ କରିବାକୁ ପଡ଼ିଲା। କିନ୍ତୁ ଗବେଷଣା ଜୀବବିଜ୍ଞାନ ସମ୍ବନ୍ଧୀୟ ହୋଇଥିବାରୁ ସମୟକୁ ସଙ୍କୁଚିତ କରାଯାଇ ପାରିବ ନାହିଁ। ଏହା ହେଲେ ଟିକା ତ୍ରୁଟିହୀନ ହେବା ସମ୍ଭବ ନୁହେଁ। ଭାକ୍‌ସିନ ବା ପ୍ରତିଷେଧକ ଟିକା ବାହାରୁ ଶରୀର ମଧ୍ୟରେ ପ୍ରବେଶ କରୁଥିବା ଭୂତାଣୁକୁ ଧ୍ୱଂସ କରିବା ପାଇଁ ଉଦ୍ଦିଷ୍ଟ। ଏଥିପାଇଁ ଦୁର୍ବଳ କିମ୍ବା ନିଷ୍କ୍ରିୟ ଭୂତାଣୁକୁ ମଣିଷକୁ ଇଂଜେକ୍ସନ ଆକାରରେ ଦିଆଯାଏ। ଦୁଇ ସପ୍ତାହ ବେଳକୁ ଆଣ୍ଟିବଡ଼ି ତିଆରି ହୋଇଯାଏ। ଭବିଷ୍ୟତରେ ଉକ୍ତ ଭୂତାଣୁ ଶରୀରରେ ପ୍ରବେଶ କଲେ ପ୍ରତିଷେଧକ ବ୍ୟବସ୍ଥା ଜାଗ୍ରତ ହୋଇ ତାହାକୁ ମାରିଦିଏ। କୋଭିଡ୍-୧୯ ପାଇଁ ପ୍ରସ୍ତୁତ ହୋଇଥିବା ଏମ.ଆର.ଏନ.ଏ. ଭାକ୍‌ସିନ ନୂତନ ଜେନେରେସନ ପଦ୍ଧତିକୁ ନେଇ ତିଆରି କରାଯାଇଛି। କମ୍ ସମୟ ମଧ୍ୟରେ ପ୍ରସ୍ତୁତ ହୋଇଥିବା ଏହି ଟିକା କେତେ ନିରାପଦ ତାହା ସମୟ କହିବ। ଏହି ଭାକ୍‌ସିନରେ ସଂପୂର୍ଣ୍ଣ ଭୂତାଣୁ ବଦଳରେ ଏହାର କଣ୍ଟାରେ ଥିବା ପ୍ରୋଟିନକୁ ଆଣ୍ଟିଜେନ ହିସାବରେ ବ୍ୟବହାର ହୁଏ। ଏହା ଜୀବକୋଷ ଭିତରେ ପ୍ରବେଶ କଲାପରେ ସେଥିରେ ଥିବା 'ରାଇବୋଜୋମ' ସ୍ପାଇକ(କଣ୍ଟା) ପ୍ରୋଟିନ ତିଆରି କରେ। ବର୍ତ୍ତମାନ ଇଂଲଣ୍ଡ, ଇଟାଲି ଓ ଅଷ୍ଟ୍ରେଲିଆ ଇତ୍ୟାଦି ଦେଶଗୁଡ଼ିକରେ ସାରସ-କୋଭିଡ୍-୨ ଭୂତାଣୁର ଦ୍ୱିତୀୟ ଲହର ଅତି ସଂକ୍ରାମକ ରୂପେ ଦେଖା ଦେଲାଣି। ଭୂତାଣୁର ଆ.ର.ଏନ.ଏ.ର ବିବର୍ତ୍ତନ ଘଟିଛି। ଜେନେଟିକ କୋଓର ପରିବର୍ତ୍ତନ ହୋଇଛି। ତେଣୁ ବର୍ତ୍ତମାନର ଟିକା ବିବର୍ତ୍ତନ ଭୂତାଣୁ ମାରିବାରେ କେତେ ସଫଳ ହୋଇପାରିବ ତାହା ପ୍ରଶ୍ନବାଚୀ? ଭାରତରେ 'ଭାରତ ବାୟୋଟେକ' ଦ୍ୱାରା ପ୍ରସ୍ତୁତ ଟିକା ନିଷ୍କ୍ରିୟ ଭୂତାଣୁକୁ ନେଇ ତିଆରି ହେଉଥିବାରୁ ସଫଳ ପ୍ରତିପିଣ୍ଡ ସୃଷ୍ଟି କରିବା ପ୍ରମାଣ ନିର୍ଣ୍ଣୟ ହେବା ଆବଶ୍ୟକ। ଟିକା ପ୍ରସ୍ତୁତି ସତର୍କତା ଓ ସଂଶୟହୀନ ହେବା ଉଚିତ।

ଏହାପୂର୍ବରୁ ୨୦୦୨ରେ 'ସାରସ' ସଂକ୍ରମଣରେ ଆକ୍ରାନ୍ତ ହୋଇ ଅନେକ ଲୋକ ପ୍ରାଣ ହରାଇଥିଲେ। ୨୦୧୨ ମସିହାରେ ଏହି କରୋନା ଭୂତାଣୁ 'ମରସ-କୋଭିଡ୍' ନାମରେ ଆବିର୍ଭୂତ ହୋଇ ତିନି ହଜାର ବ୍ୟକ୍ତିଙ୍କୁ ଅତି ମାରାତ୍ମକ ଭାବରେ ସଂକ୍ରମଣ କଲା ଏବଂ କାଳକ୍ରମେ ଆପେ ଦୂର ହୋଇଗଲା। ଡିସେମ୍ବର ୧୯ରେ 'ସାରସ କୋଭିଡ୍-୨' କୋଭିଡ୍-୧୯ ନାମରେ ଆବିର୍ଭୂତ ହେଲା। ଏହି ଗୋଲ ଭୂତାଣୁର ଚାରିପଟେ କଣ୍ଟା ଦେଖିବାକୁ ମିଳିଲା। ଚାରିମାସ ମଧ୍ୟରେ ୧୪ଟି ଔଷଧ କମ୍ପାନୀ ସଫଳ ଟିକା ଉଦ୍ଭାବନ କରିଛନ୍ତି ବୋଲି ଦାବି କରୁଛନ୍ତି। ନିରାପତ୍ତା ଅଙ୍କୁଶରୁ ମୁକ୍ତ ହୋଇ ସେମାନଙ୍କର ପ୍ରସ୍ତୁତ ଟିକା ବଜାରରେ ଉପଲବ୍ଧ କରାଇବାକୁ ବ୍ୟଗ୍ର। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଓ ବିଭିନ୍ନ ଦେଶର ଔଷଧ ନିୟନ୍ତ୍ରଣ ସଂସ୍ଥାର କଠୋର ନିୟମକୁ ଲଂଘନ କରୁଛନ୍ତି।

ଗୋଟିଏ ଆଦର୍ଶ କୋଭିଡ୍ ଟିକାର ୩ଟି ଗୁଣ ରହିବା ଉଚିତ। ତାହା ହେଉଛି ଭୂତାଣୁ ରୋଗ ଦୂର କରିବା, ସଂକ୍ରମଣକୁ ପ୍ରତିରୋଧ କରିବା ଏବଂ ରୋଗ ସଞ୍ଚାରଣ ନ କରିବା। ବୟସ୍କମାନଙ୍କ ଟିକାକରଣ ଭାରତରେ ପୂର୍ବରୁ ହୋଇନାହିଁ। ଟିକା ନିରାପତ୍ତା ବିଷୟରେ ଅନେକ କଳ୍ପନା ସୃଷ୍ଟି ହୋଇଛି। ଠିକ୍ ତଥ୍ୟ ଜନସାଧାରଣ ଜାଣନ୍ତି ନାହିଁ। ବିୟୁକ୍ତ ୭୦ ଡିଗ୍ରୀ ଉତ୍ତାପରେ ଟିକା ଗ୍ରାମାଞ୍ଚଳକୁ ପରିବହନ କରିବା ଅସମ୍ଭବ। ବହୁ ନିମ୍ନ ଉତ୍ତାପରେ ସଂରକ୍ଷଣ ବଡ଼ ସମସ୍ୟା। ସେଥିପାଇଁ ଫାଇଜର କମ୍ପାନୀ ଦ୍ୱାରା ପାଉଡର ଭାକସିନ ପ୍ରୟାସ ଜାରି ରହିଛି। ଶୁଖିଲା ବରଫରେ ଟିକାକୁ ୧୦ରୁ ୧୫ ଦିନ ପର୍ଯ୍ୟନ୍ତ ସଂରକ୍ଷଣ କରାଯାଇ ପାରିବ। ଏହା କାର୍ବନ ଡାଇଅକ୍ସାଇଡରୁ ତିଆରି। ତେଣୁ ନିରାପଦ ନୁହେଁ। ପ୍ରଥମ ଟିକା ଦେବାର ୪ ସପ୍ତାହରେ ଦ୍ୱିତୀୟ ଟିକା ଦିଆଯିବ। ଏହାର ପରିଚାଳନା ସହଜ ନୁହେଁ। କୋଭିଡ୍-୧୯ ଟିକା ନୂତନ ବର୍ଷରେ ମନୁଷ୍ୟର ରକ୍ଷା କବଚ ହେଉ।

-୧୨, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ମୋ: ୯୪୩୮୪୭୦୭୭୭




# ସ୍ୱାସ୍ଥ୍ୟ ସୂଚନା



- ନିଜକୁ ସୁସ୍ଥ ରଖିବା ପଛରେ ଖାଦ୍ୟପେୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ସବୁବେଳେ ଏହା ଉପରେ ଗୁରୁତ୍ୱ ଦିଅନ୍ତୁ। ଦୈନନ୍ଦିନ ଖାଦ୍ୟ ତାଲିକାରେ ସବୁବେଳେ ସୁଷମ ଖାଦ୍ୟ ସାମିଲ କରନ୍ତୁ।
- ଅବସାଦ ହେଉ ବା ଟେନସନ ପରୋକ୍ଷରେ କେତେକ ରୋଗର କାରଣ ସାଜିଥାଏ। ତେଣୁ ନିଜକୁ ଯେତେସମ୍ଭବ ଅବସାଦ, ଟେନସନଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ।
- ଅଯଥା କଥାକୁ ନେଇ ଉତ୍ତେଜିତ ହେବାଦ୍ୱାରା ତାହାର ପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡିଥାଏ। ଏହାଦ୍ୱାରା ବ୍ଲଡପ୍ରେସର ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି।
- ବୟସ ବଢ଼ିଲେ କେତେକ ରୋଗ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ତେଣୁ ନିୟମିତ ସମୟ ବ୍ୟବଧାନରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।
- ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍‌କୁ ସାମିଲ କରନ୍ତୁ। କାରଣ ସକାଳେ ଏହି ଜୁସ୍ ପିଇଲେ ତାହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।
- ଯଦି ଦୃଷ୍ଟିଶକ୍ତିଜନିତ ସମସ୍ୟା ଅଛି ଏବଂ ଆପଣ ଚଷମା ପିନ୍ଧୁଛନ୍ତି ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ।
- ଅଧିକ ତେଲଯୁକ୍ତ, ଫାଷ୍ଟଫୁଡ୍, ଜଙ୍କ୍ ଫୁଡ୍ ନ ଖାଇବା ଭଲ।
- ପ୍ରତିଦିନ କିଛି ସମୟ ଯୋଗ କିମ୍ବା ପ୍ରାଣାୟାମ କରନ୍ତୁ।

# ହାଇଟେକ୍ ରୋବୋ

ଆଜିକାଲି ରୋବୋଗୁଡିକୁ ବିଭିନ୍ନ କାମରେ ନିୟୋଜିତ କରାଯାଉଛି। ଏପରି କି ଅପରେଶନ ପରି ଗୁରୁତ୍ୱପୂର୍ଣ୍ଣ କାମରେ ରୋବୋର ସହାୟତା ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ନୂଆ ଆଶା ସୃଷ୍ଟି କରିଛି କହିଲେ ଆଦୌ ଭୁଲ ହେବ ନାହିଁ। ତେବେ ନିକଟରେ ଟୋକିଓର ବିଶେଷଜ୍ଞମାନେ ଏକ ହାଇଟେକ ରୋବୋ ପ୍ରସ୍ତୁତ କରିଛନ୍ତି। ବିଶେଷଭାବରେ ଏହା ବୟସ୍କ ବ୍ୟକ୍ତିଙ୍କ ପାଇଁ ସହାୟକ ହୋଇପାରିବ ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡିଛି। କେତେକ ବୟସ୍କ ବ୍ୟକ୍ତି ନିଜକୁ ଏକୁଟିଆ ଅନୁଭବ କରିଥାଆନ୍ତି। ତେଣୁ ଏହି ସମୟରେ ଏହି ନୂତନ ରୋବୋ ତାଙ୍କୁ ସହାୟତାର ହାତ ବଢ଼ାଇପାରିବ। ସେମାନଙ୍କର ସ୍ୱାସ୍ଥ୍ୟ ଉପରେ ନଜର ରଖିବା ସହ ଖାଇବା ପିଇବା ବିଷୟରେ ମଧ୍ୟ ତଦାରଖ କରିପାରିବ। ଏପରି କି ଏକୁଟିଆ ସମୟରେ ବୟସ୍କ ବ୍ୟକ୍ତିମାନେ ଏଥିରୁ ନିଜର ମନ ପସନ୍ଦର ଗୀତ ମଧ୍ୟ ଶୁଣିପାରିବେ। ଏହାକୁ ପରୀକ୍ଷାମୂଳକ ଭାବରେ ବ୍ୟବହାର କରାଯାଇ ସଫଳତା ମିଳିଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।



## ଦୁର୍ଘଟଣାରେ ୨ ଶ୍ରମିକ ମୃତ

ଉମରକୋଟ, ୩।୧(ସ୍ୱ.ପ୍ର.): ଉମରକୋଟ ଦର୍ଗଗୁଡ଼ା ନିକଟରେ ଶନିବାର ରାତିରେ ଏକ ଦୁର୍ଘଟଣା ଘଟି ୨ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଯାଇଛି। ସେମାନେ ହେଲେ ମୂର୍ତ୍ତୁମା ପଞ୍ଚାୟତ ଆମାଗୁଡ଼ା ଗାଁର ରମେଶ ହରିଜନ (୨୭) ଓ ସଞ୍ଜୀବ ହରିଜନ (୧୪)। ପ୍ରକାଶ ଯେ, ରମେଶ ଓ ସଞ୍ଜୀବ ଶନିବାର କାମ କରିବାକୁ ଉମରକୋଟ ଆସିଥିଲେ। କାମ ସାରି ଘରକୁ ଫେରିବା ବାଟରେ ଦର୍ଗାଗୁଡା ନିକଟ କପା କଳ ପାଖରେ ପଛପଟରୁ ଏକ ପିକ୍‌ଅପ୍ ଗାଡ଼ି (ଓଡି-୧୦କ୍ୟୁ-୧୩୭୬) ସେମାନଙ୍କୁ ଧକ୍କା ଦେଇଥିଲା। ଏଥିରେ ଉଭୟଙ୍କର ପ୍ରବଳ ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ସେମାନଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ରମେଶଙ୍କ ମୃତ୍ୟୁ ହୋଇଥିଲା। ସଞ୍ଜୀବଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମଧ ମୃତ୍ୟୁ ହୋଇଥିଲା ବୋଲି ଉମରକୋଟ ଥାନା ଏସ୍‌ଆଇ ପି.କେ. ଖଣ୍ଡୁଆଳ ସୂଚନା ଦେଇଛନ୍ତି। ଏ ନେଇ ଉମରକୋଟ ଥାନାରେ ୧/୨୧ରେ ମାମଲା ରୁଜୁ କରାଯାଇଛି। ଗାଡ଼ି ଡ୍ରାଇଭର ଲକ୍ଷ୍ମୀକାନ୍ତ ରେଲିଙ୍କୁ ଗିରଫ କରାଯାଇଛି।

# କଳାହୀରାର କଳାବଜାର

- ତାଳଚେରରୁ ଷଠିପୁର ଯାଏ ଲମ୍ବିଛି କାରବାର
- ଚୋରା କୋଇଲା ଗାଡ଼ି ଜବତ, ୧ ଗିରଫ
- ଓଭରଲୋଡିଂ ବୋଝେଇ ଗାଡ଼ି ଚଳାଚଳ ଅଣାୟତ୍ତ



ଯାଜପୁର ଅଫିସ,୩।୧

କଳାହୀରା କୋଇଲାର କଳାବଜାର ତାଳଚେରଠାରୁ ଯାଜପୁର ଜିଲା ଷଠିପୁର ପର୍ଯ୍ୟନ୍ତ ଲମ୍ବିଛି। ଏହାର କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତ ବର୍ଷକ ମଧ୍ୟରେ ଯାଜପୁର ପୋଲିସ ଦ୍ୱାରା ୫ରୁ ଊର୍ଦ୍ଧ୍ୱ ଥର କୋଇଲା କଳାବଜାର ଧରାପଡ଼ିଛି। ରବିବାର ସକାଳେ ପାଣିକୋଇଲି ପୋଲିସ ଏକ ଚୋରା କୋଇଲା ଗାଡି ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି। କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପାଣିକୋଇଲି ପୋଲିସ ରାଜପଥରେ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ତାଳଚେରରୁ ୨୦ ଏମ୍‌ଟି ଚୋରା କୋଇଲା ବୋଝେଇ ଏକ ଟ୍ରକ ଧରାପଡିଥିଲା। କୋଇଲାର କୌଣସି କାଗଜପତ୍ର ନଥିବାରୁ ଗାଡିଟିକୁ ଜବତ କରିବା ସହ ଅନୁଗୋଳ ଜିଲା ବ୍ୟାରେଜ ମଇଦ୍ୱାରପୁର ଗ୍ରାମର ଡ୍ରାଇଭର ଅନିଲ କୁମାର ସାହୁ(୨୫)ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ନିୟମିତ ବ୍ୟବଧାନରେ ଚୋରା କୋଇଲା ଯାଜପୁର ଜିଲା ଦେଇ ପରିବହନ ହେଉଥିବାରୁ ଯାଜପୁରରୋଡ ଖଣି ବିଭାଗ ଓ କୋଇଲା ମାଫିଆଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଥିବା ଚର୍ଚ୍ଚା ଜୋର ଧରିଛି।

କୋଇଲା ପାଇଁ ତାଳଚେର ସାରା ଭାରତରେ ପରିଚିତ। ଦିନକୁ ଦିନ କୋଇଲାର କଳାବଜାର ବଢ଼ିବା ଯୋଗୁ ତାଳଚେର ଅଶାନ୍ତ ହେଉଥିବାବେଳେ ଏବେ ଯାଜପୁର ଜିଲା ମଧ ଏଥିରୁ ବାଦ ପଡୁନାହିଁ। ଏକ ସୁସଂଗଠିତ ର୍‍ୟାକେଟ ମାଧ୍ୟମରେ ଏହି ଚୋରାକାରବାର ହେଉଥିବାରୁ ଏମ୍‌ସିଏଲ ଓ ରାଜ୍ୟ ସରକାରଙ୍କ ବିପୁଳ କ୍ଷତି ହେଉଛି। ଗାଡ଼ିରେ କ୍ଷମତାଠାରୁ ଓଭରଲୋଡିଂ କରି କୋଇଲା ଚୋରାଚାଲାଣ ହେଉଥିବାବେଳେ ତାହାକୁ ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ବିକ୍ରି କରାଯାଉଛି। ଓଭରଲୋଡିଂ ଯାଞ୍ଚ ଦାୟିତ୍ୱରେ ରହିଥିବା ଆରଟିଓ ବିଭାଗ ମଧ ଏହା ଜାଣି ନୀରବ ରହୁଛି। ଏମ୍‌ସିଏଲର ସିଂହଭାଗ କୋଇଲା ତାଳଚେରରୁ ଉତ୍ତୋଳନ ହେଉଛି। ସେଠାରୁ ପ୍ରାୟ ୩୫ ର୍‍ୟାକ(ମାଲଗାଡ଼ି) କୋଇଲା ଦେଶର ବିଭିନ୍ନ ପ୍ରାନ୍ତକୁ ପରିବହନ ହୋଇଥାଏ। ଗୋଟିଏ ର୍‍ୟାକରେ ପ୍ରାୟ ୬୦ ୱାଗନ ଥାଏ। ଏହି ର୍‍ୟାକଗୁଡ଼ିକ ଜରିଆରେ ଏମ୍‌ସିଏଲ ବିଭିନ୍ନ ସରକାରୀ ଓ ଘରୋଇ କମ୍ପାନୀକୁ କୋଇଲା ପରିବହନ କରିଥାଏ। ଜଣାଯାଇଛି ଯେ, କେବଳ ଘରୋଇ କମ୍ପାନୀକୁ ଯାଉଥିବା କୋଇଲାରେ କୋଟି କୋଟି ଟଙ୍କାର ଅନିୟମିତତା ହେଉଛି। ର୍‍ୟାକ ଲୋଡିଂ କରିବା ଓ ଚାଲାଣ କାଟିବା ଦାୟିତ୍ୱରେ ଥିବା କର୍ମଚାରୀ ଓ ଅଧିକାରୀଙ୍କ ସୁଲାସୁତୁରାରେ ଏହି ଦୁର୍ନୀତି ହେଉଛି। କୋଇଲା ସାଇଡିଂଠାରୁ ଗୋଟିଏ ଟ୍ରକରେ ପ୍ରାୟ ୧୬ରୁ ୧୭ ମେଟ୍ରିକ ଟନ ପର୍ଯ୍ୟନ୍ତ କୋଇଲା ପରିବହନ ହୋଇଥାଏ। ଏଥିପାଇଁ ଟ୍ରାଞ୍ଜିଟ ପାସ(ଟିପି) କଟାଯାଇଥାଏ। କିନ୍ତୁ ସେଠାରେ ଚଞ୍ଚକତା କରି ୨ ରୁ ୩ ମେଟ୍ରିକଟନ କୋଇଲା ଅଧିକା ଲୋଡିଂ ହୋଇଥାଏ ବୋଲି କୁହାଯାଉଛି। ଯାଜପୁର ଜିଲାର ଷଠିପୁର, ବଡଚଣା ଅଞ୍ଚଳ କୋଇଲା କଳାବଜାରର ପେଣ୍ଠସ୍ଥଳୀ ପାଲଟିଛି। ଏ ସଂକ୍ରାନ୍ତରେ ଯାଜପୁରରୋଡ ଖଣି ଉପନିର୍ଦ୍ଦେଶକ ସନ୍ଦୀପ କୁମାର ବଳଙ୍କ ମତାମତ ମିଳିପାରିନାହିଁ।

## ଲାଠିପଡ଼ାରେ ଗୋଷ୍ଠୀ ସଂଘର୍ଷ

- ଗାଁ ସଭା ପାଲଟିଲା ରଣାଙ୍ଗନ
- ୧୭ ଆହତ, ପୋଲିସ ମୁତୟନ
- ଟେକା, ଇଟାମାଡ଼ରେ ଘର ଭାଙ୍ଗିଲା

ନୟାଗଡ ଅଫିସ,୩।୧

ନୟାଗଡ଼ ପୋଲିସ ଜିଲା ଇଟାମାଟି ଥାନା ଅଧୀନ ଲାଠିପଡାର ଗାଁ ସଭା ରବିବାର ଅପରାହ୍ନରେ ରଣାଙ୍ଗନ ପାଲଟିଛି। ଫସଲ ନଷ୍ଟକୁ ନେଇ ନ୍ୟାୟ ହେବାକୁ ବସିଥିବା ଗାଁ ସଭାରେ ଗୋଷ୍ଠୀ ସଂଘର୍ଷ ଘଟି ଉଭୟପକ୍ଷର ୧୭ ଆହତ ହୋଇଛନ୍ତି। ଟେକା ଓ ଇଟା ମାଡ଼ରେ କାଦୁଆସାହିର ୫ଜଣଙ୍କର ଘର ଭାଙ୍ଗିଯାଇଛି। ଇଟାମାଟି ଥାନା ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ ମଧ ଉତ୍ତେଜନା ଲାଗି ରହିଛି।

କାଦୁଆସାହିର ବ୍ରଜ ମହାରଣାଙ୍କ ସୂଚନା ଅନୁସାରେ, ତାଙ୍କ ଜମି ଲାଠିପଡାର ଶୁଳିଆ ନଦୀ ପାଖରେ ଅଛି। ଏଠାରେ ବାଇଗଣ, ଟମାଟୋ ଆଦି ବିଭିନ୍ନ ପ୍ରକାରର ଫସଲ ପରିବାର ଲୋକେ କରିଛନ୍ତି। ନୂଆବର୍ଷରେ ଜମି ପାଖରେ ପାଇକସାହିର କେତେଜଣ ଲୋକ ଭୋଜି କରି ଫସଲ ନଷ୍ଟ କରିଥିଲେ। ପରିବାର ଲୋକେ ଫସଲ ନଷ୍ଟ ନେଇ ସେମାନଙ୍କୁ ପଚାରିବାରୁ ସେହିଦିନ ଗାଳିଗୁଲଜ ସହ ମାରପିଟ୍ କରିଥିଲେ। ଏ ନେଇ ପରିବାର ପକ୍ଷରୁ ଗାଁରେ ଜଣାଯାଇଥିଲା। ତେଲିସାହି ରାସ ମଣ୍ଡପରେ ଅପରାହ୍ନ ୪ଟାରେ ଗାଁ ସଭା ବସିଥିଲା। ସଭାରେ ଆଲୋଚନା ଚାଲୁ ଥିବାବେଳେ ପାଇକସାହିର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଲୋକ ମେଳି ହୋଇ ପରିବାର ସହ ମୋର କେତେଜଣ ସମ୍ପର୍କୀୟଙ୍କୁ ଆକ୍ରମଣ କରିଥିଲେ। ପ୍ରାୟ ୧ ଘଣ୍ଟା ଧରି ଲାଗି ରହିଥିଲା ମାରପିଟ୍ ଓ ଭଙ୍ଗାରୁଜା। ଏଥିରେ ମୁରଲୀ ପ୍ରଧାନ(୫୧), ପଞ୍ଚାନନ ପ୍ରଧାନ(୫୦), ପ୍ରତାପ ମହାରଣା(୪୮), କେଦାରନାଥ ପ୍ରଧାନ(୪୫), ଗୋଲେଖ ପ୍ରଧାନ(୪୫), ବଳରାମ ସାହୁ(୪୫), ସୋମନାଥ ମହାରଣା(୩୦) ପ୍ରମୁଖ ୧୪ ଜଣ ଆହତ ହୋଇଛନ୍ତି। ପୁଣି ଘରକୁ ଟେକା, ଇଟାମାଡ଼ରେ ଗୋଲେଖ ପ୍ରଧାନ, ଭାଗୀରଥି ଜେନାଙ୍କ ଘର ଓ ଶିବ ସାହୁଙ୍କ ଦୋକାନ ଭାଙ୍ଗିଯାଇଛି। ଭାଗୀରଥି ଘର ତିଆରି ପାଇଁ ଇଟା ଓ ପଥର ଜମାଇଥିଲେ। ଆକ୍ରମଣକାରୀ ସେଗୁଡିକ ଘରକୁ ଫୋପାଡିଥିଲେ। ଏ ନେଇ ଆମେ ଥାନାରେ ଅଭିଯୋଗ କରିଛୁ। ଆଇଆଇସି ଦୀପକ ଖଣ୍ଡାୟତରାୟ କୁହନ୍ତି, ଗୋଷ୍ଠୀ ସଂଘର୍ଷ ପରେ ଆମେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଛୁ। ଉଭୟପକ୍ଷରୁ ମୌଖିକ ଅଭିଯୋଗ ମିଳିଛି। ଲିଖିତ ଅଭିଯୋଗ ମିଳିନି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## କଂଗ୍ରେସର ୧୪ ନେତାଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହୃତ

ଭୁବନେଶ୍ୱର,(ବ୍ୟୁରୋ)/ ପାରଳାଖେମୁଣ୍ଡି, ୩।୧ (ଡି.ଏନ୍.ଏ.)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଗଜପତି ଜିଲାର ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଂଗ୍ରେସ ନେତୃବୃନ୍ଦ ତିରୁପତି ପାଣିଗ୍ରାହୀ, ଏସ. ଗଜପତି ରାଓ, ବି. ବାଲରାଜୁ, ଟି. ନାଗେଶ୍ୱର ରାଓ, ଡି.ଭି. ରାଜୁ, ଏମ୍. କ୍ରିଷ୍ଣାରାଓ, ଏସ୍. ବାଲରାଜୁ, ଏସ୍. ଜୟମୋହନ ରାଓ, କ୍ରିଷ୍ଣା କୁମାର ବେହେରା ଓ କାଶୀନଗର ବ୍ଲକର ନେତୃବୃନ୍ଦ ଜି. ତିରୁପତି ରାଓ, ଅଖିଳ କୁମାର ପାତ୍ର, କେ.ସି.ଏଚ.ଡୋରା, ଏନ୍. ଜିବରତ୍ନ, କେ. ରାମାରାଓଙ୍କ ଉପରେ ହୋଇଥିବା ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରି ନେଇଛନ୍ତି। ଏନେଇ ରବିବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସୂତ୍ରରୁ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

## ପାଇପଲାଇନ୍ କାମ ବିରୋଧରେ ପ୍ରତିବାଦ ସଭା

ପାରାଦୀପ,୩।୧(ସ୍ୱ.ପ୍ର.)

ଭାରତୀୟ ତୈଳ ନିଗମ ପକ୍ଷରୁ ପାରାଦୀପ-ହାଇଦ୍ରାବାଦ ପାଇପଲାଇନ୍ କାମ କରାଯାଉଛି। ଏହାକୁ ବିରୋଧ କରି ରବିବାର ଢିଙ୍କିଆ ପଞ୍ଚାୟତର ଏକ ହଜାରରୁ ଊର୍ଦ୍ଧ୍ୱ ଲୋକେ ଏକତ୍ରିତ ହୋଇ ପ୍ରତିବାଦ ସଭା ଓ ଶୋଭାଯାତ୍ରା କରିଛନ୍ତି। ସ୍ଥାନୀୟ ଫୁଲଖାଇ ମନ୍ଦିରରେ ଆୟୋଜିତ ପ୍ରତିବାଦ ସଭାରେ ନିର୍ଣ୍ଣାୟକ ଲଢ଼େଇ କରିବା ପାଇଁ ଆହ୍ୱାନ ଦିଆଯାଇଛି। ନିତ୍ୟାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁରଲୀଧର ସାହୁ, ଦେବେନ୍ଦ୍ର ସ୍ୱାଇଁ, ଅକ୍ଷୟ ଦାସ,ସୁର ରାଉତ, ଶ୍ରୀଧର ଭୋଳ ଓ ଅନୁପମା ବିଶ୍ୱାଳ ପ୍ରମୁଖ ଯୋଗଦେଇ ଆନ୍ଦୋଳନକୁ ତୀବ୍ର କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରକାଶ ଯେ, ଢିଙ୍କିଆର ଗୋଚର ଜମିରେ ଏହି ପାଇପଲାଇନ୍ କାମ ହେବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ୧୪ ଡିସେମ୍ବର ୨୦୨୦ରେ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଫଳରେ ଠିକାସଂସ୍ଥା କାମ ବନ୍ଦ କରିଥିଲା। ପରେ ୧୯ ଡିସେମ୍ବରରେ ସେହି ଜାଗାରେ ଥିବା ପାଇପଗୁଡ଼ିକୁ ଠିକାସଂସ୍ଥା ନେଇଯାଇଥିଲା। ପୁଣି ଗତ ୩୧ ଡିସେମ୍ବରରେ ଏରସମା ତହସିଲ କାର୍ଯ୍ୟାଳୟ ପକ୍ଷରୁ ସେହି ଗୋଚର ଜାଗାରେ ନୂଆ ନୋଟିସ ଲଗାଯାଇଛି। ଯେଉଁଥିରେ ଉକ୍ତ ଜମିକୁ ସରକାରୀ ଜମି ବୋଲି ଦର୍ଶାଯାଇଛି। ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି।

# ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି ନେଇ ବିଜେଡି-ଭାଜପା ମୁହାଁମୁହିଁ

ଭୁବନେଶ୍ୱର,୩।୧(ବ୍ୟୁରୋ)

ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧିକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଛି। ବିଜେଡି ପକ୍ଷରୁ କେନ୍ଦ୍ରକୁ ଦୋଷ ଦିଆଯାଇଥିବାବେଳେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ଭାଜପା। କେନ୍ଦ୍ର ସରକାର ଅଙ୍ଗନୱାଡି କର୍ମୀଙ୍କୁ ଉଚିତ ପ୍ରାପ୍ୟ ଦେଉନାହାନ୍ତି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଭୁବନେଶ୍ୱରଠାରେ ଆୟୋଜିତ ବିଜୁ କୃଷକ ସାମ୍ମୁଖ୍ୟର କାର୍ଯ୍ୟକାରିଣୀରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ଏଥିରେ ଅଙ୍ଗନୱାଡି କର୍ମୀମାନେ ଯୋଗଦେଇ ୫ ଦଫା ଦାବି ଉପସ୍ଥାପିତ କରିଛନ୍ତି। ଗ୍ରୀଷ୍ମକାଳୀନ ଛୁଟି, ଅବସର ବୟସ ୬୦ରୁ ୬୨ ବର୍ଷକୁ ବୃଦ୍ଧି ଏବଂ ଅବସରକାଳୀନ ଭତ୍ତା ପାଇଁ ସାମ୍ମୁଖ୍ୟ ଦାବି ଉଠାଇଛି। ତେବେ ଅଙ୍ଗନୱାଡି କର୍ମୀ ଉଠାଇଥିବା ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅବଗତ ଅଛନ୍ତି, ସମୟ ଅନୁସାରେ ସବୁ କରାଯିବ ବୋଲି ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି।

ଅନ୍ୟପଟେ ଅଙ୍ଗନୱାଡି କର୍ମୀଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଉଦାସୀନ ମନୋଭାବକୁ ବିଜେଡି ଏମ୍‌ପି ସୁବାସ ସିଂ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଅଙ୍ଗନୱାଡି କର୍ମୀଙ୍କୁ ଶ୍ରମିକର ମାନ୍ୟତା ପ୍ରଦାନ କରାଯାଉ। ସେମାନଙ୍କ ଦରମା ସର୍ବନିମ୍ନ ୧୫ ହଜାର ଟଙ୍କା ହେଉ। ଏନେଇ ପାର୍ଲାମେଣ୍ଟରେ କଥା ଉଠାଇଥିଲେ। ହେଲେ କେନ୍ଦ୍ର ସରକାର ଏଥିପ୍ରତି କାହିଁକି ଧ୍ୟାନ ଦେଉନାହାନ୍ତି ଜଣାପଡୁନି। ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟ ସହଭାଗିତାରେ କର୍ମୀଙ୍କୁ ୭,୫୦୦ ଟଙ୍କା ଦରମା ମିଳୁଛି। ଏଥିରେ କେନ୍ଦ୍ରର ୬୦ ଭାଗ ଏବଂ ରାଜ୍ୟର ୪୦ ଭାଗ ରହୁଛି। ଓଡ଼ିଶା ସରକାର ଅଙ୍ଗନୱାଡି କର୍ମୀଙ୍କୁ ଆଉ ୩ ହଜାର ଟଙ୍କା ଅଧିକ ଦେଉଛନ୍ତି, ଯେଉଁଥିରେ କେନ୍ଦ୍ର ସରକାରଙ୍କ ଭାଗ ନାହିଁ। କେନ୍ଦ୍ର ସରକାର ଅଙ୍ଗନୱାଡି କର୍ମୀଙ୍କୁ କୋଭିଡ ଯୋଦ୍ଧା କହୁଛନ୍ତି, ମାତ୍ର ସେ ବାବଦରେ ଟଙ୍କାଟିଏ ଦେଉନାହାନ୍ତି ବୋଲି ସୁବାସ କହିଛନ୍ତି।

ଅନ୍ୟପଟେ ବିଜେଡିର ଏଭଳି ଆଭିମୁଖ୍ୟକୁ ସମାଲୋଚନା କରି ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ଅଙ୍ଗନୱାଡି କର୍ମୀଙ୍କୁ କେନ୍ଦ୍ର ନୁହେଁ ବରଂ ରାଜ୍ୟ ଅବହେଳା କରୁଛି। କେନ୍ଦ୍ର ତରଫରୁ ଅର୍ଥ ବୃଦ୍ଧି କରାଯାଇଛି। ହେଲେ ରାଜ୍ୟ ସରକାର କାହିଁକି ତା'ର ଟଙ୍କା ବୃଦ୍ଧି କରୁନି ବୋଲି ସେ ପ୍ରଶ୍ନ କରିଛନ୍ତି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଅନ୍ନପୂର୍ଣ୍ଣା ଦେବୀ

ଆବିର୍ଭାବ: ୦୩।୦୪।୧୯୬୧
ତିରୋଧାନ: ୨୬।୧୨।୨୦୨୦

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି କାମନା କରି ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ସଦ୍‌ଗୁରୁ ଶିରିଡ଼ି ସାଇଙ୍କ ଚରଣାରବିନ୍ଦରେ ଭକ୍ତିପୂତ ପ୍ରାର୍ଥନା କରୁଛୁ।

—:ଶୋକସନ୍ତପ୍ତ:—

ପରିବାର ଓ ବନ୍ଧୁବର୍ଗ, ସାହିବାସୀ, ସହର ସାହି (ସାଇ ମନ୍ଦିର) ୱାର୍ଡ ନଂ.-୮, ବାରିପଦା, ମୟୂରଭଞ୍ଜ

ଧ-୧୯୪୨୪

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଓଡ଼ିଶା

''ବିହନ ବିଶୋଧନ ପ୍ରଦର୍ଶନୀ'' ରବି-୨୦୨୦-୨୧

ରାଜ୍ୟ ଯୋଜନା

ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ଚଳିତ ରବି ଋତୁରେ ଧାନ ଫସଲରେ ବନ୍ୟା ପ୍ରପୀଡ଼ିତ ଡେଲାଙ୍ଗ, କଣାସ, ପିପିଲି ଏବଂ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ୮୪ଟି ଗ୍ରାମରେ ''ବିହନ ବିଶୋଧନ ପ୍ରଦର୍ଶନୀ'' କାର୍ଯ୍ୟକ୍ରମ ତା୦୫।୦୧।୨୦୨୧ରିଖଠାରୁ ତା୨୦।୦୧।୨୦୨୧ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଅଛି। ଏହି ପରିପ୍ରେକ୍ଷୀରେ ସାକ୍ଷୀଗୋପାଳ କୃଷି ଜିଲ୍ଲା ଅନ୍ତର୍ଗତ ଚାଷୀ ଭାଇଭଉଣୀମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିବା ସଙ୍ଗେ ସଙ୍ଗେ କୋଭିଡ୍ ନିୟମ ଅନୁସାରେ ମାସ୍କ ଏବଂ ସାମାଜିକ ଦୂରତା ବଜାୟରଖି ନିଜସ୍ୱ ସାଇତା ବିହନକୁ ବିଶୋଧନ କରି ଉକ୍ତ ଜ୍ଞାନ କୌଶଳକୁ ଶିଖିବା ପାଇଁ ଅନୁରୋଧ କରାଯାଉଛି।

ସ୍ୱା./- ଅଜୟ କୁମାର ବେହେରା
କୃଷି ଜିଲ୍ଲା ଅଧିକାରୀ, ସାକ୍ଷୀଗୋପାଳ

ଖରିଫ ଧାନ ସଂଗ୍ରହ: ୨୦୨୦-୨୧

ବିଶେଷ ସୂଚନା

ଏତଦ୍ୱାରା ଜଗତ୍‌ସିଂହପୁର ନିୟନ୍ତ୍ରିତ ବଜାର କମିଟି ଇଲାକାଧୀନ ସମସ୍ତ ପଞ୍ଜୀକୃତ ଧାନଚାଷୀ ଭାଇ ଓ ଭଉଣୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ ଚଳିତ ଖରିଫ ବର୍ଷ ୨୦୨୦-୨୧ ବର୍ଷ ପାଇଁ ଜିଲ୍ଲାସ୍ତରୀୟ ଧାନକ୍ରୟ କମିଟିର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ତା୦୫।୦୧।୨୦୨୧ରିଖଠାରୁ ଜଗତ୍‌ସିଂହପୁର ଜିଲ୍ଲାରେ ୭୪ଗୋଟି PACS ବା ସେବା ସମବାୟ ସମିତି ଜରିଆରେ ଧାନ କ୍ରୟ କରାଯିବ। ଏଣୁ ଚାଷୀ ଭାଇ/ଭଉଣୀମାନଙ୍କୁ ଅନୁରୋଧ ସେମାନେ ତାଙ୍କର ଉତ୍ପାଦିତ ବଳକା ଧାନକୁ ଭଲଭାବେ ଶୁଖାଇ ଓ ସଫାକରି F.A.Q. ମାନକୁ ଉନ୍ନୀତ କରାଇ କ୍ରୟ କେନ୍ଦ୍ରକୁ ଆଣି ବିକ୍ରୟ କରିବାକୁ ଅନୁରୋଧ। ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ସେମାନେ ଗ୍ରାମାଞ୍ଚଳର ଅସାଧୁ ବ୍ୟବସାୟୀ ଓ ମଧ୍ୟସ୍ଥିମାନଙ୍କ କଥାରେ ପରିଚାଳିତ ନ ହୋଇ ନିକଟସ୍ଥ ସେବା ସମବାୟ ସମିତି ଜରିଆରେ ଧାନ ବିକ୍ରୟ କରି ଉଚିତ ସହାୟକ ମୂଲ୍ୟ ପ୍ରାପ୍ତ କରନ୍ତୁ।

''ଶୁଖିଲା ଓ ସଫା ଧାନ ବିକ୍ରୟ କେନ୍ଦ୍ରକୁ ଆଣନ୍ତୁ ଏବଂ ସରକାରୀ ଧାର୍ଯ୍ୟ ଉଚିତ ସହାୟକ ମୂଲ୍ୟ ପାଆନ୍ତୁ।''

ଚଳିତ ଖରିଫ ୨୦୨୦-୨୧ ବର୍ଷ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ।

| ଧାନର କିସମ | ସରକାରୀ ଧାର୍ଯ୍ୟ ଦର (କ୍ୟୁଣ୍ଟାଲ ପ୍ରତି) |
|---|---|
| ସାଧାରଣ ମାନ | ଟ.୧,୮୬୮.୦୦ଙ୍କା |
| ଗ୍ରେଡ-ଏ | ଟ.୧,୮୮୮.୦୦ଙ୍କା |

ସହାୟକ ମୂଲ୍ୟ ପାଇବା ପାଇଁ ଧାନର ହାରାହାରି ଗୁଣାତ୍ମକ ମାନ (F.A.Q.) ନିମ୍ନମତେ ହେବା ଆବଶ୍ୟକ

| କ୍ର.ନଂ. | ମିଶ୍ରିତ ଦ୍ରବ୍ୟର ବିବରଣୀ | ସର୍ବୋଚ୍ଚ ଗ୍ରହଣୀୟ ସୀମା |
|---|---|---|
| ୧. | ବାଲି, ମାଟି, ଗୋଡ଼ି, ପଥର, ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ ଇତ୍ୟାଦି। | ୧% |
| ୨. | କାଠି, କୁଟା, ଧୁଷ, ଅଗାଡ଼ି, ପୋଲା ଜୈବିକ ପଦାର୍ଥ | ୧% |
| ୩. | ଖରାପ, ବେରଙ୍ଗି, ପାଣିଫୁଲା, ପୋକା (*ଖରାପ, ପାଣିଫୁଲା ଏବଂ ପୋକା ୪% ମଧ୍ୟରେ ସୀମିତ ରହିବା ଦରକାର) | ୫% |
| ୪. | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା, ସଙ୍କୁଚିତ | ୩% |
| ୫. | ଗ୍ରେଡ-ଏ ସରୁ ଧାନରେ ମିଶିଥିବା ମୋଟା ଧାନର ପରିମାଣ | ୬% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭% |

ଚଳିତ ଖରିଫ ୨୦୨୦-୨୧ ବର୍ଷରେ ନିମ୍ନଲିଖିତ ସ୍ଥାନମାନଙ୍କରେ ଧାନକ୍ରୟ କରାଯିବ

| | |
|---|---|
| ସୋମବାର | ଓଡ଼ିଶୋ, କଣ୍ଡାବନ୍ଧଭପୁର, ବାହାରଣା, ଆମ୍ବଶାଳ, ଶିଖର, ନାଉଗାଁ, ତରକଙ୍ଗା, ଗରାମ, କନକପୁର, ବିରିତୋଳ, ଜଗନ୍ନାଥପୁର, ତରିକୁନ୍ଦ, ଛପଡ଼ା |
| ମଙ୍ଗଳବାର | କାଦୁଅପଡ଼ା, ପଳାଶୋଳ, ସିଂହାରପୁର, ଗୋପୀନାଥପୁର, ଉତ୍ତରଶାସନ, ମଙ୍ଗୁଳି, କାଳିଓ, ଅପଣ୍ଡରା, ନହରଣା, ଅଳାଭର, କୃଷ୍ଣଦାସପୁର, ଦୁଆ, ଗଜରାଜପୁର, କଟରା, ସାମନ୍ତରାପୁର, ଗୋବିନ୍ଦପୁର, ତିର୍ତ୍ତୋଲ, ପୁରୁଣାବସନ୍ତ |
| ବୁଧବାର | ତରଡ଼ାପଡ଼ା, ପୁରଣ, ସଂଗ୍ରାମପୁର, ଅନନ୍ତପୁର, ବୋରିକିନା, ନାଗପୁର, ଅଳାବୋଳ, ମୂଳୁଗାଁ, ବରମୁଣ୍ଡଳି, ବୋଧେଇ, ତୁଳଙ୍ଗ, କୃଷ୍ଣାନନ୍ଦପୁର, ଚାଇଁଲୋ, ରାଢଙ୍ଗ |
| ଶୁକ୍ରବାର | ସାଁପୁର, ପୁରୋହିତପୁର, ଶାଳକଙ୍ଗା, ସଭାମୂଳ, ଆଳିପିଙ୍ଗଳ, ମାର୍କଣ୍ଡପୁର, ବିଶିପିଡ଼ଳ, ଅଡଙ୍ଗଗଡ଼, ଅଲାଣ୍ଡୋ, ମାଛଗାଁ, ଶୋଭା, ରାହାଣ, ତଣ୍ଡିକୁଳ, ଦଣ୍ଡୁଆ, ଜଗନ୍ନାଥପୁର, ଜିରା, ଗୁଆଳିପୁର |
| ଶନିବାର | ମଣ୍ଡାସାହି, କଣ୍ଟିଲୋ, ମୁଦୁପୁର, ଇଛାପୁର, କାଞ୍ଜିଆକଣ, ଡେରିକି, ତିରୁଣା, ଅଲଣା, କୋଳର, ପଟିଲୋ, ରେଢୁଆ/ତାରପୁର |

ଚାଷୀଭାଇମାନଙ୍କ ଅବଗତି ନିମନ୍ତେ:
କ) ଧାନକୁ F.A.Q. ମାନକୁ ଉନ୍ନୀତ କରାଇ ବିକ୍ରୟ କେନ୍ଦ୍ରକୁ ଆଣିବେ, ନଚେତ୍ ଧାନକ୍ରୟ କରାଯିବ ନାହିଁ।
ଖ) କୋଭିଡ୍-୧୯ର ସଂକ୍ରମଣକୁ ରୋକିବା ପାଇଁ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ନିୟମାବଳୀକୁ ପାଳନ ପୂର୍ବକ ସାମାଜିକ ଦୂରତା ବଜାୟ ରଖିବା, ମାସ୍କ ପରିଧାନ କରିବା ଓ ଧାନ କ୍ରୟ କେନ୍ଦ୍ରର ସୁପରିଚାଳନା ନିମିତ୍ତ ସହଯୋଗ କରିବା ପାଇଁ ଅନୁରୋଧ।
ଗ) ଧାନ କ୍ରୟ ବିକ୍ରୟ ବାବଦରେ କୌଣସି ଅଭିଯୋଗ କରିବାକୁ ଚାହିଁଲେ ନିଃଶୁଳ୍କ ହେଲ୍‌ପଲାଇନ୍ ନମ୍ବର ୧୯୬୭ କିମ୍ବା ଜିଲ୍ଲା ଯୋଗାଣ ବିଭାଗର କଣ୍ଟ୍ରୋଲ ରୁମ୍ ଫୋନ୍ ନମ୍ବର ୦୬୭୨୪-୨୨୩୦୬୬ରେ ଯୋଗାଯୋଗ କରିପାରିବେ।

ସୌଜନ୍ୟ: ନିୟନ୍ତ୍ରିତ ବଜାର କମିଟି, ଜଗତ୍‌ସିଂହପୁର

## ବନ୍ଦ କୋଠରିରୁ ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଉମରକୋଟ, ୩।୧(ସ୍ୱ.ପ୍ର.)

ଉମରକୋଟ ବ୍ଲକ ଅଧୀନ ମୂର୍ତ୍ତୁମା ପଞ୍ଚାୟତ ବଡ଼ଖଡକା ଗାଁରେ ରବିବାର ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତକ ହେଲେ ଉକ୍ତ ଗାଁର ଡୁଲେଶ୍ୱର ମାଝି(୩୦) ଓ ପାଖ ଗାଁର ଜଣେ ଯୁବତୀ। ମୃତ୍ୟୁର କାରଣ ଏଯାଏ ସ୍ପଷ୍ଟ ହୋଇନି। ପ୍ରକାଶ ଯେ, ଡୁଲେଶ୍ୱର ୮ବର୍ଷ ତଳେ ବିବାହ କରିଥିଲେ। ତାଙ୍କର କୌଣସି ସନ୍ତାନ ନ ଥିଲା। ଏହା ମଧ୍ୟରେ ଉମରକୋଟ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। କିଛିଦିନ ତଳେ ଉଭୟ ଡୁଲେଶ୍ୱର ଓ ଯୁବତୀ ଜଣଙ୍କ ଘର ଛାଡ଼ି ଚାଲି ଯାଇଥିଲେ। ଶନିବାର ସେମାନେ ବଡ଼ଖଡକା ଗାଁକୁ ଫେରିଥିଲେ। ଗାଁକୁ ଆସିବା ଖବର ଯୁବତୀଙ୍କ ମା'ବାପା ଜାଣିପାରି ସେଠାରେ ରବିବାର ସକାଳେ ପହଞ୍ଚି ଥିଲେ। ସେମାନେ ଘର କବାଟ ବାଡ଼େଇଥିଲେ, କିନ୍ତୁ କେହି ଖୋଲି ନ ଥିଲେ। କବାଟ ଭାଙ୍ଗିବା ପରେ ଉଭୟଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ପରିବାର ଲୋକେ ଉମରକୋଟ ଥାନାକୁ ଖବର ଦେଇଥିଲେ। ଥାନାଧିକାରୀ ନରେଶ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ଏ ନେଇ ୨/୨୧ ଓ ୩/୨୧ରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

## ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ

- ବଳାତ୍କାର ପରେ ହତ୍ୟା ଉଦ୍ୟମ ସନ୍ଦେହ ଘଟଣା

ନବରଙ୍ଗପୁର, ୩।୧(ବି.ପ୍ର.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଥାନା ଅଧୀନ କୋଙ୍ଗରା ଗ୍ରାମ ନିକଟ ଏକ କାଜୁବାଡ଼ରୁ ଜଣୈକା ଯୁବତୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର ଘଟଣାରେ ପୋଲିସ ରବିବାର ଜଣଙ୍କୁ ଗିରଫ କରିଛି। ସେ ହେଲେ କୋଙ୍ଗରା ଗାଁର ରାଜେନ୍ଦ୍ର ବାଘ (୩୫)।

ପ୍ରକାଶ ଯେ, ଶୁକ୍ରବାର ସକାଳେ ଯୁବତୀଙ୍କୁ କୋଙ୍ଗରା ଗାଁ ନିକଟରୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା ଉଦ୍ୟମ କରାଯାଇଥିବା ସନ୍ଦେହ କରି ତାଙ୍କ ମା' ନବରଙ୍ଗପୁର ଓ ତେନ୍ତୁଳିଖୁଣ୍ଟି ପୋଲିସ ଆଗରେ ବୟାନ ଦେଇଥିଲେ। ନବରଙ୍ଗପୁର ଏସ୍‌ଡିପିଓ ଦିନେଶ୍ ନାୟକ, ପାପଡ଼ାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ୍, ନବରଙ୍ଗପୁର ଥାନାଧିକାରୀ ତାରିକ୍ ଅହମ୍ମଦ, ତେନ୍ତୁଳିଖୁଣ୍ଟିଥାନାଧିକାରୀ ପ୍ରମୋଦ କୁମାର ନାୟକ ପ୍ରମୁଖ ଘଟଣାର ତଦନ୍ତ କରୁଥିଲେ। ଏସ୍‌ପି ପ୍ରହଲ୍ଲାଦ ସହାଇ ମିନା ଗାଁକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏଥିରେ ରାଜେନ୍ଦ୍ରଙ୍କ ସମ୍ପୃକ୍ତି ଜାଣିପାରି ପୋଲିସ ତାଙ୍କୁ ପଚରାଉଚରା କରିଥିଲା। ଘଟଣା ଦିନ ଯୁବତୀଙ୍କ ସହ ରାଜେନ୍ଦ୍ର କାଜୁ ବଗିଚାକୁ ଯାଇଥିଲେ। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ଯୁବତୀ ଜଣଙ୍କ ବିବାହ କରିବାକୁ ରାଜେନ୍ଦ୍ରଙ୍କୁ କହିଥିଲେ। ରାଜେନ୍ଦ୍ର କିନ୍ତୁ ପୂର୍ବରୁ ବିବାହିତ ଏବଂ ତାଙ୍କର ଦୁଇଟି ଝିଅ ଥିବାରୁ ସେ ମନା କରି ଦେଇଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଯୁବତୀଙ୍କୁ ମାଡ଼ ମାରି ସେଠାରେ ପକାଇ ଚାଲି ଯାଇଥିଲେ ବୋଲି ରାଜେନ୍ଦ୍ର ପୋଲିସକୁ କହିଥିଲେ। ଏହାପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SHREE LAXMI UDYAG
Private Company ଦ୍ୱାରା ୭ଦିନ ମଧ୍ୟରେ ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 5% ପର୍ସନାଲ ଲୋନ୍, ବ୍ୟବସାୟ, କୃଷି, ଗୃହ, ଶିକ୍ଷା ଓ ସମ୍ପତ୍ତି ଇତ୍ୟାଦି ୧ଲକ୍ଷ ଟଙ୍କାରୁ ୧କୋଟି ପର୍ଯ୍ୟନ୍ତ।
M - 9836232487
W - 8902779180

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଞ୍ଚଟି କାଗଜରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
6396732814

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଡରିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ। ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

ଅଗରବତି ମେସିନ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ।
ପ୍ରତ୍ୟେକ ମେସିନ ସହ RAW MATERIAL FREE
Mob.-9078729199, 8018493464

GALLERY TOWER COMPANY
ଦ୍ୱାରା ନିଜର ଖାଲି ଜମି / ଛାତ / କ୍ଷେତ / ପ୍ଲଟ୍‌ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

NEW YEAR DHAMAKA
DHANLAXMI FINANCE
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଡାକ୍ତରଖାନା ଛାଡ଼ି ପିକ୍‌ନିକ୍



ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଭୋଜିଭାତରେ ମାତିଛନ୍ତି।

**ପାଲଲହଡ଼ା,୩୧(ଡି.ଏନ.ଏ.)**

- ଖମାରରେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କ ଦାୟିତ୍ୱହୀନ କାର୍ଯ୍ୟ
- ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜଗିଲେ ଫାର୍ମାସିଷ୍ଟ, ସୁଇପର
- ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଲେ ସିଡିଏମ୍‌ଓ

ଜରୁରୀ ସେବା ଛାଡ଼ି ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ରବିବାର ପିକ୍‌ନିକ୍ ସ୍ପଟ୍‌ରେ ଭୋଜିଭାତ କରିବା ଅନୁଗୋଳ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ପାଲଲହଡ଼ା ଉପଖଣ୍ଡ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଏହା ଅଧୀନରେ ଥିବା ୫ଟି ପ୍ରାଥମିକ ଏବଂ ୨୬ଟି ଉପସ୍ୱାସ୍ଥ୍ୟକେନ୍ଦ୍ରର କେତେଜଣ ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କ ଏପରି ଦାୟିତ୍ୱହୀନ କାର୍ଯ୍ୟକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅଭୟ କୁମାର ଦାସ କହିଛନ୍ତି।

ସୂଚନା ଅନୁଯାୟୀ, ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଏହା ଅଧୀନରେ ଥିବା ପ୍ରାଥମିକ ଏବଂ ଉପସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ଲକ୍ଷାଧିକ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ୮ ଜଣ ଡାକ୍ତର, ୫ ଫାର୍ମାସିଷ୍ଟ, ୨୯ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ ଅଛନ୍ତି। ଏମାନଙ୍କ କାର୍ଯ୍ୟ ତଦାରଖ ନିମନ୍ତେ ସୁପରଭାଇଜର ନିଯୁକ୍ତ ହୋଇଛନ୍ତି। କିନ୍ତୁ ରବିବାର ମାତ୍ର କେତେଜଣ କର୍ମଚାରୀଙ୍କୁ ଛାଡି ଅନ୍ୟ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ୪ କିଲୋମିଟର ଦୂର ପାଣ୍ଡନାଳ ନିକଟରେ ଭୋଜିଭାତ କରିଥିଲେ। କରୋନା ସମୟରେ ପିକ୍‌ନିକ୍ ସ୍ପଟ୍‌ରେ ଭୋଜିଭାତ ପାଇଁ ଅନୁମତି ନ ଥିବାବେଳେ ଡାକ୍ତରଖାନା ଛାଡ଼ି ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଭୋଜି କରିବା ଖମାରବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଅପରାହ୍ଣ ୨ଟାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କେବଳ ଜଣେ ଫାର୍ମାସିଷ୍ଟ ଓ ଜଣେ ସୁଇପରଙ୍କୁ ଛାଡ଼ିଦେଲେ ଅନ୍ୟ କେହି ନ ଥିବା ରୋଗୀମାନେ ଅଭିଯୋଗ କରିଛନ୍ତି। ସେହିପରି କେତୋଟି ପ୍ରାଥମିକ ଓ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ କାଁ ଭାଁ କର୍ମଚାରୀଙ୍କୁ ଦେଖିବାକୁ ମିଳିଥିବା ରୋଗୀମାନେ କହିଛନ୍ତି।

# ଦିଲ୍ଲୀରୁ ମାଷ୍ଟରମାଇଣ୍ଡ୍ ଗିରଫ

**ଢେଙ୍କାନାଳ ଅଫିସ, ୩୧**

**ନିମବାହାଲି ଏଟିଏମ୍ ଲୁଟ୍ ଘଟଣା**

- କିଣିଥିଲେ ଆଇଫୋନ୍
- ୩.୫ ଲକ୍ଷ ବ୍ୟାଙ୍କ ଜମା ଜବତ
- ରିମାଣ୍ଡରେ ଆସିବେ ଅଭିଯୁକ୍ତ



ସ୍ପେଶାଲ ସ୍କ୍ୱାଡ୍ ହାତରେ ଧରାପଡ଼ିଛନ୍ତି ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଅନ୍ତର୍ଗତ ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱ ନିମବାହାଲି ଛକ ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍ ଲୁଟ୍ ଘଟଣାର ମାଷ୍ଟରମାଇଣ୍ଡ। ଅଭିଯୁକ୍ତ ହେଲେ ବାଲେଶ୍ୱର ଜିଲା ବାହାନାଗା ଥାନା କୁରୁଦା ଗ୍ରାମର ଅଜୟ ମହାନ୍ତି ଓରଫ୍ ରାଜୁ (୨୮)। ତାଙ୍କ ନିକଟରୁ ୧ଲକ୍ଷ ୧୩ ହଜାର ଟଙ୍କାର ଏକ ଆଇଫୋନ୍, ବିଭିନ୍ନ ବ୍ୟାଙ୍କରେ ଜମାଥିବା ୩ ଲକ୍ଷ ୫ ହଜାର, ନଗଦ ୭୦୦୦ ଟଙ୍କା ଜବତ କରାଯାଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଗତ ଡିସେମ୍ବର ୧୪ରେ ନିମବାହାଲି ଛକରେ ଥିବା ଉକ୍ତ ଷ୍ଟେଟ୍‌ବ୍ୟାଙ୍କ ଏଟିଏମ୍ କାଟି ୨୬ଲକ୍ଷ ୫୬ହଜାର ଟଙ୍କା ଲୁଟ୍ ହୋଇଥିଲା। ୨୧ ତାରିଖରେ ଘଟଣାରେ ସମ୍ପୃକ୍ତ ୪ଜଣ ଧରାପଡ଼ିଥିବାବେଳେ ୨ ମାଷ୍ଟର ମାଇଣ୍ଡ ଫେରାର ଥିଲେ। ଘଟଣା ଘଟାଇ ଅଜୟ ଏବଂ ଅନ୍ୟ ଜଣେ ଅଭିଯୁକ୍ତ ଅଟୋରିକ୍ସାରେ ଅନୁଗୋଳ ପଳାଇ ଆସିଥିଲେ। ସେଠାରୁ କଟକ, ଭୁବନେଶ୍ୱର ଦେଇ ପୁରୀ ଆସି ଟ୍ରେନରେ ଦିଲ୍ଲୀ ପଳାଇଥିଲେ। ଏଭଳି ବଡ଼ ଧରଣର ଲୁଟ୍ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଥିବାବେଳେ ଏଥିଲାଗି ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଥିଲା। ଗିରଫ ଅଭିଯୁକ୍ତଙ୍କୁ ପଚରାଉଚରା, ମୋବାଇଲ ଟ୍ରାକିଂ କରି ପୋଲିସ ଅଜୟଙ୍କ ନିକଟରେ ପହଞ୍ଚିଥିଲା। ଲୁଟ୍ ଟଙ୍କାରେ ସେ ଦିଲ୍ଲୀରୁ ୧ଲକ୍ଷ ୧୩ ହଜାର ଟଙ୍କାର ଉକ୍ତ ଆଇଫୋନ୍ କିଣିଥିଲେ। ତାଙ୍କ ନିକଟରୁ ଅନ୍ୟ ଏକ ମୋବାଇଲ ମଧ୍ୟ ଜବତ ହୋଇଛି। ଅଜୟ ଜଣେ ପେସାଦାର ଅପରାଧୀ। ତାଙ୍କ ନାମରେ ବାଲେଶ୍ୱର ଜିଲାର ବାମପଡ଼ା ଶିଳ୍ପାଞ୍ଚଳ ଥାନା, ସୋର ଥାନା ଏବଂ ସିଙ୍ଗଲା ଥାନାରେ ୬ ଆପରାଧିକ ମାମଲା ରହିଛି। ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଫେରାର ଅଭିଯୁକ୍ତଙ୍କ ସମ୍ପର୍କରେ ପଚରାଉଚୁରା କରିବାକୁ ତାଙ୍କୁ ୩ଦିନ ରିମାଣ୍ଡରେ ଆଣାଯିବ ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି। ଏସ୍‌ପିଙ୍କ ନିର୍ଦ୍ଦେଶରେ ଇନ୍ସପେକ୍ଟର ବିଷ୍ଣୁ ବାରିକ, ସରୋଜିନୀ ସାମ୍ଭାଡା, ବିଜୟ ହାଇବ୍ରୁ ପ୍ରମୁଖ ଦିଲ୍ଲୀରେ ଫୋନ୍ ଟ୍ରାକିଂ କରି ତାଙ୍କୁ ଗିରଫ କରିଥିଲେ। ସୂଚନାଯୋଗ୍ୟ, ଏହି ଘଟଣାରେ ଗତ ୨୧ ତାରିଖରେ ପୋଲିସ ମୋଟଙ୍ଗା ଥାନା ଅଞ୍ଚଳର ବିଶ୍ୱଜିତ୍ ନାୟକ ଓରଫ୍ ବିଶୁ (୧୮), ରତିକାନ୍ତ ସାହୁ ଓରଫ୍ ଲିଙ୍କୁନ (୧୮), ସଙ୍କେତ ବେହେରା ଓରଫ୍ ବଣ୍ଟି (୧୯), ଶୁଭମ୍ ବେହେରା ଓରଫ୍ ବବଲୁ (୨୩)ଙ୍କୁ ଗିରଫ କରିଥିଲା। ଏମାନଙ୍କ ମଧ୍ୟରୁ ସଙ୍କେତ ଏବଂ ଶୁଭମ୍ ଦୁଇଭାଇ। ଉଭୟେ ଜଣେ ପୂର୍ବତନ ସରପଞ୍ଚଙ୍କ ପୁଅ। ଶୁଭମ୍ ଅନୁଗୋଳର ଏକ ଇଞ୍ଜିନିୟରିଂ କଲେଜର ବି-ଟେକ୍ ଛାତ୍ର ବୋଲି ପୋଲିସ କହିଥିଲା।

# ନଦୀରେ ଯୁବତୀ ନିଖୋଜ, ପାହାଡ଼ରୁ ଖସି ନାବାଳକ ମୃତ

**ସୁନ୍ଦରଗଡ଼/ବାଲିଶଙ୍କରା/ରାଜଗାଙ୍ଗପୁର ୩୧,(ଡି.ଏନ୍.ଏ.)/ବୌଦ୍ଧ(ସ୍ୱ.ପ୍ର),**

**ପିକ୍‌ନିକ୍‌ରେ ସେଲ୍‌ଫି ନେବା କାଳ ହେଲା**


ପିକ୍‌ନିକ୍ କରିବାକୁ ଯାଇ ରବିବାର ସେଲ୍‌ଫି ନେବାବେଳେ ସୁନ୍ଦରଗଡ଼ ଜିଲାରେ ନଦୀରେ ବୁଡ଼ି ଜଣେ ଯୁବତୀ ନିଖୋଜ ହୋଇଥିବା ବେଳେ ବୌଦ୍ଧ ଜିଲାରେ ପାହାଡ଼ରୁ ଖସି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ନଦୀରେ ନିଖୋଜ ଯୁବତୀ ହେଲେ ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର କୁମ୍ଭାରପଡ଼ାର ଅନୁପମା ପ୍ରଜାପତି (୨୪)। ସେ ରାଉରକେଲାର ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ କାର୍ଯ୍ୟ କରୁଥିଲେ। କୁମ୍ଭାରପଡ଼ାର ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଆତ୍ମାରାମ ପ୍ରଜାପତି, ସ୍ତ୍ରୀ କିରଣ ଦେବୀ, ଝିଅ ଅନୁପମା, ପୁତ୍ରବଧୂ ଆରତୀଙ୍କ ସମେତ ଅନୁପମାଙ୍କ ସହକର୍ମୀଙ୍କୁ ମିଶାଇ ପ୍ରାୟ ୧୫ଜଣ ଇବ୍‌ନଦୀର ଘୋଘର କନାକୁଣ୍ଡ ଘାଟକୁ ପିକ୍‌ନିକ୍ କରିବାକୁ ଯାଇଥିଲେ। ଅନୁପମା ସହକର୍ମୀଙ୍କ ସହ ସେଲ୍‌ଫି ନେଉଥିବା ବେଳେ ହଠାତ୍ ୧୫ଫୁଟ ତଳକୁ ନଦୀପାଣିରେ ଖସିପଡ଼ିଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ଜଣେ ଯୁବକଙ୍କ ମଧ୍ୟ ପାଣିକୁ ଖସି ଏକ ପଥରରେ ଲାଗି ରହିଯାଇଥିଲେ। ବାଲିଶଙ୍କରା ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଅଗ୍ନିଶମ କର୍ମଚାରୀ, ତଲସରା ଏବଂ କିଞ୍ଜିରିକେଲା ଥାନା ପୋଲିସ ନିଖୋଜ ଅନୁପମାଙ୍କୁ ଖୋଜାଖୋଜି ଚଳାଇଥିଲେ ମଧ୍ୟ ସନ୍ଧ୍ୟା ସୁଦ୍ଧା ତାଙ୍କ ପତ୍ତା ମିଳିନାହିଁ। ଆସନ୍ତା ଫେବୃୟାରୀ ୧୬ରେ ଅନୁପମାଙ୍କ ବିବାହ ସ୍ଥିର ହୋଇଥିଲା।

ସେହିପରି ବୌଦ୍ଧ ଜିଲା ମାଧପୁର ନିକଟସ୍ଥ କୁଣ୍ଡିଦରକୁ ପରିବାର ସହ ପିକ୍‌ନିକ୍ କରିବାକୁ ଯାଇଥିବା କନ୍ଧମାଳ ଜିଲା ଟିକାବାଲିର ଜ୍ୟୋତି ସମ୍ମାନ ନାୟକ(୧୬) ପାହାଡ଼ରେ ସେଲ୍‌ଫି ନେବା ବେଳେ ଖସିପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଛି। ଭୋଜି ରନ୍ଧା ଚାଲିଥିବା ବେଳେ ଜ୍ୟୋତି ପାହାଡ଼ରେ ଚଢ଼ି ସେଲ୍‌ଫି ନେଉଥିଲେ। ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ସେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଆଡେଣିଗଡ ମେଡିକାଲ ନେଇଥିଲେ। ସେଠାରୁ ତାଙ୍କୁ ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଜ୍ୟୋତିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ହାତୀ ଆକ୍ରମଣରେ ବନରକ୍ଷୀଙ୍କ ସମେତ ୨ ଆହତ

**ବୁଗୁଡ଼ା,୩୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ବୁଗୁଡ଼ା ବନାଞ୍ଚଳରେ ରବିବାର ଏକ ଦନ୍ତାହାତୀ ଆକ୍ରମଣରେ ବନରକ୍ଷୀଙ୍କ ସମେତ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ତାଳସର ବିଟ୍‌ର ବନରକ୍ଷୀ ମୁନା ଦାଶ ଓ ମହୁଲପଲୀରେ ରହୁଥିବା ବାଲେଶ୍ୱରର ବାବାଜୀ ଚୈତନ୍ୟ ମହାରାଜ। ବନରକ୍ଷୀ ମୁନା ଏକ ବାଇକ୍‌ରେ କିରିଆମ୍ବା ସଂରକ୍ଷିତ ଜଙ୍ଗଲରେ ଚାଲିଥିବା କାମ ଦେଖିବାକୁ ଯାଉଥିବା ବେଳେ ଏକ ଦନ୍ତାହାତୀ ସହ ମୁହାଁମୁହିଁ ହୋଇଥିଲା। ମୁନା ବାଇକ୍ ଛାଡ଼ି ଦୌଡ଼ି ପଳାଉଥିବା ବେଳେ ହାତୀ ତାଙ୍କୁ ଗୋଡ଼ାଇଥିଲା। ମୁନା ତଳେ ପଡ଼ିଯିବାରୁ ଗୋଡ଼ରେ ଆଡ଼େଇ ଦେଇ ପଳାଇଥିଲା। ଫଳରେ ତାଙ୍କ ଗୋଡ଼ ଓ ହାତରେ ଆଘାତ ଲାଗିଥିବାରୁ ମୁନାଙ୍କୁ ଅନ୍ୟ କର୍ମଚାରୀମାନେ ଉଦ୍ଧାର କରି ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ସେ ସୁସ୍ଥ ଥିବା ଜଣାପଡ଼ିଛି। ତେବେ ଖାକି ପୋଷାକ ଦେଖି ହାତୀ ମୁନାଙ୍କୁ ଛାଡ଼ି ଦେଇଥିବା ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଏବଂ ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା କହିଛନ୍ତି। ସେହିପରି ଅପରାହ୍ଣରେ ଉକ୍ତ ଦନ୍ତା ଚୈତନ୍ୟ ମହାରାଜଙ୍କୁ ଆକ୍ରମଣ କରିଥିଲା। ଚୈତନ୍ୟ ମହାରାଜ କରବୁଲୀରୁ ମହୁଲପଲୀକୁ ଯାଉଥିବା ବେଳେ କିରିଆମ୍ବା ଜଙ୍ଗଲର ରାମପାଦ ଛକଠାରେ ହଠାତ୍ ପଛପଟୁ ଦନ୍ତା ତାଙ୍କୁ ଫିଙ୍ଗିଦେଇଥିଲା। ଫଳରେ ବାବାଜୀଙ୍କ ଗୋଡ ଭାଙ୍ଗିଯିବାରୁ ବୁଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ବୁଗୁଡା ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା ପହଞ୍ଚି ବିଭାଗ ପକ୍ଷରୁ ତାଙ୍କୁ ୫୦୦୦ ଟଙ୍କା ପ୍ରଦାନ କରିଥିଲେ। ପରେ ମହାରାଜଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ସଙ୍ଗେ ବିଭାଗ ପକ୍ଷରୁ ଜଣେ କର୍ମଚାରୀଙ୍କୁ ପଠାଯାଇଥିବା ବନାଞ୍ଚଳ ଅଧିକାରୀ କହିଛନ୍ତି।










































## ସଂକ୍ଷେପରେ

### ୬ରୁ ଭାରତ-ବ୍ରିଟେନ ବିମାନ ସେବା

**ନୂଆଦିଲ୍ଲୀ,୩।୧:** ଚଳିତ ମାସ ୬ ତାରିଖରୁ ଭାରତ ଏବଂ ବ୍ରିଟେନ ମଧ୍ୟରେ ବିମାନ ସେବା ପୁଣିଥରେ ଶୁଭାରମ୍ଭ ହେବ। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ ରବିବାର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେହିଭଳି ଚଳିତ ମାସ ୮ରୁ ବ୍ରିଟେନ- ଭାରତ ବିମାନ ସେବା ଉପଲବ୍ଧ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ, ସପ୍ତାହରେ ୩୦ଟି ବିମାନ ଚାଲିବ। ଭାରତ ଏବଂ ବ୍ରିଟେନ ପଟୁ ୧୫ ଲେଖାଏ ବିମାନ ପରିଚାଳିତ କରାଯିବ। ଏହି ବିମାନ ଚଳାଚଳ ସୀମା ଜାନୁୟାରୀ ୨୩ ଯାଏ ବୈଧ ରହିବ। ସ୍ଥିତି ଉପରେ ତର୍ଜମା କରିବା ପରେ ଆଗକୁ ଅଧିକ ବିମାନ ଚଳାଚଳ କରାଯିବ କି ନାହିଁ ସେ ଉପରେ ଧ୍ୟାନ ରଖାଯିବ। ଜାନୁୟାରୀ ୮ରୁ ବିମାନ ସେବା ଆରମ୍ଭ ହେବା ସମ୍ପର୍କରେ ପୁରୀ ପୂର୍ବରୁ କହିଥିଲେ। କରୋନା ଭାଇରସର ନୂଆ ଲହର ବ୍ରିଟେନରେ ଦେଖାଯିବା ଯୋଗୁ ଡିସେମ୍ବର ୨୩ରୁ ଜାନୁୟାରୀ ୭ ମଧ୍ୟରେ ଭାରତ ଓ ବ୍ରିଟେନ ମଧ୍ୟରେ ବିମାନ ଚଳାଚଳରେ କଟକଣା ଲାଗିଛି।

### ୫ରେ କୋଚି-ମାଙ୍ଗାଲୋର ପାଇପଲାଇନ ଲୋକାର୍ପଣ

**ନୂଆଦିଲ୍ଲୀ,୩।୧:** ଚଳିତ ମାସ ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୋଚି-ମାଙ୍ଗାଲୋର ପ୍ରାକୃତିକ ବାଷ୍ପ ପାଇପଲାଇନର ଲୋକାର୍ପଣ ଭିଡିଓକନଫରେନ୍ସ ମାଧ୍ୟମରେ କରିବେ। ଓ୍ବାନ୍ ନେଶନ ଓ୍ବାନ୍ ଗ୍ୟାସ ଗ୍ରୀଡ ସୃଷ୍ଟି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହି ଅବସରରେ କର୍ଣ୍ଣାଟକ ଏବଂ କେରଳର ରାଜ୍ୟପାଳ ତଥା ମୁଖ୍ୟମନ୍ତ୍ରୀଙ୍କ ସହ କେନ୍ଦ୍ର ପ୍ରାକୃତିକ ବାଷ୍ପ ମନ୍ତ୍ରୀ ମଧ୍ୟ ଯୋଗଦେବେ। ଗେଲ୍ ଇଣ୍ଡିଆ କମ୍ପାନୀ ଦ୍ୱାରା ୪୫୦ କିଲୋମିଟର ଲମ୍ବା ପାଇପଲାଇନ ନିର୍ମିତ ହୋଇଛି। ଏହାର ଦୈନିକ ୧୨ ନିୟୁତ ମେଟ୍ରିକ ଷ୍ଟାଣ୍ଡାର୍ଡ କ୍ୟୁବିକ ମିଟର ପରିବହନ କ୍ଷମତା ରହିଛି। ଏହା କେରଳର କୋଚିରେ ଲିକ୍ୟୁଫାଏଡ ପ୍ରାକୃତିକ ବାଷ୍ପ ରେଜିଫିକେଶନ ଟର୍ମିନାଲରୁ ଗ୍ୟାସ୍ ପରିବହନ କରିବ। ୩୦୦୦ କୋଟି ଟଙ୍କା ବ୍ୟୟରେ ପ୍ରକଳ୍ପ ନିର୍ମାଣ କରାଯାଇଛି। ଏଥିରେ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ମାନବ ଦିବସ ସୃଷ୍ଟି କରାଯାଇଛି। ଏହି ପାଇପଲାଇନ ଦ୍ୱାରା ପରିବାରକୁ ପାଇପ ଯୋଗେ ପ୍ରାକୃତିକ ବାଷ୍ପ ଯୋଗାଇବ। ପରିବହନ କ୍ଷେତ୍ର ଲାଗି ସିଏନ୍‌ଜି ଯୋଗାଣକୁ ଏହା ତ୍ୱରାନ୍ୱିତ କରିବ।

# ୮୩୧ କୋଟିର ଜିଏସ୍‌ଟି ଠକେଇ

**ନୂଆଦିଲ୍ଲୀ,୩।୧**



ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ୮୩୧ କୋଟି ଟଙ୍କା ଟିକସ ଠକେଇର ପର୍ଦ୍ଦାଫାଶ କରିଛନ୍ତି। ଗୁଟ୍‌ଖା, ପାନମସଲା ଏବଂ ତମାଖୁ ପ୍ରଡକ୍ଟର ମାନୁଫାକଚର ଏବଂ ଯୋଗାଣ କରୁଥିବା ଜଣେ ବ୍ୟକ୍ତିବିଶେଷ ଏହି ଠକେଇରେ ସାମିଲ ଥିଲେ। ଏହି ବ୍ୟକ୍ତି ଜଣଙ୍କୁ ଏବେ ଗିରଫ କରାଯାଇଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ବିନା କୌଣସି ପଞ୍ଜୀକରଣ ଏବଂ ଟିକସ ପ୍ରଦାନ କରି ଏହି ବ୍ୟକ୍ତି କାରବାର ଜାରି ରଖିଥିଲେ। ସେଣ୍ଟ୍ରାଲ ଜିଏସ୍‌ଟି ଦିଲ୍ଲୀ ୱେଷ୍ଟ କମିଶନରେଟ ପକ୍ଷରୁ ଏଭଳି ଏକ ଟିକସ ଠକେଇ ର୍‍ୟାକେଟ ଉପରୁ ପର୍ଦ୍ଦା ହଟାଯାଇଛି।

ତଥ୍ୟ ପ୍ରମାଣକୁ ଆଧାର କରି ସାମଗ୍ରୀ ଜବତ କରାଯାଇଛି। ଟିକସ ଠକେଇରେ ସମ୍ପୃକ୍ତ ରହିଥିବା ମାନିଛନ୍ତି। ଏହି ମାମଲା ଉପରେ ଖୋଲତାଡ ଜାରି ରହିଥିବା ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବେଆଇନ ଭାବେ ଗୁଟଖା, ତମାଖୁ ଏବଂ ପାନ ମସଲା ପ୍ରଡକ୍ଟ ମାନୁଫାକଚର ହେଉଥିବା ଚଢାଉ ବେଳେ ସାମ୍ନାକୁ ଆସିଥିଲା। ଏକ ବେଆଇନ ଫ୍ୟାକ୍ଟ୍ରିରେ ପ୍ରାୟ ୪୫ ଜଣ କାମ କରୁଥିଲେ। ଗୁଟଖା ପ୍ରଡକ୍ଟକୁ ବିଭିନ୍ନ ପ୍ରଦେଶକୁ ସପ୍ଲାଇ କରାଯାଉଥିଲା। ଚଢ଼ାଉ ବେଳେ ୪.୧ କୋଟି ଟଙ୍କାର କଞ୍ଚାମାଲ ଜବତ କରାଯାଇଛି। ଟିକସ ଫାଙ୍କିବା ଲାଗି ବ୍ୟକ୍ତି ବିଶେଷ ଇନଭଏସ ବ୍ୟବହାର କରୁ ନ ଥିଲେ। ଏହି କମ୍ପାନୀ ଜିଏସ୍‌ଟି ଆଇନର ବିଭିନ୍ନ ଧାରାକୁ ଉଲ୍ଲଂଘନ କରିଥିବା ଜଣାପଡିଛି। ଗିରଫ ବ୍ୟକ୍ତି ବିଶେଷଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିଭଳି ଟିକସ ଅସୁଲ କରିବା ଲାଗି ତଦନ୍ତ ଜାରି ରହିଛି। ଦିଲ୍ଲୀ ଜିଏସ୍‌ଟି ଜୋନ ଚଳିତ ଆର୍ଥିକ ବର୍ଷରେ ୪,୩୨୭ କୋଟି ଟଙ୍କା ଟିକସ ଠକେଇ ଉପରୁ ପର୍ଦ୍ଦା ହଟାଇଥିବା ଜଣାପଡିଛି।

## ହ୍ୟୁଣ୍ଡାଇ ପକ୍ଷରୁ ଏଚ୍-ସୋସିଆଲ କ୍ରିଏଟର

**ଭୁବନେଶ୍ୱର,୩।୧:** ଅଗ୍ରଣୀ କାର ନିର୍ମାତା ତଥା ପାସେଞ୍ଜର କାର ରପ୍ତାନିକାରୀ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ (ଏଚଏମଆଇଏଲ)ର ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଫାଉଣ୍ଡେସନ ପକ୍ଷରୁ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅନ୍ତର୍ଗତ ଏଚ୍-ସୋସିଆଲ କ୍ରିଏଟରର ୨ୟ ସଂସ୍କରଣ ଆରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଦ୍ୱାରା ଯୁବ ବର୍ଗଙ୍କ ମଧ୍ୟରେ ଏକ ସକାରାତ୍ମକ ମନୋଭାବ ସୃଷ୍ଟି ପାଇଁ କାର୍ଯ୍ୟ ଜାରି ରଖିଛି। ୫୦ଟି କଲେଜରୁ ପ୍ରାୟ ୩୦ ହଜାର ବିଦ୍ୟାର୍ଥୀ ଏହି ଏଚ୍-ସୋସିଆଲ କ୍ରିଏଟର-୨୦୨୦ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଜଣାପଡିଛି। ଏହା ଜରିଆରେ ଯୋଗ୍ୟ ବିବେଚିତ ଚିନ୍ତାଧାରାକୁ ୧୫ ଲକ୍ଷ ଟଙ୍କାର ପାଣ୍ଠି ଯୋଗାଇ ଦିଆଯିବ। ୨୦୧୫ରୁ ଏହି କାର୍ଯ୍ୟକ୍ରମ ହ୍ୟୁଣ୍ଡାଇ ମୋଟର କମ୍ପାନୀ ଦ୍ୱାରା କୋରିଆରେ ଆରମ୍ଭ କରାଯାଇଥିଲା। ଏଚ-ସୋସିଆଲ କ୍ରିଏଟର ସୋସିଆଲ ଇନୋଭେଟର ଏବଂ ଫ୍ୟୁଚର ଥିଙ୍କର ସୃଷ୍ଟି କରିବା କ୍ଷେତ୍ରରେ ଏହା କାର୍ଯ୍ୟ କରିଥାଏ। ଫଳରେ ଏହା ସଡକ ସୁରକ୍ଷା, ପରିବେଶ, ସ୍ୱଚ୍ଛ ଭାରତ ଏବଂ ସ୍ୱାସ୍ଥ୍ୟ ଭଳି ୪ଟି ପ୍ରମୁଖ ବର୍ଗରେ କାର୍ଯ୍ୟ କରିଥାଏ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡର ଏମଡି ତଥା ସିଇଓ ଏସ ଏସ. କିମ କହିଛନ୍ତି ଯେ ଏଚ-ସୋସିଆଲ କ୍ରିଏଟର ଯୁବବର୍ଗଙ୍କ ମଧ୍ୟରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସକ୍ଷମ ହେବ। ପ୍ରୋଗ୍ରେସ ଫର ହ୍ୟୁମାନିଟି କ୍ଷେତ୍ରରେ ହ୍ୟୁଣ୍ଡାଇ କାର୍ଯ୍ୟ ଜାରି ରଖିଛି। ଭାରତ ଭବିଷ୍ୟତର ବିକାଶ ପାଇଁ ହ୍ୟୁଣ୍ଡାଇ ପ୍ରତିଶ୍ରୁତିବଦ୍ଧ ଅଟେ। ଏହି ପ୍ରତିଯୋଗିତା ଭାରତବ୍ୟାପୀ ସମ୍ପନ୍ନ ହେବ। ଏହାର ଗ୍ରାଣ୍ଡ ଫାଇନାଲ ନିଆଦିଲ୍ଲୀରେ କରାଯିବ। ଏହା ପାଇଁ ସମସ୍ତ ଆବେଦନ ପତ୍ର ଗ୍ରହଣର ଶେଷ ସମୟ ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ରଖାଯାଇଛି।

## ସିଏଜି ମାଗିଲେ ବ୍ୟାଙ୍କ ଅଡିଟ ରିପୋର୍ଟ

**ନୂଆଦିଲ୍ଲୀ,୩।୧**

ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ପୁଞ୍ଜି ଯୋଗାଣ ଧାରା ଜାରି ରଖିଛନ୍ତି। ବ୍ୟାଙ୍କଗୁଡ଼ିକର ପରଫରମାନ୍ସ ଅଡିଟ ସଂକ୍ରାନ୍ତ ବିସ୍ତୃତ ତଥ୍ୟ ଦେବାକୁ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ଅର୍ଥମନ୍ତ୍ରଣାଳୟକୁ ଚିଠି ଲେଖିଛନ୍ତି। ୨୦୧୬-୧୭ଠାରୁ ବ୍ୟାଙ୍କଗୁଡିକରେ ହୋଇଥିବା ପୁଞ୍ଜି ଯୋଗାଣ ଧାରା ଉପରେ ସିଏଜି ବର୍ତ୍ତମାନ ପରଫରମାନ୍ସ ଅଡିଟ କରୁଛନ୍ତି। ବ୍ୟାଙ୍କଗୁଡ଼ିକୁ ଯୋଗାଣ ହୋଇଥିବା ଅର୍ଥ ସମେତ ଅନ୍ୟ ତଥ୍ୟ ଦେବାକୁ ଆର୍ଥିକ ସେବା ବିଭାଗ ଏବଂ ଅର୍ଥ ମନ୍ତ୍ରଣାଳୟକୁ ଚିଠି ଲେଖାଯାଇଛି। ୨୦୧୭-୧୮ରେ ସରକାର ବ୍ୟାଙ୍କଗୁଡିକୁ ୯୦ ହଜାର କୋଟି ଟଙ୍କା ଯୋଗାଇ ଦେଇଥିଲେ। ଏହାକୁ ପରବର୍ଷ ୧.୦୬ ଲକ୍ଷ କୋଟି ଟଙ୍କାକୁ ବଢାଯାଇଥିଲା। ଗତ ଆର୍ଥିକ ବର୍ଷରେ ବଣ୍ଡ ଦ୍ୱାରା ବ୍ୟାଙ୍କଗୁଡିକୁ ୭୦ ହଜାର କୋଟି ଟଙ୍କାର ପୁଞ୍ଜି ଯୋଗାଇ ଦିଆଯାଇଥିଲା।

ପୁଞ୍ଜି ପ୍ରଦାନ ପରେ ବ୍ୟାଙ୍କଗୁଡିକର ସ୍ଥିତି କିଭଳି ରହିଛି ସେ ଉପରେ ସିଏଜି ତର୍ଜମା କରିପାରନ୍ତି। ଶେଷ ଥର ଲାଗି ସିଏଜି ୨୦୧୭ରେ ବ୍ୟାଙ୍କଗୁଡିକର ପରଫରମାନ୍ସ ରିପୋର୍ଟ ଜାରି କରିଥିଲେ। ବିଭିନ୍ନ ବ୍ୟାଙ୍କକୁ ପୁଞ୍ଜି ଯୋଗାଣ ଦିଗରେ ରହିଥିବା ସମସ୍ୟା ଉପରେ ଏହି ରିପୋର୍ଟରେ ଗୁରୁତ୍ୱାରୋପ କରାଯାଇଥିଲା। ୨୦୧୯ରେ ରାଷ୍ଟ୍ରାୟତ୍ତ




ବ୍ୟାଙ୍କ ବଜାରରୁ ୧ ଲକ୍ଷ କୋଟି ଟଙ୍କା ଉଠାଣ କରିଥିବାରୁ ଏହାକୁ ନେଇ ସିଏଜି ଆଶଙ୍କା ପ୍ରକଟ କରିଛନ୍ତି। କେତେକ ବ୍ୟାଙ୍କ ଆବଶ୍ୟକତାଠାରୁ ଅଧିକ ପୁଞ୍ଜି ଲାଭ କରିଥିବା ବେଳେ ଆଉ କିଛି ପୁଞ୍ଜି ପର୍ଯ୍ୟାପ୍ତତା ନିୟମ ପାଳନ କରିଥିବାରୁ ଆବଶ୍ୟକ ମୁତାବକ ପୁଞ୍ଜି ପାଇ ନାହାନ୍ତି।

## ଯମୁନାରେ ମିଳିବ ସିପ୍ଲେନ ସୁବିଧା

**ନୂଆଦିଲ୍ଲୀ, ୩।୧:** ପର୍ଯ୍ୟଟକ ଓ ପରିଭ୍ରମଣକାରୀଙ୍କୁ ସୁବିଧା ସହିତ କମ ସମୟରେ ଅଧିକରୁ ଅଧିକ ସ୍ଥାନ ଭ୍ରମଣ କରିବାର ସୁଯୋଗ ସ୍ଥଳପଥ ଠାରୁ ଆକାଶ ପଥରେ ହୋଇପାରିବ। ଏହାକୁ ଆଖି ଆଗରେ ରଖି ଖୁବଶୀଘ୍ର ଦିଲ୍ଲୀର ଯମୁନା ନଦୀରୁ ଅଯୋଧ୍ୟା ପର୍ଯ୍ୟନ୍ତ ଏବଂ ମୁମ୍ବାଇର ଶିରିଡି ଅଞ୍ଚଳକୁ ଆସୁଥିବା ପର୍ଯ୍ୟଟକଙ୍କୁ ସିପ୍ଲେନର ସୁବିଧା ଓ ସେବା ସରକାରଙ୍କ ପକ୍ଷରୁ ଯୋଗାଇ ଦେବାର ଯୋଜନା ରହିଛି। ଏ ନେଇ କେନ୍ଦ୍ର ସରକାରଙ୍କ ଜାହାଜ ଚଳାଚଳ ମନ୍ତ୍ରଣାଳୟ (ସିପିଙ୍ଗ ଏବଂ ଜଳ) ଅଧୀନରେ ଥିବା ସାଗରମାଳା ସିପ୍ଲେନ ସେବା (ଏସଏସପିଏସ) ଏଥିପାଇଁ ଆଗ୍ରହୀ କମ୍ପାନୀମାନଙ୍କୁ ଆମନ୍ତ୍ରଣ କରିଛି। ଖୁବ୍ ଶୀଘ୍ର ଏହି ସେବା ଆରମ୍ଭ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି । ଆଗାମୀ ଦିନରେ ଏହି ସି ପ୍ଲେନ ସେବା ଦେଶର ଅନ୍ୟ ସମୁଦ୍ର ମାର୍ଗ ଅଞ୍ଚଳରେ ମଧ୍ୟ ଆରମ୍ଭ ହୋଇପାରେ। ସେଥିପାଇଁ ଜାହାଜ ଚଳାଚଳ ମନ୍ତ୍ରଣାଳୟ (ସିପିଙ୍ଗ ଏବଂ ଜଳ) ସାଗରମାଳା ସିପ୍ଲେନ ସେବା (ଏସଏସପିଏସ) ପାଇଁ ଏକ୍ସପ୍ରେସନ୍ ଅଫ୍ ଇଣ୍ଟର୍ସ (ଇଓଆଇ)କୁ ଆମନ୍ତ୍ରଣ କରିଛି। ମନ୍ତ୍ରଣାଳୟ ପକ୍ଷରୁ ଦିଲ୍ଲୀର ଯମୁନା ନଦୀରୁ ଅଯୋଧ୍ୟା, ତେହେରୀ, ଶ୍ରୀନଗର (ଉତ୍ତରାଖଣ୍ଡ) ଏବଂ ଚଣ୍ଡିଗଡ଼, ମୁମ୍ବାଇରୁ ଶିରିଡି, ଲୋନାଭାଲା ଏବଂ ଗଣପତିପୁଲେ, ସୁରଟରୁ ଦ୍ୱାରକା, ମାଣ୍ଡଭି ଏବଂ କାନ୍ଦଲା, ଏହି ସବୁ ସମୁଦ୍ର ମାର୍ଗରେ ଏହି ସେବା ଆରମ୍ଭ କରିବା ନେଇ ଇଓଆଇ ମତ ପ୍ରକାଶ କରିଛି।

## ବିଇଏମ୍ଏଲ୍‌ର ୨୬% ଅଂଶଧନ ବିକ୍ରି ହେବ

**ନୂଆଦିଲ୍ଲୀ,୩।୧**

ପ୍ରତିରକ୍ଷା କ୍ଷେତ୍ରରେ ରାଷ୍ଟ୍ରାୟତ୍ତ କମ୍ପାନୀ ଭାରତ ଆର୍ଥ ମୁଭର୍ସ ଲିମିଟେଡ(ବିଇଏମ୍ଏଲ୍)ରୁ ୨୬% ଅଂଶଧନ ବିକ୍ରି ହେବ। ସେହିଭଳି ସରକାର ଏହି କମ୍ପାନୀର ପରିଚାଳନା ଏବଂ ନିୟନ୍ତ୍ରଣକୁ ମଧ୍ୟ ହସ୍ତାନ୍ତର କରିବେ। ଏଥିପାଇଁ ରବିବାର ପ୍ରାଥମିକ ବିଡ୍ ସମ୍ପର୍କରେ ଘୋଷଣା କରାଯାଇଛି। ନିଲାମ ପ୍ରକ୍ରିୟା ୨ଟି ପର୍ଯ୍ୟାୟରେ ସମ୍ପାଦିତ ହେବ ବୋଲି ନିବେଶ ଏବଂ ରାଷ୍ଟ୍ରାୟତ୍ତ ସମ୍ପତ୍ତି ପରିଚାଳନା ବିଭାଗ(ଦୀପମ) ସଚିବ ତୁହିନକାନ୍ତ ପାଣ୍ଡେ ଏହା କହିଛନ୍ତି। ବିଇଏମ୍ଏଲ୍‌ରୁ ଅଂଶଧନ କ୍ରୟ ଲାଗି ବିଡର ମାର୍ଚ୍ଚ ୨ ସୁଦ୍ଧା ଏକ୍ସପ୍ରେଶନ ଅଫ୍ ଇଣ୍ଟରେଷ୍ଟ(ଇଓଆଇ) ଦାଖଲ କରିପାରିବେ। ଏଥି ଲାଗି ଦୀପମ ପକ୍ଷରୁ ପ୍ରାଥମିକ ସୂଚନା ମେମୋରାଣ୍ଡମ ଜାରି କରାଯାଇଛି।




ବର୍ତ୍ତମାନର ବଜାର ଦର ଅନୁସାରେ ୨୬% ଅଂଶଧନ ବିକ୍ରିରୁ ସରକାରଙ୍କୁ ୧ ହଜାର କୋଟି ଟଙ୍କାର ରାଜସ୍ୱ ମିଳିବ। ଶୁକ୍ରବାର ବିଇଏମ୍ଏଲ୍‌ର ପ୍ରତି ଶେୟାର ମୂଲ୍ୟ ପ୍ରାୟ ୯୭୪ ଟଙ୍କା ରହିଥିଲା। ବିଇଏମ୍ଏଲ୍ ପ୍ରତିରକ୍ଷା, ରେଳ, ଶକ୍ତି, ଖଣି ଏବଂ ଭିତ୍ତିଭୂମି ଭଳି କ୍ଷେତ୍ରରେ କାର୍ଯ୍ୟ କରୁଛି। ୨୦୧୯-୨୦ରେ ଏହି କମ୍ପାନୀର ମୋଟ ରାଜସ୍ୱ ୩୦୨୮ କୋଟି ଟଙ୍କା ରହିଥିଲା। ଏହି ନିଲାମ ପ୍ରକ୍ରିୟା ସମ୍ପାଦନ କରିବା ଲାଗି ସରକାରଙ୍କ ପକ୍ଷରୁ ଏସ୍‌ବିଆଇ କ୍ୟାପିଟାଲ ମାର୍କେଟ ପକ୍ଷରୁ ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି। ପ୍ରସ୍ତାବିତ ବିନିବେଶ ପ୍ରକ୍ରିୟାକୁ ଏହା ପରିଚାଳନା କରିବ। ବିଇଏମ୍ଏଲ୍ ନିକଟରେ ୯୭୭୫ କୋଟି ଟଙ୍କାର ଅର୍ଡର ରହିଛି। ଏହି କମ୍ପାନୀରେ ସରକାରଙ୍କ ଅଂଶଧନ ୫୪% ରହିଛି। ଏଥିରୁ ୨୬% ହ୍ରାସ କରିବାକୁ ସରକାର ଯୋଜନା ରଖିଛନ୍ତି।

## ରାଜ୍ୟ ଖବର

### ଶୋଇଥିବା ବେଳେ ବୃଦ୍ଧଙ୍କୁ ହତ୍ୟା

**କାଲିମେଳା,୩।୧(ଡି.ଏନ.ଏ.):** ମାଲକାନଗିରି ଜିଲା ଏମଭି-୭୯ ଥାନା ଅନ୍ତର୍ଗତ ତେଲରାଇ ପଞ୍ଚାୟତର ତମଗୁଡା ଗ୍ରାମରେ ଶନିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି । ଗ୍ରାମର ମୁକା ମାଡକାମି (୫୫)ଙ୍କୁ ହତ୍ୟା କରାଯାଇଛି। ତେବେ ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡିନାହିଁ। ମୁକା ନିଜ ଘରଠାରୁ ୨ କିମି ଦୂରରେ ଥିବା ତାଙ୍କ ଚାଷଜମି ନିକଟରେ ଥିବା ଏକ କୁଡିଆ ଘରେ ଶୋଇଥିବା ସମୟରେ ଏହି ହତ୍ୟାକାଣ୍ଡ ଘଟିଛି ।

ଖବରରୁ ଜଣାପଡିଛି, ମୁକାଙ୍କ ୩ ପୁଅ ଅଛନ୍ତି । ମଝିଆ ପୁଅ ଲାଛା ତେଲରାଇ ଗ୍ରାମରେ ଘରକରି ରହୁଥିବା ବେଳେ ବଡ଼ପୁଅ ମୁକେଶ ଶନିବାର କୌଣସି କାମରେ କାଲିମେଳା ଆସିଥିଲେ। ଘରେ ସାନପୁଅ ପଦିଆ ଥିଲେ। ମୁକା ନିଜ ଘରେ ନ ରହି ନିଜ ଜମିରେ କୁଡିଆ ତିଆରି କରି ସେଠାରେ ରହିବା ସହ ପୋଖରୀରେ ମାଛଚାଷ କରୁଥିଲେ। ସେଠାରେ ରୋଷେଇ କରି ଖାଇ ରାତିରେ ଶୋଉଥିଲେ। ସ୍ତ୍ରୀ ଦେବେ ମଧ୍ୟ ମୁକାଙ୍କ ସହିତ ଏହି କୁଡିଆ ଘରେ ଚଳୁଥିଲେ। ଶନିବାର ମୁକା କୁଡିଆରେ ଏକା ଥିବାବେଳେ ସ୍ତ୍ରୀ ଦେବେ ଗ୍ରାମରେ ଥିବା ଘରେ ଥିଲେ। ରାତି ୯ଟାରେ ଗ୍ରାମର ରାମା ମାଡକାମିଙ୍କ ସହ ଦେବେ ଜମିକୁ ଆସି ମୁକାଙ୍କୁ ହତ୍ୟା କରାଯାଇଥିବା ନେଇ ଜାଣିବାକୁ ପାଇଥିଲେ । ତାଙ୍କୁ କେହି ଦୁର୍ବୃତ୍ତ ଗଳାକାଟି ହତ୍ୟା କରିଥିଲା। ପରେ ଗାଁ ଲୋକଙ୍କୁ ଖବର ଦେବାପରେ ସମସ୍ତେ ମିଶି ମୃତଦେହକୁ ତାଙ୍କ ଘରକୁ ନେଇଥିଲେ। ଗୁଣିଗାରେଡି କିମ୍ବା ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି । ଖବରପାଇ ଏମ୍‌ଭି-୭୯ ପୋଲିସ ଏବଂ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ୧/୨୧ରେ ଏକ ହତ୍ୟା ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି। ହତ୍ୟାକାଣ୍ଡରେ ବ୍ୟବହୃତ କାତି ଜବତ ହୋଇଛି। ପରିବାର ଲୋକେ ଘଟଣା ସ୍ଥଳରୁ ମୃତଦେହ ଘରକୁ ନେଇ ଆସିଥିବାରୁ ତଦନ୍ତ ବେଳେ କେତେକାଂଶରେ ଅସୁବିଧା ହେଉଛି ବୋଲି ଥାନା ଅଧିକାରୀ ଜନ ଖୁଜୁର କହିଛନ୍ତି।

### ମନ୍ଦିର ମୂର୍ତ୍ତି ଭାଙ୍ଗି ଫୋପାଡ଼ିଲେ ଦୁର୍ବୃତ୍ତ



ଦୁର୍ବୃତ୍ତ ଭାଙ୍ଗିଦେଇଥିବା ବୃନ୍ଦାବତୀଙ୍କ ମୂର୍ତ୍ତି।

**ମୁନିଗୁଡ଼ା,୩।୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ମୁନିଗୁଡ଼ା ଥାନା ଅଧୀନ ହୁକୁମତୋଳାସ୍ଥିତ ରାମେଶ୍ୱର ମନ୍ଦିରରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। କେହି ଦୁର୍ବୃତ୍ତ ମନ୍ଦିରର ବିଭିନ୍ନ ପାର୍ଶ୍ୱଦେବୀ ଏବଂ ସମ୍ମୁଖଭାଗରେ ରହିଥିବା ବୃନ୍ଦାବତୀଙ୍କ ମୂର୍ତ୍ତି ଭଙ୍ଗାରୁଜା କରିଛନ୍ତି। ଏଥିସହ ମୂର୍ତ୍ତିଗୁଡ଼ିକୁ ଆସ୍ଥାନରୁ ନେଇ ମନ୍ଦିର ପଛପଟେ ଫୋପାଡ଼ିଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ମନ୍ଦିର ସମ୍ମୁଖ ମଣ୍ଡପ ପରିସରରେ ସ୍ଥାପିତ ଜଗନ୍ନାଥଙ୍କ ମୁକୁଟ ଚୋରିକରି ନେଇଥିବା ଜଣାପଡ଼ିଛି। ରବିବାର ସକାଳେ ପୂଜକ ସୁଶାନ୍ତ ଦାସ ନିତ୍ୟ ପୂଜା ପାଇଁ ମନ୍ଦିରକୁ ଯିବା ସମୟରେ ଏ ବିଷୟରେ ଜାଣିବା ସହ ମନ୍ଦିର କମିଟିକୁ ଅବଗତ କରାଇଥିଲେ। କମିଟି ପକ୍ଷରୁ ଏ ନେଇ ମୁନିଗୁଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଛି। ମୁନିଗୁଡ଼ା ଅଞ୍ଚଳରେ ମନ୍ଦିର ମୂର୍ତ୍ତି ଭାଙ୍ଗିବା ଘଟଣା ପ୍ରଥମ ହୋଇଥିବାବେଳେ ଥାନାଧିକାରୀ ସୁଜ୍ଞାନୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ଯଶୋବନ୍ତ କହଁର ଓ ନରସିଂହ ବେହେରା ମନ୍ଦିରକୁ ଯାଇ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

# ତେଣ୍ଡାକୁଡ଼ା ସାଇଫନ୍ ଛକରେ ଉତ୍ତେଜନା

**ପାଟକୁରା,୩।୧(ଡି.ଏନ.ଏ.)**

ପାଟକୁରା ଥାନା ଅଧୀନ ତେଣ୍ଡାକୁଡ଼ା ସାଇଫନ୍ ଛକରେ ଶନିବାର ଦୁଇଜଣ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଗୁରୁତର ଆହତ ଦୁଇ ଯୁବକଙ୍କୁ ଚିକିତ୍ସା ଲାଗି କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ତେଣ୍ଡାକୁଡ଼ା ପଞ୍ଚାୟତ ଅନ୍ତର୍ଗତ ବଡ଼ ନୟନପୁରର ସରୋଜ ବେହେରା(୪୦) ଶନିବାର ସନ୍ଧ୍ୟା ସାଢ଼େ ୭ଟାରେ ସାଇଫନ ଛକକୁ ସଉଦା ପାଇଁ ଯାଇଥିଲେ। ଏହି ସମୟରେ ୯ଟି ବାଇକ୍‌ରେ ୨୦ରୁ ଊର୍ଦ୍ଧ୍ୱ ଭିନ୍ନ ସମ୍ପ୍ରଦାୟର ଯୁବକ ହାତରେ ଖଣ୍ଡା, ଭୁଜାଲି, ରଡ, ବନ୍ଧୁକ ଆଦି ମାରଣାସ୍ତ୍ର ଧରି ଛକରେ ପହଞ୍ଚି ଆତଙ୍କରାଜ ସୃଷ୍ଟି କରିଥିଲେ। ସେଠାରେ ଥିବା ସରୋଜଙ୍କୁ ଘେରିଯାଇ ଅତର୍କିତ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ସରୋଜ ଗୁରୁତର ଅବସ୍ଥାରେ ସେଠାରେ ପଡି ଯାଇଥିଲେ। ତାଙ୍କ ମୁଣ୍ଡ ଓ ଦେହରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଏହା ଦେଖି ସେଠାରେ ଥିବା ସେହି ଗ୍ରାମର ହଳଧର ବେହେରା(୨୬) ଧାଇଁ ଆସି ପ୍ରତିବାଦ କରିଥିଲେ। ଦୁର୍ବୃତ୍ତମାନେ ହଳଧରଙ୍କୁ ମଧ୍ୟ ଲୁହା ରଡ ଓ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଉଭୟ ରକ୍ତ ଜୁଡୁବୁଡୁ ଅବସ୍ଥାରେ



ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

ସେଠାରେ ପଡ଼ିଥିଲା ବେଳେ ଦୁର୍ବୃତ୍ତମାନେ କୃଷ୍ଣାନନ୍ଦପୁର ଆଡ଼େ ପଳାଇ ଥିଲେ। ଦୁଇ ଆହତଙ୍କୁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ରବିବାର ସକାଳୁ ସ୍ଥାନୀୟ ବଜାରର ବ୍ୟବସାୟୀମାନେ ଦୋକାନ ବଜାର ବନ୍ଦ କରି ଏହାର ପ୍ରତିବାଦ କରିଥିଲେ। ପରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହ ଟାୟାର ଜାଳି ରାସ୍ତାରୋକୋ କରାଯାଇଥିଲା। ଘଟଣାସ୍ଥଳରେ ଆଇଆଇସି ସୁଜିତ କୁମାର ପ୍ରଧାନ, ଏସ୍‌ଡ଼ିପିଓ ରାଜୀବ ଲୋଚନ ପଣ୍ଡା, ସ୍ପେଶାଲ

**ଦୁଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ**

■ ଟାୟାର ଜାଳି ରାସ୍ତାରୋକୋ, ପୋଲିସ ମୁତୟନ

ସ୍କ୍ୱାଡ୍ ପୋଲିସ ଅଫିସର ପି.କେ. କାନୁନ୍‌ଗୋ ଓ ଅନ୍ୟ ଅଧିକାରୀମାନେ ପହଞ୍ଚି ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଦୃଷ୍ଟି ରଖିଥିଲେ। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି କିଛି ନମୁନା ସଂଗ୍ରହ କରିବା ସହି ତଦନ୍ତ କରିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏକ ପୋଲିସ କ୍ୟାମ୍ପ ସେଠାରେ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ସାଇଫନ୍ ଛକରେ ପୋଲିସ ମୁତୟନ କରାଯାଇଛି। ଏହି ସ୍ଥାନଟି କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ସଂଯୋଗସ୍ଥଳ ହୋଇଥିବାରୁ କୃଷ୍ଣାନନ୍ଦପୁର ଅଞ୍ଚଳରୁ ଯୁବକମାନେ ବହୁ ସମୟରେ ଆସି ସାଇଫନ୍ ଛକରେ ଏକାଧିକବାର ଲୋକଙ୍କୁ ଆକ୍ରମଣ କରିବାର ନଜୀର ରହିଛି। ସେଠାରେ ଗାଡି ମୋଟରରେ ମାରଣାସ୍ତ୍ର କାରବାରକୁ ନିୟନ୍ତ୍ରଣ କରିବାକୁ ପୋଲିସ ପକ୍ଷରୁ କଡାକଡି ଯାଞ୍ଚ କରାଯିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି। ଆହତଙ୍କ ପରିବାର କଟକ ବଡ଼ ଡାକ୍ତରଖାନାରେ ଥିବାରୁ ପୋଲିସର ଏକ ଟିମ୍ ସେଠାକୁ ଯାଇଛି।

## ବିଜୟ ହତ୍ୟାକାଣ୍ଡ ମାମଲା, ୭ ଗିରଫ

**ଭୁବନ, ୩।୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ଥାନା ସୁରପ୍ରତାପପୁର ଗ୍ରାମରେ ଶନିବାର ସଂଘବଦ୍ଧ ଆକ୍ରମଣରେ ପୂର୍ବତନ ୱାର୍ଡସଭ୍ୟ ବିଜୟ ଗୁରୁଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ୭ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବେଣୁଧର ବେହେରା, ପ୍ରେମଲତା ବେହେରା, ଖୁଲଣା ବେହେରା, କବିତା ବେହେରା, ସାବିତ୍ରୀ ବେହେରା, ପ୍ରମିଳା ବେହେରା ଏବଂ ଜ୍ୟୋସ୍ନା ବେହେରା। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟମାନେ ଫେରାର ହୋଇଯାଇଥିବା ଥାନାଧିକାରୀ ଜିତେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗ୍ରାମରେ ହୋଇଥିବା ମା' ସନ୍ତୋଷୀଙ୍କ ପୂଜାରେ ଭୋଗ ଖାଇବାକୁ କେନ୍ଦ୍ରକରି ବିଜୟ ଗୁରୁଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଢେଙ୍କାନାଳ ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ମୃତ ବିଜୟଙ୍କ ଝିଅ ସୋନାଲିଙ୍କ ଅଭିଯୋଗକ୍ରମେ ୨୫ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ରବିବାର ପୋଲିସ ତଦନ୍ତ କରି ୭ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅନ୍ୟମାନଙ୍କୁ ଧରିବାକୁ ଉଦ୍ୟମ ଚାଲିଥିବା ଥାନାଧିକାରୀ କହିଛନ୍ତି।

## ବାଇକ୍-ପିକ୍‌ଅପ୍ ଧକ୍କା, ୨ ମୃତ

**ବଉଣ୍ଡା,୩।୧(ଡି.ଏନ.ଏ.)**

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ପୋକଣ୍ଡାଠାରେ ରବିବାର ସନ୍ଧ୍ୟାରେ ଏକ ବାଇକ୍ ସହ ପିକ୍‌ଅପ୍ ଭ୍ୟାନର ଧକ୍କା ହୋଇଛି। ଏଥିରେ ବାଇକ୍‌ରେ ଥିବା ଠାକୁରଗଡ଼ ଥାନା ଖମାର ଗ୍ରାମର ଜଗଦୀଶ ସାହୁ (୨୫) ଓ ଡୁମୁରସିଙ୍ଗା ଗ୍ରାମର କୀର୍ତ୍ତନ ନାୟକ (୨୫)ଙ୍କ ମୃତ୍ୟୁ ହୋଇଛି। ପୋଲିସ କହିଛି, ଜଗଦୀଶ ଓ କୀର୍ତ୍ତନ ବାଇକ୍ (ନଂ. ଓଡି୧୯କେ-୭୬୮୮) ଯୋଗେ ଠାକୁରଗଡରୁ ଖମାର ଫେରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ପିକ୍‌ଅପ୍ ( ନଂ. ଓଡି୧୯କେ- ୦୪୭୯) ସହ ଧକ୍କା ହୋଇଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଆଠମଲ୍ଲିକ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଦୁହିଁଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ଗାଡ଼ି ୨ଟିକୁ ଜବତ ସହ ଏକ ମାମଲା ରୁଜୁ ତଦନ୍ତ ଚଳାଇଛି।



ଯଶରାଜ ଫିଲ୍ମର ସବୁଠାରୁ ଷ୍ଟାଇଲିଷ୍ଟ ଆକ୍ସନ ଫ୍ରାଞ୍ଚାଇଜ 'ଧୁମ'ର ୪ ନମ୍ବର ମୁଭିକୁ ଦର୍ଶକେ ବେଶ କିଛିଦିନ ହେବ ଅପେକ୍ଷା ରଖିଛନ୍ତି । 'ଧୁମ ୪' କୁ ନେଇ ୨୦୨୦ରେ କେତେ କଥା ଶୁଣିବାକୁ ମିଳିଥିଲା । କେଉଁମାନେ ଏଥିରେ ଅଭିନୟ କରିବେ ତାହା ବି ଚର୍ଚ୍ଚା ହୋଇଥିଲା । ହେଲେ ଶେଷରେ ଏହାସବୁ ଭୁଲ ପ୍ରମାଣିତ ହୋଇଥିଲା । କାରଣ ଫିଲ୍ମ ମେକର୍ସ କୌଣସି ଗୋଟିଏ କଥାରେ ମୋହର ମାରି ନ ଥିଲେ । ଏବେ 'ଧୁମ ୪'କୁ ନେଇ ଆସିଥିବା ଏକ ଖବରରୁ ଜଣାପଡିଛି କି ଏଥର ଦର୍ଶକେ ଏଥିରେ ମେଲ ଚୋର ନୁହେଁ ବରଂ ଜଣେ ଫିମେଲ ଚୋରକୁ ଦେଖିବାକୁ ପାଇବେ । ତେବେ ଯଶରାଜ ବ୍ୟାନର ଏଥର ବଲିଉଡ ବିୟୁଟି ଦୀପିକା ପାଦୁକୋନଙ୍କୁ ଜଣେ ଷ୍ଟାଇଲିସ ଚୋରଣୀ ଭୂମିକାରେ ଉପସ୍ଥାପନ କରିବାକୁ ଯାଉଛି ।

# ନକଲି ସହର 'କିଜୋଙ୍ଗ-ଡୋଙ୍ଗ୍'

**କୋଠାବାଡ଼ି ଅଛି। ନିର୍ମାଣ ହୋଇଛି ବଡ଼ବଡ଼ ଟାୱାର। ପରିଷ୍କାର ପରିଚ୍ଛନ୍ନତାରେ ବି ବେଶ୍ ଆଗୁଆ। ହେଲେ ପୂରା ସହର ଜନଶୂନ୍ୟ। ଏଭଳି ଏକ ନକଲି ସହର ନିର୍ମାଣ ପଛରେ ରହିଛି କୂଟନୀତି। ଏକଚ୍ଛତ୍ରବାଦୀ ଶାସକ କିମ୍ ଜଙ୍ଗ୍ ଉନ୍‌ଙ୍କ ଶାସନରେ ଅତିଷ୍ଠ ଉତ୍ତର କୋରିଆବାସୀ ଦେଶ ଛାଡୁଥିବାବେଳେ ଏହି ସହର ସେମାନଙ୍କୁ ମିଥ୍ୟାବାଦୀ ପ୍ରମାଣିତ କରିବା ଲାଗି ଏକ କୂଟନୈତିକ ଚାଲ୍।**



**ପୋଙ୍ଗ୍‌ୟାଙ୍ଗ୍:** ଉତ୍ତର କୋରିଆ ଏବଂ ଦକ୍ଷିଣ କୋରିଆ ମଧ୍ୟରେ ଥିବା ଅହିନକୁଳ ସମ୍ପର୍କ ଅଛପା ନୁହେଁ। ଦେଶ ବିଭାଜନ ହେବା ପରଠାରୁ ଦୁଇଦେଶ ମଧ୍ୟରେ ଆରମ୍ଭ ହୋଇଥିବା ଶତ୍ରୁତା ସମୟକ୍ରମେ ଜଟିଳ ରୂପ ଧାରଣ କରିଛି। ଉଭୟ ଦେଶ ସୀମାନ୍ତରେ ରହିଛି 'କିଜୋଙ୍ଗ୍-ଡୋଙ୍ଗ୍'। ଅତି ସମ୍ବେଦନଶୀଳ ଅଞ୍ଚଳ ଭାବେ ପରିଚିତ ଏହି ସ୍ଥାନରେ ୨୪ ଘଣ୍ଟିଆ କଡ଼ା ପହରା। ସହରରେ ବଡ଼ ବଡ଼ ଅଟ୍ଟାଳିକା, ପ୍ଲେ ସ୍କୁଲ, ସେକେଣ୍ଡାରି ସ୍କୁଲ ସହିତ ହସ୍ପିଟାଲ, ଦୋକାନବଜାର ରହିଛି। ଉତ୍ତର କୋରିଆର କହିବା କଥା, ଏଠାରେ ୨୦୦ ଜଣ ରହୁଛନ୍ତି। ସରକାରୀ ବ୍ୟବସ୍ଥାରେ ସେମାନେ ବେଶ୍ ଖୁସି। ହେଲେ ସାଟେଲାଇଟ୍ ଚିତ୍ରରୁ ଉତ୍ତର କୋରିଆର ମିଛ ଧରାପଡ଼ିଯାଇଛି। 'କିଜୋଙ୍ଗ୍-ଡୋଙ୍ଗ୍' ସମ୍ପୂର୍ଣ୍ଣ ଜନଶୂନ୍ୟ। ବାସ୍ତବରେ କମ୍ୟୁନିଷ୍ଟ ଶାସନର କ୍ରୂରତାକୁ ଢାଙ୍କିବାକୁ 'କିଜୋଙ୍ଗ୍-ଡୋଙ୍ଗ୍' ଏକ ପ୍ରଚାର ସର୍ବସ୍ୱ ସହର। ଉତ୍ତର କୋରିଆ ଶାସକଙ୍କ ଏକଛତ୍ରବାଦ ଶାସନରେ ଅତିଷ୍ଠ ହୋଇ ୫୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଅନ୍ୟତ୍ର ପଳାୟନ କରିଛନ୍ତି। ଗଣମାଧ୍ୟମରେ ସେମାନେ ନିଜ ଦେଶର କୁଶାସନ ବିରୋଧରେ ବିଷ ଓକାଳୁଛନ୍ତି। ସେଠାରେ ଲୋକଙ୍କ ଅଧିକାର କେତେ ସୀମିତ, ପ୍ରତିବାଦକାରୀଙ୍କୁ କିଭଳି ଯନ୍ତ୍ରଣାମୟ ଜୀବନ ଦିଆଯାଏ ସେହି ଅନୁଭୂତି ବଖାଣୁଛନ୍ତି। ସେମାନଙ୍କ ମୁହଁ ବନ୍ଦ କରିବା ଏବଂ ପଳାୟନ କରିଥିବା ଲୋକଙ୍କୁ ମିଥ୍ୟାବାଦୀ ପ୍ରମାଣିତ କରିବାକୁ ଏଭଳି ସହର ନିର୍ମାଣ କରାଯାଇଛି।

'କିଜୋଙ୍ଗ୍-ଡୋଙ୍ଗ୍' ଏକ ସୁବ୍ୟବସ୍ଥିତ ସହର। ଏଠାକାର ପ୍ରତି କାନ୍ଥ ନୀଳରଙ୍ଗର। ହେଲେ ଭିତରେ କୌଣସି ଷ୍ଟ୍ରକ୍‌ଚର ନାହିଁ। ଏପରି କି ଘରର ଝରକା ମଧ୍ୟ ଚିତ୍ରିତ। ସହରରେ ନୀରବତାର ରାଜୁତି। ଗହଳଚହଳ ନାହିଁ। ଘରକୁ ଲୋକ ଯାତାୟାତ କରିବା ଦେଖାଯାଏ ନାହିଁ। କପଡ଼ା ଶୁଖିବା କିମ୍ବା ପରଦା ମଧ୍ୟ ଟଙ୍ଗାଯାଇଥିବା ଦୃଶ୍ୟମାନ ହୁଏ ନାହିଁ। ସବୁଠାରୁ ବଡ଼ କଥା ସନ୍ଧ୍ୟାରେ ଏକସଙ୍ଗରେ ସବୁ ଘରର ଲାଇଟ୍ ଜଳେ ଏବଂ ସକାଳ ହେଲେ ବନ୍ଦ ହୋଇଯାଏ। ଝଡ଼ି ପଡୁଥିବା ଗଛର ପତ୍ର ସଫେଇ କରିବାକୁ କେବଳ ହାତ ଗଣତି ଲୋକ କାମ କରୁଥିବା ଦେଖିବାକୁ ମିଳନ୍ତି। ଏସବୁରୁ ଏହି ସହର ଉତ୍ତର କୋରିଆର ଦୁର୍ବଳତା ଢାଙ୍କିବାକୁ କୂଟନୀତି ଛଡ଼ା ଅନ୍ୟ କିଛି ନୁହେଁ ବୋଲି ଅନେକେ ଦାବି କରିଛନ୍ତି।

ଅପରପକ୍ଷେ ଏଠାରେ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଲାଉଡ୍‌ସ୍ପିକର ଦକ୍ଷିଣ କୋରିଆ ପଟକୁ ମୁହଁ କରି ଲଗାଯାଇଛି। ଏହା ଦୈନିକ ୨୦ ଘଣ୍ଟା ଧରି ଅନବରତ ବାଜିଥାଏ, ଯେଉଁଥିରେ ଉତ୍ତର କୋରିଆର ସ୍ୱଚ୍ଛ ଶାସନ, ଶାସକଙ୍କ ମହାନତା ବିଷୟରେ ପ୍ରଚାର କରାଯାଇଥାଏ। ସେହିପରି ଦେଶ ଛାଡ଼ି ପଳାୟନ କରିଥିବା ଲୋକଙ୍କ ବିଷୟରେ କଡ଼ା ସମାଲୋଚନା କରାଯାଇଥାଏ। ଲାଉଡ୍ ସ୍ପିକରରେ ପାଶ୍ଚାତ୍ୟ ଦେଶର ସଂସ୍କୃତି ବିଶେଷ କରି ଆମେରିକାକୁ ତୀବ୍ର ନିନ୍ଦା କରାଯାଏ। ଏହାକୁ ବାଦ୍ ଦେଲେ ଉତ୍ତର କୋରିଆର ଦେଶଭକ୍ତିର ସଙ୍ଗୀତ ମଧ୍ୟ ବାଜିଥାଏ।

ଏହି ଲାଉଡ୍ ସ୍ପିକର ଦୁଇ ଦେଶର ତିକ୍ତତା ବୃଦ୍ଧିର ଅନ୍ୟତମ କାରଣ ପାଲଟିଛି। କାରଣ ଏହା ଏତେ ଜୋର୍‌ରେ ବଜାଯାଇଥାଏ ଯେ, ପ୍ରତିପକ୍ଷ ସୀମାନ୍ତରେ ବସବାସ କରୁଥିବା ଲୋକଙ୍କ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଥାଏ। ତେବେ ତିକ୍ତତା ହ୍ରାସ କରିବାକୁ ୨୦୦୪ରୁ ୨୦୧୫ ଯାଏ ଲାଉଡ୍ ସ୍ପିକର ବନ୍ଦ କରି ଦିଆଯାଇଥିଲା। ୨୦୧୬ରୁ ପୁନର୍ବାର ଏହା ଆରମ୍ଭ ହୋଇଛି। ୧୯୮୦ରେ ଦକ୍ଷିଣ କୋରିଆ ପକ୍ଷରୁ ସୀମାନ୍ତରେ ୩୨୩ ଫୁଟ ଏବଂ ୧୩୦ କିଲୋଗ୍ରାମ ବିଶିଷ୍ଟ ବିଶାଳକାୟ ପତାକା ଲଗାଯାଇଥିଲା। ଏହାକୁ ଅନୁକରଣ କରି ନର୍ଥକୋରିଆ ପକ୍ଷରୁ ୫୨୫ ଫୁଟ ଲମ୍ବା ଏବଂ ୨୭୦ କିଲୋଗ୍ରାମ ବିଶିଷ୍ଟ ପତାକା ସ୍ଥାପନ କରାଯାଇଛି। ପତାକା ସ୍ଥାପନକୁ ନେଇ ମଧ୍ୟ ଦୁଇ ଦେଶ ମଧ୍ୟରେ ଶୀତଳ ଯୁଦ୍ଧ ଆରମ୍ଭ ହୋଇଥିଲା, ଯାହା 'ଫ୍ଲାଗ୍‌ପୋଲ୍ ୱାର' ନାମରେ ପରିଚିତ। ଦୀର୍ଘଦିନ ଧରି ଉତ୍ତର କୋରିଆର ଏହି ପତାକା ପୃଥିବୀର ସୁଉଚ୍ଚ ପତାକାର ମାନ୍ୟତା ଲାଭ କରିଥିଲା। ଏହାର ଦଶନ୍ଧି ପରେ ଆଜରବୈଜାନ ଏହି ରେକର୍ଡ ଭାଙ୍ଗିଥିଲା। ସୌଦି ଆରବ, ତାଜିକିସ୍ତାନ ଏବଂ ଆଜରବୈଜାନ ପରେ 'କିଜୋଙ୍ଗ୍-ଡୋଙ୍ଗ୍' ସହରରେ ସ୍ଥାପିତ ଏହି ପତାକା ବିଶ୍ୱର ୪ର୍ଥ ସର୍ବବୃହତ୍।


# ଶିମ୍‌ଲାରେ ଛୁଟି କାଟୁଛନ୍ତି କାଜଲ



**ନୂଆଦିଲ୍ଲୀ:** ବଲିଉଡ୍ ତଥା ଟଲିଉଡ୍ ଅଭିନେତ୍ରୀ କାଜଲ ଅଗ୍ରୱାଲ ନିକଟରେ ଗୌତମ କିଚ୍‌ଲୁଙ୍କୁ ବିବାହ କରିଥିଲେ। ଏହାପରେ ଦୁହେଁ ହନିମୁନ୍ ପାଇଁ ମାଲଦ୍ୱୀପ ଯାଇଥିଲେ। ଏବେ କାଜଲ ସ୍ୱାମୀଙ୍କ ସହ ଛୁଟି କାଟିବାରେ ବ୍ୟସ୍ତ। ମାଲଦ୍ୱୀପରୁ ଫେରିବା ପରେ ୨୦୨୧ର ଆରମ୍ଭ ଅତ୍ୟନ୍ତ ରୋମାଣ୍ଟିକ ଅନ୍ଦାଜ୍‌ରେ ଶିମ୍‌ଲାରେ ଛୁଟି କାଟୁଛନ୍ତି। ଦୁହିଁଙ୍କ ରୋମାଣ୍ଟିକ ଫଟୋ ଗୁଡ଼ିକ କାଜଲ ଇନ୍‌ଷ୍ଟାରେ ଶେୟାର କରିଛନ୍ତି। ଏହି ଫଟୋ ଏବେ ଭାଇରାଲ ହେବାରେ ଲାଗିଛି। ଫଟୋରେ କାଜଲ୍‌ଙ୍କ ଲୁକ୍ ଦେଖିବା ଭଳି ହୋଇଛି। ଦୁହେଁ ଦୁହିଁଙ୍କୁ ବରଫ ପକାଇବାରେ ବ୍ୟସ୍ତ। ଏଥିରେ ସେ ପିଙ୍କ୍ କଲରର ଜ୍ୟାକେଟ୍ ସହ ଆଙ୍କେଲ୍ ସୁଜ୍ ପିନ୍ଧିଥିବା ନଜର୍ ଆସିଛନ୍ତି। ଗୌତମ କାଜଲ୍‌ଙ୍କୁ କାନ୍ଧେଇଥିବା ଦେଖିବାକୁ ମିଳିଛି। ଉଭୟଙ୍କର ଏହି କ୍ୟୁଟ୍ ଫଟୋକୁ ଫ୍ୟାନ୍‌ମାନେ ବେଶ୍ ପସନ୍ଦ କରିବାସହ କମେଣ୍ଟ ମଧ୍ୟ କରିଛନ୍ତି। କାଜଲ ଗତବର୍ଷର ଏକ ଥ୍ରୋ ବ୍ୟାକ୍ ଫଟୋକୁ ଶେୟାର କରି ଏହାର ଅନୁଭୂତି ମଧ୍ୟ ଫ୍ୟାନ୍‌ମାନଙ୍କ ଶହ ଶେୟାର କରିଛନ୍ତି। ସେ ଲେଖିଛନ୍ତି ଯେ, ୨୦୨୦ ଆମ ସମସ୍ତଙ୍କ ପାଇଁ ବହୁତ କଷ୍ଟ ଏବଂ ଦୁଃଖଦାୟକ ଥିବାବେଳେ ଏହି ବର୍ଷ ଆମକୁ ଅନେକ ଶିକ୍ଷା ଦେଇଛି।

# ହଣ୍ଟେଡ୍ ମୋବାଇଲ୍ ନମ୍ବର

**ନୂଆଦିଲ୍ଲୀ:** ଜୀବନରେ ଅନେକ ଭୟାନକ ସ୍ଥାନ ବିଷୟରେ ଶୁଣିଥିବେ, ଯେଉଁଠାରେ ବିଭିନ୍ନ ପ୍ରକାର ଅଜବ ଘଟଣା ଘଟୁଥିବା କୁହାଯାଏ। ହେଲେ ଏଭଳି ଭୟାନକ ଫୋନ୍ ନମ୍ବର ମଧ୍ୟ ରହିଛି ବୋଲି ଅନେକ ଲୋକ ବିଶ୍ୱାସ କରି ନ ଥିବେ। ହେଲେ ଏହି ହଣ୍ଟେଡ୍ ନମ୍ବରକୁ ଯିଏ ବ୍ୟବହାର କରିଛନ୍ତି ତାଙ୍କର ମୃତ୍ୟୁ ଘଟିଛି। ଏଭଳି ଘଟଣା କିଛି ଦିନର ନୁହେଁ ବରଂ ୧୦ ବର୍ଷ ଧରି ଘଟିଚାଲିଛି। ଜଣେ ନୁହେଁ ଏହି ନମ୍ବର ବ୍ୟବହାର କରିଥିବା ୩ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିସାରିଛି। ତେଣୁ ଲୋକେ ଏହା ଭୂତ ମୋବାଇଲ୍ ନମ୍ବର ଭାବେ ମଧ୍ୟ ପରିଚିତ। ଏହି ଘଟଣା ବୁଲ୍‌ଗେରିଆର ବୋଲି ଜଣାଯାଏ। ସର୍ବପ୍ରଥମେ ଏକ କମ୍ପାନୀର ସିଇଓ ୦୮୮୮୮୮୮୮୮ ନମ୍ବରଟିକୁ



ନେଇଥିଲେ। ଏହାର କିଛି ଦିନ ପରେ ୨୦୦୧ରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର କର୍କଟ ରୋଗରେ ମୃତ୍ୟୁ ହୋଇଥିବା ଶତ୍ରୁମାନେ ପ୍ରଚାର କରିଥିଲେ ମଧ୍ୟ ମୃତ୍ୟୁର କାରଣ ମୋବାଇଲ୍ ନମ୍ବର ତାଙ୍କର ଶତ୍ରୁ ପାଲଟିଥିବା କୁହାଯାଉଛି। ପରବର୍ତ୍ତୀ ସମୟରେ ଏହି ନମ୍ବରଟିକୁ ଡିମେଟ୍ରୋଭ୍ ନାମକ କୁଖ୍ୟାତ ଅପରାଧୀ କିଣିଥିଲେ। ୨୦୦୩ରେ ଜଣେ ମାଫିଆ ତାଙ୍କୁ ହତ୍ୟା କରିଥିବା ଜଣାପଡ଼ିଥିଲା। ମୃତ୍ୟୁବେଳକୁ ଏହି ଭୟାନକ ନମ୍ବର ଡିମେଟ୍ରୋଭଙ୍କ ନାମରେ ରହିଥିଲା ବୋଲି ଜଣାଯାଏ। ଏଠାରେ ମୃତ୍ୟୁ ଅଟକି ନ ଥିଲା। ଡିମେଟ୍ରୋଭଙ୍କ ପରେ ବୁଲ୍‌ଗେରିଆର ବ୍ୟବସାୟୀ ଡିସଲିଭ୍ ଉକ୍ତ ମୋବାଇଲ୍ ନମ୍ବର ନେଇଥିଲେ। ନମ୍ବର ନେବାର କିଛି ଦିନ ପରେ ୨୦୦୫ରେ ରାଜଧାନୀ ସୋଫିୟାଠାରେ ତାଙ୍କୁ ମଧ୍ୟ ହତ୍ୟା କରାଯାଇଥିଲା। ଡିସଲିଭ୍ ମଧ୍ୟ ବେଆଇନ କାରବାରରେ ସମ୍ପୃକ୍ତ ଥିଲେ। ତେବେ ମୃତ୍ୟୁର କାରଣ ଯାହାବି ହେଉନା କାହିଁକି, ଏହି ଫୋନ୍ ନମ୍ବର ନେଇଥିବା ୩ ବ୍ୟକ୍ତିଙ୍କ ମୃତ୍ୟୁ ଘଟିବା ପରେ ୨୦୦୫ରେ ନମ୍ବରଟିକୁ ସସ୍‌ପେଣ୍ଡ କରାଯାଇଥିଲା।

## ଖେଳ ଖବର

# ସୁପର ଓଭରରେ ଜିତିଲା ପାନ୍ଥର୍ସ

ଭୁବନେଶ୍ୱର, ୩।୧ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଏମ୍‌ଜିଏମ୍ ଟି୨୦ କ୍ରିକେଟ ଲିଗ୍‌ର ରବିବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ପାନ୍ଥର୍ସ ସୁପର ଓଭରରେ ବିଜୟୀ ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଜାଗୁଆର୍ସ ୨୦ ଓଭରରେ ୭ ଉଇକେଟ ହରାଇ ୧୦୫ ରନ କରିଥିଲା। ଗିରିଜା ରାଉତ ସର୍ବାଧିକ ୩୬ ରନ କରିଥିବାବେଳେ ବିପକ୍ଷ ଦଳର ଜୟନ୍ତ ବେହେରା ଓ ଶୁଭମ୍ ନାୟକ ୨ଟି ଲେଖାଏ ଏବଂ ବସନ୍ତ ମହାନ୍ତି ଓ ଆଲୋକ ସାହୁ ଗୋଟିଏ ଲେଖାଏ

## ଓଡ଼ିଶା ଟି୨୦ ଲିଗ୍

ଉଇକେଟ ନେଇଥିଲେ। ଜବାବରେ ପାନ୍ଥର୍ସ ପୂରା ୨୦ ଓଭର ଖେଳିଥିଲେ ହେଁ ୭ ଉଇକେଟ ହରାଇ ସେହି ୧୦୫ ରନରେ ସୀମିତ ରହିଥିଲା। ନିଶିକାନ୍ତ ରାଉତ ୩୨ ରନରେ ଅପରାଜିତ ରହିଥିଲେ ହେଁ ଦଳକୁ ଜିତାଇପାରି ନ ଥିଲେ। ସ୍ୱର୍ଣ୍ଣ ସୋମାନି ୩୧ ଓ ଆଲୋକ ସାହୁ ୨୫ ରନ କରିଥିଲେ। ପ୍ରତିପକ୍ଷ ଦଳର ନିର୍ବିଶଙ୍କର ବାରିକ ୨ଟି ଏବଂ ମନୋଜ କାଶ୍ୟପ, ରାହୁଲ ଚୌଧାରୀ, ରଶ୍ମିରଞ୍ଜନ ସାହୁ ଓ ଅଭିଜିତ ବାରିକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ସ୍କୋର ବରାବର ରହିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ସୁପରଓଭରର ସହାୟତା ନିଆ ଯାଇଥିଲା। ସୁପର ଓଭରରେ ପ୍ରଥମେ ବ୍ୟାଟିଂ କରିଥିବା ପାନ୍ଥର୍ସ ୭ ରନ କରି ୨ଟିଯାକ ଉଇକେଟ ହରାଇଥିଲା ଜବାବରେ ଜାଗୁଆର୍ସ ୫ଟି ବଲ୍ ଖେଳି ୪ ରନ କରିଥିବାବେଳେ ୨ ଉଇକେଟ ହରାଇ ଅଲ୍‌ଆଉଟ ହୋଇ ଯାଇଥିଲା। ବିଜୟୀ ଦଳର ନିଶିକାନ୍ତ ରାଉତ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। ପ୍ରତିଯୋଗିତାରେ ଅପରାଜେୟ ଥିବା ପାନ୍ଥର୍ସର ଏହା ୫ ମ୍ୟାଚରୁ ୫ ବିଜୟ ହୋଇଥିବାବେଳେ ଜାଗୁଆର୍ସର ୪ ମ୍ୟାଚରୁ ୪ ପରାଜୟ।




ମ୍ୟାନ୍ ଅଫ୍ ଦି ମ୍ୟାଚ୍ ନିଶିକାନ୍ତ ରାଉତ।

## ପୁମାସ୍ ବିଜୟୀ

**ଭୁବନେଶ୍ୱର, ୩।୧:** ଏମ୍‌ଜିଏମ୍ ଓଡ଼ିଶା ଟି୨୦ କ୍ରିକେଟ ଲିଗ୍‌ରେ ଶନିବାର ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ପୁମାସ ୨୪ ରନରେ ଓଡ଼ିଶା ଟାଇଗର୍ସକୁ ପରାସ୍ତ କରିଛି। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ପୁମାସ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୪୧ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଟୁକୁନା ସାହୁ ସର୍ବାଧିକ ୬୧, ପ୍ରୟାଶ ସିଂ ୨୮, ପୂର୍ଣ୍ଣଚନ୍ଦ୍ର ମାଝି ୨୨, ସୌଭାଗ୍ୟ ମହାନ୍ତ ଅପରାଜିତ ୧୪ ରନ ସଂଗ୍ରହ କରିଥିଲେ। ବୋଲିଂରେ ଟାଇଗର୍ସର ଶେଖର ମାଝି ସର୍ବାଧିକ ୫ ଓ ରାଜ କେ. ମାଝି ୨, ବି. ଶିବ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଟାଇର୍ଗସ ୨୦ ଓଭରରେ ୭ ଉଇକେଟ ହରାଇ ୧୧୭ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ଟାଇଗର୍ସ ତରଫରୁ ଓପନର ରୂପକ ପ୍ରଧାନ ସର୍ବାଧିକ ୪୧, ଆୟୁଷ ନାୟକ ୧୩, ସଂଗ୍ରାମ ମାଝି ୧୦ ଓ ସଞ୍ଜୟ ଦାସ ୨୧ ରନ ସଂଗ୍ରହ କରି ଅପରାଜିତ ଥିଲେ। ବୋଲିଂରେ ପୁମାସ ତରଫରୁ ଜିତେନ୍ଦ୍ର ଥାପ୍ପା ଓ ଟୁକନା ସାହୁ ୨ଟି ଲେଖାଏଁ, ପ୍ରଶାନ୍ତ ରଣା, ପ୍ରୟାଶ ସିଂ ଓ ଧୀରଜ ସିଂ ଗୋଟିଏ ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଟୁକୁନା ସାହୁ ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

# ସମାଧାନର ଉପାୟ

**ଆଡାମ ଗିଲ୍‌କ୍ରିଷ୍ଟ**

କୋଲକାତାରୁ ସୌରଭ ଗାଙ୍ଗୁଲିଙ୍କ ସମ୍ପର୍କରେ ଦୁଃଖଦ ଖବର ସହ ନୂଆବର୍ଷ ଆରମ୍ଭ ହୋଇଛି। ବୟସରେ ସୌରଭ ମୋଠାରୁ ଅଳ୍ପ ସାନ। ବିଶେଷ କରି ତାଙ୍କ ଭଳି ଜଣେ ଫିଟ୍ ବ୍ୟକ୍ତି ହୃଦ୍‌ଘାତରେ ପଡ଼ିବା ନିଶ୍ଚୟ ବାଧିବା ଭଳି ଖବର। ବିସିସିଆଇ ସଭାପତି ଭାବେ ସେ ଚାପରେ ରହିବା ସ୍ୱାଭାବିକ। ହେଲେ ଚାପକୁ ହାତେଇବାରେ ସେ ଅଭ୍ୟସ୍ତ। ବର୍ଷ ବର୍ଷ ଧରି ଏହା ଲକ୍ଷ୍ୟ କରାଯାଇଛି। ଜଣେ କ୍ରିକେଟ ଆଇକନ ହେଲେ ବି ସେ ଜଣେ ମଣିଷ ବୋଲି ଆମକୁ ବୁଝିବାକୁ ହେବ। ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିବା ଲାଗି ସୌରଭ ସବୁବେଳେ ପରାମର୍ଶ ଦେଇଥାନ୍ତି। ସେ ଶୀଘ୍ର ସୁସ୍ଥ ହୋଇଯିବେ ବୋଲି ମୋର ଦୃଢ଼ ବିଶ୍ୱାସ। ତାଙ୍କର ଆରୋଗ୍ୟ କାମନା କରି ସମଗ୍ର କ୍ରିକେଟ ଦୁନିଆରୁ ବାର୍ତ୍ତାର ସୁଅ ଛୁଟିବାରେ ଲାଗିଛି। ଅଷ୍ଟ୍ରେଲିଆରେ ବାୟୋ ବବଲ ବିଷୟରେ ଖୁବ୍ ଚର୍ଚ୍ଚା ଚାଲିଛି। କଟକଣା ସତ୍ତ୍ୱେ ୫ ଭାରତୀୟ ଖେଳାଳି ମେଲବୋର୍ନରେ ଏକ ଇନ୍‌ଡୋର ରେଷ୍ଟୁରାଣ୍ଟରେ ଭୋଜନ କରିବା ଦୃଶ୍ୟର ଏକ ଭିଡିଓ ଭାଇରାଲ ହୋଇଛି। ଏହି ଖେଳାଳିମାନେ ପ୍ରକୃତରେ ନିୟମ ଭଙ୍ଗ କରିଛନ୍ତି କି ନା ତାହାର ତଦନ୍ତ ଚାଲିଛି। ତୃତୀୟ ଟେଷ୍ଟ ଖେଳାଯିବାକୁ ଆଉ ମାତ୍ର ଅଳ୍ପ କେଇଦିନ ଥିବାରୁ ସମସ୍ୟାର ଶୀଘ୍ର ସମାଧାନ ହେବା ଉଚିତ। ସମ୍ପୃକ୍ତ ଖେଳାଳିମାନଙ୍କୁ ଯେହେତୁ ସେହିଦିନଠାରୁ ଆଇସୋଲେଶନରେ ରଖାଯାଇଛି ସେମାନଙ୍କର କେବଳ କୋଭିଡ୍ ଟେଷ୍ଟ କରାଯାଇ ବିଷୟର ଅନ୍ତ ଘଟାଇବା ଉଚିତ। ଯଦି ଏହାକୁ କାର୍ଯ୍ୟକାରୀ କରାଯାଏ ତେବେ ଭାରତ ଅଧିନାୟକ ଅଜିଙ୍କ୍ୟ ରାହାନେ ଓ ଟିମ୍ ମ୍ୟାନେଜମେଣ୍ଟ ଚୂଡ଼ାନ୍ତ ଏକାଦଶରେ ରୋହିତ ଶର୍ମାଙ୍କୁ ସାମିଲ କରିପାରନ୍ତି। କହିବାକୁ ଗଲେ ମୁଁ ନିଜେ ହେଉଛି ରୋହିତଙ୍କ ବ୍ୟାଟିଂ ଷ୍ଟାଇଲର ଜଣେ ପ୍ରଶଂସକ। ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ମୁଁ ମୋ ଅନ୍ତିମ ଦିନିକିଆ ସିରିଜ ଖେଳିଛି। ସେତେବେଳେ ଯୁବ ରୋହିତଙ୍କ ଖେଳ ମୋର ଏବେ ମନେ ପଡ଼ିଯାଉଛି। ତିନୋଟି ସିଜନ ମୁଁ ଏହି ଭାରତୀୟ କ୍ରିକେଟରଙ୍କ ସହ ଡେକାନ ଚାର୍ଜର୍ସ ଦଳରେ ଖେଳିଛି। ରୋହିତ ଭବିଷ୍ୟତରେ ଜଣେ ଭଲ ଖେଳାଳି ହୋଇ ବାହାରିବେ ବୋଲି ସେତେବେଳେ ମୋ ମନରେ ଧାରଣା ସୃଷ୍ଟି ହୋଇଥିଲା। ବର୍ତ୍ତମାନ ତାଙ୍କୁ ଟେଷ୍ଟ ସିରିଜରେ ଖେଳିବାକୁ ସୁଯୋଗ ମିଳିଛି ବିଶେଷ କରି ବିଦେଶରେ। ଆଗାମୀ ଟେଷ୍ଟ ପାଇଁ ଉପଯୁକ୍ତ ଦଳ ମନୋନୟନ ନେଇ ଅଷ୍ଟ୍ରେଲୀୟମାନେ ବର୍ତ୍ତମାନ ଚିନ୍ତିତ ବୋଲି ଗତ ପ୍ରବନ୍ଧରେ ମୁଁ ଉଲ୍ଲେଖ କରିଥିଲି। ତେବେ ଡେଭିଡ ୱାର୍ନର ଦଳକୁ ପ୍ରତ୍ୟାବର୍ତ୍ତନ କରୁଥିବାରୁ ଅଧିନାୟକ ଟିମ୍ ପେନ୍ ଖୁସିଥିବେ। ତାଙ୍କ ଉପସ୍ଥିତିରେ ଟପ୍ ଅର୍ଡରରେ ଆକ୍ରମଣ କ୍ଷମତା ବୃଦ୍ଧି ପାଇବ। ମୋର ଅନୁମାନ ନୂଆବର୍ଷର ଟେଷ୍ଟରେ ଯୁବ ଓପନର ୱିଲ ପୁକୋଭସ୍କିଙ୍କୁ ଦଳରେ ସ୍ଥାନ ମିଳିପାରେ। ସିଡ୍‌ନୀ ଟେଷ୍ଟ ତଥାପି କିଛିଦିନ ବାକି ରହିଥିବାରୁ ଆହୁରି କିଛି ପରିବର୍ତ୍ତନ ଦେଖିବାକୁ ମିଳିପାରେ। (**ଗେମ୍‌ପ୍ଲାନ**)


SEAGRAM'S
ROYAL STAG
PACKAGED DRINKING WATER


# କଳିଙ୍ଗ ଟାଇଗର୍ସ ସେମିଫାଇନାଲରେ

ଭାପୁର, ୩।୧ (ଡି.ଏନ.ଏ.)

ନୟାଗଡ଼ ଜିଲା ଭାପୁର ବ୍ଲକ ଫତେଗଡ ଗାଁର ଯୁବକ ସଂଘ ଆନୁକୂଲ୍ୟରେ ନାଲିସାଗର ଖେଳପଡ଼ିଆରେ ରବିବାର ୧୧ତମ ସଦାଶିବ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ଖୋର୍ଦ୍ଧାର କଳିଙ୍ଗ ଟାଇଗର୍ସ ୨୭ରନରେ କୁମାରବସ୍ତର ରାଇଜିଂ ଷ୍ଟାର ଦଳକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। କଳିଙ୍ଗ ଟାଇଗର୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟରେ ୨୫୯ ରନ କରିଥିଲା। ଦଳ ପକ୍ଷରୁ ସ୍ୱାଧୀନ ପାଇକରାୟ ୬୩ ରନ କରିଥିଲେ। ଜବାବରେ ରାଇଜିଂ ଷ୍ଟାର ସମାନ ଓଭର ଖେଳି ୯ ଉଇକେଟରେ ୨୩୨ ରନ କରି ପରାସ୍ତ ହୋଇଥିଲା। ପରାଜିତ ଦଳର ଶୁଭେନ୍ଦୁ ପ୍ରଧାନ ଲଡୁଆ ଅପରାଜିତ ୧୦୭ କରିଥିଲେ ହେଁ ଦଳକୁ ଜିତାଇ ପାରି ନ ଥିଲେ। ତେବେ ସେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଖେଳକୁ ଦୁର୍ଗା ଶଙ୍କର ପଟ୍ଟନାୟକ ଓ ଦୁଜେନ୍ଦୁ ଘୋଷ ପରିଚାଳନା କରିଥିଲେ। ଅତିଥି ଭାବେ ଫତେଗଡ଼ ସରପଞ୍ଚ ତୋଫାନ କୁମାର ପ୍ରଧାନ, ଶିକ୍ଷାବିତ୍ ଲୋକନାଥ ଆଚାର୍ଯ୍ୟ, ପୂର୍ବତନ ସରପଞ୍ଚ ବୈକୁଣ୍ଠ ସାହୁ ଓ ଚକ୍ରଧର ପ୍ରଧାନ ଯୋଗ ଦେଇଥିଲେ।



ଟୁର୍ନାମେଣ୍ଟକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

# ଓଡ଼ିଶା ଏଫ୍‌ସିର ୬ଷ୍ଠ ପରାଜୟ

ଭାସ୍କୋ, ୩।୧

## ଇଣ୍ଡିଆନ ସୁପରଲିଗ୍

ଚଳିତ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍)ରେ ଓଡ଼ିଶା ଏଫ୍‌ସିର ଦୟନୀୟ ପ୍ରଦର୍ଶନ ଜାରି ରହିଛି। ଭୁବନେଶ୍ୱର ଭିତ୍ତିକ ଏହି ଦଳ ରବିବାର ଇଷ୍ଟବେଙ୍ଗଲ ନିକଟରୁ ୧-୩ ଗୋଲରେ ହାରି ଯାଇଛି। ୮ ମ୍ୟାଚରୁ ଓଡ଼ିଶା ଏଫ୍‌ସିର ଏହା ୬ଷ୍ଠ ପରାଜୟ। ଅନ୍ୟପକ୍ଷରେ ପ୍ରଥମଥରପାଇଁ ଆଇଏସ୍‌ଏଲ୍‌ରେ ପଦାର୍ପଣ କରିଥିବା ଇଷ୍ଟବେଙ୍ଗଲ ଅନ୍ୟ ଦଳ ଗୁଡ଼ିକ ବିପକ୍ଷରେ ସଂଘର୍ଷ କରୁଥିବାବେଳେ ଓଡ଼ିଶା ଦଳ ବିପକ୍ଷରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ହାଇଦ୍ରାବାଦ୍ ଏଫ୍‌ସି ନିକଟରୁ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଏଫ୍‌ସି ପରେ ଜାମସେଦପୁର ଏଫ୍‌ସି ବିପକ୍ଷରେ ମ୍ୟାଚ ଡ୍ର ରଖିଥିଲା। ଏହାପରେ କ୍ରମାଗତ ୪ ମ୍ୟାଚରେ ଯଥାକ୍ରମେ ଏଟିକେ ମୋହନବାଗାନ, ମୁମ୍ବାଇ ସିଟି ଏଫ୍‌ସି, ଗୋଆ ଏବଂ ବେଙ୍ଗାଲୁରୁ ଏଫ୍‌ସି ନିକଟରୁ ପରାସ୍ତ ହୋଇଥିଲା। ୭ମ ମ୍ୟାଚରେ ନର୍ଥଇଷ୍ଟ ୟୁନାଇଟେଡ ବିପକ୍ଷରେ ମ୍ୟାଚ ଡ୍ର ରଖିଥିବାବେଳେ ଏବେ ପୁଣି ଇଷ୍ଟବେଙ୍ଗଲଠାରୁ ପରାଜୟ ଦଳକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଛି। ଦଳ ମାତ୍ର ୨ ପଏଣ୍ଟ ପାଇ ଲଜ୍ଜାଜନକଭାବେ ଟେବୁଲର ନିମ୍ନରେ ପଡ଼ି ରହିଛି। ଅନ୍ୟପକ୍ଷରେ ପ୍ରଥମ ବିଜୟ ହାସଲ କରିଥିବା ଇଷ୍ଟବେଙ୍ଗଲ ୮ ମ୍ୟାଚରୁ ୬ ପଏଣ୍ଟରେ ପହଞ୍ଚିଥିଲେ ହେଁ ୧୦ମ ସ୍ଥାନରେ ଅପରିବର୍ତ୍ତିତ ରହିଛି। ରବିବାର ଇଷ୍ଟବେଙ୍ଗଲ ପକ୍ଷରୁ ଆଣ୍ଟୋନୀ ପିଲ୍‌କିଙ୍ଗଟନ ୧୨ ଓ ଜ୍ୟାକ୍ସ ମାଘୋମା ୩୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ୮୮ତମ ମିନିଟରେ ବ୍ରାଇଟ୍ ଇନୋବାଖାରେ ଆଉ ଏକ ଗୋଲ ଦେଇଥିବାବେଳେ ଇଞ୍ଜୁରି ଟାଇମ୍‌ରେ ଓଡ଼ିଶା ଏଫ୍‌ସିର ଡିଏଗୋ ମୌରିସିଓ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଏହାଥିଲା ଆଇଏସ୍‌ଏଲ୍‌ରେ ୧୦୦ତମ ଗୋଲ।




ଓଡ଼ିଶା ଏଫ୍‌ସି ଓ ଇଷ୍ଟ ବେଙ୍ଗଲ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ହ୍ୱାଇଟ୍ ହର୍ସ ଚାମ୍ପିୟନ

**ବରଗଡ଼ ଅଫିସ୍:** ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ କୁମେଲସିହାରେ ଏକ କ୍ରିକେଟ୍ ପ୍ରତିଯୋଗିତା କୁମେଲସିଂହା ପ୍ରିମିୟର ଲିଗ୍ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାର ଫାଇନାଲକୁ ରୟାଲ ଟାଇଗର ଏବଂ ହ୍ୱାଇଟ୍ ହର୍ସ ଉନ୍ନୀତ ହୋଇଥିଲେ । ଏଥିରେ ହ୍ୱାଇଟ୍ ହର୍ସ ଚାମ୍ପିୟନ ହୋଇଥିଲା । ଉଦଯାପନୀ ସମାରୋହରେ ଶିଳ୍ପପତି ଅଜୟ ଅଗ୍ରୱାଲ, ସରପଞ୍ଚ ଜ୍ୟୋତିର୍ମୟୀ ନାୟକ, ସମିତିସଭ୍ୟ ନିରୁପମା ପ୍ରଧାନ, ଜନ କଲ୍ୟାଣ ସେବା ଟ୍ରଷ୍ଟ ସଭାପତି ମୁକୁନ୍ଦ ଦାଶ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ, ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ । ହେମନ୍ତ ନାୟକ, ଟିକେଶ୍ୱର କର୍ମ ପ୍ରମୁଖ ସହଯୋଗ କରିଥିଲେ। ଆଶିଷ ବାଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।

# ସଂକ୍ଷେପରେ

## ନବବିବାହିତାଙ୍କ ମୃତ୍ୟୁ, ହତ୍ୟା ଅଭିଯୋଗ

**ରେଙ୍ଗାଲି, ୩।୧ (ଡି.ଏନ.ଏ):** ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ବ୍ଲକପଡାରେ ଜଣେ ନବବିବାହିତା ମହିଳାଙ୍କ ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ ମନୀଷା ଦାସ (୨୪)। ତେବେ ମନୀଷାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୋଲିସ ମୃତା ମହିଳାଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୋମବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହର ପଞ୍ଚନାମା ପରେ ବୁର୍ଲା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯିବ । ସେହିପରି ସାଇଣ୍ଟିଫିକ୍ ଦଳ ଘଟଣାର ତଦନ୍ତ କରିବେ ବୋଲି ପୋଲିସ ସୂଚନା ଦେଇଛି । ସୂଚନା ଅନୁସାରେ, ରବିବାର ସକାଳ ୧୧ଟା ସମୟରେ ବ୍ଲକ ପଡାର କାହ୍ନୁଚରଣ ଦାସଙ୍କ ସ୍ତ୍ରୀ ମନୀଷାଙ୍କୁ ବେକରେ ଓଢ଼ଣୀ ଲାଗିଥିବା ଅବସ୍ଥାରେ ରେଙ୍ଗାଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ରେଙ୍ଗାଲି ପୋଲିସ ଡାକ୍ତରଖାନାକୁ ଆସି ଝିଅର ବାପଘର ଲୋକଙ୍କୁ ଖବର ଦେଇଥିଲା। ମନୀଷାଙ୍କ ବାପା ସୁରେଶ ବଗର୍ତ୍ତି ସେଠାକୁ ପହଞ୍ଚିଥିଲେ ଏବଂ ତାଙ୍କ ଝିଅକୁ ନିର୍ଯାତନା ଦିଆଯିବା ସହ ହତ୍ୟା କରାଯାଇଥିବା ରେଙ୍ଗାଲି ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ( ନଂ. ୨/୨୧) ରୁଜୁ କରି ମନୀଷାଙ୍କ ସ୍ୱାମୀଙ୍କୁ ଅଟକ ରଖିଛି ।

## ସରମଣ୍ଡା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ମନମୁଣ୍ଡା,୩।୧(ଡି.ଏନ.ଏ.):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ବରଗୋଚ୍ଛା ଶ୍ରୀଜଗନ୍ନାଥ ପାଠାଗାର ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ମିନି ଷ୍ଟାଡିୟମଠାରେ ରବିବାର ୧୪ତମ ସରମଣ୍ଡା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ଦପଲା ଓ ଜନମୁରା ଦଳ ମଧ୍ୟରେ ହୋଇଥିଲା । ଦପଲା ଦଳ ପ୍ରଥମେ ବ୍ୟାଟିଂ କରି ୮୧ ରନ କରି ଜନମୁରା ଦଳକୁ ୮୨ ରନର ବିଜୟ ଲକ୍ଷ୍ୟ ଦେଇଥିଲା। ଏହାର ଜବାବରେ ଜନମୁରା ଦଳ ୬୩ ରନ କରି ପରାଜିତ ହୋଇଥିଲା। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜଗନ୍ନାଥ ପାଠାଗାରର ସଭାପତି ତଥା ବୌଦ୍ଧ ଜିଲା ବିଜୁ କୃଷକ ଜନତା ଦଳର ସଭାପତି ଶାନ୍ତନୁ କୁମାର ଥାଟି, ସମ୍ମାନିତ ଅତିଥି ପାଠାଗାରର ପୂର୍ବତନ ସଭାପତି ସତ୍ୟନାରାୟଣ ମଲିକ, ଅନ୍ୟତମ ଅତିଥି ସମ୍ପାଦକ ଅବିନାଶ ସାହୁ ଯୋଗ ଦେଇଥିଲେ।

## କୃଷକ ସଙ୍ଗଠନର ବାର୍ଷିକ ସଭା

**ଜାମଟିକ୍ରା, ୩।୧ (ଡି.ଏନ.ଏ):** ଅତାବିରା ବ୍ଲକ ଅନ୍ତର୍ଗତ ରେଙ୍ଗାଲି କ୍ୟାମ୍ପଠାରେ ରବିବାର ଓଡିଶା ରାଜ୍ୟ କୃଷକ ସଙ୍ଗଠନ ଅତାବିରା ଶାଖାର ଏକ ବାର୍ଷିକ ସଭା ଅନୁଷ୍ଠିତ ହୋଇଯାଇଛି। କୃଷକ ସଙ୍ଗଠନ ସଭାପତି କୌସ୍ତୁଭ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତାବିରା ବ୍ଲକ ଓ ଏଏନଏସିର ଚାଷୀମାନେ ଯୋଗଦେଇ ଆଗାମୀ ଦୁଇ ବର୍ଷ ପାଇଁ ସଙ୍ଗଠନର ନୂତନ କର୍ମକର୍ତ୍ତା ଚୟନ କରିଥିଲେ। ସର୍ବସମ୍ମତିକ୍ରମେ ବୀରେନ୍ଦ୍ର କର ସଭାପତି, ରବୀନ୍ଦ୍ର ବିଶି ସମ୍ପାଦକ, କୀର୍ତ୍ତନ ବିଶ୍ୱାଳ ଅଫିସ ସମ୍ପାଦକ, ସୀତାରାମ ସାହୁ କୋଷାଧ୍ୟକ୍ଷ, ହେମନ୍ତ କର୍ମୀ ସହ ସମ୍ପାଦକ, ଉପସଭାପତି ଅରୁଣ ପଧାନ, ଟିକେଲାଲ ମିଶ୍ର, ଜୟ ବାବୁ, ଅଚ୍ୟୁତା ମହାପାତ୍ର ଓ ସମୀର ପଧାନ ଜୋନସ୍ତରରେ ରହିଛନ୍ତି।

# ସୁବର୍ଣ୍ଣପୁର ରିଂ ରୋଡ୍ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ

**ସୋନପୁର,୩।୧(ନି.ପ୍ର.)**

- ପୋର୍ଟାଲ ଫ୍ରେମ୍ ବ୍ରିଜ୍ ପାଇଁ ଚାଲିଛି ମାଟି ପରୀକ୍ଷା
- କାର୍ଯ୍ୟ ତଦାରଖ କଲେ ଅର୍ଥମନ୍ତ୍ରୀ

ସୁବର୍ଣ୍ଣପୁର ରିଂ ରୋଡ୍‌ର ସବୁଠୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପୋର୍ଟାଲ ଫ୍ରେମ୍ ବ୍ରିଜ୍। ରିଂ ରୋଡର ମିସିଂ ଲିଙ୍କ କୁମ୍ଭାରପଡାରୁ ଦଶମତି ଘାଟ ୩୯୩ ମିଟର ଲମ୍ବ ରାସ୍ତା(ପୋର୍ଟାଲ ଫ୍ରେମ୍ ବ୍ରିଜ୍) ହେବ। ମହାନଦୀ ପାର୍ଶ୍ୱରେ କଂକ୍ରିଟ୍ ରିଟେନିଂ ୱାଲ୍ ନିର୍ମାଣ କରାଯିବ। ଏଥିପାଇଁ ୫୬ କୋଟି ୯ ଲକ୍ଷ ୮୩ ହଜାର ଟଙ୍କାର ଟେଣ୍ଡର ହୋଇଛି। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ବିଳମ୍ବିତ ହୋଇଥିଲା। ନିର୍ମାଣ ପ୍ରକ୍ରିୟା ଏବେ ଆରମ୍ଭ ହୋଇଛି। ବ୍ରିଜ୍ ପାଇଁ ନିର୍ମାଣ ହେବାକୁ ଥିବା ୪୫ଟି ପିଅର ପଏଣ୍ଟରେ ଏବେ ମାଟି ପରୀକ୍ଷା ଚାଲିଛି। ବର୍ତ୍ତମାନ ସୁଦ୍ଧା ୩୭ଟି ପଏଣ୍ଟରେ ମାଟି ପରୀକ୍ଷା ସରିଛି। କାର୍ଯ୍ୟ ଆରମ୍ଭ ହେବା ଦେଖି ସହରବାସୀଙ୍କ ମନରେ ଆନନ୍ଦ ପ୍ରକାଶ ପାଇଛି। ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ରବିବାର ପ୍ରକଳ୍ପ କାର୍ଯ୍ୟ ତଦାରଖ କରିବା ସହ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।


ଏହି ଐତିହାସିକ ପ୍ରାଚୀନ ସହରର ତିନି ପାର୍ଶ୍ୱକୁ ଘେରି ରହିଛି ମହାନଦୀ ଓ ତେଲନଦୀ। ବର୍ଷା ଋତୁରେ ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ନଦୀବନ୍ଧ ତଥା ରିଂ ରୋଡ ନିର୍ମାଣ ସକାଶେ ମହାରାଜା ବୀରମିତ୍ରୋଦୟ ସିଂହଦେବ ସଙ୍କଳ୍ପ ନେଇଥିଲେ । ଏଥିପାଇଁ ସେହି ସମୟରେ ପାଣ୍ଠିର ବ୍ୟବସ୍ଥା କରିଥିଲେ। ଉଭୟ ନଦୀରେ ପଥର ବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ତାହା ସମ୍ପୂର୍ଣ୍ଣ ହୋଇ ପାରି ନ ଥିଲା । ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ଟ୍ରାଫିକ୍ ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ରିଂ ରୋଡ ନିର୍ମାଣ ପାଇଁ ବିଧିବଦ୍ଧ ନିଷ୍ପତ୍ତି ନେଇଥିଲେ। ସ୍ଥାନୀୟ ବିଧାୟକ ପୂଜାରୀଙ୍କ ଉଦ୍ୟମ କ୍ରମେ ୨୦୧୧ ମସିହାରୁ ଜଳସମ୍ପଦ ବିଭାଗ ପକ୍ଷରୁ ମାଟି ବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ମଝିରେ ସରକାର ଅନୁଦାନ ନ ଦେବା ଓ ପୋର୍ଟାଲ ବ୍ରିଜ୍‌ର ଡିଜାଇନିଂ ହୋଇ ନ ପାରିବା କାରଣରୁ ୩ ବର୍ଷ କାମ ବନ୍ଦ ଥିଲା । ପରବର୍ତ୍ତୀ ସମୟରେ ପୂର୍ତ୍ତ ବିଭାଗକୁ ଏହି କାମ ହସ୍ତାନ୍ତର ହେବା ପରେ ରିଂ ରୋଡର ମହାନଦୀ ବ୍ରିଜ୍‌ରୁ ୧୫୦୦ ମିଟର ରାସ୍ତା ପିଚୁ ହୋଇଛି। ସେହିପରି ତେଲ ନଦୀ ବ୍ରିଜ୍‌ରୁ ବଡବଜାର ପର୍ଯ୍ୟନ୍ତ ୨୪୦୦ମିଟର ରାସ୍ତା ପିଚୁ, ରିଟେନିଂ ୱାଲ ଓ ୨ଟି ପୋଲ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି।


କୁମ୍ଭାରପଡାରୁ ଦଶମତିଘାଟ ପର୍ଯ୍ୟନ୍ତ ମହାନଦୀ କୂଳରେ ବ୍ରିଜ୍ ନିର୍ମାଣ ପାଇଁ ମାଟି ପରୀକ୍ଷା କରାଯାଉଛି।

ଚୁକ୍ତିନାମା ଅନୁଯାୟୀ ୨୦୧୯ ଜୁନ୍ ୫ ତାରିଖ ସୁଦ୍ଧା ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବା କଥା। ଅନ୍ୟପକ୍ଷେ ଏଆରଏସଏସ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରାଇଭେଟ ଲିମିଟେଡ ୨୦୧୮ ନଭେମ୍ବର ମାସ ଦ୍ୱିତୀୟ ସପ୍ତାହରୁ ପୋର୍ଟାଲ ଫ୍ରେମ୍ ବ୍ରିଜ୍ କାମର ଟେଣ୍ଡର ପାଇଛି। କିନ୍ତୁ ଏହି ଠିକା ସଂସ୍ଥା କାର୍ଯ୍ୟ କରିବା ପାଇଁ ଇଏମଡି ଓ ଆଇଏସଡି ଏବଂ ଏପିଏସ(ଆଡିସନାଲ ପ୍ରୋଫରମାନ୍ସ ସିକ୍ୟୁରିଟି) ଜମା କରିବାରେ ବିଳମ୍ବ କରିଥିଲା। ପୂର୍ତ୍ତ ବିଭାଗ ସହିତ ଚୁକ୍ତିନାମା କରିବା ପାଇଁ ସମୟ ଗଡାଇ ଚାଲିଥିଲା। ଏ ସମ୍ପର୍କରେ ନାବାର୍ଡର ମୁଖ୍ୟ ଯନ୍ତ୍ରୀଙ୍କୁ ପୂର୍ତ୍ତ ବିଭାଗ ପକ୍ଷରୁ ଅବଗତ କରା ଯାଇଥିଲା । ଠିକା ସଂସ୍ଥା ବିଳମ୍ବରେ ଚୁକ୍ତିନାମା କରିବା ପରେ କରୋନା ମହାମାରୀ ଓ ବର୍ଷା ଋତୁ ପାଇଁ କାମ ଆରମ୍ଭ ହୋଇ ପାରି ନ ଥିଲା ।

# ଖୋଲିଲା ସମଲେଇ ମନ୍ଦିର

**ସମ୍ବଲପୁର,୩।୧(ବ୍ୟୁରୋ)**



- ଦର୍ଶନ କଲେ ସ୍ଥାନୀୟ ଶ୍ରଦ୍ଧାଳୁ
- ପ୍ରତିମା ଓ ମନ୍ଦିର କାନ୍ଥ ଛୁଇଁବା ମନା
- ପରିଚୟପତ୍ର ଦେଇ ଭିତରକୁ ପ୍ରବେଶ
- ଜିଲାର ଅନ୍ୟ ଧର୍ମାନୁଷ୍ଠାନ ବି ଖୋଲିଲା

ସମ୍ବଲପୁର ସମଲେଶ୍ୱରୀ ମନ୍ଦିର ନିର୍ଦ୍ଧାରିତ ସମୟ ରବିବାର ଭୋର ୬ଟାରୁ ଦର୍ଶନ ପାଇଁ ଖୋଲାଯାଇଛି। ପ୍ରଥମ ଦିନରେ ପ୍ରାୟ ୧୦ହଜାର ସ୍ଥାନୀୟ ଶ୍ରଦ୍ଧାଳୁ ମାଁଙ୍କ ଦର୍ଶନ କରିଥିବା ମନ୍ଦିର ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ମନ୍ଦିର ମୁଖ୍ୟ ଗେଟ୍ ଖୋଲିବା ପୂର୍ବରୁ ଶ୍ରଦ୍ଧାଳୁମାନେ ଧାଡିରେ ଛିଡା ହୋଇଥିଲେ। ଗେଟ୍ ଖୋଲିବା ପରେ କୋଭିଡ କଟକଣା ଅନୁସାରେ ସେମାନେ ମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ସ୍ଥାନୀୟ ବାସିନ୍ଦା ଆଧାର କିମ୍ବା ପରିଚୟପତ୍ର ଦେଖାଇବା ପରେ ଦର୍ଶନ କରିବାକୁ ଅନୁମତି ଦିଆଯାଇଥିଲା। ପୋଲିସ ଓ ଟ୍ରଷ୍ଟ ପକ୍ଷରୁ ଗେଟ୍ ବାହାରେ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପରିଚୟପତ୍ର ଯାଞ୍ଚ କରିବା ସହ ସାନିଟାଇଜ ଉପରେ ସେମାନେ କାର୍ଯ୍ୟ କରୁଥିଲେ। ଶ୍ରଦ୍ଧାଳୁ ମାନେ ପ୍ରାୟ ୯ମାସ ପରେ ମାଁଙ୍କ ଦର୍ଶନ ପାଇଥିବାରୁ ବେଶ୍ ଭାବବିହ୍ୱଳ ହେଉଥିବା ଦେଖିବାକୁ ମିଳିଥିଲା।

ପ୍ରଥମ ପର୍ଯ୍ୟାୟରେ ସକାଳ ୬ଟାରୁ ପୂର୍ବାହ୍ନ ୧୧ଟା ୩୦ମିନିଟ୍ ଓ ଦ୍ୱିତୀୟ ପର୍ଯ୍ୟାୟରେ ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଦର୍ଶନ ସୁଯୋଗ ରହିଥିଲା। ଅନ୍ୟ ସମୟରେ ମନ୍ଦିରର ନୀତିକାନ୍ତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ଆଗମନ ପୂର୍ବରୁ ମନ୍ଦିର ପରିସରକୁ ସାନିଟାଇଜ କରାଯାଇଥିଲା। ଶୁଖିଲା ଭୋଗ, ଫୁଲ, ଦୀପ, ଧୂପ ସବୁ ନେବା ଉପରେ ରୋକ୍ ଲଗାଯାଇଥିଲା। ଫଳରେ ମୁଖ୍ୟ ଗେଟ୍ ବାହାରେ ଶ୍ରଦ୍ଧାଳୁମାନେ ଦୀପ ପ୍ରଜ୍ୱଳନ କରୁଥିଲେ। ମନ୍ଦିର ଗମ୍ଭିରା ଭିତରକୁ ପ୍ରବେଶ ପାଇଁ ବାରଣ କରାଯାଉଥିବାରୁ ଶ୍ରଦ୍ଧାଳୁମାନେ ବେଢାରେ ଅନ୍ୟ ପ୍ରତିମା ଦର୍ଶନ କରି ମାଁଙ୍କୁ ଗମ୍ଭିରା ଦ୍ୱାରରୁ ଦର୍ଶନ କରୁଥିଲେ। ପ୍ରତିମା ଓ ମନ୍ଦିର କାନ୍ଥ ଛୁଇଁବାକୁ ବାରଣ କରାଯାଇଥିଲା। ସେହିପରି ଜିଲାର ଅନ୍ୟ ସମସ୍ତ ଧାର୍ମିକ ଅନୁଷ୍ଠାନ ଗୁଡିକ ମଧ୍ୟ ଖୋଲା ଯାଇଥିବା ସୂଚନା ମିଳିଛି।

# ବିନା ସୂଚନା ଫଳକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ




**ପଲମ, ୩।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧିନସ୍ଥ ବାଗପୁର ପଞ୍ଚାୟତସ୍ଥିତ କେରେଣ୍ଡିଖୁଣ୍ଟି ଗ୍ରାମରେ ବିନା ସୂଚନା ଫଳକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ହେଉଛି। ଗ୍ରାମର ମୁଖ୍ୟ ରାସ୍ତାଠାରୁ ମାଝିପଡ଼ା ପର୍ଯ୍ୟନ୍ତ ୩୦୦ ମିଟର ରାସ୍ତାରେ ମାଟିକାମ ହୋଇଛି। ଗତ କିଛି ଦିନତଳେ କାମ ହୋଇଥିବାବେଳେ କେତେଟଙ୍କା ଖର୍ଚ୍ଚ ହୋଇଛି ତାହା ସୂଚନା ଫଳକରେ ଉଲ୍ଲେଖ ନାହିଁ। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନ ସୁଦ୍ଧା ସୂଚନା ଫଳକରେ କୌଣସି ଲେଖା ଉଲ୍ଲେଖ କରାଯାଇ ନାହିଁ। ନର୍ଲା ବ୍ଲକ ଯନ୍ତ୍ରୀ ଆଲୋକ କୁମାର ନାଏକଙ୍କ ଅନୁପସ୍ଥିରେ ଏହି କାମ ଚାଲିଅଛି । ସୂଚନା ଫଳକରେ କୌଣସି ଲେଖା ନଥିବାରୁ ଏଥିର ଲାଭଖୋର ଉଦେଶ୍ୟ ଥିବାର ଗ୍ରାମବାସୀଙ୍କ ଠାରୁ ପ୍ରକାଶ ହେଉଛି। ସର୍ବସାଧାରଣରେ ସୂଚନା ପ୍ରଦାନ ପାଇଁ କାର୍ଯ୍ୟ ହେବା ପୂର୍ବରୁ ସୂଚନ ବୋର୍ଡରେ ଉଲ୍ଲେଖ କରାଯିବା କଥା ମାତ୍ର ନର୍ଲା ବ୍ଲକରେ ଓଲଟା କାର୍ଯ୍ୟ ଦେଖିବାକୁ ମିଳିଛି। ଏଥିରୁ ଜଣାଯାଏ ଯେ ସରକାରଙ୍କ ନିୟମକୁ ଖୋଲା ଖୋଲି ଭାବରେ ଉଲ୍ଲଂଘନ କରାଯାଉଛି। ଏହାର ତଦନ୍ତ କରାଯିବାକୁ ଦାବି ହେଉଛି ।

# ନୂଆପଡା ଜିଲାରେ ପକ୍ଷୀଗଣନା

**ତରବୋଡ,୩।୧(ଡି.ଏନ.ଏ.)**

ନୂଆପଡା ଜିଲାର ବନ ବିଭାଗ ଓ ସୁନାବେଡା ଅଭୟାରଣ୍ୟ ବନ୍ୟଜନ୍ତୁ ବିଭାଗ ପକ୍ଷରୁ ରବିବାର ଜିଲାରେ ପକ୍ଷୀ ଗଣନା କାର୍ଯ୍ୟ ହୋଇଛି । ସୁନାବେଡା ଅଭୟାରଣ୍ୟ ବନ୍ୟଜନ୍ତୁ ବିଭାଗ ଡିଏଫଓ ରମେଶ ଚନ୍ଦ୍ର ପ୍ରଧାନ ଓ ବନ ବିଭାଗ ଡିଏଫଓ ବିବେକ କୁମାର ପଙ୍କଙ୍କ ନେତୃତ୍ୱରେ ବିଭାଗର ୩୬ ଗୋଟି ଟିମ୍ ଏବଂ ବନ୍ୟଜନ୍ତୁ ବିଭାଗର ୩ ଟି ଟିମ୍ ପକ୍ଷୀଗଣନା କାର୍ଯ୍ୟରେ ନିୟୋଜିତ ଥିଲେ । ଜିଲାର ରଇତାଲ ସାଗର, ଜଳକି, ବୋଇରଭାଡି, ପତୋରା ଡ୍ୟାମ, ଜତାମୁଣ୍ଡା ସୁନ୍ଦର ଡ୍ୟାମ, ପେଣ୍ଡରାବନ ଡ୍ୟାମ, ଲୋୟର ଇନ୍ଦ୍ର ଜଳସେଚନ ତିଖାଳି ଡ୍ୟାମ ଓ ଜଳ ଭଣ୍ଡାରରେ ସକାଳ ୬ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ପକ୍ଷୀ ଗଣନା କାର୍ଯ୍ୟ ହୋଇଥିଲା । ରେଞ୍ଜର ବିନିତା ଭୋଇ, ଜଗଦୀଶ ଦୁରିଆ, ନିରଞ୍ଜନ ମାଝୀ, ସଦାନନ୍ଦ ସୁନାନୀ, ବିମଳ ତପନୋ ପ୍ରମୁଖ ପକ୍ଷୀ ଗଣନା କାର୍ଯ୍ୟରେ ସାମିଲ ଥିଲେ।

# ୬ରୁ ଖୋଲିବ ନୃସିଂହନାଥ ମନ୍ଦିର

**ପାଇକମାଳ,୩।୧(ଡି.ଏନ.ଏ)**

ଗନ୍ଧମାର୍ଦ୍ଦନ ପାଦଦେଶରେ ରହିଥିବା ନୃସିଂହନାଥ ମନ୍ଦିର ଆସନ୍ତା ୬ତାରିଖରୁ ଖୋଲିବ। ଏ ନେଇ ରବିବାର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏହି କ୍ରମରେ ମନ୍ଦିର ଅତିଥି ଭବନରେ ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ବୈଠକରେ ଉକ୍ତ ନିଷ୍ପତ୍ତି ନିଆଯିବା ସହିତ ମନ୍ଦିର ଖୋଲିବାର ପ୍ରଥମ ୭ଦିନ ବରଗଡ଼ ଜିଲାବାସୀଙ୍କୁ ଦର୍ଶନ ସୁଯୋଗ ଦେବା ପାଇଁ ଧାର୍ଯ୍ୟ କରାଯାଇଥିଲା । ସେହିପରି ୧୩ରୁ ମାସ ଶେଷ ପର୍ଯ୍ୟନ୍ତ ଓଡ଼ିଶାବାସୀ ଦର୍ଶନ କରିପାରିବେ ଏବଂ ସେମାନଙ୍କୁ କୋଭିଡ୍ ନେଗେଟିଭ୍ ରିପୋର୍ଟ ଦେଖାଇବାକୁ ପଡ଼ିବ ବୋଲି ନିଷ୍ପତ୍ତି ହୋଇଛି । ଆସନ୍ତା ୬ତାରିଖରୁ ପ୍ରତ୍ୟେକ ଦିନ ସକାଳ ୮ଟାରୁ ୧୦ଟା, ୧୦ଟା ୩୦ରୁ ମଧ୍ୟାହ୍ନ ୧୨ଟା, ଅପରାହ୍ନ ୨ଟାରୁ ୪ଟା ଏବଂ ୪ଟା ୩୦ ମିନିଟରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନ କରିପାରିବେ। ସେମାନେ ମନ୍ଦିରକୁ କେବଳ ନଡ଼ିଆ ଧରି ଯାଇ ପାରିବେ ଏବଂ ସିଂହଦ୍ୱାରରେ ଦୀପ ଜାଳିବେ। ତେବେ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବାହ୍ୟ ରାଜ୍ୟ ଭକ୍ତଙ୍କ ପାଇଁ ମନ୍ଦିର ଦର୍ଶନ ବନ୍ଦ କରାଯିବ ବୋଲି କଟକଣା ରହିଛି। ଉକ୍ତ ବୈଠକରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ, ତହସିଲଦାର ଏସ. କେ. ମେହେର, ବିଡ଼ିଓ ସୁରେନ୍ଦ୍ର କୁମାର ମେହେର, ପାଇକମାଳ ଥାନା ଆଇଆଇସି ବିଶ୍ୱଜିତ ମନବୋଧ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।


ନୃସିଂହନାଥ ମନ୍ଦିର।

# କ୍ରିକେଟ: ରାଉରକେଲା ବିଜୟୀ

**ସମ୍ବଲପୁର, ୩।୧ (ବ୍ୟୁରୋ)**

ରାଜ୍ୟସ୍ତରୀୟ ମହେଶ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ସ୍ୱର୍ଣ୍ଣାବୁରେଇ ଖେଳ ପଡିଆରେ ଚାଲିଛି। ରବିବାର କ୍ୱାର୍ଟର ଫାଇନାଲ ମ୍ୟାଚ୍ ବରଗଡ ଜିଲା ବ୍ଲୁ ଡାଇମଣ୍ଡ ଓ ରାଉରକେଲା ମଧ୍ୟରେ ହୋଇଥିଲା। ପ୍ରଥମେ ବରଗଡ ଦଳ ଟସ୍ ଜିଣି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ରାଉରକେଲା ଦଳର ୨ଟି ଉଇକେଟ ଗଙ୍ଗା ସୁନା ୨୮ ଓ ଶୁଭଙ୍କର ବିଶ୍ୱାଳ ୨୯ ରନରେ ଆଉଟ ହୋଇଥିଲେ। ପରେ ଗୌତମ ସୁନା ଓ ନଟରାଜ ବେହେରା ସ୍ଥିତି ସମ୍ଭାଳିଥିଲେ। ଗୌତମ ସୁନା (୫୨ ବଲରେ ୧୦୧) ଧୂଆଁଧାର ବ୍ୟାଟିଂ କରିଥିଲେ । ସେ ୮ ଛକା ଓ ୧୦ ଚୌକା ମାରିଥିଲେ। ସେହିପରି ନଟରାଜ ବେହେରା ୧୬ ବଲରେ ୩୧ ରନ କରିଥିଲେ। ଏଥିରେ ସେ ୪ଟି ଚୌକା, ୨ଟି ଛକା ମାରିଥିଲେ। ନିର୍ଦ୍ଧାରିତ ୨୦ ଓଭରରେ ୩ଟି ଉଇକେଟ ହରାଇ ରାଉରକେଲା ଦଳ ୨୧୫ ରନ ସଂଗ୍ରହ କରିଥିଲା। ୨୧୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବରଗଡ ଦଳ ବ୍ୟାଟିଂ କରିବାକୁ ଖେଳ ପଡିଆକୁ ଓହ୍ଲାଇଥିଲା ଦଳର ଦେବେନ୍ଦ୍ର କୁଅଁର ୪୦ ବଲରେ ୫୮ ରନ୍ କରି ଦଳକୁ ସମ୍ମାନଜନକ ସ୍ଥିତିରେ ପହଞ୍ଚାଇଥିଲେ। ଏଥିରେ ସେ ୮ଟି ଚୌକା ଓ ୩ଟି ଛକା ମାରିଥିଲେ। ଅନ୍ୟ ଖେଳାଳିମାନେ ଶୀଘ୍ର ଆଉଟ ହୋଇଯାଇଥିଲେ। ୧୮.୩ ଓଭରରେ ସମସ୍ତ ଉଇକେଟ ହରାଇ ବରଗଡ ଦଳ ୧୬୫ ରନ୍ ସଂଗ୍ରହ କରିଥିଲା ଏବଂ ୫୦ ରନ୍ ବ୍ୟବଧାନରେ ପରାଜିତ ହୋଇଥିଲା। ଅମ୍ପାୟାର ବିକାଶ ହୋତା, ପ୍ରିୟାଂଶୁ ପତି ମ୍ୟାଚ୍ ପରିଚାଳନା କରିଥିଲେ। ସ୍କୋରର ଆଲୋକ ସାହୁ ରହିଥିବା ବେଳେ ଯୋଗେଶ ପୁରୋହିତ, ଦିଲୀପ ପୂଜାରୀ, ନୀଳମଣି ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ଶାନ୍ତି ସାହୁ ଯୋଗ ଦେଇଥିଲେ। ରାଉରକେଲା ଦଳର ଗୌତମ ସୁନାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚ୍ ପୂର୍ବରୁ ଷ୍ଟାର ଖେଳାଳି ତଥା ଓଡିଶା କ୍ରିକେଟ ଦଳର ପୂର୍ବତନ ଅଧିନାୟକ ନଟରାଜ ବେହେରାଙ୍କୁ ଆୟୋଜକ ମାନେଶ୍ୱର କ୍ରିକେଟ କ୍ଲବ (ଏମସିସି) ପକ୍ଷରୁ ଏକ ରାଲିରେ ମାନେଶ୍ୱର ଛକରୁ ସ୍ୱର୍ଣ୍ଣାବୁରେଇ ଖେଳ ପଡିଆକୁ ନିଆଯାଇଥିଲା।



ସମ୍ବଲପୁର ମାନେଶ୍ୱର ସ୍ୱର୍ଣ୍ଣାବୁରେଇ ଖେଳ ପଡିଆରେ ବିଜୟୀ ପରେ ନଟରାଜ ବେହେରା ଓ ଅନ୍ୟ ଖେଳାଳୀମାନେ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଜାନୁୟାରୀ ୪/୨୦୨୧ Sambalpur, Monday, January 4/ 2021

# ଭାରତୀୟ ଦଳରେ ଓଡ଼ିଶାର ୪

## ମହିଳା ହକି ଦଳର ଆର୍ଜେଣ୍ଟିନା ଗସ୍ତ

**ନୂଆଦିଲ୍ଲୀ, ୩।୧**

ରାଣୀ ରାମପାଲଙ୍କ ନେତୃତ୍ୱରେ ଭାରତୀୟ ମହିଳା ହକି ଦଳ ରବିବାର ଆର୍ଜେଣ୍ଟିନା ଗସ୍ତ କରିଛି। ହକି ଇଣ୍ଡିଆ ପକ୍ଷରୁ ଘୋଷିତ ୨୫ ଜଣିଆ ଦଳରେ ଓଡ଼ିଶାର ୪ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଦୀପ୍ ଗ୍ରେସ୍ ଏକ୍କା, ଲିଲିମା ମିଞ୍ଜ, ନମିତା ଟପ୍ପୋ ଓ ରଶ୍ମିତା ମିଞ୍ଜ। କୋଭିଡ-୧୯ ମହାମାରୀ ପାଇଁ ପାଖାପାଖି ୧ ବର୍ଷ ପରେ ଭାରତୀୟ ଦଳ ବିଦେଶ ଗସ୍ତ କରିଛି। ମହାମାରୀ ଲାଗି ଅନ୍ତର୍ଜାତୀୟ ପ୍ରତିଯୋଗିତା ବନ୍ଦ ଥିବାରୁ ଭାରତୀୟ ଦଳର ଖେଳାଳିମାନେ ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ସେଣ୍ଟରରେ ଅଭ୍ୟାସ କରିଥିଲେ। ସମ୍ପ୍ରତି ବିଶ୍ୱ ର୍‌ୟାଙ୍କିଙ୍ଗ୍‌ରେ ୨ ନମ୍ବର ସ୍ଥାନରେ ଥିବା ଆର୍ଜେଣ୍ଟିନା ବିପକ୍ଷରେ ଭାରତ ଚଳିତମାସ ୨୬, ୨୮, ୩୦ ଓ ୩୧ରେ ୪ଟି ମ୍ୟାଚ ଖେଳିବ। ଏହା ପୂର୍ବରୁ ଭାରତୀୟ ଦଳ ଯଥାକ୍ରମେ ୧୭ ଓ ୧୮ ତାରିଖରେ ଆର୍ଜେଣ୍ଟିନାର ଜୁନିୟର ଏବଂ 'ବି' ଦଳ ବିପକ୍ଷରେ ଗୋଟିଏ ଲେଖାଏ ମ୍ୟାଚ ଖେଳି ନିଜକୁ ପ୍ରସ୍ତୁତ କରିବ। ''ଗତ କିଛିମାସ ଧରି ଆମେ କଠିନ ପରିଶ୍ରମ କରିଆସୁଛୁ। ଏବେ ଅନ୍ତର୍ଜାତୀୟ ସ୍ତରରେ ପ୍ରଦର୍ଶନ କରିବାର ସମୟ ଆସିଛି। ଦୀର୍ଘଦିନପରେ ଖେଳିବାକୁ ବିଦେଶ ଯାଉଥିବାରୁ ବହୁତ ଖୁସି ଲାଗୁଛି'' ବୋଲି ରାଣୀ କହିଛନ୍ତି। ଖେଳାଳିମାନେ ଦୀର୍ଘଦିନଧରି କଟକଣା ମଧ୍ୟରେ ବାୟୋ ବବଲରେ ରହିଥିଲେ। ଏଥର ଅନ୍ତର୍ଜାତୀୟ ମ୍ୟାଚ ଖେଳିବା ଏତେଟା ସହଜ ହେବନାହିଁ। ତେବେ ଖେଳାଳିମାନେ ପଡ଼ିଆକୁ ଫେରି ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବ୍ୟଗ୍ର ବୋଲି ସେ ପ୍ରକାଶ କରିଛନ୍ତି।

ହକି ଇଣ୍ଡିଆ ଓ ଆୟୋଜକ ଦେଶର ଆସୋସିଏଶନ ମିଳିତଭାବେ ଦଳପାଇଁ ବାୟୋ ବବଲ ପ୍ରସ୍ତୁତ କରିଛନ୍ତି। ଭାରତୀୟ ଦଳ ଯେଉଁ ହୋଟେଲରେ ରହିବ ସେଠାରେ ରୁମ୍, ଖାଇବା ପାଇଁ ହଲ୍, ଟିମ୍ ବୈଠକ ଏବଂ ସେସନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଆର୍ଜେଣ୍ଟିନା ଯାତ୍ରା କରିବାର ୭୨ ଘଣ୍ଟା ପୂର୍ବରୁ ଭାରତୀୟ ଦଳର ପ୍ରତି ସଦସ୍ୟଙ୍କର କୋଭିଡ୍-୧୯ ଆର୍‌ଟି-ପିସିଆର୍ ଟେଷ୍ଟ କରାଯାଇଛି। ଆର୍ଜେଣ୍ଟିନାରେ ପହଞ୍ଚିବାପରେ ଯଦିଓ ଖେଳାଳିଙ୍କୁ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବନାହିଁ ତେବେ ସେଠାକାର ସରକାରଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟ ସମ୍ପର୍କିତ ନିୟମ ମାନିବାକୁ ପରାମର୍ଶ ଦିଆଯାଇଛି। ଆର୍ଜେଣ୍ଟିନା ଗସ୍ତ ପାଇଁ ବ୍ୟବସ୍ଥା କରିଥିବାରୁ ଭାରତୀୟ ଦଳର ଉପଅଧିନାୟିକା ଗୋଲକିପର ସବିତା ହକି ଇଣ୍ଡିଆ ଓ ସାଇକୁ ଧନ୍ୟବାଦ ଜଣାଇଛନ୍ତି। ଭାରତୀୟ ଦଳ: ସବିତା, ରଜନୀ ଇଟିମାରପୁ, ବିଚୁ ଦେବୀ ଖାରିବାମ୍, ଗୁରଜିତ କୌର, ଦୀପ୍ ଗ୍ରେସ୍ ଏକ୍କା, ରଶ୍ମିତା ମିଞ୍ଜ, ମନପ୍ରୀତ କୌର, ରୀନା ଖୋଖର, ସାଲିମା ଟେଟେ, ନିଶା, ସୁଶୀଳା ଚାନୁ ପୁଖରମ୍ବାମ୍, ଲିଲିମା ମିଞ୍ଜ, ନେହା ଗୋୟଲ, ନମିତା ଟପ୍ପୋ, ମୋନିକା, ନିକ୍କି ପ୍ରଧାନ, ବନ୍ଦନା କାଟରିୟା, ନଭନୀତ କୌର, ନଭଜୋତ କୌର, ଜ୍ୟୋତି, ଉଦିତା, ରାଜବିନ୍ଦର କୌର, ରାଣୀ(ଅଧିନାୟିକା), ଲାଲରେମ୍‌ସିଆମି, ଶର୍ମିଳା ଦେବୀ।



ଲିଲିମା ମିଞ୍ଜ, ଦୀପ୍ ଗ୍ରେସ୍ ଏକ୍କା, ନମିତା ଟପ୍ପୋ ଓ ରଶ୍ମିତା ମିଞ୍ଜ।

# ଓଡ଼ିଶାରେ ଦ୍ୱିତୀୟଥର ହେବ ଜାତୀୟ ସିନିୟର ଭଲିବଲ

## ରାଜ୍ୟରୁ ୨୫ ଜାତୀୟସ୍ତରୀୟ ଭଲିବଲ ରେଫରି ଉତ୍ତୀର୍ଣ୍ଣ

**ଭୁବନେଶ୍ୱର, ୩।୧(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶାରେ କ୍ରମାଗତ ଦ୍ୱିତୀୟଥରପାଇଁ ହେବ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍। ଭଲିବଲ ଇତିହାସରେ ପ୍ରଥମଥରପାଇଁ ଗତବର୍ଷ ଏହି ପ୍ରତିଯୋଗିତା ଆୟୋଜନ କରି ରାଜ୍ୟ ପ୍ରଶଂସା ସାଉଁଟିଥିଲା। ଜାତୀୟ ସିନିୟର ଭଲିବଲର ୬୮ତମ ସଂସ୍କରଣ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ୨୦୧୯ ଡିସେମ୍ବର ୨୫ରୁ ଜାନୁୟାରୀ ୨ ପର୍ଯ୍ୟନ୍ତ ସଫଳତାର ସହ ସମ୍ପନ୍ନ ହୋଇଥିଲା। ଏଥର ଏଠାରେ ୬୯ତମ ସଂସ୍କରଣ ଆୟୋଜନପାଇଁ ପଥ ପରିଷ୍କାର ହୋଇଛି। ରବିବାର ଭର୍ଚୁଆଲ ମୋଡ୍‌ରେ ଭାରତୀୟ ଭଲିବଲ ଫେଡେରେଶନ (ଭିଏଫ୍‌ଆଇ)ର କାର୍ଯ୍ୟକାରିଣୀ କମିଟି ତଥା ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାରେ ଜାତୀୟ ଭଲିବଲ ଚାମ୍ପିୟନଶିପ, ଜାତୀୟ କୋଚିଂ କ୍ୟାମ୍ପ ଏବଂ କିଟ୍ ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତିକ ଓ ଜାତୀୟ ଭଲିବଲ ରେଫରି ପରୀକ୍ଷା ଆୟୋଜନ କରିବା ପାଇଁ ଭିଏଫ୍‌ଆଇ ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ପ୍ରସ୍ତାବ ଦେଇଥିଲେ। ପ୍ରସ୍ତାବଗୁଡ଼ିକ ଭିଏଫ୍‌ଆଇର କାର୍ଯ୍ୟକାରିଣୀ କମିଟିରେ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିବାରୁ ଏହି ମେଗା ଇଭେଣ୍ଟ ଦ୍ୱିତୀୟଥରପାଇଁ ହେବା ଏକପ୍ରକାର ନିଶ୍ଚିତ ହୋଇଛି।

ନିକଟରେ ଅନୁଷ୍ଠିତ ଜାତୀୟସ୍ତରୀୟ ଭଲିବଲ ରେଫରି ପରୀକ୍ଷାରେ ଓଡ଼ିଶାରୁ ସର୍ବାଧିକ ୨୫ଜଣ କୃତକାର୍ଯ୍ୟ ହୋଇଥିବା ଅଚ୍ୟୁତ ସୂଚନା ଦେଇଛନ୍ତି। ଓଡ଼ିଶାରୁ ପ୍ରଥମ ଥର ଲାଗି ଏତେ ସଂଖ୍ୟକ ଜାତୀୟସ୍ତରୀୟ ଭଲିବଲ ରେଫରି କୃତକାର୍ଯ୍ୟ ହୋଇଛନ୍ତି। ଏ ସମ୍ପର୍କରେ ମତ ଦେଇ ସେ କହିଥିଲେ ଯେ, ଏହା ଓଡ଼ିଶାର ଖେଳାଳି ଓ ଭଲିବଲ କ୍ଲବ ପାଇଁ ସର୍ବୋପରି ଓଡ଼ିଶା ପାଇଁ ଏକ ଭଲ ସଙ୍କେତ ଦେଉଛି। ଏହି ଅବସରରେ ସେ କନ୍ଧମାଳରେ ଜୁନିୟର ବାଳିକା ଓ ବାଳକଙ୍କ ପାଇଁ ଏକ ଭଲିବଲ ଏକାଡେମୀ ଏବଂ କିଟ୍ ବିଶ୍ୱବିଦ୍ୟାଳୟରେ ଆଉ ଏକ ଭଲିବଲ ଏକାଡେମୀ ଖୋଲିବା ପାଇଁ ପ୍ରସ୍ତାବ ଦେଇଥିଲେ। ଓଡ଼ିଶାର ବିଭିନ୍ନ ଭଲିବଲ କ୍ଲବ ବିଶେଷ କରି କନ୍ଧମାଳ ଜିଲାର ଭଲିବଲ କ୍ଲବଗୁଡ଼ିକୁ ବଲ ଓ ନେଟ ଆଦି କ୍ରୀଡ଼ା ସାମଗ୍ରୀ ଯୋଗାଇ ଦିଆଯାଇଛି। ଗ୍ରାମାଞ୍ଚଳରେ ରହିଥିବା ଭଲିବଲ ଭିତ୍ତିଭୂମିର ବିକାଶ ପାଇଁ ପଦକ୍ଷେପ ନିଆଯାଉଛି। ଏପରିକି କେତେକ ସ୍ଥାନରେ ଫ୍ଲଡ୍ ଲାଇଟ୍‌ର ବ୍ୟବସ୍ଥା କରାଯିବା ଲାଗି ଯୋଜନା ରହିଛି ବୋଲି ସେ କହିଥିଲେ। ସେହିପରି ନିଜ ନିଜ ରାଜ୍ୟରେ ତଳସ୍ତରରେ ଭଲିବଲକୁ ଲୋକପ୍ରିୟ କରାଇବା ପାଇଁ ସେ ବୈଠକରେ ଉପସ୍ଥିତ ଥିବା ଭିଏଫ୍‌ଆଇର ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭିଏଫ୍‌ଆଇର କାର୍ଯ୍ୟକାରୀ ଉପସଭାପତି ରାଜକୁମାର, ମହାସଚିବ ଅନିଲ ଚୌଧୁରୀ, ଚେୟାରମ୍ୟାନ ତଥା ଉପସଭାପତି ଏସ୍. ବାସୁଦେବନ, ଉପସଭାପତି ରଥିନ ରାୟ ଚୌଧୁରୀ, ଆନନ୍ଦଶଙ୍କର ରାଜହଂସ, ସହଯୋଗୀ ଉପସଭାପତି ଶେଖର ବୋଷ, ବ୍ରଜେଶ ପାଠକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାମାବତାର ସିଂ ଝାକରଙ୍କ ସମେତ ଭିଏଫ୍‌ଆଇର ସମସ୍ତ କର୍ମକର୍ତ୍ତା ଏବଂ ୩୦ଟି ରାଜ୍ୟ ଭଲିବଲ ଆସୋସିଏଶନର ସଭାପତି ଓ ସାଧାରଣ ସମ୍ପାଦକ ବୈଠକରେ ଉପସ୍ଥିତ ଥିଲେ।

ଜାତୀୟସ୍ତରୀୟ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଓଡ଼ିଶା ରେଫରିମାନେ ହେଲେ ନିହାର ରଞ୍ଜନ ମଲିକ, ଚାରୁ ଚନ୍ଦ୍ର ନାୟକ, ସଞ୍ଜୟ କୁମାର ଭୋଇ, ସୁଶାନ୍ତ କୁମାର ସାହୁ, ମୋହନ କୁମାର ମହାପାତ୍ର, ଜ୍ଞାନେନ୍ଦ୍ର ମଲିକ, ରାଜେଶ କୁମାର ଦାସ, ମନୋରଞ୍ଜନ ପଣ୍ଡା, ରାଜକିଶୋର ମଲିକ, ଚନ୍ଦନ କୁମାର ଚଇନି, ଶରତ କୁମାର ସାହୁ, ସତ୍ୟଜିତ ବେହେରା, ପରିକ୍ଷିତ ଖରସେଲ, ନାରାୟଣ ସାହୁ, ରଞ୍ଜନ କୁମାର ବେହେରା, ରୋଶନ କୁମାର ସାହୁ, କମଳାକାନ୍ତ ବେହେରା, ଅଭ୍ରାଂଶୁ କୁମାର ମହାନ୍ତି, ପ୍ରଦୀପ କୁମାର ଜେନା, ମାନସ ରଞ୍ଜନ ମିଶ୍ର, ବିଭୁଦେନ୍ଦୁ ମାନସିଂ, ଡି. ସ୍ୱାତୀଲତା ରେଡ୍ଡୀ ଓ ମଧୁସ୍ମିତା ପଣ୍ଡା।



ଭର୍ଚୁଆଲ୍ କାର୍ଯ୍ୟକ୍ରମରେ ଭାଗନେଇଥିବା ବ୍ୟକ୍ତିମାନେ।

# ଶ୍ରୀଲଙ୍କା ୧୫୭ ରନରେ ଅଲ୍‌ଆଉଟ

**ଜୋହାନ୍ସବର୍ଗ, ୩।୧(ଏପି):** ସ୍ଥାନୀୟ ୱାଣ୍ଡରର୍ସ ଷ୍ଟାଡିୟମରେ ରବିବାର ଆରମ୍ଭ ହୋଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଆଘାତଜନିତ ସମସ୍ୟାରେ ଥିବା ଶ୍ରୀଲଙ୍କା ୧୫୭ରନରେ ଅଲଆଉଟ ହୋଇଯାଇଛି। ସେଞ୍ଚୁରିଅନଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଏକ ଇନିଂସ ଓ ୪୫ ରନରେ ପରାସ୍ତ ହୋଇଥିବା ଭ୍ରମଣକାରୀ ଦଳର ବ୍ୟାଟିଂରେ ସୁଧାର ଆସି ନ ଥିଲା। ଦକ୍ଷିଣ ଆଫ୍ରିକା ପେସ୍‌ବାହିନୀର ପ୍ରଭାବୀ ବୋଲିଂକୁ ସାମ୍ନା କରି ନ ପାରି ଶ୍ରୀଲଙ୍କା ୪୦.୩ ଓଭରରେ ୧୫୭ରନ କରି ଅଲଆଉଟ ହୋଇ ଯାଇଥିଲା। ଏନ୍‌ରିଚ୍ ନୋର୍ଜେ ୫୬ରନ ବିନିମୟରେ ୬ ଏବଂ ୱିଆନ୍ ମଲ୍ଡର ୨୫ ରନ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ଟସ୍‌ଜିତି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କାର ଆରମ୍ଭ ଉତ୍ସାହଜନକ ଥିଲା। ୨୦ ଓଭର ପରେ ଦଳର ସ୍କୋର ୭୧/୧ ରହିଥିଲା। ମାତ୍ର ୬୭ ବଲ୍‌ରୁ ୬୦ରନ କରିଥିବା ଓପନିଂ ବ୍ୟାଟ୍ସମ୍ୟାନ କୁସାଲ ପେରେରାଙ୍କ ଆଉଟ ପରେ ଶ୍ରୀଲଙ୍କା ବ୍ୟାଟିଂ ଭୁଶୁଡ଼ି ଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

**ଶ୍ରୀଲଙ୍କା ପ୍ରଥମ ଇନିଂସ:** ୪୦.୩ ଓଭରରେ ୧୫୭ (କୁସାଲ ପେରେରା-୬୦, ୱାନିଣ୍ଡୁ ହସରଙ୍ଗା-୨୯, ଏନ୍‌ରିଚ ନୋର୍ଜେ-୬/୫୬, ୱିଆନ୍ ମଲ୍ଡର-୩/୨୫)। **ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ:** ୧୪୮/୧ (ଡିନ୍ ଏଲ୍‌ଗାର-୯୨*, ରସି ଭାନ୍‌ଡର ଡସେନ-୪୦*, ଅସିଥା ଫର୍ନାଣ୍ଡୋ-୧/୩୦)।

# ଗୁରୁକୁଳ ଟେନିସ: ସନ୍ତୋଷ ଚାମ୍ପିୟନ



ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୩।୧(କ୍ରୀଡ଼ା ପ୍ରତିନିଧି)**

ଗୁରୁକୁଳ ଟେନିସ ଏକାଡେମୀ ଆନୁକୂଲ୍ୟରେ ବର୍ଷର ପ୍ରଥମ ଟୁର୍ନାମେଣ୍ଟ ମେଣ୍ଢାଶାଳସ୍ଥିତ ରିସର୍ଟରେ ସଫଳତାର ସହ ସମ୍ପନ୍ନ ହୋଇଛି। ପୁରୁଷ ସିଙ୍ଗଲ୍ସରେ ଟପ୍ ସିଡ୍ ସନ୍ତୋଷ କୁମାର ମଲିକ ଦ୍ୱିତୀୟ ସିଡ୍ ଆଶିଷ କୁମାର ପରିଡ଼ାଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ସେମିଫାଇନାଲରେ ସନ୍ତୋଷ ୧୦-୧ରେ ବିବେକ ମହାନନ୍ଦଙ୍କୁ ଏବଂ ଆଶିଷ ୧୦-୫ରେ ଅଭିଶ କନସାରିଙ୍କୁ ପରାସ୍ତ କରିଥିଲେ। ପୁରୁଷ ଡବଲ୍ସରେ ଦ୍ୱିତୀୟ ସିଡ୍ ଆଶିଷ ଓ ଷ୍ଟିଭେନ ଅଙ୍କିତ ଏକ୍କା ଯୋଡ଼ି ୧୦-୪ରେ ଟପ୍ ସିଡ୍ ସନ୍ତୋଷ ଓ ସଂଗ୍ରାମ କୁମାର ପାତ୍ର ଯୋଡ଼ିଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ସିଙ୍ଗଲ୍ସ ବିଭାଗ ଚାମ୍ପିୟନଙ୍କୁ ଟ୍ରଫି ଓ ପ୍ରମାଣପତ୍ର ସହ ୫୦୦୦ ଓ ରନର୍ସଅପ୍‌ଙ୍କୁ ୨୫୦୦ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଛି। ସେହିପରି ଡବଲ୍ସରେ ଯଥାକ୍ରମେ ୫୦୦୦ ଓ ୧୫୦୦ଟଙ୍କା ଦିଆ ଯାଇଛି। ବିଶିଷ୍ଟ ଚାଷୀ ତଥା ସାମାଜିକ କର୍ମୀ ବାଙ୍କବିହାରୀ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରେଫରି ରଜନୀକାନ୍ତ ସାହୁ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

# ଆଇସୋଲେଟେଡ ଖେଳାଳିଙ୍କ ସହ ଭାରତୀୟ ଦଳ ସିଡ୍‌ନୀ ଯିବ

**ନୂଆଦିଲ୍ଲୀ,୩।୧(ପି.ଟି.):** ତାରକା ଓପନର ରୋହିତ ଶର୍ମାଙ୍କ ସମେତ ଆଇସୋଲେଶନରେ ଥିବା ୫ ଜଣ ଖେଳାଳିଙ୍କ ସହ ସମ୍ପୂର୍ଣ୍ଣ ଭାରତୀୟ ଟିମ୍ ତୃତୀୟ ଟେଷ୍ଟ ଖେଳିବାକୁ ସିଡ୍‌ନୀ ଯାତ୍ରା କରିବ। ସୋମବାର ଗୋଟିଏ ଚାର୍ଟାର ଫ୍ଲାଇଟ୍‌ରେ ସବୁ ଖେଳାଳିଙ୍କୁ ନେଇ ଦଳ ସିଡ୍‌ନୀ ଯିବ।

ଉପଅଧିନାୟକ ରୋହିତ ଶର୍ମା, ଓପନର ଶୁବମନ ଗିଲ୍, ଉଇକେଟକିପର ରିଷଭ ପନ୍ତ, ଦ୍ରୁତ ବୋଲର ନବଦୀପ ସଇନି ଓ ଓପନର ପୃଥ୍ୱୀ ଶଙ୍କୁ ଦଳ ସହ ଯାତ୍ରା କରିବାକୁ ବାରଣ କରାଯାଇନାହିଁ। ଏହି ୫ଜଣ ଖେଳାଳି ଜୈବ ସୁରକ୍ଷିତ ନିୟମ ବା ପ୍ରୋଟୋକଲର ଉଲ୍ଲଂଘନ କରିଥିବାରୁ ଆଇସୋଲେଶନରେ ଥିଲେ ଓ ଏ ନେଇ ତଦନ୍ତ ଜାରି ରହିଛି। ଏହି ଖେଳାଳିମାନେ ମେଲବୋର୍ନରେ ଏକ ଇନ୍‌ଡୋର ରେଷ୍ଟୁରାଣ୍ଟରେ ଏକାଠି ଡିନର କରିବାର ଭିଡିଓ ଭାଇରାଲ ହୋଇଥିଲା। ଜଣେ ପ୍ରଶଂସକ ଏହି ଭିଡିଓକୁ ଟୁଇଟରରେ ଶେୟାର କରିଥିଲେ। ବିନା ଅନୁମତିରେ ଏହି ପ୍ରଶଂସକ ଜଣକ ଭିଡିଓ ରେକର୍ଡିଂ କରିବା ସହ ଖେଳାଳିମାନଙ୍କ ବିଲ୍ ରେଷ୍ଟୁରାଣ୍ଟରେ ପୈଠ କରିଥିଲେ। ତେବେ ଏହି ପ୍ରଶଂସକ ଜଣକ ପନ୍ତଙ୍କୁ ଆଲିଙ୍ଗନ କରିଥିଲେ ବୋଲି ଉଲ୍ଲେଖ କରିବା ପରେ ଏହା ମିଛ ବୋଲି ସ୍ୱୀକାର କରିଥିଲେ।

ଏହି ବିବାଦୀୟ ଘଟଣାରେ ଟିମ୍ ଇଣ୍ଡିଆର ଆଡମିନିଷ୍ଟ୍ରେଟିଭ୍ ମ୍ୟାନେଜର ଗିରିଶ ଡୋଗ୍ରାଙ୍କ ଭୂମିକା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦଳର କୋଭିଡ୍-୧୯ ପ୍ରୋଟୋକଲର ଦେଖାଶୁଣା ତଥା ତଦାରଖ ପାଇଁ ବିସିସିଆଇ ଗିରିଶଙ୍କୁ ନିଯୁକ୍ତ କରିଛି। ତେଣୁ ତାଙ୍କ ଉପସ୍ଥିତିରେ ଏଭଳି ବିବାଦୀୟ ଘଟଣା କିଭଳି ଘଟିଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖେଳାଳିମାନେ ପ୍ରୋଟୋକଲକୁ ସବୁବେଳେ ମନେରଖିବା ସମ୍ଭବ ନୁହେଁ। ପୁଣି ସେମାନେ ସାଥୀ ପ୍ରୋଟୋକଲ ସିଟ୍ ନେଇ ଯାତ୍ରା କରିବା ମଧ୍ୟ ଠିକ୍ ନୁହେଁ।

# ଏମ୍‌ସିଜିରେ ପ୍ରାକ୍ଟିସ କରିପାରିଲାନି ଭାରତ

**ମେଲବୋର୍ନ, ୩।୧ (ପି.ଟି.):** ବର୍ଷାଯୋଗୁ ରବିବାର ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଭାରତୀୟ ଦଳର ପ୍ରାକ୍ଟିସ ସେସନକୁ ବାତିଲ କରିଦିଆଯାଇଥିଲା। ଖେଳାଳିମାନେ ବାଧ୍ୟ ହୋଇ ଇନ୍‌ଡୋରରେ ଟ୍ରେନିଂ ନେଇଥିଲେ। ଆଉଟଡୋର ସୁବିଧା ନ ମିଳିବାରୁ ଖେଳାଳିମାନେ ଜାନୁୟାରୀ ୭ରୁ ସିଡ୍‌ନୀରେ ଆରମ୍ଭ ହେବାକୁଥିବା ତୃତୀୟ ଟେଷ୍ଟ ଲାଗି ସେମାନଙ୍କ ପ୍ରସ୍ତୁତି କାର୍ଯ୍ୟ ଜାରି ରଖିବାକୁ ଯାଇ ଜିମ୍ ସେସନରେ ଭାଗ ନେଇଥିଲେ। ଉଭୟ ଭାରତୀୟ ଓ ଅଷ୍ଟ୍ରେଲୀୟ ଖେଳାଳିମାନେ ସୋମବାର ସିଡ୍‌ନୀ ଅଭିମୁଖେ ଯାତ୍ରା କରିବେ।





# ପାକିସ୍ତାନ ୨୯୭ରେ ଅଲ୍‌ଆଉଟ୍

## ଦ୍ୱିତୀୟ ଟେଷ୍ଟ
### ଜେମିସନଙ୍କୁ ୫ ଉଇକେଟ

**ଖ୍ରୀଷ୍ଟଚର୍ଚ୍ଚ,୩।୧(ଏପି)**

ନ୍ୟୁଜିଲାଣ୍ଡ ଯୁବ ଦ୍ରୁତ ବୋଲର କାଇଲ ଜେମିସନ ମାତ୍ର ୬ଟି ଟେଷ୍ଟ ଖେଳି ତୃତୀୟଥର ପାଇଁ ଟେଷ୍ଟରେ ୫ ଉଇକେଟ ସଫଳତା ଅର୍ଜନ କରିଛନ୍ତି। ରବିବାରଠାରୁ ସ୍ଥାନୀୟ ହଗଲି ଓଭାଲ ଗ୍ରାଉଣ୍ଡରେ ଆରମ୍ଭ ହୋଇଥିବା ପାକିସ୍ତାନ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ସେ ୬୯ ରନ ବ୍ୟୟ କରି ୫ ଉଇକେଟ ହାସଲ କରିଛନ୍ତି। ଫଳରେ ପାକିସ୍ତାନ ପ୍ରଥମ ଇନିଂସରେ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ପ୍ରଥମ ଇନିଂସରେ ୮୩.୫ ଓଭରରେ ୨୯୭ ରନକରି ଅଲ୍‌ଆଉଟ୍ ହୋଇଛି। ଜେମିସନ ଗତ ଫେବୃୟାରୀରେ ଭାରତ ବିପକ୍ଷରେ ୪୫ ରନ ବ୍ୟୟ କରି ୫ ଉଇକେଟ ହାସଲ କରିଥିଲେ। ସେହିପରି ଗତମାସରେ ସେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୩୪ ରନ ବ୍ୟୟ କରି ଏହି ସଫଳତାକୁ ଦୋହରାଇଥିଲେ।

ପାକିସ୍ତାନ ତରଫରୁ ଆଝାର ଅଲି ସର୍ବାଧିକ ୯୩, ଅଧିନାୟକ ମହମ୍ମଦ ରିଜୱାନ ୬୧ ଓ ଫହିମ ଆଶ୍ରଫ ୪୮ ରନ କରିଥିଲେ। ଓପନର ଆବିଦ ଅଲି ୨୫, ଜାଫର ଗୋହର ୩୪ ଓ ନସିମ ଶାହା ୧୨ ରନ କରି ଆଉଟ୍ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ପିଚ୍‌ରେ ବଲ ବାଉନ୍ସ ହେବା ସହ ଭଲ ସିମ ମଧ୍ୟ ହେଉଛି। ତେଣୁ ପାକିସ୍ତାନ ଭଲ ବ୍ୟାଟିଂ କରି କମ୍ପିଟେଟିଭ ସ୍କୋର ହାସଲ କରିଛି କହିଲେ ଭୁଲ୍ ହେବନି। ଦଳ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ପଞ୍ଚମ ଉଇକେଟରେ ଆଝାର ଅଲି ଓ ରିଜ୍‌ୱାନ ୮୮ ରନର ଭାଗୀଦାରି ସ୍ଥାପନ କରିଥିଲେ। ୬ ଫୁଟ ୮ ଇଞ୍ଚ୍ ଉଚ୍ଚତା ବିଶିଷ୍ଟ ଜେମିସନ ରିଜ୍‌ୱାନ, ଫହିମ, ଆବିଦ, ହାରସି ସୋହେଲ (୧) ଓ ଫୱାଦ ଆଲମ (୨)ଙ୍କ ଉଇକେଟ ହାସଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିଜ୍ଞ ଟିମ୍ ସୌଦି ଓ ଟ୍ରେଣ୍ଟ ବୋଲ୍ଟ ୨ଟି ଲେଖାଏ ଓ ମ୍ୟାଟ ହେନେରି ଗୋଟିଏ ଉଇକେଟ ହାସଲ କରିଥିଲେ। ଜେମିସନ ଏପର୍ଯ୍ୟନ୍ତ ୧୧ଟି ଟେଷ୍ଟ ଇନିଂସରୁ ୩୦ଟି ଉଇକେଟ ହାସଲ କରିଛନ୍ତି। ପାଖାପାଖି ପ୍ରତି ୧୪ ଓଭରରେ ସେ ଗୋଟିଏ ଉଇକେଟ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ଗୋଟିଏ ଅର୍ଦ୍ଧଶତକ ହାସଲ କରିବା ସହ ତାଙ୍କର ବ୍ୟାଟିଂ ଆଭରେଜ୍ ୪୯ ରହିଛି। ପାକିସ୍ତାନ ତରଫରୁ ବାମହାତୀ ସ୍ପିନର ଜାଫର ଗୋହର ଟେଷ୍ଟ ପଦାର୍ପଣ କରି ଉପଯୋଗୀ ୩୪ ରନ କରିଛନ୍ତି।



କାଇଲ ଜେମିସନ

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ: ୮୩.୫ ଓଭରରେ ୨୯୭ ରନରେ ଅଲ୍‌ଆଉଟ୍
(ଆଝାର ଅଲି- ୯୩, ମହମ୍ମଦ ରିଜୱାନ- ୬୧, ଫହିମ ଆଶ୍ରଫ- ୪୮, ଜାଫର ଗୋହର- ୩୪, ଆବିଦ ଅଲି- ୨୫, ଜେମିସନ- ୫/୬୯, ସୌଦି- ୨/୬୧, ଟ୍ରେଣ୍ଟ ବୋଲ୍ଟ- ୨/୮୨, ମ୍ୟାଟ ହେନେରୀ- ୧/୬୮)।


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୪ ଜାନୁୟାରୀ, ୨୦୨୧



## କାର୍ଯ୍ୟକ୍ଷମ ହେଉନି ନଳକୂପ

ଲୋଇସିଂହା(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଭାଲିଆମୁଣ୍ଡା ସପ୍ତାହିକ ବଜାର ପରିସରରେ ଏକ ନଳକୂପ ଖୋଳା ଯାଇଛି। ହେଲେ ଏଥିରେ ଯନ୍ତ୍ରାଂଶ ଲାଗିନାହିଁ । ଫଳରେ ବଜାରକୁ ଆସୁଥିବା ଲୋକେ ପିଇବା ପାଣିକୁ ନେଇ ହଟହଟା ହେଉଛନ୍ତି। ଶନିବାର ଭାଲିଆମୁଣ୍ଡାଠାରେ ସାପ୍ତାହିକ ବଜାର ବସିଥାଏ । ଆରଏମ୍‌ସି ଅଧୀନରେ ଏହି ବଜାର ରହିଛି। ପରିବା ସହ ଗୋରୁ ହାଟ ବସିଥାଏ । ଜିଲା ତଥା ଜିଲା ବାହାରୁ ଜୀବିକା ପାଇଁ ହଜାର ହଜାର ଲୋକ ଆସିଥାନ୍ତି। ହେଲେ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଏ ଦିଗରେ ଆରଏମ୍‌ସି କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହେଉଛି ।

## ସଂକ୍ଷେପରେ

### ଭାଜପାର ଜିଲା କାର୍ଯ୍ୟକାରିଣୀ କମିଟି ଗଠିତ

**ତରବୋଡ,୩୧(ଡି.ଏନ.ଏ.):** ରବିବାର ନୂଆପଡା ଜିଲା ଭାଜପାର କାର୍ଯ୍ୟକାରିଣୀ କମିଟି ଗଠିତ ହୋଇଯାଇଛି । ଏହି ଅବସରରେ ଜିଲା ସଭାପତି ସୁବ୍ରତ କୁମାର ଠାକୁରଙ୍କ ଅଧକ୍ଷତାରେ ଜିଲା କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀ କରାଯାଇ ଏହା ଘୋଷଣା କରାଯାଇଛି । ସମ୍ମିଳନୀରେ କଳାହାଣ୍ଡି ଏମ.ପି ବସନ୍ତ କୁମାର ପଣ୍ଡାଙ୍କ ଉପସ୍ଥିତିରେ ୯୧ ଜଣିଆ ଜିଲା କାର୍ଯ୍ୟକାରିଣୀ କମିଟି ଗଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ, ହୋମସିଙ୍ଗ ମାଝୀ, ବରିଷ୍ଠ ନେତା ମନିଜର ଆର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି କମିଟିରେ ୯୧ ଜଣ ସଦସ୍ୟ ଥିବା ବେଳେ ୧୫ ଜଣ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଓ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ଭାବେ ୧୫ ଜଣଙ୍କୁ ଚୟନ କରାଯାଇଛି । କମିଟିର ଜିଲା ସଭାପତି ଭାବେ ସୁବ୍ରତ କୁମାର ଠାକୁର , ଉପସଭାପତି ଭାବେ ଗୋଲଡି ଅଗ୍ରୱାଲ, ଦିଲିପ ନିର୍ମଲକର, ସରିତା ସିଙ୍ଗ, ଛବି ଲୋଚନ ସାହୁ, ଭାମୁମତୀ ମାଝୀ, ବେଲମତି ମାଝୀ, ଅନନ୍ତ ଚିନ୍ଦା, ମୋହନ ଭୋଇ ଅଛନ୍ତି । ସେହିପରି ୩ ଜଣ ସାଧାରଣ ସମ୍ପାଦକ କମଲେଶ କୁମାର ଦିକ୍ଷୀତ, ତୁଲସ ପଟେଲ, ରତ୍ନାନନ୍ଦ ମନିହର , ୮ ଜଣ ସହ ସମ୍ପାଦକ ଓ କୋଷାଧକ୍ଷ ଭାବେ ସୁଶାନ୍ତ ପତି ରହିଛନ୍ତି ।

### ଶୋକସଭାରେ ଶଙ୍କର ମିଶ୍ରଙ୍କ ସ୍ମୃତିଚାରଣ

**ବଲାଙ୍ଗୀର ଅଫିସ, ୩୧:** ପୂଜ୍ୟପୂଜା ସେବା ସଙ୍ଗଠନ ପକ୍ଷରୁ ସ୍ଥାନୀୟ ଟିକ୍ରାପଡା ଦଧିବାମନ ମନ୍ଦିରରେ ବରିଷ୍ଠ ଗଣମାଧମ ପ୍ରତିନିଧି ଶଙ୍କର ପ୍ରସାଦ ମିଶ୍ରଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ ଓ ନିରବ ପ୍ରାର୍ଥନା କରାଯାଇଥିଲା । ଡାକ୍ତର ଅଶୋକ କୁମାର ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଅଚ୍ୟୁତାନନ୍ଦ ଉଦ୍‌ଗାତା, କପିଳ ପତି, ଚୁଡେନ୍ଦ୍ର କୁମାର ବେହେରା, ପ୍ରଦୀପ ପଶାୟତ, ଦୁର୍ଗା ଚରଣ ସାହୁ, ଅରୁଣ ଖୁଆସ, ସୁନାଧର ବନଛୋର, କସ୍ତୁରୀ ରଥ, ଗୋପାଳ ହୋତା ଓ ମଦନ ମୋହନ ରଥ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ ।

### ଫୁଟବଲ: ବରଗାଁ ଚାମ୍ପିୟନ

**ବରଗଡ଼ ଅଫିସ୍,୩୧:** ବରଗଡ଼ ବ୍ଲକ ଅନ୍ତର୍ଗତ ବରଗାଁରେ ରବିବାର ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ବରଗାଁ ଏବଂ ପୁଟପୁଟପାଲି ଦଳ ଫାଇନାଲକୁ ଉନ୍ନୀତ ହୋଇଥିଲେ। ଏଥିରେ ବରଗାଁ ଚାମ୍ପିୟନ ହୋଇଥିଲା । କ୍ରୀଡ଼ାବିତ୍ ସନ୍ତୋଷ ପ୍ରଧାନ ଓ ଜ୍ଞାନରଞ୍ଜନ ପୂଜାରୀ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ଏଲ୍‌ଭିଏସ୍ କ୍ଲବର ସଭାପତି ବିରେନ ପ୍ରଧାନ, ସମ୍ପାଦକ ଜୟକୁମାର ବିଶ୍ୱାଳ ଏବଂ ଅନ୍ୟ ସଭ୍ୟ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ବରିଷ୍ଠ ଖବରଦାତାଙ୍କ ବିୟୋଗରେ ଶୋକସଭା

**ସୋନପୁର,୩୧(ନି.ପ୍ର.):** ବଲାଙ୍ଗୀରର ବରିଷ୍ଠ ଖବରଦାତା ଶଙ୍କର ପ୍ରସାଦ ମିଶ୍ରଙ୍କ ବିୟୋଗରେ ସୁବର୍ଣ୍ଣପୁର ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇ ଭର୍ଚୁଆଲ ମୋଡରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଜିଲା ସାମ୍ବାଦିକ ସଂଘର ସଭାପତି ଗୋରେଖନାଥ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ସ୍ୱର୍ଗତ ମିଶ୍ରଙ୍କ ଜୀବନୀ, ଅଭିଜ୍ଞତା ଓ ସାଙ୍ଗଠନିକ ଦକ୍ଷତା ସମ୍ପର୍କରେ ସ୍ମୃତିଚାରଣ କରା ଯାଇଥିଲା । ଏହି ଶୋକସଭାରେ ବରିଷ୍ଠ ଖବରଦାତା ସ୍ୱୟମ୍ଭୁନାଥ ଖଣ୍ଡଗିରି, ବେଣୁଧର ପ୍ରଧାନ, ଯୁଗଳ କିଶୋର ମିଶ୍ର, ସ୍ୱାଧୀନ କୁମାର ମେହେର, ମୃତ୍ୟୁଞ୍ଜୟ ଶତପଥୀ, ବାସୁଦେବ ପଣ୍ଡା, ପର୍ଶୁରାମ ମିଶ୍ର, ତୀର୍ଥବାସୀ ପଣ୍ଡା, ଧୃବରାଜ ମିଶ୍ର, ବିବେକାନନ୍ଦ ମିଶ୍ର, ଅଶୋକ ସାହୁ, ରତନ କୁମାର ପଟ୍ଟନାୟକ, ପବିତ୍ରମୋହନ ପାଣ୍ଡିଆ ଓ କିଷାନ ଅଗ୍ରୱାଲା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ମିଶ୍ରଙ୍କ ବିୟୋଗରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରା ଯାଇଥିଲା। ସୁବର୍ଣ୍ଣପୁର ଜିଲା ସାମ୍ବାଦିକ ସଂଘ ସମ୍ପାଦକ ବ୍ୟୋମକେଶ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ ।

# ନାରୀଶିକ୍ଷା ମୂଳଦୁଆ ପକାଇଥିଲେ ସାବିତ୍ରୀବାଇ ଫୁଲେ

**ବଲାଙ୍ଗୀର ଅଫିସ,୩୧**



ଅତିଥିମାନେ ସାବିତ୍ରୀବାଇ ଫୁଲେଙ୍କ ଜୀବନୀ ପୁସ୍ତିକା ଉନ୍ମୋଚିତ କରୁଛନ୍ତି ।

ମହାନ ସଂସ୍କାରକ ସାବିତ୍ରୀବାଇ ଫୁଲେଙ୍କ ୧୯୧ତମ ଜୟନ୍ତୀ ରବିବାର ସାମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଯାଇଛି। ଗଣ୍ଡାବଜା ପକ୍ଷରୁ ସମ୍ପାଦକ ତ୍ରିଲୋଚନ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥିଭାବେ ବଲାଙ୍ଗୀର ଉପଜିଲାପାଳ ସୁଧାକର ନାୟକ, ମୁଖ୍ୟବକ୍ତା ସୋହେଲା କଲେଜ ଇଂଲିଶ ବିଭାଗ ଅଧାପିକା ଜୟଶ୍ରୀ ସାହୁ, ଅନ୍ୟତମ ବକ୍ତା ଅଧାପକ ଜିତେନ୍ଦ୍ର ସୁନା, ସମ୍ମାନୀତ ଅତିଥି ଗବେଷକ ଜୟ ଦୀପ, ଗୋଁଣ୍ଡ ସମାଜର ଅଖିଳ ଭାରତୀୟ କମିଟି ସଭ୍ୟ ଗଣେଶ ମାଝି ଓ ସମାଜକର୍ମୀ ସୁଷମା ବଏ ଯୋଗଦାନ କରିଥିଲେ। କୁନା ବାଗ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଉପଜିଲାପାଳ ନାୟକ ତାଙ୍କ ବକ୍ତବ୍ୟରେ ଭାରତରେ ନାରୀଶିକ୍ଷାର ମୂଳଦୁଆ ପକାଇବାରେ ମହାନ ସେବିକା ସାବିତ୍ରୀବାଇ ଫୁଲେଙ୍କ ଅବଦାନ ସମ୍ପର୍କରେ କହିଥିଲେ। ନାରୀ ସ୍ୱାଧୀନତା ଓ ଶିକ୍ଷା ବିରୋଧୀ ତତ୍କାଳୀନ ସମାଜରେ ନାରୀ ସ୍ୱାଧୀନତା ଓ ଶିକ୍ଷାର ପ୍ରସାର କହିବା ଦିଗରେ ସାବିତ୍ରୀବାଇଙ୍କ ଲଢ଼େଇକୁ ମନେ ପକାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୁଖ୍ୟବକ୍ତା ଅଧାପିକା ସାହୁ ତାଙ୍କ ବକ୍ତବ୍ୟରେ ମାତ୍ର ୯ ବର୍ଷ ବୟସରେ ବିବାହ କରିଥିବା ସାବିତ୍ରୀବାଇ ପରବର୍ତ୍ତୀ ସମୟରେ ନିଜେ ପାଠ ପଢିବା ସହ ଅନ୍ୟମାନଙ୍କୁ ପାଠ ପଢାଇବା ପାଇଁ ତାଲିମ ନେଇ ଏକ ବିଦ୍ୟାଳୟ ପ୍ରତିଷ୍ଠା କରିବା ଦିଗରେ ତାଙ୍କର ନିଷ୍ଠା, ସମର୍ପଣ ଓ ତ୍ୟାଗକୁ ମନେ ପକାଇଥିଲେ। ଏହି ଅବସରରେ ବଲାଙ୍ଗୀର ଜିଲା ଗୋଁଣ୍ଡ ସମାଜର ପ୍ରଥମ ଡାକ୍ତର ସସ୍ମିତା ମାଝିଙ୍କୁ ସାବିତ୍ରୀବାଇ ଫୁଲେ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନ୍ୟ ମେଧାବୀ ଛାତ୍ରୀ ସଲୋନୀ ଛତ୍ରିଆ, ମନୀଷା ସୁରୁଜାଲ, ଶିକ୍ଷୟିତ୍ରୀ କୁମୁଦିନୀ ସା ଓ କବି ଅଶ୍ୱିନୀ ବାଗଙ୍କୁ ମଧ୍ୟ ସମାରୋହରେ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଗବେଷକ ଜୟଦୀପଙ୍କ ରଚିତ ସାବିତ୍ରୀବାଇ ଫୁଲେଙ୍କ ଜୀବନ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚିତ କରିଥିଲେ । ଶେଷରେ ହେମସୁନ୍ଦର ନାଗ ଧନ୍ୟବାଦ ଅର୍ପଣ କରିଥିଲେ ।

ସ୍ଥାନୀୟ ଯାଦବ ଭବନଠାରେ ଜିଲା ଦଳିତ ଶିକ୍ଷକ ସଂଘ ଆନୁକୂଲ୍ୟରେ ସାବିତ୍ରୀବାଇ ଫୁଲେଙ୍କ ଜୟନ୍ତୀ ପାଳନ କରାଯାଇଥିଲା ।ଏଠାରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ସୁଧାକର ନାୟକ, ମୁଖ୍ୟବକ୍ତା ଖପ୍ରାଖୋଲ ବିଡିଓ ତରଣୀସେନ ସୁନା, ସମ୍ମାନିତ ଅତିଥି

## ସସ୍ମିତା ମାଝିଙ୍କୁ ସାବିତ୍ରୀବାଇ ଫୁଲେ ସମ୍ମାନ

ବରିଷ୍ଠ ଇଂଲିଶ ବିଭାଗ ଅଧାପିକା ଆୟେସା ବାନୋ, ବଂଶୀଧର ଦୀପ, ସାମାଜିକ କର୍ମୀ କଳ୍ପନା ବିହାରୀ ବାରିକ, ସମିତି ସଭ୍ୟା ଲଳିତା ଦୀପ, ପୁଇଁତଲା ଶିକ୍ଷାଧିକାରୀ ନେପାଳ ଚନ୍ଦ୍ର ବାଗ, ବଲାଙ୍ଗୀର ସଦର ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ଧରୁଆ, ଶିକ୍ଷକନେତା ରତିନ୍ଦ୍ର ରାୟ ଯୋଗଦେଇଥିଲେ। ଅତିଥିମାନେ ସାବିତ୍ରୀବାଇ ଫୁଲେଙ୍କ ସଂଘର୍ଷମୟ ଜୀବନ ଏବଂ ଶିକ୍ଷାଦର୍ଶନ ଉପରେ ଆଲୋଚନା କରିଥିଲେ । ଜିଲା ଦଳିତ ଶିକ୍ଷକ ସଂଘ ସଭାପତି ବାସୁଦେବ ମୁଗ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ଗୁଣିଜ୍ଞାନୀଙ୍କୁ ପ୍ରଶଂସାପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଶିକ୍ଷକ ଗଜମଣି ବାଗ ମଞ୍ଚ ପରିଚାଳନା କରିଥିଲେ ଓ ବାଳକୃଷ୍ଣ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୋଡଭଗା କ୍ରିକେଟ: ନୂତନ ରୟାଲକୁ ଟାଇଟଲ

**କାମଟିକ୍ରା, ୩୧(ଡି.ଏନ.ଏ.)**

ଗୋଡଭଗା ଜନତା ହାଇସ୍କୁଲ ପଡିଆଠାରେ ଚାଲିଥିବା ଗୋଡଭଗା କ୍ରିକେଟ ଲିଗ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୫ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ନୂତନ ରୟାଲ ଦଳ ସାଇ ସ୍ୱାଟନକୁ ହରାଇ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଭିମ୍‌ସାର ବୁର୍ଲାର ପୂର୍ବତନ ପ୍ରଫେସର ଡା. ଅକ୍ଷୟ ନାୟକ, କୈଳାଶ ଚନ୍ଦ୍ର ଅଗ୍ରୱାଲ, ସାହିତ୍ୟକ କୈଳାସ ମହାରଣା, ବରିଷ୍ଠ ନାଗରିକ ହାରାଧନ ବାରିକ, ଡା. ଚିତ୍ତରଞ୍ଜନ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମନୋହର ବାଗ, ପ୍ରଦୀପ ଦାସ ଖେଳ ପରିଚାଳନା କରିଥିଲେ। ଭଗବାନ ପଧାନ ମ୍ୟାନ ଅଫ୍ ଦି ସିରିଜ ଓ ଝସକେତନ ସାହୁ ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ସୁରଜ କ୍ଷେତି ବେଷ୍ଟ କିପର, ପପୁ ପ୍ରଧାନ ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ପାଇଥିଲେ। ଦେବାଶିଷ କର୍ମୀ ଧାରା ବିବରଣୀ ପ୍ରଦାନ କରିଥିଲେ।

# ଜିଓଟେକ୍‌ଙ୍କୁ ଅଟକ ରଖିଲେ ଗ୍ରାମବାସୀ

**ବଲାଙ୍ଗୀର ଅଫିସ,୩୧**

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ପ୍ରଦାନରେ ପାତରଅନ୍ତର ଅଭିଯୋଗ

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ରଣ୍ଡା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ପ୍ରଦାନରେ ବ୍ୟାପକ ପାତରଅନ୍ତର କରାଯାଇଛି। ଅନେକ ଯୋଗ୍ୟ ହିତାଧିକାରୀ ଆବାସ ଯୋଜନା ଘର ପାଇବାରୁ ବଞ୍ଚିତ ହୋଇଥିବାବେଳେ ଗୋଟିଏ ପରିବାରର ଏକାଧିକ ଲୋକଙ୍କୁ ଏହି ଯୋଜନାରେ ଘର ଦିଆଯାଇଥିବା ଲୋକେ ଅଭିଯୋଗ କରିଛନ୍ତି । ଏଭଳି ପ୍ରସଙ୍ଗକୁ ନେଇ ରଣ୍ଡା ଗାଁରେ ରବିବାର ସର୍ଭେ କରିବାକୁ ଯାଇଥିବା ଜଣେ ଜିଓଟେକ୍‌ଙ୍କୁ ଲୋକେ ଦୀର୍ଘ ସମୟ ଧରି ଅଟକ ରଖିଥିଲେ । ଜିଓଟେକ୍‌ଙ୍କୁ ଅଟକ କରିବା ଘଟଣା ସତ ବୋଲି ବିଡିଓ ରବିନାରାୟଣ ଆଚାର୍ଯ୍ୟ କହିଥିଲେ ମଧ୍ୟ ଏ ନେଇ ପୁଇଁତଲା ଥାନାରେ ରିପୋର୍ଟ ହୋଇ ନ ଥିବା ଜଣାପଡିଛି ।

ରଣ୍ଡା ଗ୍ରାମର ଜଣେ ମହିଳାଙ୍କ ନାମରେ ଥିବା ଏକ ପ୍ରଧାନମନ୍ତ୍ରୀ ଆବାସ ଘରକୁ ଦେଖାଇ ୩ଟି ମିଥ୍ୟା ବିଲ୍ କରାଯାଇଥିବା ଅଭିଯୋଗ ହୋଇଛି । ସେହି ଗ୍ରାମର ରାଧାଚରଣ ସିଂ ସମସ୍ତ କାଗଜପତ୍ର ଦାଖଲ କରିଥିଲେ ସୁଦ୍ଧା ତାଙ୍କ ନାମ ତାଲିକାରେ ନ ଥିବା ଅଭିଯୋଗ କରିଛନ୍ତି। ଏହି ଘଟଣାକୁ କେନ୍ଦ୍ର କରି ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ପଞ୍ଚାୟତ ଜିଓଟେକ୍ ଅଲେଖ ବାଗ ସେଠାକୁ ସର୍ଭେ ପାଇଁ ଯାଇଥିବାବେଳେ କେତେକ ଲୋକ ତାଙ୍କୁ ଘେରି ଯାଇ ନାନା ପ୍ରଶ୍ନ କରିଥିଲେ । ପ୍ରଧାନମନ୍ତ୍ରୀ ଆବାସ ଘର ବଣ୍ଟନରେ ପାତରଅନ୍ତର ଓ ଅନିୟମିତତା ଅଭିଯୋଗ କରି ତାଙ୍କୁ ଗୋଟିଏ ଘରେ ଅଟକ ରଖିଥିଲେ। ବିଡିଓ ଆସିଲା ପରେ ଯାଇ ଜିଓଟେକ୍‌ଙ୍କୁ ଛଡାଯିବ ବୋଲି ଲୋକେ କହିଥିଲେ। ତେବେ ଏହି ଘଟଣାକୁ ନେଇ କେହିବି ଥାନାରେ କିଛି ରିପୋର୍ଟ କରି ନ ଥିବା ଥାନାଧିକାରୀ ବି. ରୁଦ୍ରିଆ କହିଛନ୍ତି । ଏହି ଗାଁରେ ଆବାସ ଘର ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ନେଇ ସରପଞ୍ଚ ବୀରଭଦ୍ର ସିଂଙ୍କୁ ପଚାରିବାରୁ କେତେକ ଲୋକ ଅସନ୍ତୋଷ ବ୍ୟକ୍ତ କର ଜିଓଟେକ୍‌ଙ୍କୁ ଘେରାଇ କରିଥିଲେ। ବୁଝାସୁଝା ପରେ ସେମାନେ ତାଙ୍କୁ ଛାଡି ଦେଇଥିବା କହିଛନ୍ତି। ସୋମବାର ବ୍ଲକ କାର୍ଯ୍ୟାଳୟରେ ଆବାସ ଘର ବଣ୍ଟନ ପାତରଅନ୍ତର ଓ ଅନିୟମିତତା ଅଭିଯୋଗ ଉପରେ ଆଲୋଚନା କରାଯିବ ବୋଲି ବିଡିଓ ଆଚାର୍ଯ୍ୟ କହିଛନ୍ତି।

## ବିଲରୁ ପୂର୍ବତନ କାଉନସିଲରଙ୍କ ମୃତଦେହ ଉଦ୍ଧାର

### ହତ୍ୟା ସନ୍ଦେହ, ଜଣେ ଅଟକ



**ବୌଦ୍ଧ,୩୧(ସ୍ୱ.ପ୍ର.)**

ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ପୂର୍ବତନ କାଉନସିଲରଙ୍କ ଗଳିତ ମୃତଦେହ ଏକ ବିଲ ମଧ୍ୟରୁ ରବିବାର ଉଦ୍ଧାର ହୋଇଛି । ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି । ପୋଲିସ ଏହି ଘଟଣାରେ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି ।

ପ୍ରାପ୍ତ ବିବରଣୀରୁ ପ୍ରକାଶ ଯେ, ଗତ ୩୦ ତାରିଖ ଠାରୁ ୧୧ନମ୍ବର ୱାର୍ଡର ପୂର୍ବତନ କାଉନସିଲର ଅଗସ୍ତୀ ମହାକୁଡ (୫୦) ନିଖୋଜ ଥିବା ନେଇ ବୌଦ୍ଧ ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ରବିବାର ଜିଲାପାଳଙ୍କ ପୁରୁଣାକୋଠା ଠାରୁ ଅଳ୍ପ ଦୂରରେ ଥିବା ବିଲରେ ବାଲି ପଡିଥିବା ସ୍ଥାନରେ ଏକ ମୃତଦେହ ପଡିଥିବା ଦେଖି ଆଖପାଖ ଲୋକ ଜମା ହୋଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏହା ନିଖୋଜ ଅଗସ୍ତିଙ୍କ ମୃତଦେହ ବୋଲି ଜାଣିଥିଲା । ତାଙ୍କ ମୁଣ୍ଡ ଓ ହାତରେ ମାଡ ଚିହ୍ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବୌଦ୍ଧ ମେଡିକାଲକୁ ପଠାଇ ତଦନ୍ତ ଚଳାଇଛି ।

# ଯନ୍ତ୍ରଣାରେ ଛଟପଟ ଚୈତନ୍ୟ

**ଗୁଡ଼ଭେଲା,୩୧(ଡି.ଏନ.ଏ.)**


ଚୈତନ୍ୟ ପୁଟା ।

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଘୁନା ପଞ୍ଚାୟତ ଅନ୍ତର୍ଗତ ଗୁଡଗାମାଳ ଗ୍ରାମ ପୁଟାପଡାର ଚୈତନ୍ୟ ପୁଟା (୨୪) ତିନିବର୍ଷ ତଳେ ଗଛରୁ ପଡିଯାଇଥିଲେ। ତାଙ୍କର ଦୁଇ ଗୋଡ ଓ ଅଣ୍ଟା ଅଚଳ ହୋଇଯାଇଥିଲା। ବିଭିନ୍ନ ସ୍ଥାନରେ ଚିକିତ୍ସା କରାଇଲେ ମଧ୍ୟ ସ୍ୱାସ୍ଥ୍ୟବସ୍ଥାରେ

- ତିନି ବର୍ଷ ତଳେ ଗଛରୁ ପଡି ଯାଇଥିଲେ
- ଟଙ୍କା ନ ଥିବାରୁ ହୋଇପାରୁନି ଚିକିତ୍ସା

କୌଣସି ସୁଧାର ଆସୁନାହିଁ। ଫଳରେ ସେହିଦିନୁ ସେ ଘରେ ପଡି ରହିଛନ୍ତି। ଚଲାବୁଲା କରି ପାରୁ ନ ଥିବାରୁ ନିତ୍ୟକର୍ମ କରିବା କଷ୍ଟକର ହୋଇ ପଡୁଛି। ପାଞ୍ଚବର୍ଷ ତଳେ ଘରମଣୀଙ୍କୁ ସେ ବିବାହ କରିଥିଲେ। ଏବେ ତାଙ୍କର ତିନିବର୍ଷର ପୁଅ ଗୁରୁ ରହିଛି । ସ୍ୱାମୀଙ୍କ ଏଭଳି ଦୁର୍ଦ୍ଦଶାରେ ଭାଙ୍ଗି ପଡିଛନ୍ତି ଘରମଣୀ। ବଲାଙ୍ଗୀର, ବୁର୍ଲା ନେଇ ତାଙ୍କର ଚିକିତ୍ସା କରାଇଲେ ବି କିଛି ଲାଭ ମିଳିନାହିଁ। ଜମିବାଡି କିଛି ନାହିଁ। ଗୁଡଗାମାଳ ଆଶ୍ରମ ସ୍କୁଲରେ ରନ୍ଧୁଣିଆ ଭାବେ କାର୍ଯ୍ୟ କରୁଥିବା ଘରମଣୀ ଘର ଚଳାଇବା ସହ ସ୍ୱାମୀଙ୍କ ଚିକିତ୍ସା ଖର୍ଚ୍ଚ ଉଠାଇବା ସମ୍ଭବ ହେଉନାହିଁ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଚୈତନ୍ୟଙ୍କ ଉଚ୍ଚତର ଚିକିତ୍ସା କରାଇବା ବ୍ୟବସ୍ଥା କରାଇବାକୁ ସାଧାରଣରେ ଦାବି ହେଉଛି।

# ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘର ସଭା

**ସୋନପୁର,୩୧(ନି.ପ୍ର.)**

ସୁବର୍ଣ୍ଣପୁର ଏନଜିଓସିସି ସଭାଗୃହରେ ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘର ଏକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ପଶ୍ଚିମ ଓଡିଶାର ବିଭିନ୍ନ ଜିଲା ଶାଖାର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ସଂଘର ଉପଦେଷ୍ଟା ଭାବଗ୍ରାହୀ ନାୟକ ସଭାରେ ଅଧକ୍ଷତା କରିଥିଲେ । ସର୍ବସମ୍ମତି କ୍ରମେ ସଭାରେ ୫ଟି ପ୍ରସ୍ତାବ ଗୃହୀତ ହୋଇଥିଲା। ସରକାରଙ୍କ ମୃତ୍ୟୁକାଳୀନ ପୁନଃ ଥଇଥାନ ଆଦେଶନାମାକୁ ପୁର୍ନବିଚାର କରି ପୂର୍ବ ବ୍ୟବସ୍ଥା ପୁନଃ ପ୍ରଚଳନ କରିବା, ବକେୟା ମହଙ୍ଗା ଭତ୍ତା


ସଭାରେ ମଞ୍ଚାସୀନ ସଂଘର କର୍ମକର୍ତ୍ତା ।

ପ୍ରଦାନ, ଘରଭଡା ବୃଦ୍ଧି, ଅବସର ବୟସ ସୀମା ୬୦ ବର୍ଷ ପରିବର୍ତ୍ତେ ୬୨ ବର୍ଷକୁ ବୃଦ୍ଧି କରିବା ଓ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରା ଯାଇଥିଲା। ସେହିପରି ରାଜ୍ୟ ସଂଘର କାର୍ଯ୍ୟକାଳ ୨୦୧୮ରୁ ସରି ଥିବାରୁ ନୂତନ ନିର୍ବାଚନ ନିମନ୍ତେ ତାରିଖ ଓ ସ୍ଥାନ ନିର୍ଦ୍ଧାରଣ ଘୋଷଣା କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ଉପଦେଷ୍ଟା କଳାହାଣ୍ଡି ଜିଲାର ଗୁପକେଶ୍ୱର ଦଳାଇ, ବୌଦ୍ଧ ଜିଲାର ଉପଦେଷ୍ଟା ରାଜ କିଶୋର ପଟ୍ଟନାୟକ, ସଭାପତି କୃଷ୍ଣଚନ୍ଦ୍ର ସାହୁ, ବଲାଙ୍ଗୀର ଜିଲା ସଭାପତି ଚିନ୍ତାମଣି ଥନାପତି, ସମ୍ବଲପୁର ଜିଲା ସଭାପତି କନ୍ଦର୍ପ ଦେହୁରୀ, ଝାରସୁଗୁଡା ଜିଲା ସଭାପତି ମମତାଜ ଖାଁ, ସୁବର୍ଣ୍ଣପୁର ଜିଲା ସଭାପତି ଜଗଦୀଶ ପରୁଆ, ସମ୍ପାଦକ ଜୟଦେବ ପାଟ୍ଟଶାଣୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଜନ୍ମତିଥିରେ ବିଶ୍ୱନାଥ ପଣ୍ଡିତଙ୍କ ସ୍ମୃତିଚାରଣ

**କୁଚିଣ୍ଡା, ୩୧ (ଡି.ଏନ.ଏ)**

ସମ୍ବଲପୁର ଜିଲା କୁଚିଣ୍ଡା ଶ୍ରମିକ ଭବନରେ ବିଶିଷ୍ଟ ଶ୍ରମିକ ନେତା ବିଶ୍ୱନାଥ ପଣ୍ଡିତଙ୍କ ୧୦୨ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି । କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତି, କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ଯୁବ ନେତା ସଞ୍ଜିତ ମହାନ୍ତି ପ୍ରମୁଖ ଯୋଗଦେଇ ଶ୍ରମିକ ଭବନ ପରିସରରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା ସଂଘ କର୍ମକର୍ତ୍ତା, ସଭ୍ୟାସଭ୍ୟଙ୍କୁ ନେଇ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ବକ୍ତାମାନେ ଶ୍ରମିକ ନେତା ବିଶ୍ୱନାଥ ପଣ୍ଡିତଙ୍କ ସଂଗ୍ରାମୀ ଜୀବନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ମୁର୍ତ୍ତୁଜା, କୀର୍ତ୍ତନ ସେନାପତି, ଭୀମରାଜ ପ୍ରସାଦ, ନବୀନ ଚନ୍ଦ୍ର ସାହୁ, ସୌଦାମିନୀ ପଟେଲ, ନାରୀନେତ୍ରୀ ପଦ୍ମାବତୀ କିସାନ, ଶିଖିଧ୍ୱଜ ବାଘଙ୍କ ସମେତ ବାମରା, କୁଚିଣ୍ଡା, ଜମନକିରା ଆଦିରୁ ଆସିଥିବା ବହୁ କର୍ମକର୍ତ୍ତା ସଭ୍ୟାସଭ୍ୟ ଯୋଗଦେଇ ସଭାକୁ ସଫଳ କରିଥିଲେ ।

# ଟେଣ୍ଡର ପ୍ରକ୍ରିୟାରେ ଫିକ୍ସିଂ ଅଭିଯୋଗ

**ବିନିକା,୩୧(ଡି.ଏନ୍.ଏ.)**

## ବିହିତ ପଦକ୍ଷେପ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ଗ୍ରାମ୍ୟ ଉନ୍ନୟନ ବିଭାଗର ଟେଣ୍ଡର ପ୍ରକ୍ରିୟାରେ ଫିକ୍ସିଂ ଅଭିଯୋଗ ହୋଇଛି। ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁରର ଠିକାଦାର ରମେଶ ପୂଜାରୀ ଏହି ଅଭିଯୋଗ କରିଛନ୍ତି । ସେ ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ବଲାଙ୍ଗୀର ଆର୍,ଡବ୍ଲ୍ୟୁ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ଭୁବନେଶ୍ୱର ମୁଖ୍ୟଯନ୍ତ୍ରୀ, ବିଭାଗର ସଚିବ, ଜିଲାପାଳ ମୋନୀଷା ବାନାର୍ଜୀ ଓ ଏସ.ପିଙ୍କ ନିକଟକୁ ଚିଠି ଲେଖି ଜଣାଇଛନ୍ତି ।


ପୂଜାରୀଙ୍କ କହିବା ଅନୁଯାୟୀ, ଜିଲାରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଟେଣ୍ଡର ଆହ୍ୱାନର ଶେଷ ତାରିଖ ଡିସେମ୍ବର ୩୧ ତାରିଖ ଥିଲା । କିନ୍ତୁ ଟେଣ୍ଡର ପ୍ରକ୍ରିୟା ଚାଲିବା ବେଳେ ଗତ ୨୨ ତାରିଖରେ ଜିଲା ଠିକାଦାର ସଂଘର ଦୁଇଜଣ କର୍ମକର୍ତ୍ତା ଟେଣ୍ଡର ପାଇଁ ଆବେଦନ କରିଥିବା ଜିଲାର ସମସ୍ତ ଠିକାଦାରଙ୍କୁ ସବୁ ଟେଣ୍ଡର ସିଡ୍ୟୁଲ ରେଟ୍‌ରେ ପକାଅ , ଲେସ୍‌ରେ ଟେଣ୍ଡର ପକାଅ ନାହିଁ । ଏପରି କି ପ୍ରତି ଟେଣ୍ଡରର ଗୋଟିଏ ପ୍ରତିଶତ ଜିଲା ଠିକାଦାର ସଂଘ ବ୍ୟାଙ୍କ ଖାତାରେ ପକାଅ ନଚେତ୍ ସଂଘ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଥିଲେ। ଜିଲାରେ ପ୍ରଧାନମନ୍ତ୍ରୀ ସଡକ ଯୋଜନା କାର୍ଯ୍ୟକାରୀ ନେଇ ମୋଟ ୨୮ଟି ଟେଣ୍ଡର ବିଭାଗ ତରଫରୁ ଆହ୍ୱାନ ହୋଇଥିଲା। ଯାହାର ବ୍ୟୟବରାଦ ୬୦କୋଟି ଟଙ୍କା ରହିଛି। ତେବେ ଠିକାଦାର ପୂଜାରୀ ଆହ୍ୱାନ ହୋଇଥିବା ଟେଣ୍ଡରରୁ ୯୦ ଭାଗ ଟେଣ୍ଡର ପ୍ରକ୍ରିୟାରେ ଫିକ୍ସିଂ ହୋଇଥିବା ଅଭିଯୋଗ କରିଛନ୍ତି। ବିଭାଗୀୟ ପ୍ରଶାସନିକ ଅଧିକାରୀ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି। ବିନିକା ବ୍ଲକ ଅଧକ୍ଷ ତଥା ଜିଲା ଯୁବ ବିଜେଡି ସଭାପତି ଅଶୋକ ନନ୍ଦଙ୍କୁ ପଚାରିବାରେ କହିଛନ୍ତି ,ଟେଣ୍ଡର ପ୍ରକ୍ରିୟା ଉପରେ ଲଗାମ୍ ଲଗାଇବା ଉଚିତ୍ ନୁହେଁ। ଯଥାଶୀଘ୍ର ଏନେଇ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ଜିଲା ଛାତ୍ର ବିଜେଡି ସଭାପତି ଶାଶ୍ୱତ କୁମାର ମିଶ୍ର ଓ ଜିଲା ଯୁବ ଉପ ସଭାପତି ମନୋଜ ପୁରୋହିତ ଜିଲା ଠିକାଦାର ସଂଘ କର୍ମକର୍ତ୍ତାଙ୍କ ଏଭଳି କାର୍ଯ୍ୟକଳାପକୁ ନିନ୍ଦା କରିଛନ୍ତି ।

# ଗୃହ ନ ଦେଇ ୭୦ ହଜାର ଲୁଟ୍

**ବୌଦ୍ଧ,୩୧(ସ୍ୱ.ପ୍ର.)**

ବୌଦ୍ଧ ଜିଲାର ୩ ଗୋଟି ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହେବା ପରେ ପ୍ରଶାସନର ପକ୍ଷରୁ ଏହାର ତଦନ୍ତ ଆରମ୍ଭ ହୋଇଛି । ଏଥିସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ ରାଜ୍ୟରେ ଶାସକ ଓ ବିରୋଧି ଦଳ ମଧ୍ୟରେ ଟଣାଓଟରା ଆରମ୍ଭ ହୋଇଛି । ବର୍ତ୍ତମାନ ରାଜ୍ୟ ସରକାର ହିତାଧିକାରୀଙ୍କ ବାସଗୃହ ଆଗରେ ସାଇନ ବୋର୍ଡ ଲଗାଇବା କାର୍ଯ୍ୟ ଆରମ୍ଭ କରିଛନ୍ତି । ଏହି ସାଇନ୍ ବୋର୍ଡ ଲଗାଇବା ପରେ ହରଭଙ୍ଗା ବ୍ଲକରେ ଇନ୍ଦିରା ଆବାସ ଯୋଜନାରେ ଘୋଟାଲା ହୋଇଥିବା ପଦାକୁ ଆସିଛି ।

ମିଳିଥିବା ସୂଚନା ମୁତାବକ, ହରଭଙ୍ଗା ବ୍ଲକର ବାଣୀଭୂଷଣପୁର ଗ୍ରାମ ପଞ୍ଚାୟତ ଅଧୀନ ଠିକିକାଯୋର ଗ୍ରାମର ରମେଶ କୁମାର ସ୍ୱାଇଁଙ୍କ ଘର କାନ୍ଥରେ ନିକଟରେ ପଞ୍ଚାୟତ ପକ୍ଷରୁ ଏକ ସାଇନ୍ ବୋର୍ଡ ଲଗାଯାଇଥିଲା । ଉକ୍ତ ସାଇନ



ଘରେ ଲାଗିଥିବା ସାଇନ୍ ବୋର୍ଡ ।

ବୋର୍ଡରେ (ଇ.ଆ.ଯୋ) ଓ ବିଜୁ ପକ୍କା ଘର ଯୋଜନାରେ ହିତାଧିକାରୀ ରମେଶ କୁମାର ସ୍ୱାଇଁ ଲେଖାଯିବା ସହ ଅଟକଳ ପରିମାଣ ୭୦ ହଜାର ଟଙ୍କା ଏବଂ ଆର୍ଥିକ ବର୍ଷ ୨୦୦୭-୦୮ ଲେଖାଯାଇଛି । ତେବେ ରମେଶ ଅଦ୍ୟାବଧି କୌଣସି

## ହରଭଙ୍ଗା ବ୍ଲକରେ ଆବାସ ଯୋଜନାରେ ଦୁର୍ନୀତି

- ଘରେ ସାଇନ୍ ବୋର୍ଡ ଲଗାଇବାରୁ ୧୩ ବର୍ଷ ପରେ ଜଣାପଡିଲା

ବାସଗୃହ ପାଇ ନାହାନ୍ତି । ଦୀର୍ଘ ୧୩ ବର୍ଷ ପରେ ତାଙ୍କ ନାଁରେ କେହି ଘର ପାଇଥିବା ଓ ଏ ବାବଦରେ ଟଙ୍କା ଉଠାଇ ନେଇଥିବା ସାଇନ୍ ବୋର୍ଡ ମରାଯିବା ପରେ ଜାଣି ପାରିଥିବା ସେ ପ୍ରକାଶ କରିଛନ୍ତି । ପ୍ରଶାସନ ପକ୍ଷରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଦାବି ହେଉଛି । ଏନେଇ ବାଣୀଭୂଷଣପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟବାନ ବେହେରାଙ୍କୁ ପଚାରିବାରେ , ଏ ନେଇ ରମେଶ ମୋ ସରକାରରେ ଅଭିଯୋଗ କରିଛନ୍ତି । ହରଭଙ୍ଗା ବିଡିଓ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ତଦନ୍ତ କରାଗଲେ ପ୍ରକୃତ ଘଟଣା ଜଣାପଡିବ ବୋଲି ସେ ପ୍ରକାଶ କରିଥିଲେ।